# ଶେଷ ସମୟର ଅଭିଷିକ୍ତଗଣ

ଶ୍ରୋତାବୃନ୍ଦ, ସୁପ୍ରଭାତ । ଆସନ୍ତୁ ଆମେମାନେ ବର୍ତ୍ତମାନ ଆମମାନଙ୍କର ପ୍ରଭୁଙ୍କ ସହିତ କଥାବାର୍ତ୍ତା ହେବା ।

2 ମହାନ ପରମେଶ୍ୱର, ସ୍ୱର୍ଗ ଓ ପୃଥିବୀର ସୃଷ୍ଟିକର୍ତ୍ତା, ଯିଏକି ଏହି ସକାଳରେ ଆମମାନଙ୍କ ପାଇଁ ଏହି ସମୟକୁ ଅଲୌକିକ ଭାବେ ନିର୍ଦ୍ଧାରିତ କରିଅଛ, ଯେ ଆମେ ତୁମରି ଉପାସନା କରିପାରୁ । ଆଉ ପ୍ରଭୁ, ଏପରି ହେବାକୁ ଦିଅ ଯେ ଆମେମାନେ, ଆମମାନଙ୍କର ହୃଦୟରେ ତୁମର ଦିବ୍ୟ ଇଚ୍ଛା ପ୍ରତି ଓ ଆମମାନଙ୍କ ମଧ୍ୟରେ ପବିତ୍ରଆତ୍ମାଙ୍କ କାର୍ଯ୍ୟ କରିବା ପ୍ରତି ସମ୍ପୂର୍ଣ୍ଣ ଭାବେ ସମର୍ପିତ ହେଉ, ଯେପରିକି ଏହା ସେହି ବିଷୟକୁ ନେଇକି ଆସେ ଯାହାକି ଆମେ ଜାଣୁ ବୋଲି ତୁମେ ଇଚ୍ଛା କରିଥାଅ । ଆମର ଇଚ୍ଛା ଯେ ଆମେମାନେ ଅଧିକ ଉତ୍ତମ ଖ୍ରୀଷ୍ଟିୟାନ ହେଉ ଓ ତୁମର ଅଧିକ ଉତ୍ତମ ପ୍ରତିନିଧିମାନ ହେଉ । କଅଣ ଏହି ସକାଳରେ ତୁମେ ଆମମାନଙ୍କୁ ତାହା ପ୍ରଦାନ କରିବ କି, ଯେତେବେଳେକି ଆମ ତୁମଠାରେ ଅପେକ୍ଷା କରି ରହିଅଛୁ, ଯୀଶୁ ଖ୍ରୀଷ୍ଟଙ୍କ ନାମରେ । ଆମେନ୍ ।

3 ବସି ଯାଆନ୍ତୁ । [କେହି ଜଣେ କହେ, "ପ୍ରାର୍ଥନା କପଡ଼ାଗୁଡ଼ିକ ବାହାର କରିଦେବା କି?"—ଅନୁ] ହଁ । ଆମେମାନେ ପୁଣି ଥରେ ଆଜି ସକାଳରେ, ସେହି ମହାନ ରାଜାଙ୍କର ସେବାରେ—ରେ ଆସି ପାରିଥିବା ହେତୁ ଅତି ଆନନ୍ଦିତ ଅଟୁ । ଆଉ ଆମେମାନେ କ୍ଷମାପ୍ରାର୍ଥୀ ଅଟୁ, ଆମେମାନେ, ପୁନର୍ବାର, ଯେ ଆମମାନଙ୍କ ପାଖରେ ଲୋକମାନଙ୍କର ନିମନ୍ତେ ସ୍ଥାନ ନାହିଁ, ମାତ୍ର ଆମମାନଙ୍କ ପାଖରେ କେବଳ...ଆମେମାନେ ଏହି ପ୍ରକାର ପରିସ୍ଥିତିରେ, ଯାହା ସବୁଠୁଁ ଉତ୍ତମ କରିପାରୁ ତାହା ଆମେ କରିବାକୁ ଚେଷ୍ଟା କରିବା ।

4 ତେବେ, ଅନେକ ଲୋକମାନଙ୍କର ରୁମାଲଗୁଡ଼ିକ ଓ ନିବେଦନମାନ ଏଠାରେ ପ୍ରାର୍ଥନା କରାଯିବା ହେତୁ ରଖା ହୋଇଅଛି । ଆଉ ମୁଁ ସେଗୁଡ଼ିକୁ କେବଳ ଗୋଟିଏ ପଟକୁ ରଖି ଦେଉଅଛି; ଏପରି ନୁହେଁ ଯେ ମୁଁ ସେଗୁଡ଼ିକୁ ଉପେକ୍ଷା କରୁଅଛି, ମାତ୍ର ମୁଁ ପରେ ସେଗୁଡ଼ିକ ପାଇଁ ପ୍ରାର୍ଥନା କରିବି...ମୁଁ ମୂଖ୍ୟତଃ ଚାହିଁଥାଏ...ଆଉ ଆଜିରାତ୍ରି, ମୁଁ ଏହି ସକାଳରେ କରିବି, ଓ ତା'ପରେ ପୁଣି ଥରେ ଆଜି ରାତ୍ରିରେ କରିବି, ଯେତେବେଳେକି, ତେବେ ମୁଁ ପ୍ରାର୍ଥନା କରିବି ଓ ସୁସ୍ଥତା ନିମନ୍ତେ ପରମେଶ୍ୱରଙ୍କ ଆତ୍ମା ଉପରେ ଅପେକ୍ଷା କରିବି । ଆଉ ଏହା ସେତେବେଳେ ହିଁ ଅଟେ ଯେତେବେଳେକି ମୁଁ ରୁମାଲଗୁଡ଼ିକ ଓ ପ୍ରଭୃତି ବିଷୟଗୁଡ଼ିକ ଉପରେ—ପ୍ରାର୍ଥନା କରିବାକୁ ଚାହିଁଥାଏ ।

5 ଆଉ ବିଶେଷ ନିବେଦନଗୁଡ଼ିକ ସମ୍ବନ୍ଧରେ, ବିଲୀ ମୋତେ, ସେଗୁଡ଼ିକ ମଧ୍ୟରୁ, ପ୍ରତ୍ୟେକଟି ଦେଇଅଛି । ସେଠାରେ ପ୍ରାୟଃ ତିନି ଶହଟା ଅଛି, ଆଉ ମୁଁ, ଠିକ୍ ସେତେବେଳେ ହିଁ ସେହି କକ୍ଷଗୁଡ଼ିକୁ ଛାଡ଼ିଥିଲି । ଆପଣ ଦେଖନ୍ତୁ ଯେ, ମୁଁ ଯେତିକି ଶୀଘ୍ର କରିପାରେ, ସେତିକି

ଶୀଘ୍ରତାର ସହ ସେଗୁଡ଼ିକ ପାଖକୁ ଯାଉଅଛି, ଓ ପ୍ରତ୍ୟେକଟି ପାଖକୁ ଯାଉଅଛି । ଆଉ ମୁଁ ସେଗୁଡ଼ିକ ପାଖକୁ ସମ୍ଭବତଃ ଯେତେ ଶୀଘ୍ର କରିପାରେ ସେତିକି ଶୀଘ୍ରତାର ସହ ମୁଁ ଯିବି । ମୁଁ ସେଗୁଡ଼ିକ ମଧ୍ୟରୁ ସମସ୍ତଙ୍କୁ ନେଇପାରେ ନାହିଁ । କେବଳ ପହଞ୍ଚିଥାଏ, ଗୋଟିଏକୁ ନେଇଥାଏ, ଓ କହେ, "ପ୍ରଭୁ, କ'ଣ ଏହା *ସେହି* ଜଣକା ହେବ, ଓ *ଏହି* ଜଣକା ହେବ?" ସେହିପରି ଭାବରେ କରିଥାଏ, କାରଣ ସେଗୁଡ଼ିକ, ପ୍ରତ୍ୟେକ ଗୁଡ଼ିକ, ପ୍ରୟୋଜନ କରୁଥା'ନ୍ତି, ତାହା ବାସ୍ତବିକ ନିବେଦନମାନ ଥାଏ; ଏପରି କିଛି ଥାଏ, ନିସନ୍ଦେହତଃ, ଯାହା ବିଷୟରେକି ଆମେମାନେ ଏକାଠି କଥା ହେବା ଉଚିତ୍ ଅଟେ । ଆଉ ମୁଁ...ଯେପର୍ଯ୍ୟନ୍ତକି, ଆପଣମାନେ ଜାଣନ୍ତି ଯେ, ବେଳେ ବେଳେ ପବିତ୍ରଆତ୍ମା ଏକ ବିଶେଷ କଥା କହି ଥାଇପାରନ୍ତି ଯାହାକି ମୁଁ ପାଠ କରିଥାଏ, ଯାହାକି ମୋ'ର ହୃଦୟରେ ରହିଥାଏ; ମୁଁ ପୁଣି ଥରେ ଫେରି ସେହି ବିଷୟ ପାଖକୁ ଯାଏ, ଓ ତାହାକୁ ସେଠାରେ ତନ୍ନ ତନ୍ନ କରି ଖୋଜିଥାଏ ଯେପର୍ଯ୍ୟନ୍ତକି ମୁଁ ତାହା ପାଇ ନଯାଏ । ନଚେତ୍, ମୁଁ ସେଗୁଡ଼ିକୁ ନୈମିତ୍ତିକ ଭାବରେ ନେଇଥାଏ ।

6 ତେବେ, ଆଜି ସକାଳରେ, ଆମେମାନେ ଏହା ମଧ୍ୟ କହିବାକୁ ଚାହୁଁ, ଓ ସେମାନଙ୍କୁ ଅଭିବାଦନ ଜଣାଇବାକୁ ଚାହୁଁ ଯେଉଁମାନେକି ଦେଶର ଅନ୍ୟାନ୍ୟ ଭାଗରେ ଅଛନ୍ତି । ଆମେମାନେ ଏହି ସକାଳରେ ସେହି ପ୍ରିୟ ଲୋକମାନଙ୍କୁ ଏହି ଦୂରଭାଷୀ ଯନ୍ତ୍ରର ସଂଯୋଗ ଦ୍ୱାରା ଅଭିବାଦନ ଜଣାଇବାକୁ ଚାହୁଁଅଛୁ, ଯେଉଁ ମାନେକି ନ୍ୟୁ ୟର୍କ ସହରରୁ ନେଇ; ବିୟୁମୋଣ୍ଟ, ଟେକ୍ସାସ; ପ୍ରେସ୍କଟ୍, ଏରିଜୋନା; ଟ୍ୟୁସାନ, ଏରିଜୋନା; ସାନ୍ ଜୋସେ, କାଲିଫର୍ଣ୍ଣିଆ; କନେକ୍ଟିକଟ୍; ଗେନିସଭିଲେ, ଜର୍ଜିଆ; ଓ ନ୍ୟୁ ଏଲ୍‌ବନୀ, ଇଣ୍ଡିୟାନା; ପର୍ଯ୍ୟନ୍ତ ଦେଶର ସର୍ବତ୍ର ଆଡ଼େ ଅଛନ୍ତି । ଆମେମାନେ ଆପଣମାନଙ୍କୁ ପ୍ରଭୁ ଯୀଶୁଙ୍କ ନାମରେ ଅଭିବାଦନ ଜଣାଉଅଛୁ ।

7 ଇଣ୍ଡିୟାନାରେ, ଏହି ସକାଳଟି, ଏହା ଏକ ସୁନ୍ଦର ସକାଳ ଅଟେ । ଗତରାତ୍ରି ଆମର ଏଠାରେ ବର୍ଷା ହୋଇଥିଲା ଯାହାକି ପାଗକୁ ଥଣ୍ଡା କରି ଦେଇଥିଲା । ଆଉ ଆମେମାନେ... ଆରାଧନାଳୟଟି ସମ୍ପୂର୍ଣ୍ଣ ଭାବରେ ଜନସମୂହରେ ଭର୍ତ୍ତି ଅଟେ, ଆଉ ସମସ୍ତେ ଅତି ଉଚ୍ଚ ଆକାଂକ୍ଷାର ସହ, ରବିବାର ଶ୍ରେଣୀର ଶିକ୍ଷା ପାଇଁ, ଅପେକ୍ଷା କରୁଅଛନ୍ତି । ଆଉ ମୁଁ ଭରସା କରେ ଯେ ସେଠାରେ ପରମେଶ୍ୱରଙ୍କ ଆଶୀର୍ବାଦର ପ୍ରାଚୁର୍ଯ୍ୟତା ଆପଣମାନଙ୍କ ଉପରେ ବର୍ତ୍ତିବ ।

8 ଆଉ ଆମେମାନେ ଏହା ଆଶା କରୁଅଛୁ ଯେ, ଯେତେ ଶୀଘ୍ର ହେବ ସେତିକି ଶୀଘ୍ର, ଆମେମାନେ ଏପରି ଏକ—ଏକ ସ୍ଥାନକୁ ପ୍ରସ୍ତୁତ କରିବା ଯାହାକି ଆମମାନଙ୍କର ହୋଇପାରିବ, ଯେଉଁଠାରେକି ଆମେମାନେ ସମସ୍ତଙ୍କୁ ଏକାଠି ଏକତ୍ର ଆଣିପାରିବା, ହୋଇପାରେ ଯେ ତାହା ଏକ ବଡ଼ ତମ୍ବୁ ତଳେ ହୁଏ, ଯେଉଁଠାରେକି ମୁଁ ବାଇବଲରେ ରହିଥିବା ଏହି ସାତୋଟି ପ୍ରକୋପର ପାତ୍ରଗୁଡ଼ିକ ଉପରେ ପ୍ରଚାର କରିବାକୁ ସୁନିଶ୍ଚିତ ଭାବରେ ବାସ୍ତବିକ ଚାଳନା ଅନୁଭବ କରେ ।

9 ଏଣୁକରି ବର୍ତ୍ତମାନ, ତେବେ ଆମମାନଙ୍କର ଯେପରି ଆଜି ସକାଳରେ ଏକ ମହାନ ଶିକ୍ଷା ଉପରେ ଅଧିକ ସମୟ ନ ଲାଗିଯାଏ...ମୁଁ ଏହି ବିଷୟକୁ ଚିନ୍ତା କରି, ପ୍ରଭୁଙ୍କଠାରେ ଏହା ପ୍ରାର୍ଥନା କରିଅଛି ଯେ, "ମୁଁ କ'ଣ କହିପାରିବି?" ଏହା ଜାଣି ଯେ ହୋଇପାରେ ଏହା ଆମର ଶେଷ ସେବା ହୋଇଥିବ ଯାହାକି ଆମେମାନେ କଦାପି ପାଇପାରିବା। ପ୍ରଭୁଙ୍କର ଆଗମନ ଏତେ ସନ୍ନିକଟ ଅଟେ!

10 ମୁଁ ଦେଖିପାରୁଛି ଯେ, କାଲିଫର୍ଣ୍ଣିଆରେ ସେହି ଭବିଷ୍ୟତ୍‌ବାଣୀ କରାଯିବା ପରେ, ସେଠାରେ ଥିବା ସେହି ଘରଗୁଡ଼ିକ, ଓ ସେହି ସ୍ଥାନଗୁଡ଼ିକ, ଘଣ୍ଟାକୁ ତିରିଶ ଇଞ୍ଚି ବେଗରେ ବୁଡ଼ି ଯାଉଅଛି, କାଠଗୁଡ଼ିକ ଖଣ୍ଡ ବିଖଣ୍ଡ ହୋଇ ଯାଉଅଛି ଓ ଭାଙ୍ଗି ଯାଉଅଛି। ଆଉ ସେମାନେ ଜାଣିପାରୁ ନାହାଁନ୍ତି ଯେ ତାହା ସବୁ କ'ଣ ପାଇଁ ହେଉଅଛି। ଆମେମାନେ ଶେଷ ସମୟରେ ଅଛୁ। ସହସ୍ର-ସହସ୍ର-ଡଲାର ଖର୍ଚ୍ଚରେ ନିର୍ମିତ ଘରଗୁଡ଼ିକ, ଭାଙ୍ଗି ଧସ୍କି ଯାଉଅଛି। ମୋ' ପାଖରେ ଖବରକାଗଜରେ, ସମାଚାର ପତ୍ରିକାମାନରେ ବଡ଼ ବଡ଼ ଶୀର୍ଷକରେ ତାହା ଲେଖା ହୋଇଥିବାର ଅଛି, ଯାହାକି ମୁଁ ଆଶା କରେ ଯେ ଆଜିରାତ୍ରି ତାହା ନେଇକି ଆସିବି, ଯେହେତୁ ଆଜିରାତ୍ରି ମୁଁ ସେହି ବିଷୟ ଉପରେ କିଛି କହିବା ପାଇଁ ଚାହେଁ।

11 ଆଉ, ତା'ପରେ, ଆଜିରାତ୍ରି ଆମେମାନେ ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରିବା। ଆଜି ଦ୍ୱିପହରରେ ଆସି ଯାଆନ୍ତୁ, ପାଞ୍ଚଟା, ଛଅଟା ବେଳେ, କିଅବା ଯେତେବେଳେ ବି ଏହା ଅଟେ। ମୁଁ ଅନୁମାନ କରେ ଯେ, ଆମେମାନେ ଶୀଘ୍ର ଆରମ୍ଭ କରିବାକୁ ଯାଉଅଛୁ, ଯେପରିକି ଲୋକମାନେ ଶୀଘ୍ର ବାହାରି ଯାଇପାରିବେ, ଓ ନିଜ ନିଜର ପ୍ରାର୍ଥନା କାର୍ଡମାନ ପାଇପାରିବେ। ଆଉ ପ୍ରଭୁଙ୍କର ଇଚ୍ଛା ହେଲେ, ଆଜିରାତ୍ରି ଆମେମାନେ ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରିବା।

12 ତେବେ, ଏହା ପ୍ରାର୍ଥନା ସହକାରେ ଚିନ୍ତା କରିବା ପରେ ଯେ, "ମୋତେ କ'ଣ କରିବା ଉଚିତ୍ ଅଟେ?" ଏହା ଜାଣି ଯେ ମୁଁ ଏଠାରେ ଯାହା କହେ ତାହା ପାଇଁ ଦିନେ ମୋତେ ନିଶ୍ଚିତ ଉତ୍ତର ଦେବାକୁ ଅଛି...ଆଉ ମୁଁ ନିର୍ଣ୍ଣୟ ନେଇଅଛି, ଅବା ପବିତ୍ରଆତ୍ମାଙ୍କ ଦ୍ୱାରା ଚାଳନା ଅନୁଭବ କରିଅଛି ଯେ ଏହି ସକାଳରେ ଭବିଷ୍ୟତ୍‌ବାଣୀ ଉପରେ କିଛି କହିବି, ଯାହାକି ଏକ ପ୍ରକାର ଆମମାନଙ୍କୁ ସୂଚିତ କରୁଥିବା ପରି ହେବ। ବୁଝିଲେ? ଏହା ତ କିଛି ଏପ୍ରକାର ଅଟେ ଯାହାକି ଆମେମାନେ...ଯଦି ଆମମାନଙ୍କୁ ସୂଚିତ କରାଯାଇ ନ ଥାଏ, ଆଉ କିଛି ଗୋଟାଏ ବିଷୟ କେବଳ ଅପ୍ରତ୍ୟାଶିତ ଭାବରେ ଘଟିଯାଏ, ଆମମାନଙ୍କୁ ତ ତାହା ବିଷୟରେ ଜାଣିଥିବା ଉଚିତ୍ ଅଟେ। ପବିତ୍ରଆତ୍ମା ତ ତାହା ଆମମାନଙ୍କୁ ପ୍ରଦାନ କରିଅଛନ୍ତି ଯେ, ଲୋକମାନଙ୍କୁ ସେହି ଘଟଣାଗୁଡ଼ିକ ବିଷୟରେ ସତର୍କ କରାଇ ଦିଆଯାଏ। ଆପଣମାନେ ଜାଣିଛନ୍ତି, ବାଇବଲ କହେ, ଯେ, "ପରମେଶ୍ୱର ପ୍ରଥମେ ଆପଣା ଦାସ, ଭାବବାଦୀମାନଙ୍କଠାରେ କୌଣସି ବିଷୟ ପ୍ରକାଶ ନ କରି କିଛି ହେଲେ କରିବେ ନାହିଁ।" ଆଉ—ଆଉ ଯୀଶୁ କିପରି ଲୋକମାନଙ୍କୁ ସତର୍କବାଣୀ ଦେଇଥିଲେ ଯେ, କ'ଣ ଘଟିବାକୁ

ଯାଉଅଛି; କିପରି ଭାବବାଦୀମାନେ ଲୋକମାନଙ୍କୁ ସାବଧାନ କରାଇଥିଲେ ଯେ, କ'ଣ ଘଟିବାକୁ ଯାଉଅଛି। ଆଉ ବର୍ତ୍ତମାନ ଏହା ଆମମାନଙ୍କୁ ବାଧ୍ୟ କରୁଅଛି ଯେ, ଏହି ମହାନ ଘଟିକାରେ ଯେଉଁଥିରେକି ଆମେମାନେ ବସବାସ କରୁଅଛୁ, ଆମେମାନେ ଏହା ଦେଖୁ ଯେ ଆମେମାନେ କେଉଁ ଯୁଗରେ ରହୁଅଛୁ, ଆଉ କ'ଣ ଘଟୁ-...ଓ ଏହି ଯୁଗରେ କ'ଣ ଘଟିବାକୁ ଯାଉଅଛି। ଏଣୁ ଏହା କେତେକ ସେହି ବିଚିତ୍ର ବିଷୟମାନଙ୍କ ମଧ୍ୟରୁ ଅନ୍ୟତମ ଅଟେ ଯାହାକି ହୋଇଥାଇପାରେ ଆମେମାନେ ଅନେକ ଥର ପାଠ କରିଅଛୁ, ମାତ୍ର ଏହା ଆଜି ମୋ ହୃଦୟ ଭିତରକୁ ଆସିଲା ଯେ—ଯେ ମୁଁ ଆଜି ସକାଳରେ ଲୋକମାନଙ୍କୁ ଏହା ବିଷୟରେ କହେ।

13 ତେବେ ଆସନ୍ତୁ ଆମେମାନେ ନିଜର ବାଇବଲକୁ ଖୋଲି ମାଥିଉ ତା'ର 24ଶ ପର୍ବକୁ ଯିବା, ଓ ବାକ୍ୟର ଏକ ଅଂଶକୁ ପାଠ କରିବା [ଭାଇ ବ୍ରାନ୍‌ହାମ୍ ନିଜର ଗଳା ସଫା କରନ୍ତି—ଅନୁ] (ମୋତେ କ୍ଷମା କରନ୍ତୁ।) ଯେପରିକି ଆମର ବିଷୟବସ୍ତୁ ଓ ଶୀର୍ଷକ ପାଇଁ ଏକ ପ୍ରକାର—ର ସଂଦର୍ଭ ମୂଳପାଠକୁ ପାଇପାରୁ।

14 ତେବେ, ମନେ ରଖନ୍ତୁ ଆମେମାନେ ଏହାକୁ ବାଇବଲ ଅଧ୍ୟୟନ ସ୍ୱରୂପେ ଶିକ୍ଷା ଦେବାକୁ ଯାଉଅଛୁ, ଧିରେ ଧିରେ। ନିଜ ନିଜର ପେନ୍‌ସିଲ ଓ କାଗଜଗୁଡ଼ିକୁ ନେଇ ନିଅନ୍ତୁ। ମୋ' ପାଖରେ ଏଠାରେ ଅନେକ ଶାସ୍ତ୍ରାଂଶ ଲେଖା ହୋଇ ରଖାଅଛି, ଯାହାକି—ଯାହାକି ହୋଇପାରେ ଯେ ଆପଣମାନେ ତାହାକୁ ଲେଖି ନେଇପାରିବେ। ତେବେ ଘରକୁ ଯିବେ ଓ ତାହାକୁ ଅଧ୍ୟୟନ କରିବେ, କାରଣ ଏହା ତ ଠିକ୍ ଏକ ରବିବାର ଶିକ୍ଷା ପରି ହିଁ ଅଟେ, ଯେପରିକି ଆମେମାନେ ଜାଣିପାରୁ, ଓ ସତର୍କିତ କରାଯାଇପାରୁ ଓ ଯେଉଁ ସମୟରେ ଆମେମାନେ ରହୁଅଛୁ ତାହା ପାଇଁ ପ୍ରସ୍ତୁତ ହୋଇପାରୁ।

15 ମାଥିଉ ଲିଖିତ ସୁସମାଚାର ପୁସ୍ତକରେ, [ଭାଇ ବ୍ରାନ୍‌ହାମ୍ ନିଜର ଗଳା ସଫା କରନ୍ତି—ଅନୁ] (ମୋତେ କ୍ଷମା କରନ୍ତୁ।) 24ଶ ପଦ, କିଅବା, 24ଶ ପର୍ବ, ବରଂ, 15ଶ ପଦରୁ ଆରମ୍ଭ କରି, ମୁଁ ତାହାଙ୍କର ବାକ୍ୟରୁ ଏକ ଅଂଶ ପାଠ କରିବାକୁ ଇଚ୍ଛା କରେ।

*ଏଣୁ ତୁମ୍ଭେମାନେ ଯେତେବେଳେ ଦାନିୟେଲର ଭାବବାଦୀଙ୍କ ଦ୍ୱାରା ଉକ୍ତ, ଉତ୍ସନ୍ନକାରୀ ଘୃଣ୍ୟ ବସ୍ତୁକୁ, ପବିତ୍ରସ୍ଥାନରେ ଅବସ୍ଥିତ ଦେଖିବ, (ପାଠକ, ବୁଝନ୍ତୁ:)*

*ସେତେବେଳେ ଯେଉଁମାନେ ଯିହୂଦା ପ୍ରଦେଶରେ ଥାଆନ୍ତି ସେମାନେ ପର୍ବତମାଳାକୁ ପଳାଇଯାଆନ୍ତୁ:*

*ଯେ ଛାତ—ଛାତ ଉପରେ ଥାଏ ସେ ଆପଣା ଘର ଭିତରୁ ଜିନିଷପତ୍ର ଘେନିଯିବା ପାଇଁ ଓହ୍ଲାଇ ନ ଆସୁ:*

*ପୁଣି ଯେ କ୍ଷେତ୍ରରେ ଥାଏ ସେ ଆପଣା ଚାଦର ଘେନିଯିବା ପାଇଁ ଲେଉଟି ନ ଯାଉ।*

*ସେହି ସମୟରେ ଯେଉଁମାନେ ଗର୍ଭବତୀ ଓ ସ୍ତନ୍ୟଦାତ୍ରୀ, ହାୟ ସେମାନେ କ୍ଳେଶର ପାତ୍ର!*

*କିନ୍ତୁ ତୁମ୍ଭମାନଙ୍କର ପଳାୟନ ଯେପରି ଶୀତକାଳରେ କିମ୍ବା ବିଶ୍ରାମବାରରେ ନ ଘଟେ, ଏଥିପାଇଁ ପ୍ରାର୍ଥନା କର:*

*କାରଣ ସେତେବେଳେ ଏପରି ମହାକ୍ଳେଶ ଘଟିବ ଯେ, ଜଗତର ଆରମ୍ଭରୁ ଆଜି ପର୍ଯ୍ୟନ୍ତ ଘଟି ନାହିଁ, ପୁଣି, କେବେ ହେଁ ଘଟିବ ନାହିଁ ।*

*ଆଉ, ସେହି ସମୟ ଯେବେ ଊଣା କରାଯାଇ ନ ଥାଆନ୍ତା, ତେବେ କୌଣସି ମର୍ତ୍ତ୍ୟ ପରିତ୍ରାଣ ପାଆନ୍ତା ନାହିଁ: ମାତ୍ର ମନୋନୀତ ଲୋକଙ୍କ ସକାଶେ ସେହି ସମୟ ଊଣା କରାଯିବ ।*

*ସେତେବେଳେ, ଦେଖ, ଖ୍ରୀଷ୍ଟ ଏଠାରେ କିଅବା ସେଠାରେ, କେହି ଯେବେ ତୁମ୍ଭମାନଙ୍କୁ ଏପରି କହିବ; ତେବେ ତାହା ବିଶ୍ୱାସ କର ନାହିଁ ।*

*କାରଣ ଭଣ୍ଡ ଖ୍ରୀଷ୍ଟମାନେ, ଓ ଭଣ୍ଡ ଭାବବାଦୀମାନେ, ଉଠି ଏପରି ମହା ମହା ଚିହ୍ନ ଓ ଅଦ୍ଭୁତ କର୍ମମାନ ଦେଖାଇବେ ଯେ; ଯଦି ସମ୍ଭବ ହୁଏ, ତେବେ, ମନୋନୀତ ଲୋକଙ୍କୁ ସୁଦ୍ଧା ଭ୍ରାନ୍ତ କରିବେ ।*

*ଦେଖ, ମୁଁ ପୂର୍ବରୁ ତୁମ୍ଭମାନଙ୍କୁ ଜଣାଇଲି ।*

*ଅତଏବ, ଦେଖ, ସେ ପ୍ରାନ୍ତରରେ ଅଛନ୍ତି, ଲୋକେ ଯଦି ତୁମ୍ଭମାନଙ୍କୁ ଏହି କଥା କହିବେ; ତେବେ ବାହାରି ଯାଅ ନାହିଁ: ଦେଖ, ସେ ଗୁପ୍ତ କୋଠରୀରେ ଅଛନ୍ତି ଯଦି ଏହା କହିବେ; ତେବେ ତାହା ବିଶ୍ୱାସ କର ନାହିଁ ।*

*କାରଣ ବିଜୁଳି ଯେପରି ପୂର୍ବଦିଗରୁ ମାରି, ପଶ୍ଚିମ ଦିଗ ପର୍ଯ୍ୟନ୍ତ ଦେଖାଯାଏ; ସେପରି ମନୁଷ୍ୟପୁତ୍ରଙ୍କର ଆଗମନ ହେବ ।*

*ଯେଉଁଠାରେ ମଡ଼ା ପଡ଼ିଥାଏ, ସେହିଠାରେ ଉତ୍କ୍ରୋଶ ପକ୍ଷୀମାନେ ଏକାଠି ହେବେ...*

16 ତେବେ, ଏକ ମୂଳ ବିଷୟ ନିମନ୍ତେ, ମୁଁ 24ଶ ପଦକୁ ନେବା ପାଇଁ ଇଚ୍ଛା କରିବି, ଓ ଏହି ପଦକୁ ଏହି ସକାଳରେ ଆମର ରବିବାର ଦିନର ମୂଳପାଠ ଶିକ୍ଷା ନିମନ୍ତେ ଗୁରୁତ୍ୱ ଦେବା ପାଇଁ ଚାହିଁବି । ଆଉ ଯେତବେଳେ ମୁଁ ଏହାକୁ ପୁନର୍ବାର ପାଠ କରେ, ଆପଣମାନେ ଧ୍ୟାନ ସହକାରେ ଶୁଣନ୍ତୁ ।

*କାରଣ ଭଣ୍ଡ ଖ୍ରୀଷ୍ଟମାନେ, ଓ ଭଣ୍ଡ ଭାବବାଦୀମାନେ, ଉଠି ଏପରି ମହା ମହା ଚିହ୍ନ ଓ ଅଦ୍ଭୁତ କର୍ମମାନ ଦେଖାଇବେ ଯେ; ଯଦି ସମ୍ଭବ ହୁଏ, ତେବେ, ମନୋନୀତ ଲୋକଙ୍କୁ ସୁଦ୍ଧା ଭ୍ରାନ୍ତ କରିବେ ।*

17 ତେବେ ଏହି ସକାଳରେ ଏକ ବିଷୟ ନେବା ନିମନ୍ତେ, କିଅବା, ବରଂ ଏକ ମୂଳପାଠ ନିମନ୍ତେ, ମୁଁ ନେବାକୁ ଚାହେଁ: *ଶେଷ ସମୟର ଅଭିଷିକ୍ତଗଣ।* ତେବେ ଏହାହିଁ ସେହି ବିଷୟ ଅଟେ, କିଅବା ମୂଳପାଠ ଅଟେ ଯାହା ଉପରେ ମୁଁ କିଛି କହିବାକୁ ଇଚ୍ଛା କରେ: *ଶେଷ ସମୟର ଅଭିଷିକ୍ତଗଣ।*

18 ମୁଁ ବିଶ୍ୱାସ କରେ ଯେ ଆମେମାନେ ଶେଷ ସମୟରେ ରହୁଅଛୁ। ମୁଁ ଭାବେ ଯେ ଅଧିକାଂଶ ଯେକେହି ବି ହେଉ...ଶାସ୍ତ୍ରର ଅଧ୍ୟୟନକର୍ତ୍ତା, କିଅବା ଏପରିକି ଜଣେ—ଜଣେ ବିଶ୍ୱାସୀ ସୁଦ୍ଧା ହୋଇଥାଉ, ସେ ଏହା ଜାଣେ ଯେ ଆମେମାନେ ବର୍ତ୍ତମାନ ଜଗତର ଇତିହାସର ଶେଷରେ ଅଛୁ। ଏହାକୁ ଲେଖାଯିବାର କୌଣସି ପ୍ରୟୋଜନ ନାହିଁ, କାରଣ ତାହା ପଢ଼ିବାକୁ କେହିହେଲେ ରହିବେ ନାହିଁ। ଏହା ତ ସମୟର ଶେଷରେ ଅଟେ। ତାହା କେବେ ଅଟେ, ମୁଁ ଜାଣେ ନାହିଁ। ତାହା ହେବା ପାଇଁ ଆଉ କେତେ ଅଧିକ ସମୟ ଲାଗିବ, ଏପରିକି ସ୍ୱର୍ଗର ଦୂତମାନେ ସୁଦ୍ଧା ସେହି ସମୟ କିଅବା ସେହି ଘଟିକାକୁ ଜାଣନ୍ତି ନାହିଁ। ମାତ୍ର ପ୍ରଭୁ ଯୀଶୁଙ୍କ ଦ୍ୱାରା ଆମମାନଙ୍କୁ ଏହା କୁହାଯାଇଅଛି, ଯେ, ଯେତେବେଳେ ଏହି ସମସ୍ତ ବିଷୟମାନ ଯାହାକି ଆମେମାନେ ବର୍ତ୍ତମାନ ଦେଖୁଅଛୁ ଘଟିବାକୁ ଆରମ୍ଭ ହୁଏ, ସେତେବେଳେ ଆପଣା ମସ୍ତକଗୁଡ଼ିକୁ ଉତ୍ତୋଳନ କରୁ ଯେହେତୁ ଆମର ମୁକ୍ତି ସନ୍ନିକଟ ଅଟେ। ତେବେ, ତାହା "ସନ୍ନିକଟ ହେବା" ଅର୍ଥ କ'ଣ ଅଟେ, ମୁଁ ଜାଣେ ନାହିଁ। ହୋଇପାରେ ଯେ ତାହାର ଅର୍ଥ...

19 ଯେପରିକି ଅନ୍ୟ ଏକ ଦିନ, ଦୂରଦର୍ଶନରେ, ବୈଜ୍ଞାନିକମାନେ କହୁଥିଲେ, ପୃଥିବୀ ପୃଷ୍ଠ ଉପରେ ହୋଇଥିବା ସେହି ଏକ-ହଜାର-ମାଇଲ ବିଶିଷ୍ଟ ବୃହତ ଗର୍ତ୍ତ ବିଷୟରେ କହୁଥିଲେ ଯାହାକି ଧସିଯିବାକୁ ଯାଉଅଛି। ତାହାଙ୍କୁ ଏହି ପ୍ରଶ୍ନ ପଚରାଗଲା, "କ'ଣ ତାହା ସେଠାରେ ଧସିଯାଇ ବୁଡ଼ି ଯାଇପାରେ?" ତାହା ପଶ୍ଚିମ ଉପକୂଳରେ ଥିବା, ଲସ୍ ଏଞ୍ଜେଲିସ୍ ସହର ଅଟେ। ଆଉ ଆପଣମାନଙ୍କ ମଧ୍ୟରୁ ଅନେକେ ଏହା ଦେଖିଥିବେ ଯେ ସେମାନେ କିପରି ଭାବରେ ରାଡାର୍ ଯନ୍ତ୍ର ଦ୍ୱାରା ତାହାର ପରୀକ୍ଷା ନିରୀକ୍ଷା କଲେ, ଓ ଅନୁସନ୍ଧାନ କରିବାକୁ ଗଲେ... ସାନ୍ ଜୋସେ ସହରର ତଳଭାଗରୁ ନେଇ, ସେହି ଗର୍ତ୍ତଟି ଅଲାସ୍କା ପର୍ଯ୍ୟନ୍ତ ବ୍ୟାପ୍ତ ଥିଲା, ପୁଣି ଏଲ୍ୟୁଟିୟନ ଦ୍ୱୀପସମୂହ ଦେଇ, ଏହା ପ୍ରାୟଃ ଦୁଇ ଶହ ମାଇଲ ସମୁଦ୍ର ଭିତରେ ବ୍ୟାପ୍ତ ହୋଇଥିଲା, ଓ ପୁଣି ତାହା ସାନ୍ ଡିଏଗୋ ସହରର ତଳ ଭାଗରୁ ନେଇ, ଲସ୍ ଏଞ୍ଜେଲିସ୍ ସହରର ଚାରି ପଟରେ ବ୍ୟାପ୍ତ ରହିଥିଲା, ଆଉ ସେଠାରେ ଏକ ବହୁତ ବଡ଼ କେନ୍ଦ୍ରସ୍ଥଳୀ ଭାବେ, ରହିଥିଲା।

20 ଆଉ ଏହି ସମସ୍ତ ଭୂମିକମ୍ପମାନ ଯାହାକି ଆମମାନଙ୍କର ହେଉଅଛି ତାହା ଏହି ବୃହତ ଗଭୀର ଗର୍ତ୍ତକୁ ଆଗ୍ନେୟଗିରୀର ଉଦ୍‌ଗୀରଣ ପ୍ରହାର ଯୋଗୁଁ ଅଟେ, ଯେପରିକି, ତାହା ସେଠାରେ ହୋଇଥିଲା। ମୋତେ ତାହାର ନାମ ସ୍ମରଣ ହେଉନାହିଁ ଯାହାକି ସେମାନେ—ସେମାନେ ଏହାକୁ ଡାକନ୍ତି। ସେ ଯାହାହେଉ, ଯେତେବେଳେ ତାହା ଦୋହଲିଥାଏ, ସେତେବେଳେ ତାହା ଏହି ସମସ୍ତ ଭୂମିକମ୍ପମାନଙ୍କୁ ସୃଷ୍ଟି କରିଥାଏ ଯାହାସବୁକି ଏତେ ବର୍ଷ

ଯାଏଁ ଆମମାନଙ୍କର ପଶ୍ଚିମ ଉପକୂଳରେ ହୋଇ ଆସିଅଛି । ତେବେ ଏହାର ଚାରିପଟେ ଫାଟ ହୋଇ ଆସିଲାଣି । ଆଉ ବୈଜ୍ଞାନିକମାନେ କହିଲେ ଯେ, ଗୋଟିଏ...

ସେହି ବ୍ୟକ୍ତିଜଣକ ଅନ୍ୟକୁ କହିଲା, "କ'ଣ ତାହା ତଳେ ପଡ଼ି ଯାଇପାରେ?"

ସେ ଉତ୍ତର ଦେଲେ, "ପାରେ 'ନୁହେଁ,' ବରଂ ତାହା ପଡ଼ିଯିବ ।"

ସେହି ବ୍ୟକ୍ତିଜଣକ ପଚାରିଲା, "ମାତ୍ର ସମ୍ଭବତଃ, ଆମ ପୀଢ଼ୀରେ ନୁହେଁ?"

ସେ ଉତ୍ତର ଦେଲେ, "ତାହା ପରବର୍ତ୍ତୀ ପାଞ୍ଚ ମିନିଟ୍, କିଅବା ପାଞ୍ଚ ବର୍ଷରେ ହୋଇପାରେ । ଆମେ ତ ଜାଣି ନାହୁଁ ଯେ ତାହା କେବେ ହେବ ।"

21 ଏହି ସପ୍ତାହରେ, ମୋତେ ଖବରକାଗଜଟିଏ ପଠାଯାଇଥିଲା ଯେଉଁଥିରକି ମୁଖ୍ୟ ଶିର୍ଷକ ଥିଲା, ସହସ୍ର-ସହସ୍ର-ଡଲାର ଖର୍ଚ୍ଚରେ ନିର୍ମିତ ବଡ଼ ବଡ଼ ଘରମାନ ଭାଙ୍ଗି ଯାଉଅଛି ଓ ଫାଟି ଯାଉଅଛି, ସେଥିରୁ ଲୋକମାନେ ପଳାୟନ କରୁଛନ୍ତି । ଆଉ ସେମାନେ ଜାଣି ନାହାଁନ୍ତି ଯେ ତାହାସବୁ କିପରି ରୋକିବାକୁ ଅଛି । ତାହାକୁ ରୋକିବାର କିଛି ଉପାୟ ସୁଦ୍ଧା ନାହିଁ । ଦେଖନ୍ତୁ, ପରମେଶ୍ୱରଙ୍କ ଯାହା ଇଚ୍ଛା ସେ ତାହା କରିପାରନ୍ତି, ଆଉ ଏପରି କେହିହେଲେ ନାହାଁନ୍ତି ଯିଏକି ତାହାଙ୍କୁ ଏହା କହିପାରିବ ଯେ ତାହା କିପରି କରିବାକୁ ଅଛି ।

22 ଆପଣ ଘର ନିର୍ମାଣ କରନ୍ତି, ଆପଣ ବୈଜ୍ଞାନିକ ବସ୍ତୁମାନ ତିଆରି କରିପାରନ୍ତି, ପୁଣି ପରମେଶ୍ୱର ହିଁ ବିଜ୍ଞାନର ସୃଷ୍ଟିକର୍ତ୍ତା ଅଟନ୍ତି । ଆପଣ ତାହାଙ୍କୁ କିପରି ରୋକିବାକୁ ଯାଉଅଛନ୍ତି? ସେ ଯଦି ଚାହିଁବେ ଏହି ସକାଳରେ ଉକୁଣିଆ ପୋକ ଦ୍ୱାରା ପୃଥିବୀକୁ ବିନଷ୍ଟ କରିଦେଇ ପାରିବେ । କ'ଣ ଆପଣ ଏହା ଅନୁଭବ କରନ୍ତି ଯେ, ସେ ଉକୁଣିଆ ପୋକକୁ ସୃଷ୍ଟି ହେବାକୁ କହିପାରନ୍ତି, ଆଉ ସେଠାରେ ଅଧ ଘଣ୍ଟା ଭିତରେ ଚାଳିଶ ମାଇଲ ଗଭୀର ଉକୁଣିଆ ପୋକମାନେ ଭରିଯିବେ, ଦେଖନ୍ତୁ, ସେଠାରେ କିଛି ହେଲେ ନ ଥିବ...ଆଉ ଧରାପୃଷ୍ଠରୁ ଲୋକମାନଙ୍କୁ ଖାଇ ସାରିଦେବେ । ସେ ପରମେଶ୍ୱର ଅଟନ୍ତି । ଯାହା ତାହାଙ୍କର ଇଚ୍ଛା ହୁଏ ସେ ତାହା କରନ୍ତି । ସେ ନିଜଠାରେ ସ୍ୱୟଂ, ସାର୍ବଭୌମ ଅଟନ୍ତି ।

23 ତେବେ, ଆମେ ବର୍ତ୍ତମାନ ଯେଉଁ ସମୟରେ ରହୁଅଛୁ, ସେହି ସମୟର ସମସ୍ତ ପ୍ରମାଣଗୁଡ଼ିକୁ ଏକତ୍ର ହେଉଥିବାର ଦେଖୁଥିବା ବେଳେ, ପୁଣି ଯେତେବେଳେକି ମୁଦ୍ରାଗୁଡ଼ିକ ଫିଟାଯାଇ ସାରିଅଛି, ମୁଁ ଭାବୁଛି ଯେ ଏହି ସମସ୍ତ ବିଷୟଗୁଡ଼ିକୁ ବିଚାର କରିବା ହେତୁ ଓ ସେଗୁଡ଼ିକୁ ବର୍ଣ୍ଣନ କରିବା ହେତୁ, ଆଉ ଏହି ସମସ୍ତ ବିଷୟର ସତ୍ୟତାକୁ ଖୋଜିବା ହେତୁ ଏହା ଏକ ଉତ୍ତମ ସମୟ ଅଟେ, ଯେତେବେଳେକି ପରମେଶ୍ୱର ତାହାଙ୍କର ଅନୁଗ୍ରହ ଦ୍ୱାରା, ଆମମାନଙ୍କୁ ଏହି ସମସ୍ତ ବିଷୟଗୁଡ଼ିକୁ ଦେଖାଇଦେବା ହେତୁ, କେତେ ଅଧିକ ବିଶ୍ୱସ୍ତ ରହିଆସିଛନ୍ତି ।

24 ମୁଁ ଚାହେଁ ଯେ ଆପଣମାନେ ଏଠାରେ ମାଥିଉ 24ରେ ଏହା ଲକ୍ଷ୍ୟ କରନ୍ତୁ ଯେ, ଯୀଶୁ ଏହି ଶବ୍ଦକୁ ବ୍ୟବହାର କରିଥିଲେ "ଖ୍ରୀଷ୍ଟମାନେ," ଖ୍ରୀ-ଷ୍ଟ-ମା-ନେ, "ଖ୍ରୀଷ୍ଟମାନେ ।" ଖ୍ରୀଷ୍ଟ ନୁହେଁ, ବରଂ "ଖ୍ରୀଷ୍ଟମାନେ," ବହୁବଚନ, ଏକବଚନ ନୁହେଁ । "ଖ୍ରୀଷ୍ଟମାନେ ।" ଏଣୁକରି, ଏହି

ଶବ୍ଦ *ଖ୍ରୀଷ୍ଟ*ର ଅର୍ଥ ହେଉଛି "ଅଭିଷିକ୍ତଜଣ।" ଆଉ ତେବେ ଯଦି ଏହା "ଅଭିଷିକ୍ତ," ଅଟେ, ତାହାହେଲେ ସେଠାରେ କେବଳ ଜଣେ ମାତ୍ର ହେବେ ନାହିଁ, ବରଂ ଅନେକେ ଅଭିଷିକ୍ତ ହେବେ, "ଅଭିଷିକ୍ତଗଣ।" ବୁଝିଲେ?

25 ନତୁବା, ଯଦି ସେ ଏହାକୁ ଆହୁରି ସରଳ କରି ଭାଙ୍ଗିବାକୁ ଚାହିଁଥିଲେ ଯେପରିକି ଆମେମାନେ ଏହାକୁ ଉଣା ଅଧିକ ଉତ୍ତମଭାବେ ବୁଝିଯାଉ, ସେ ଏହା କହିଥାଆନ୍ତେ, "ଶେଷ ଦିନମାନଙ୍କରେ ଭଣ୍ଡ, ଅଭିଷିକ୍ତଗଣ ଉଠିବେ।" ତେବେ, ତାହା ପ୍ରାୟଃ ଅସମ୍ଭବ ପରି ଦିଶେ, ଦେଖନ୍ତୁ, "ଅଭିଷିକ୍ତ" ର ଶବ୍ଦାବଳୀରେ। ମାତ୍ର ତା'ର ପରବର୍ତ୍ତୀ ଶବ୍ଦଗୁଡ଼ିକୁ ଲକ୍ଷ୍ୟ କରନ୍ତୁ, "ଆଉ ଭଣ୍ଡ ଭାବବାଦୀମାନେ," ଭା-ବ-ବା-ଦୀ-ମା-ନେ, ବହୁବଚନ।

26 ତେବେ, *ଅଭିଷିକ୍ତଜଣ,* ସେ ଅଟେ, "ଯାହାଙ୍କର ପାଖରେ ଏକ ବାର୍ତ୍ତା ଥାଏ।" ଆଉ ଗୋଟିଏ ମାତ୍ର ଉପାୟରେ ଯାହାଦ୍ୱାରା ବାର୍ତ୍ତା ଅଣା ଯାଇପାରେ ତାହା ସେହି ଜଣକା ଅଟେ ଯିଏକି *ଅଭିଷିକ୍ତ* ଅଟନ୍ତି, ଆଉ ତାହା ଜଣେ ଭାବବାଦୀ, ଅଭିଷିକ୍ତ ହୋଇଥିବେ, "ସେଠାରେ ଭଣ୍ଡ, ଅଭିଷିକ୍ତ ଶିକ୍ଷକମାନେ ଉଠିବେ।" ଜଣେ ଭାବବାଦୀ ତାହା ଶିକ୍ଷା ଦିଅନ୍ତି ଯାହାକି ତାହାଙ୍କର ବାର୍ତ୍ତା ଅଟେ। ଅଭିଷିକ୍ତ ଶିକ୍ଷକଗଣ, ମାତ୍ର ଭଣ୍ଡ ଶିକ୍ଷା ସହିତରେ ଅଭିଷିକ୍ତ ଲୋକମାନେ। ଅଭିଷିକ୍ତଗଣ, "ଖ୍ରୀଷ୍ଟମାନେ," ବହୁବଚନ; "ଭାବବାଦୀମାନେ," ବହୁବଚନ। ଆଉ ଯଦି ଏପରି କିଛି ବିଷୟ ଅଛି ଯଥା ଜଣେ—ଜଣେ ଖ୍ରୀଷ୍ଟ, ଏକବଚନ, ତାହାହେଲେ ଏମାନଙ୍କୁ "ଅଭିଷିକ୍ତଗଣ" ହେବାକୁ ହିଁ ଅଛି, ଯେପରିକି ଯାହା ସେମାନେ ଶିକ୍ଷା ଦେଇଥାଆନ୍ତି ତାହାର ଭବିଷ୍ୟତ୍‌ବାଣୀ ହିଁ ସେହି ପାର୍ଥକ୍ୟ ବିଷୟ ହେବ, କାରଣ ସେମାନେ ଅଭିଷେକପ୍ରାପ୍ତ, ଅଭିଷିକ୍ତଗଣ ଅଟନ୍ତି।

27 ତେବେ, ଏହା ଏକ ରବିବାରୀୟ ମୂଳଶିକ୍ଷା ଅଟେ, ଆମେ ଏହାକୁ ପବିତ୍ରଶାସ୍ତ୍ର ଦ୍ୱାରା, ଏକ ବାସ୍ତବିକ ଚରମ ଅବସ୍ଥାକୁ ନେଇ କରି ଆସିବା ହେତୁ ଚେଷ୍ଟା କରିବାକୁ—କୁ ଚାହୁଁ, ତାହା ଦ୍ୱାରା ନୁହେଁ ଯେ ଏହା ବିଷୟରେ କିଏ କ'ଣ କହିଅଛି, ବରଂ କେବଳ ପବିତ୍ରଶାସ୍ତ୍ରର ପଠନ କରିବା ଦ୍ୱାରା ଚେଷ୍ଟା କରିବାକୁ ଚାହୁଁ।

ଆପଣ କହିପାରନ୍ତି, "ଏହା କିପରି ହୋଇପାରିବ? କଅଣ ସେହି ଅଭିଷିକ୍ତଗଣ...? ସେମାନେ କ'ଣ ଅଟନ୍ତି?"

"ଖ୍ରୀଷ୍ଟମାନେ," ଖ୍ରୀ-ଷ୍ଟ-ମା-ନେ। "ଅଭିଷିକ୍ତ ଖ୍ରୀଷ୍ଟମାନେ, ଓ ଭଣ୍ଡ ଭାବବାଦୀମାନେ।" ଅଭିଷିକ୍ତଗଣ, ମାତ୍ର ଭଣ୍ଡ ଭାବବାଦୀମାନେ!

ଯୀଶୁ କହିଥିଲେ, ଯେ, "ବୃଷ୍ଟି ଧାର୍ମିକ ଓ ଅଧାର୍ମିକ ଉଭୟ ଉପରେ ପତିତ ହୁଏ।"

28 ତେବେ, କେହି ଜଣେ ମୋତେ ଏହା କହିପାରନ୍ତି, "କ'ଣ ଆପଣ ବିଶ୍ୱାସ କରନ୍ତି ଯେ ସେହି ଲୋକମାନଙ୍କ ଉପରେ ଥିବା ସେହି ଅଭିଷେକର ଅର୍ଥ କ'ଣ ତାହା ପବିତ୍ରଆତ୍ମାର ଅଭିଷେକ ଅଟେ?" ହଁ, ଆଜ୍ଞା, ଜଣେ ମନୁଷ୍ୟ ଉପରେ ପରମେଶ୍ୱରଙ୍କର ବାସ୍ତବିକ ପବିତ୍ରଆତ୍ମାର ଅବତରଣ ଅଟେ, ଆଉ ତଥାପି ସେମାନେ ଭଣ୍ଡ ଅଟନ୍ତି।

29 ତେବେ ଧ୍ୟାନ ସହକାରେ ଶୁଣନ୍ତୁ ଓ ଦେଖନ୍ତୁ ଯେ ସେ କ'ଣ କହିଲେ। "ଆଉ ସେମାନେ ଚିହ୍ନ ଓ ଅଦ୍ଭୁତ କର୍ମମାନ ଦେଖାଇବେ ଯେ, ଯଦି ସମ୍ଭବ ହୁଏ ତେବେ ମନୋନୀତ ଲୋକଙ୍କୁ ସୁଦ୍ଧା ଭ୍ରାନ୍ତ କରିବେ।" ଆଉ ସେମାନେ ବାସ୍ତବିକ ପବିତ୍ରଆତ୍ମାରେ ଅଭିଷିକ୍ତ ଅଟନ୍ତି। ମୁଁ ଜାଣେ ଯେ ଏହା ଅତି ମୂର୍ଖତାପୂର୍ଣ୍ଣ ପରି ଶୁଣାଯାଉଥାଏ, ମାତ୍ର ଆମେ ସମୟ ନେଇ ଏହାକୁ ବାକ୍ୟ ଦ୍ୱାରା ବୁଝାଇବାକୁ ଯାଉଅଛୁ, ଯେ ତାହା ଅବିକଳ ଭାବରେ **ସଦାପ୍ରଭୁ ଏହି କଥା କହନ୍ତି** ଅଟେ, ସେହି ସତ୍ୟ ଅଟେ।

30 ତେବେ ଆସନ୍ତୁ ଅଳ୍ପ କେତେକ ମିନିଟ ପାଇଁ, ଆମେମାନେ ଆମର ବାଇବଲକୁ ଖୋଲିବା, ଓ ତହିଁରେ ମାଥିଉ ତା'ର 5ମ ପର୍ବ, ଓ 45ଶ ପଦରୁ—ରୁ ଆରମ୍ଭ କରିବା, ଆଉ ତାହାକୁ ବର୍ତ୍ତମାନ ଦେଖିବା ଯେତେବେଳେକି ଆମେମାନେ ଅଳ୍ପ କେତେକ ସମୟ ନିମନ୍ତେ ଏହି ଶାସ୍ତ୍ରାଂଶଗୁଡ଼ିକ ଉପରେ ପାଠ କରୁ। ଆଉ ତା'ପରେ, ଆମେମାନେ ଏଠାରେ ପହଞ୍ଚିବା ପରେ, କାହିଁକି, ଆମେମାନେ ଆପଣଙ୍କୁ ଦେବା...ଏଣୁ ଆପଣମାନେ, ଯଦି ଆମେମାନେ ତାହାସବୁ ପାଠ କରିବାରେ ବିଫଳ ହୋଇଯାଉ, ତାହାହେଲେ ଆପଣମାନେ ନିଜର ବାଇବଲ ନେବେ; ଓ—ଓ ଆହୁରି ମଧ୍ୟ ଆମେମାନେ ଏହି ସ୍ଥାନକୁ ଛାଡ଼ି ଚାଲିଯିବା ପରେ ଓ ଆପଣମାନେ ନିଜ ନିଜର ଘରକୁ ଗଲା ପରେ ଆପଣମାନେ ତାହା ପାଠ କରିପାରିବେ, ଆଉ—ଆଉ ଆପଣମାନେ ପାଠ କରିବେ ଯେ ବାଇବଲ ତାହା ସମ୍ବନ୍ଧରେ କ'ଣ କହେ।

31 ତେବେ ଏକ—ଏକ ମୌଳିକ ବିଷୟକୁ ବୁଝିବା ନିମନ୍ତେ, ଆମମାନଙ୍କର ସମୟକୁ ନେବା, ଯେହେତୁ ମୁଁ ଏଠାରେ ଏପରି ଏକ ବିବୃତ୍ତି ଦେଉଅଛି ଯାହାକି ଅତି ବିଚିତ୍ର ଅଟେ। ପବିତ୍ରଆତ୍ମା କିପରି ଭାବରେ ଜଣେ ଭଣ୍ଡ ଭାବବାଦୀଙ୍କୁ ଅଭିଷେକ କରିପାରନ୍ତି? ମାତ୍ର ଏହା ତ ତାହାହିଁ ଅଟେ ଯାହାକି ଯୀଶୁ କହିଥିଲେ ଯେ ଘଟିବ।

ତେବେ, ମାଥିଉ, ତା'ର 5ମ ପର୍ବ, 45ଶ ପର୍ବ, ଆସନ୍ତୁ ଆମେମାନେ ବର୍ତ୍ତମାନ ତାହା ପାଠ କରୁ। ଆସନ୍ତୁ ନେବା, ତା'ର ଟିକେ—ଟିକେ ପଛରୁ, 44ଶ ପଦରୁ ଆରମ୍ଭ କରିବା।

> *କିନ୍ତୁ ମୁଁ ତୁମ୍ଭମାନଙ୍କୁ କହୁଅଛି, ତୁମ୍ଭମାନଙ୍କ ଶତ୍ରୁମାନଙ୍କୁ ପ୍ରେମ କର, ପୁଣି ଯେଉଁମାନେ ତୁମ୍ଭମାନଙ୍କୁ ତାଡ଼ନା କରନ୍ତି, ସେମାନଙ୍କ ନିମନ୍ତେ ପ୍ରାର୍ଥନା କର,... ଯେଉଁମାନେ ତୁମ୍ଭମାନଙ୍କୁ ତାଡ଼ନା କରନ୍ତି, ସେମାନଙ୍କ ନିମନ୍ତେ ପ୍ରାର୍ଥନା କର;*
>
> *ଯେପରି ତୁମ୍ଭେମାନେ ତୁମ୍ଭମାନଙ୍କ ସ୍ୱର୍ଗସ୍ଥ ପିତାଙ୍କର ସନ୍ତାନ ହେବ: ସେ ତ ଦୁଷ୍ଟ ଓ...ସଜ୍ଜନ ଉଭୟଙ୍କ ଉପରେ ଆପଣା ସୂର୍ଯ୍ୟ ଉଦୟ କରନ୍ତି, ପୁଣି ଧାର୍ମିକ ଓ... ଅଧାର୍ମିକମାନଙ୍କ ଉପରେ ବୃଷ୍ଟି ବର୍ଷାନ୍ତି।* (ସେହି ବୃଷ୍ଟି ସମାନ ଭାବରେ ଉଭୟ ଦୁଷ୍ଟ ଓ ସଜ୍ଜନ ଉପରକୁ ଆସିଥାଏ।)

32 ତେବେ ଏହାକୁ ସମର୍ଥନ କରୁଥିବା, ଏହା ସମ୍ବନ୍ଧରେ ଆଉ ଏକ ଭବିଷ୍ୟଦ୍‌ବାଣୀ ନିମନ୍ତେ, ଆସନ୍ତୁ ଆମେମାନେ ଏବ୍ରୀ ତା'ର ୬ଷ୍ଠ ପର୍ବକୁ ଯିବା, ଏହାର ପରବର୍ତ୍ତୀ ଅନୁରୂପ-ପଦ, ଯେଉଁଠାରେକି ପାଉଲ ସେହି ସମାନ ବିଷୟକୁ ସ୍ମରଣରେ ଆଣୁଛନ୍ତି

ଯେଉଁ ବିଷୟକି ଯୀଶୁ କହିଥିଲେ। ବର୍ତ୍ତମାନ ପାଉଲ, କହୁଛନ୍ତି। ଯେତେବେଳେକି ଆପଣମାନେ ଏହାକୁ ଖୋଜୁଅଛନ୍ତି...ଆଉ ଆପଣମାନେ ଯେଉଁମାନେକି ଏହାକୁ ରେଡ଼ିଓ ପ୍ରସାରଣରେ ଶୁଣୁଅଛନ୍ତି, ନିଜର ବାଇବଲଗୁଡ଼ିକୁ ନିଜ ପାଖରେ ନେଇ ନିଅନ୍ତୁ ଓ ଖଣ୍ଡେ କାଗଜ ନେଇ ନିଅନ୍ତୁ, ଆଉ ବର୍ତ୍ତମାନ ଏହାକୁ ଦେଖନ୍ତୁ। ଏବ୍ରୀ, ତା'ର ୬ଷ୍ଠ ପର୍ବ, ପାଉଲ ଏବ୍ରୀୟ ଲୋକମାନଙ୍କୁ ଲେଖୁଅଛନ୍ତି, ସେମାନଙ୍କୁ ଛାୟାମାନ ଓ ପ୍ରତିଚିତ୍ରଣମାନ ବିଷୟରେ ବୁଝାଉଅଛନ୍ତି, ଓ ସେମାନଙ୍କୁ ଦେଖାଉଅଛନ୍ତି ଯେ ପୂରାତନ ବିଷୟଗୁଡ଼ିକ କିପରି ଭବିଷ୍ୟତ୍‌ରେ ହେବାକୁ ଥିବା ବିଷୟର ଛାୟା ଅଟେ, ଆଉ ସେମାନଙ୍କୁ ଯିହୂଦୀ ମତାବଲମ୍ବୀରୁ ଖ୍ରୀଷ୍ଟିୟ ମତାବଲମ୍ବୀ ଆଡ଼କୁ ଆଣୁଅଛନ୍ତି। ତେବେ ପାଉଲ କହୁଅଛନ୍ତି, ଏବ୍ରୀ 6।

*ଅତଏବ ଆସ, ଆମ୍ଭେମାନେ ଖ୍ରୀଷ୍ଟଙ୍କ (ଖ୍ରୀ-ଷ୍ଟ, ଏକବଚନ) ବିଷୟକ ପ୍ରାଥମିକ ଶିକ୍ଷା ପରିତ୍ୟାଗ କରି, ସିଦ୍ଧି ଲାଭ କରିବା ନିମନ୍ତେ ଅଗ୍ରସର ହେଉ; ମୃତକର୍ମ...ମନଃପରିବର୍ତ୍ତନ, ପରମେଶ୍ୱରଙ୍କଠାରେ ବିଶ୍ୱାସ।*

*ନାନା ବାପ୍ତିସ୍ମ ସମ୍ବନ୍ଧ...ଶିକ୍ଷା, ଓ ହସ୍ତାର୍ପଣ, ଓ ମୃତମାନଙ୍କ ପୁନରୁତ୍‌ଥାନ, ଓ ଶେଷ ବିଚାର ସ୍ୱରୂପ ଭିତ୍ତିମୂଳ ପୁନର୍ବାର ନ ବସାଇ।*

*ହଁ ପରମେଶ୍ୱରଙ୍କ ଅନୁମତି ହେଲେ, ଆମ୍ଭେମାନେ ଏହା କରିବା।*

*କାରଣ ଯେଉଁମାନେ ଥରେ ଆଲୋକ ପ୍ରାପ୍ତ ହୋଇଅଛନ୍ତି, ସ୍ୱର୍ଗୀୟ ଦାନର ଆସ୍ୱାଦ ପାଇଅଛନ୍ତି, ପବିତ୍ରଆତ୍ମାଙ୍କର ସହଭାଗ ହୋଇଅଛନ୍ତି, ତାହାହେଲେ ମନଃପରିବର୍ତ୍ତନ ନିମନ୍ତେ ସେମାନଙ୍କୁ ପୁନର୍ବାର ନୂତନ କରାଇବା ଅସାଧ୍ୟ,*

33 ମୁଁ ଗୋଟିଏ ମିନିଟ୍ ପାଇଁ ଆପଣମାନଙ୍କର ଧ୍ୟାନ ଆକର୍ଷିତ କରିବାକୁ ଚାହେଁ। କ'ଣ ଆପଣମାନେ ଲକ୍ଷ୍ୟ କଲେ? ତାହା "ଦାନ" ଅଛି; "ଦାନଗୁଡ଼ିକ, ସ୍ୱର୍ଗୀୟ ଦାନଗୁଡ଼ିକର ସହଭାଗ ହୋଇଅଛନ୍ତି" ନୁହେଁ; ମାତ୍ର, "ସ୍ୱର୍ଗୀୟ ଦାନ," ଏକବଚନ; "ଖ୍ରୀଷ୍ଟ," ଏକବଚନ; "ଦାନ," ଏକବଚନ।

*...ସ୍ୱର୍ଗୀୟ ଦାନ, ଓ...ପବିତ୍ରଆତ୍ମାଙ୍କର ସହଭାଗ ହୋଇଅଛନ୍ତି,*

*ପରମେଶ୍ୱରଙ୍କ ଉତ୍ତମ ବାକ୍ୟର,...ଆସ୍ୱାଦନ କରିଅଛନ୍ତି...*(କ'ଣ ଆସ୍ୱାଦନ କରିଅଛନ୍ତି?)*...ପରମେଶ୍ୱରଙ୍କ ବାକ୍ୟ, ଓ ଭାବୀ ଯୁଗର ଶକ୍ତି,*

*ସେମାନେ ଯଦି ଧର୍ମଭ୍ରଷ୍ଟ ହୁଅନ୍ତି, ତାହାହେଲେ ମନଃପରିବର୍ତ୍ତନ ନିମନ୍ତେ ସେମାନଙ୍କୁ ପୁନର୍ବାର ନୂତନ କରାଇବା ଅସାଧ୍ୟ; ଯେଣୁ ଆପଣା ଆପଣାର ବିନାଶ ନିମନ୍ତେ ପରମେଶ୍ୱରଙ୍କ ପୁତ୍ରଙ୍କୁ, ପୁଣି କ୍ରୁଶାରୋପଣ କରି ପ୍ରକାଶରେ ତାହାଙ୍କୁ ନିନ୍ଦାର ପାତ୍ର କରନ୍ତି।*

*କାରଣ,* (ଶୁଣନ୍ତୁ) *ଯେଉଁ ଭୂମି...ଆପଣା ଉପରେ ବାରମ୍ବାର ପତିତ ବୃଷ୍ଟିଜଳ ପାନ କରେ, ଆଉ ଯେଉଁମାନଙ୍କ ନିମନ୍ତେ ତାହା ଚାଷ କରାଯାଏ, ସେମାନଙ୍କର*

*ଉପଯୋଗୀ ଶାକାଦି ଉତ୍ପନ୍ନ କରେ ତାହା ପରମେଶ୍ୱରଙ୍କଠାରୁ ଆଶୀର୍ବାଦ ପ୍ରାପ୍ତ ହୁଏ:*

*କିନ୍ତୁ ତାହା ଯଦି କଣ୍ଟା...ଅଗରାଗଛ ଉତ୍ପନ୍ନ କରେ, ତେବେ ତାହା ଅଗ୍ରାହ୍ୟ ହୋଇ ଅବିଳମ୍ବେ ଶାପଗ୍ରସ୍ତ ହୁଏ; ପୁଣି ତାହାର ଚରମ ଦଶା ଅଗ୍ନିଦାହ ।*

34 ତେବେ ଏହାକୁ ପୁନର୍ବାର ମାଥିଉ 5:24 ସହିତରେ ତୁଳନା କରନ୍ତୁ । ଧ୍ୟାନ ଦିଅନ୍ତୁ, ଯୀଶୁ କହିଥିଲେ ଯେ ବର୍ଷା ଓ ସୂର୍ଯ୍ୟ ପୃଥିବୀ ଉପରକୁ ଏଇଥିପାଇଁ ଆସିଥାଏ, ଯେ ପରମେଶ୍ୱର ତାହାକୁ ପୃଥିବୀରେ ଥିବା ଲୋକମାନଙ୍କ ନିମନ୍ତେ ଖାଦ୍ୟ ଓ ଅନ୍ୟାନ୍ୟ ବିଷୟସବୁ ଉତ୍ପନ୍ନ କରିବା ପାଇଁ ପଠାଇଥାଆନ୍ତି । ଆଉ ବର୍ଷାକୁ ଖାଦ୍ୟ, ଶାକାଦି ପାଇଁ ପଠାଯାଇଥାଏ । ମାତ୍ର କଣ୍ଟାଗୁଡ଼ିକ, ବାଳୁଙ୍ଗାଗୁଡ଼ିକ, ସେହି କ୍ଷେତ୍ରରେ ରହିଥିବା ହେତୁ, ସେହି ସମାନ ବିଷୟକୁ ଲାଭ କରିଥାଆନ୍ତି । ସେହି ସମାନ ବର୍ଷା ଯାହାକି ଗହମକୁ ବୃଦ୍ଧିସାଧନ କରାଇଥାଏ ତାହା ସେହି ସମାନ ବର୍ଷା ଅଟେ ଯାହାକି ବାଳୁଙ୍ଗାଗୁଡ଼ିକୁ ବୃଦ୍ଧି ସାଧନ କରାଏ ।

35 କିପରି ଭାବରେ ଥରେ ମୁଁ ସେହି ବିଷୟ ଉପରେ ଏକ ଶିକ୍ଷା ଲାଭ କଲି, ଯେତେବେଳେ ମୁଁ ପ୍ରଥମଥରକ ପାଇଁ ପେଣ୍ଟିକଷ୍ଟାଲ ଲୋକମାନଙ୍କ ସମ୍ପର୍କରେ ଆସିଥିଲି! ଆଉ ତାହା ମୋ' ପାଇଁ ଗୋଟିଏ ମହାନ ଶିକ୍ଷା ଥିଲା । ମୁଁ ଦୁଇଜଣ ବ୍ୟକ୍ତିଙ୍କୁ ଦେଖିଲି, ଜଣେ...ତାହା ପୂର୍ବରୁ ମୁଁ କେବେହେଲେ ପରଭାଷାରେ କଥା କହୁଥିବାର ଶୁଣି ନ ଥିଲି । ଜଣେ ପରଭାଷାରେ କହୁଥିଲା, ଅନ୍ୟ ଜଣକ ତା'ର ଅନୁବାଦ କରୁଥିଲା, ପୁଣି ବିପରୀତ-କ୍ରମରେ ହେଉଥିଲା । ଆଉ ସେମାନେ ସତ୍ୟ କହୁଥିଲେ, ଯଥା ଏହିପରି, "ଏଠାରେ ଆଜିରାତ୍ରି ଏପରି ଅନେକେ ଲୋକ ଅଛନ୍ତି ଯେଉଁମାନେକି ମନଃପରିବର୍ତ୍ତନ କରିବା ଉଚିତ୍ । ଏଠାରେ ଉଭୟ, ପୁରୁଷ ଓ ସ୍ତ୍ରୀମାନେ ଅଛନ୍ତି ।" ଆଉ ଲୋକମାନେ ନିଜ ସ୍ଥାନରୁ ଉଠି ବେଦୀ ନିକଟକୁ ଯାଉଥିଲେ ।

ମୁଁ ଭାବିଲି, "କେତେ ମହିମାମୟ ବିଷୟ ଅଟେ!"

36 ଆଉ ତେବେ ପବିତ୍ରଆତ୍ମାଙ୍କର ସେହି ଛୋଟ ଦାନ ଦ୍ୱାରା, ଯାହାକି ଆପଣମାନେ ଜାଣନ୍ତି ଯେ, କିପରି ଭାବରେ ହୃଦୟର ବିଷୟଗୁଡ଼ିକ ଜାଣିପାରିଥାଏ, ମୁଁ ସେହି ଦୁଇଜଣ ବ୍ୟକ୍ତିଙ୍କ ସହିତରେ କଥାବାର୍ତ୍ତା ହେଲି, ଯେପରିକି, ଯେପରିକି ଅସଲ ବିଷୟ କ'ଣ ଅଟେ ତାହା ଅଳ୍ପ କିଛି ଜାଣିପାରେ । ଆଉ ସେମାନଙ୍କ ମଧ୍ୟରୁ ଜଣେ ଏକ ବାସ୍ତବିକ ଖ୍ରୀଷ୍ଟିୟାନ ଥିଲା, ଆଉ ସେ ଖ୍ରୀଷ୍ଟଙ୍କ ଜଣେ ବାସ୍ତବିକ ସେବକ ଥିଲା, ମାତ୍ର ଅନ୍ୟ ଜଣକ ଗୋଟିଏ କପଟୀ ଥିଲା । ଆଉ ସେମାନଙ୍କ ମଧ୍ୟରୁ ଜଣେ, ଯିଏକି ଏକ କପଟୀ ଥିଲା, ସେ କଳା-କେଶ ବିଶିଷ୍ଟ ଜଣେ ସ୍ତ୍ରୀଲୋକ ସହିତ ରହୁଥିଲା, ମାତ୍ର ସୁବର୍ଣ୍ଣ କେଶ ବିଶିଷ୍ଟ ଜଣେ ସ୍ତ୍ରୀଲୋକ ସହିତ ସମ୍ପର୍କ ରଖିଥିଲା ଓ ସେହି ସ୍ତ୍ରୀଠାରୁ ତା'ର ସନ୍ତାନ ମଧ୍ୟ ଥିଲା । ତେବେ, ତାହା ତ ଠିକ୍ ସେଠାରେ ଦର୍ଶନରେ ରହିଥିଲା; ତାହା ଅସ୍ୱୀକାର କରାଯାଇ ନ ପାରେ । ଆଉ ମୁଁ ତାହା ସହିତ ଏହି ବିଷୟରେ କଥା ହେଲି । ସେ ମୋତେ ଅନାଇଲା ଓ ସେହି ଭବନରୁ ବାହାରକୁ ଚାଲିଗଲା ।

37 ତେବେ ମୁଁ ବହୁତ ଅଧିକ ଭ୍ରମିତ ହୋଇଯାଇଥିଲି, ସୁନିଶ୍ଚିତ ଭାବରେ। ମୁଁ ଭାବୁଥିଲି ଯେ ମୁଁ ଦୂତମାନଙ୍କର ଗହଣକୁ ଆସିଅଛି, ମାତ୍ର ପ ମୁଁ ବିସ୍ମିତ ହେଲି ଯେ ମୁଁ ଶୟତାନମାନଙ୍କ ଗହଣକୁ ଆସିଯାଇ ନାହିଁ ତ। ଏହା କିପରି ହୋଇପାରେ? ମୁଁ ତାହା ବୁଝି ପାରି ନ ଥିଲି। ଆଉ ଅନେକ ବର୍ଷ ହେଲା ମୁଁ ସେହି ବିଷୟରୁ କ୍ଷାନ୍ତ ରହିଥିଲି, ଯେପର୍ଯ୍ୟନ୍ତ କି ଦିନେ କେଉଁଠାରୁ...

ମୋ'ର ହେବାକୁ ଥିବା ଜ୍ୱାଇଁ, ଜର୍ଜ ସ୍ମିଥ୍ ସହିତ, ଆମେ ସେହି ପୁରୁଣା ମିଲ୍ ସ୍ଥାନକୁ ଗତକାଲି ଯାଇଥିଲୁ, ଯେଉଁ ସ୍ଥାନକି ମୁଁ ପ୍ରାର୍ଥନା କରିବାକୁ ଯାଇଥାଏ।

38 ଆଉ ସେହି ସ୍ଥାନରେ ଅଳ୍ପ କେତେକ ଦିନ ରହିବା ପରେ, ପବିତ୍ରଆତ୍ମା ମୋ' ପାଖକୁ ପୁଣିଥରେ ପବିତ୍ରଶାସ୍ତ୍ରର ସେହି ଅଂଶଟି ନେଇକି ଆସିଲେ: "କାରଣ ଭୂମିରେ ଶାକାଦି ଉତ୍ପନ୍ନ କରିବା ନିମନ୍ତେ ତାହା ଉପରକୁ ବୃଷ୍ଟିଜଳ ଆସିଥାଏ, ମାତ୍ର କଣ୍ଟା ଓ ଅଗରାଗଛ ମଧ୍ୟ ଠିକ୍ ସେହି ସମାନ ବୃଷ୍ଟିଜଳ ଦ୍ୱାରା ଜୀବିତ ରହିଥାନ୍ତି, ଆଉ ତାହାର ଚରମଦଶା ଅଗ୍ନିଦାହ ଅଟେ।" ଠିକ୍ ସେହି ସମାନ ପରମେଶ୍ୱରଙ୍କ ଜୀବନ-ପ୍ରଦାନକାରୀ ସମ୍ପଦ ଦ୍ୱାରା ଜୀବିତ ରହିଥାନ୍ତି। ତା'ପରେ ଯାଇ ମୁଁ ବୁଝିଲି, ଯେ, "ଦ୍ୱାରା," ଯୀଶୁ କହିଲେ, "ସେମାନଙ୍କର ଫଳ ଦ୍ୱାରା ସେମାନେ ଚିହ୍ନା ଯିବେ।"

39 ତେବେ, ତାହାହେଲେ, ପୃଥିବୀର ପ୍ରାକୃତିକ ଗଛଲତା ଉପରେ ପତିତ ହେଉଥିବାର ବୃଷ୍ଟିଜଳ, ସେହି ଅନନ୍ତ ଜୀବନ ପ୍ରଦାନକାରୀ ଆତ୍ମିକ ବୃଷ୍ଟିର ଏକ ନିଦର୍ଶନ ଅଟେ, ଯାହାକି ମଣ୍ଡଳୀ ଉପରକୁ ପତିତ ହେଉଅଛି, ଯେପରିକି ଆମେ ଏହାକୁ ଆଦ୍ୟ ବୃଷ୍ଟି ଓ ଶେଷ ବୃଷ୍ଟି ବୋଲି କହିଥାଉ। ଆଉ ଏହା ଏକ ବୃଷ୍ଟି ଅଟେ, ପରମେଶ୍ୱରଙ୍କର ମଣ୍ଡଳୀ ଉପରେ, ତାହାଙ୍କର ଆତ୍ମାଙ୍କର ବୃଷ୍ଟି ଅଟେ।

40 ଧ୍ୟାନ ଦିଅନ୍ତୁ ଯେ, ଏଠାରେ ଏହା ଏକ ଅତି ବିଚିତ୍ର ବିଷୟ ଅଟେ। ବୁଝିଲେ? ଯେତେବେଳେ ସେହି ବୀଜଗୁଡ଼ିକ ଭୂମି ଭିତରକୁ ଗଲେ, ସେ ଯେଉଁ ପ୍ରକାରେ ମଧ୍ୟ ସେଠାକୁ ଗଲେ, ସେମାନେ ତ ଆରମ୍ଭରୁ ହିଁ କଣ୍ଟା ଥିଲେ। ମାତ୍ର ସେଠାରେ ସେହି ଗହମ ଯାହାକି ଭୂମି ଭିତରକୁ ଗଲେ, ଓ ସେହି ଶାକାଦି, ତାହା ଆରମ୍ଭରୁ ହିଁ ଶାକାଦି ଥିଲେ। ଆଉ ପ୍ରତ୍ୟେକ ଶାକ ଯାହାକି ଆପଣାକୁ ଉତ୍ପନ୍ନ କରୁଥିଲା, ପୁନଃଉତ୍ପାଦିତ କରୁଥିଲା, ତାହା ସେହି ବିଷୟକୁ ପ୍ରଦର୍ଶିତ କରୁଥିଲା ଯାହା ସେ ମୂଳ ଆରମ୍ଭରୁ ଥିଲା।

41 "ଯଦି ସମ୍ଭବ ହୁଏ ତେବେ ସେମାନେ ମନୋନୀତ ଲୋକଙ୍କୁ ସୁଦ୍ଧା ଭ୍ରାନ୍ତ କରିବେ," କାରଣ ସେମାନେ ଠିକ୍ ସେହି ସମାନ ବୃଷ୍ଟିକୁ, ସମାନ ଆର୍ଶୀର୍ବାଦକୁ ଲାଭ କରୁଅଛନ୍ତି, ଠିକ୍ ସେହି ସମାନ ଚିହ୍ନଗୁଡ଼ିକୁ, ସମାନ ଆଶ୍ଚର୍ଯ୍ୟ କର୍ମଗୁଡ଼ିକୁ ଦେଖାଉଅଛନ୍ତି। ବୁଝିଲେ? "ଯଦି ସମ୍ଭବ ହୁଏ ତେବେ ସେମାନେ ମନୋନୀତ ଲୋକଙ୍କୁ ସୁଦ୍ଧା ଭ୍ରାନ୍ତ କରିବେ, ଭ୍ରାନ୍ତ କରିଦେବେ।" ତେବେ, ଗୋଟିଏ କଣ୍ଟା ଏକ କଣ୍ଟା ହେବା ବିଷୟଠାରୁ ପରିବର୍ତ୍ତନ ହୋଇପାରେ ନାହିଁ ଆଉ ନତୁବା ଗୋଟିଏ ଗହମ ଏକ ଗହମ ହେବା ବିଷୟଠାରୁ ଅନ୍ୟତ୍ର କୌଣସି ପରିବର୍ତ୍ତନ ହୋଇପାରେ; ଏହା ତ ସେହି ପ୍ରତ୍ୟେକ ଜଣର ସୃଷ୍ଟିକର୍ତ୍ତା ହିଁ ଅଟନ୍ତି

ଯିଏକି ଆରମ୍ଭରୁ ଯାହାକୁ ଯେମିତି ନିର୍ଦ୍ଧାରିତ କରିଅଛନ୍ତି । ତାହାହିଁ ମନୋନୀତ ଅଟେ । ସେହି ସମାନ ବୃଷ୍ଟି ଅଟେ!

42 ସୂର୍ଯ୍ୟ ଏକ ପ୍ରଭାତରେ ଉଦୟ ହୋଇଥାଏ ଓ ସମସ୍ତ ପୃଥିବୀରେ ବ୍ୟାପ୍ତ ହୋଇଥାଏ, ଯେପରିକି ଏହା ଏହି ପୃଥିବୀ ପୃଷ୍ଠରେ ଓ ଆମେ ରହୁଥିବା ଦିନରେ ହୋଇଥାଏ । ଆଉ ସେହି ସୂର୍ଯ୍ୟ, ସେହି ସମାନ ସୂର୍ଯ୍ୟ ଯାହାକି ପୂର୍ବ ଦିଗରେ ଉଦିତ ହୁଏ ତାହା ସେହି ସମାନ ସୂର୍ଯ୍ୟ ଅଟେ ଯାହାକି ପଶ୍ଚିମ ଦିଗରେ ଅସ୍ତ ହୋଇଥାଏ । ଆଉ ସେହି ସୂର୍ଯ୍ୟକୁ ପୃଥିବୀ ପୃଷ୍ଠ ଉପରେ ଶସ୍ୟକୁ ପରିପକ୍ୱ କରିବା ପାଇଁ ପଠା ଯାଇଥାଏ, ଯେଉଁଠାରୁକି ଆମମାନଙ୍କର ଶରୀରଗୁଡ଼ିକ ନିର୍ମିତ ହୋଇଅଛି ।

43 ଆମେମାନେ ମୃତ ବସ୍ତୁମାନଙ୍କ ଦ୍ୱାରା ଜୀବିତ ରହୁଅଛୁ । ତାହାହିଁ କେବଳ ଏକମାତ୍ର ଉପାୟ ଯାହାଦ୍ୱାରା ଆପଣମାନେ ଜୀବିତ ରହିପାରନ୍ତି । ଆଉ ଯଦି କିଛି ଗୋଟାଏ ବିଷୟକୁ ମରିବାକୁ ଥାଏ ଯେପରିକି ଆପଣମାନେ, ସ୍ୱାଭାବିକ ଭାବେ ଜୀବିତ ରୁହନ୍ତି, ତେବେ କ'ଣ ଏହା ସତ୍ୟ ନୁହେଁ କି ଯଦି ଆପଣଙ୍କର—ଆପଣଙ୍କର ଦେହକୁ ପ୍ରାକୃତିକ ଜୀବନ ନିମନ୍ତେ, ମୃତ ବସ୍ତୁ ଦ୍ୱାରା ଜୀବିତ ରହିବାକୁ ପଡ଼ିଥାଏ, ତାହାହେଲେ ଆତ୍ମିକ ଭାବେ, ଆପଣଙ୍କ ପାଖରେ ଏପରି କିଛି ବିଷୟ ରହିବାକୁ ଅଛି, ଯାହାକି ଆପଣଙ୍କର ଆତ୍ମିକ ଜୀବନକୁ ରକ୍ଷା କରିବା ନିମନ୍ତେ ମରିଥାଏ । ଆଉ ପରମେଶ୍ୱର, ଦେହବନ୍ତ ହେଲେ, ମନୁଷ୍ୟରୂପ ଧାରଣ କଲେ, ଓ ମୃତ୍ୟୁବରଣ କଲେ ଯେପରିକି ଆମେମାନେ ବଞ୍ଚି ରହିପାରୁ । କୌଣସି ମଣ୍ଡଳୀ ନାହିଁ, କିମ୍ବା ଜଗତରେ ଏପରି କୌଣସି ବିଷୟ ନାହିଁ ଯାହାକି ଆପଣଙ୍କୁ ରକ୍ଷା କରିପାରିବ କେବଳ ପରମେଶ୍ୱର ତାହା କରିପାରନ୍ତି । କେବଳ ତାହାହିଁ ଏକମାତ୍ର ବିଷୟ ଅଟେ ଯାହାଦ୍ୱାରା ସେମାନେ ଜୀବିତ ରହିଥାନ୍ତି ।

44 ତେବେ ପବିତ୍ରଶାସ୍ତ୍ରକୁ ଦେଖନ୍ତୁ । ଯୀଶୁହିଁ ବାକ୍ୟ ଅଟନ୍ତି । "ଆଦ୍ୟରେ ବାକ୍ୟ ଥିଲେ । ଆଉ ସେହି ବାକ୍ୟ ଦେହବନ୍ତ ହେଲେ ଓ ଆମ୍ଭମାନଙ୍କ ମଧ୍ୟରେ ବାସ କଲେ । ଆଦ୍ୟରେ ବାକ୍ୟ ଥିଲେ, ଆଉ ସେହି ବାକ୍ୟ ପରମେଶ୍ୱରଙ୍କ ସହିତରେ ଥିଲେ । ଆଉ ସେହି ବାକ୍ୟ ଦେହବନ୍ତ ହେଲେ, ଆଉ ଯିଏକି ଆମ୍ଭମାନଙ୍କ ମଧ୍ୟରେ ରହିଲେ, ବାସ କଲେ ।" "ଆଉ ମନୁଷ୍ୟ କେବଳ ରୋଟୀରେ ବଞ୍ଚିବ ନାହିଁ," ତାହା ସ୍ୱାଭାବିକ ନିମନ୍ତେ ଅଟେ, "ମାତ୍ର ପରମେଶ୍ୱରଙ୍କ ମୁଖ ନିର୍ଗତ ପ୍ରତ୍ୟେକ ବାକ୍ୟ ଦ୍ୱାରା ବଞ୍ଚିବ ।" ତେବେ, ଆପଣ ଦେଖନ୍ତୁ, ଆମେମାନେ ବାକ୍ୟ ଦ୍ୱାରା ବଞ୍ଚିଅଛୁ, ଆଉ ତାହା ପରମେଶ୍ୱର ଅଟନ୍ତି ।

45 ତେବେ ସୂର୍ଯ୍ୟ ଉଦୟ ହୋଇ ଆସେ ଓ ଶସ୍ୟକୁ ପରିପକ୍ୱ କରେ । ତେବେ, ତାହା ଏହାକୁ ଏକାବେଳେକେ ପରିପକ୍ୱ କରିପାରେ ନାହିଁ । ଯେତେବେଳେ ତାହା ପରିପକ୍ୱ ହେବା, ପ୍ରକ୍ରିୟାରେ ଚାଲିଥାଏ, ତାହା ନିରନ୍ତର ଭାବେ ପରିପକ୍ୱ ହୋଇ ଚାଲେ ଯେପର୍ଯ୍ୟନ୍ତକି ତାହା ଏକ ସମ୍ପୂର୍ଣ୍ଣ ଶୀଶାରେ ପରିଣତ ନ ହୋଇଯାଏ ।

46 ଠିକ୍ ସେହିପରି ଭାବରେ ତାହା, ଆଜି, ମଣ୍ଡଳୀ ସହିତରେ ଅଟେ। ବିଗତ ସମୟରେ ଅନ୍ଧକାର ଯୁଗରେ, ଏହା ତା'ର ଶିଶୁ ଅବସ୍ଥାରେ ଆରମ୍ଭ ହୋଇଥିଲା, ଯେତେବେଳେକି ତାହା ଭୂମି ଭିତରେ ରହିଥିଲା। ବର୍ତ୍ତମାନ ଏହା ପରିପକ୍ୱ ଅବସ୍ଥାକୁ ବୃଦ୍ଧି ପାଇଅଛି। ଆଉ ଆମେମାନେ ତାହା, ସିଦ୍ଧ ରୂପରେ ଦେଖିପାରୁ ଯେ, କିପରି ପରମେଶ୍ୱର ସର୍ବଦା ପ୍ରକୃତି ଜରିଆରେ...

47 ଆପଣ ପ୍ରକୃତିକୁ ଅବରୋଧ କରିପାରନ୍ତି ନାହିଁ। ତାହାହିଁ ତ ଆଜି ମାମଲା ଅଟେ। ଆମେମାନେ ବୋମାମାନ ବର୍ଷଣ କରୁଅଛୁ, ଆଉ ସେଠାରେ ସେହି ସମୁଦ୍ରରେ, ଚାରିଆଡ଼େ ଆଣବିକ ବୋମାଗୁଡ଼ିକୁ ବିସ୍ଫୋରଣ କରୁଅଛୁ ଓ ତାହାକୁ ଭଗ୍ନ କରୁଅଛୁ। ଆପଣ ତ ସବୁ ସମୟରେ ସେଥିରୁ ଆହୁରି ଅଧିକ ଆବର୍ଜନାକୁ ଭଗ୍ନ କରୁଅଛନ୍ତି ଓ, ସମୁଦ୍ର ଭିତରେ ତାହାକୁ ପକାଉଅଛନ୍ତି। ଆପଣ ବୃକ୍ଷଗୁଡ଼ିକୁ କାଟନ୍ତୁ; ଝଡ଼ ତୋଫାନ ଆପଣଙ୍କୁ ଆଘାତ କରିବ। ଆପଣ ବନ୍ଧ ନିର୍ମାଣ କରନ୍ତୁ; ତାହା ଉଚ୍ଛୁଳି ଉଠିବ।

48 ଆପଣଙ୍କୁ ତ ପରମେଶ୍ୱରଙ୍କ କାର୍ଯ୍ୟ କରିବାର ଉପାୟ ଖୋଜି ବାହାର କରିବାକୁ ଅଛି ଓ ସେଥି ସହିତରେ ଲାଗି ରହିବାକୁ ଅଛି। ଆମେମାନେ ଲୋକମାନଙ୍କୁ ମଣ୍ଡଳୀଗୁଡ଼ିକରେ ଓ ସଂସ୍ଥାମାନଙ୍କରେ ନାମଧାରୀ କରି ବାନ୍ଧି ଦେଇଅଛୁ; ଦେଖନ୍ତୁ ଆମକୁ କ'ଣ ମିଳିଛି! ଏହାର ପରମେଶ୍ୱର ଦତ୍ତ ଉପାୟରେ ରହିଥାଆନ୍ତୁ।

49 ମାତ୍ର, ଆପଣମାନେ ଦେଖନ୍ତୁ, "ସେ ବୃଷ୍ଟି ପ୍ରେରଣ କରନ୍ତି," ଆମର ବିଷୟ ନିକଟକୁ ଫେରିଆସିବା, "ଉଭୟ ଧାର୍ମିକ ଓ ଅଧାର୍ମିକମାନଙ୍କ ଉପରେ।" ତେବେ ବର୍ତ୍ତମାନ ଏଠାରେ, ମାଥିଉ 24ରେ, ଯୀଶୁ ଆପଣମାନଙ୍କୁ ଏହା କହୁଅଛନ୍ତି ଯେ ଏହା ଶେଷ ସମୟରେ ଗୋଟିଏ ଚିହ୍ନ ହେବ।

50 ତେବେ, ଯଦି ଏହି ଚିହ୍ନଟି କେବଳ ଶେଷ ସମୟରେ ଜଣାଯିବାକୁ ଥାଏ, ତାହାହେଲେ ଏହାକୁ ତ ସେହି ମୁଦ୍ରାଗୁଡ଼ିକର ଫିଟାଯିବା ପରେହିଁ ହେବାକୁ ପଡ଼ିବ। ବୁଝିଲେ? ଏହା ତ ଶେଷ ସମୟର ଏକ ଚିହ୍ନ ଅଟେ। ତାହା ସେତେବେଳେ ହେବ, ଯେତେବେଳେ ଏହି ସବୁ ବିଷୟ ଘଟିତ ହେବ, ଏହା ଶେଷ ସମୟରେ ହେବ। ଆଉ ତେବେ, ଏହା ଏକ ଚିହ୍ନ ହେବ, ଯେପରିକି ମନୋନୀତମାନେ ଏହି ସବୁ ବିଷୟରେ ଭ୍ରମିତ ହେବେ ନାହିଁ। କ'ଣ ଆପଣମାନେ ବୁଝିଲେ? ତେବେ, ଏହାକୁ ତ ପ୍ରକାଶିତ, ଉନ୍ମୋଚିତ ହେବାକୁ ଅଛି।

ଧ୍ୟାନ ଦିଅନ୍ତୁ, ଉଭୟ ଗହମ ଓ ବାଳୁଙ୍ଗାମାନ ସ୍ୱର୍ଗରୁ ଆଗତ ସେହି ସମାନ ଅଭିଷେକ ଦ୍ୱାରା ହିଁ ଜୀବିତ ରହିଥାଆନ୍ତି। ସେମାନେ ଉଭୟେ ସେଥିରେ ଆନନ୍ଦିତ ହୋଇଥାଆନ୍ତି।

51 ମୋ'ର ଏହା ମନେ ପଡ଼ି ଯାଉଅଛି, ଏହି ଘଟଣାକୁ ସେଦିନ ସେଠାରେ ଗ୍ରୀନ୍ସ ମିଲ୍‌ର ସେହି ଦୃଷ୍ଟାନ୍ତ ସହିତ ମିଶାଉଅଛି। ମୁଁ—ମୁଁ ସେହି ଦର୍ଶନକୁ ଆସୁଥିବାର ଦେଖିଲି। ଆଉ ସେଠାରେ ଏକ ବହୁତ ବଡ଼ ପୃଥିବୀ ଥିଲା, ଆଉ ତାହା ସମ୍ପୂର୍ଣ୍ଣ ଭାବେ ଖଣ୍ଡ ଖଣ୍ଡ ଭାଗ ହୋଇଯାଇଥିଲା। ଆଉ ସର୍ବପ୍ରଥମେ, ସେଠାରେ ଏକ ବୀଜ ବୁଣାଳୀ ଗଲା। ମୁଁ

ଆପଣମାନଙ୍କ ସମ୍ମୁଖରେ ତାହା ରଖିବାକୁ ଚାହେଁ । ଧ୍ୟାନ ଦିଅନ୍ତୁ ଯେ ପ୍ରଥମେ କ'ଣ ଗଲା, ତା'ପରେ କିଏ ଅନୁବର୍ତ୍ତୀ ହେଲା । ଆଉ ଯେତେବେଳେ ଶୁକ୍ଳ ବସ୍ତ୍ରଧାରୀ ଏହି ବ୍ୟକ୍ତି ପୃଥିବୀର ଚାରିପଟେ, ବୀଜ ବୁଣି ବୁଣି ଆସିଲେ, ତା'ପରେ ତା'ର ପଛେ ପଛେ, କଳା ରଙ୍ଗର ବସ୍ତ୍ର ପିନ୍ଧିଥିବା ଜଣେ ବ୍ୟକ୍ତି ଆସିଲା, ଯିଏକି ଦେଖିବାକୁ ଭୀରୁ ପରି ଦିଶୁଥିଲା, ଯିଏକି ଏହି ପ୍ରଥମ ବ୍ୟକ୍ତିର ପଶ୍ଚାତରେ ଲୁଚି ଛପିକରି ଗୋପନରେ, ବୀଜ ବୁଣିଥିଲା । ଆଉ ଯେତେବେଳେ ଏହି ବିଷୟ ଘଟିଗଲା, ତା'ପରେ ମୁଁ ଉଭୟ ଫସଲକୁ ବୃଦ୍ଧି ପାଇବାର ଦେଖିଲି । ଆଉ ଯେତେବେଳେ ସେମାନେ ବୃଦ୍ଧି ପାଇ ଉପରକୁ ଆସିଲେ, ଗୋଟିଏ ଗହମ ଥିଲା ଓ ଅନ୍ୟଟି ବାଳୁଙ୍ଗାମାନ ଥିଲା ।

52 ଆଉ ତା'ପରେ ସେଠାରେ ଏକ ମରୁଡ଼ି ଆସିଲା, ଯେ ସେତେବେଳେ, ଏପରି ଦିଶୁଥିଲା, ଯେପରିକି ସେମାନେ ଦୁହେଁ ନିଜ ନିଜର ମସ୍ତକଗୁଡ଼ିକୁ ନତ କରି ବର୍ଷା ପାଇଁ ଡାକ ପକାଉଅଛନ୍ତି । ଏହାପରେ ଏକ ବହୁତ ବଡ଼ ମେଘ ପୃଥିବୀ ଉପରକୁ ଆସିଲା, ଆଉ ତାହା ବର୍ଷା ହେଲା । ଆଉ ଗହମଟି ମସ୍ତକ ଉଠାଇଲା ଓ କହିଲା, "ପ୍ରଭୁଙ୍କର ପ୍ରଶଂସା ହେଉ! ପ୍ରଭୁଙ୍କର ପ୍ରଶଂସା ହେଉ!" ଆଉ ବାଳୁଙ୍ଗାମାନେ ମଧ୍ୟ ମସ୍ତକ ଉଠାଇଲେ ଓ ଉଚ୍ଚ ସ୍ୱରରେ କହିଲେ, "ପ୍ରଭୁଙ୍କର ପ୍ରଶଂସା ହେଉ! ପ୍ରଭୁଙ୍କର ପ୍ରଶଂସା ହେଉ!" ସମାନ ପରିଣାମ । ଦୁହିଁଜଣ ଯାକ ବିନଷ୍ଟ ହେଉଥିଲେ, ଦୁହିଁଜଣ ଯାକ ମରୁଥିଲେ । ଆଉ ସେତେବେଳେ ଗହମ ଗଛଟି ଉଠି ଆସିଲା ଓ ତୃଷିତ ଅନୁଭବ କଲା । ଆଉ ଯେହେତୁ ଏହା ସେହି ସମାନ କ୍ଷେତ୍ରରେ ଥିଲା, ସମାନ ଉଦ୍ୟାନରେ ଥିଲା, ସମାନ ସ୍ଥାନରେ ଥିଲା, ଦୁହେଁ ସମାନ ଅଭିଷେକର ଅନ୍ତର୍ଗତରେ ଥିଲେ, ଏଣୁକରି ସେଠାରେ ଗହମ ଓ ବାଳୁଙ୍ଗା ଉଭୟେ ସେହି ସମାନ ବିଷୟ ଦ୍ୱାରା ବୃଦ୍ଧି ସାଧନ ପାଇଥିଲେ । ଧ୍ୟାନ ଦିଅନ୍ତୁ ଯେ, ସେହି ସମାନ ଅଭିଷେକାର୍ଥକ ଜଳ ଯାହାକି ଗହମକୁ ବୃଦ୍ଧି କରାଇଲା, ତାହା ବାଳୁଙ୍ଗାକୁ ମଧ୍ୟ ବୃଦ୍ଧି କରାଇଲା ।

53 ସେହି ସମାନ ପବିତ୍ରଆତ୍ମା ଯିଏକି ମଣ୍ଡଳୀକି ଅଭିଷେକ କରନ୍ତି, ଯିଏକି ମଣ୍ଡଳୀକି ପ୍ରାଣଗୁଡ଼ିକୁ ରକ୍ଷା କରିବାର ଇଚ୍ଛା ପ୍ରଦାନ କରନ୍ତି, ଯିଏକି ସେମାନଙ୍କୁ ଆଶ୍ଚର୍ଯ୍ୟକର୍ମ ସାଧନ କରିବାର ସାମର୍ଥ୍ୟ ପ୍ରଦାନ କରନ୍ତି, ତାହା ସମାନ ଭାବରେ ଉଭୟ ଅଧାର୍ମିକ ଓ ଧାର୍ମିମାନଙ୍କ ଉପରେ ଓହ୍ଲାଇ ଆସିଥା'ନ୍ତି । ଠିକ୍ ସେହି ସମାନ ଆତ୍ମା! ତେବେ, ଆପଣ ଏହାକୁ ଅନ୍ୟ କୌଣସି ଭିନ୍ନ ଉପାୟରେ ବିଚାର କରି ମାଥିଉ 24:24କୁ ବୁଝିପାରନ୍ତି ନାହିଁ । ସେ କହିଲେ, "ଭଣ୍ଡ ଖ୍ରୀଷ୍ଟମାନେ ଉଠିବେ," ଭଣ୍ଡ, ଅଭିଷିକ୍ତଗଣ । ସେମାନେ ସେହି ବାସ୍ତବ ବିଷୟରେ ଅଭିଷେକ ପାଇଥିବେ, ମାତ୍ର ଏହାର ଭଣ୍ଡ ଭାବବାଦୀମାନ ହୋଇଥିବେ, ଏହାର ଭଣ୍ଡ ଶିକ୍ଷକମାନ ହୋଇଥିବେ ।

54 ତେବେ ଜଣେ ବ୍ୟକ୍ତିଙ୍କୁ ଏପରି ବିଷୟ, ଯାହାକି ସତ୍ୟ ଅଟେ ତାହାର ଭଣ୍ଡ ଶିକ୍ଷକ ହେବା ପାଇଁ କେଉଁ ବିଷୟ ପ୍ରବର୍ତ୍ତାଇବ? ତେବେ ଅଳ୍ପ କେତେକ ମିନିଟ୍‌ରେ ଆମେମାନେ ପଶୁର ଚିହ୍ନ ବିଷୟକୁ ଆସିବା, ଆଉ ଆପଣମାନେ ଦେଖିବେ ଯେ ତାହା ନାମଧାରୀ ସଂସ୍ଥା

ଅଟେ । ବୁଝିଲେ? ଭଣ୍ଡ ଶିକ୍ଷକମାନ; ଜଣେ ଭଣ୍ଡ ଅଭିଷିକ୍ତ । ଅଭିଷିକ୍ତ ଖ୍ରୀଷ୍ଟଗଣ, ମାତ୍ର ଭଣ୍ଡ ଶିକ୍ଷକମାନ ଅଟନ୍ତି । ଆପଣ ଏହାକୁ କେବଳ ଏହିପରି ଭାବରେ ହିଁ ବୁଝିପାରନ୍ତି ।

55 ଠିକ୍ ଯେପରିକି ଏଠାରେ ଅଳ୍ପ କେତେ ଦିନ ପୂର୍ବେ, ମୁଁ ଏହାକୁ ଉଦ୍ଧୃତ କରିଥିଲି । ମୁଁ ଏହାକୁ ପୁଣିଥରେ ଉଦ୍ଧୃତ କରେ ଯେହେତୁ ଆମ ସହିତରେ ସମଗ୍ର ରାଷ୍ଟ୍ରରୁ ଲୋକମାନେ ସଂଯୋଗରେ ଅଛନ୍ତି । ଦିନେ ମୁଁ ମୋ'ର ଜଣେ ବନ୍ଧୁ ସହିତ କଥା ହେଉଥିଲି, ଯିଏକି ଏରିଜୋନା ରାଜ୍ୟରୁ ଥିଲେ, ଯେଉଁଠାରୁକି ଏହି ବିଷୟଟି ଆଜି ସକାଳରେ ଆସୁଅଛି । ଆଉ ତାହାଙ୍କର ଏକ—ଏକ ଲେମ୍ବୁଜାତୀୟ ଫଳର ଉଦ୍ୟାନ ଥିଲା । ଆଉ ତାହାଙ୍କର ସେଠାରେ ଗୋଟିଏ ଗଛ ଥିଲା ଯାହାକି ଏକ କମଳା ଗଛ ଥିଲା ମାତ୍ର ସେଥିରେ ତାହା ବାତାପୀ ଲେମ୍ବୁ, ଓ କାଗଜା ଲେମ୍ବୁ, ସୁମିଷ୍ଟ କମଳା ଲେମ୍ବୁ, ଅନ୍ୟାନ୍ୟ ଲେମ୍ବୁଜାତୀୟ ଫଳମାନ ଧାରଣ କରୁଥିଲା । ଆଉ ମୁଁ ଭୁଲି ଯାଉଅଛି ଯେ ସେହି ଗୋଟିଏ ଗଛରେ କେତୋଟି ଭିନ୍ନ ଭିନ୍ନ ପ୍ରକାରର ଫଳମାନ ଫଳୁଥିଲା । ଆଉ ମୁଁ ସେହି—ସେହି—ସେହି ବ୍ୟକ୍ତିଙ୍କୁ ପଚାରିଲି, ମୁଁ କହିଲି, "ଏହା କିପରି ହେଉଅଛି? ତାହା କେଉଁ ପ୍ରକାରର ଏକ ଗଛ ଅଟେ?"

ସେ ଉତ୍ତର ଦେଲେ, "ସେହି ଗଛଟି, ମୂଳତଃ, ଗୋଟିଏ କମଳା ଗଛ ଅଟେ ।"

ମୁଁ ପଚାରିଲି, "ତେବେ ସେଥିରେ ବାତାପୀ ଲେମ୍ବୁ କାହିଁକି ଅଛି? ତହିଁରେ କାଗଜା ଲେମ୍ବୁ କାହିଁକି ଲାଗିଅଛି?"

ସେ କହିଲେ, "ତାହାସବୁ ଏଥିରେ କଲମ କରାଯାଇଅଛି ।"

56 ମୁଁ କହିଲି, "ମୁଁ ତାହା ବୁଝିଲି । ତେବେ, ବର୍ତ୍ତମାନ," ମୁଁ କହିଲି, "ତେବେ, ଆସନ୍ତା ବର୍ଷ ଯେତେବେଳେ ସେହି ଗଛ ଆଉ ଥରେ ଫଳ ଧାରଣ କରିବ," ଯାହାକି ସେମାନେ ସମସ୍ତେ ପ୍ରାୟଃ ଏକାବେଳେକେ ପରିପକ୍ୱ ହୋଇଥାଆନ୍ତି, ମୁଁ କହିଲି, "ତେବେ ତାହା ସମ୍ପୂର୍ଣ୍ଣ ଭାବରେ କମଳା ଫଳ ଫଳିବ । ଯଦି ତାହା ଗୋଟିଏ ବଡ଼ ପ୍ରକାର କମଳା ଫଳର ଗଛ ଅଟେ, ତେବେ ତାହା ସେହି ବଡ଼ ପ୍ରକାରର କମଳା ଫଳ ଧାରଣ କରିବ, କ'ଣ ମହାଶୟ, ତାହା ନୁହେଁକି?"

ସେ ଉତ୍ତର ଦେଲେ, "ନା, ଆଜ୍ଞା । ପ୍ରତ୍ୟେକ କଲମ କରାଯାଇଥିବା ଶାଖା ତା'ର ନିଜ ପ୍ରକାରର ଫଳ ଉତ୍ପନ୍ନ କରିବ ।"

ମୁଁ କହିଲି, "ତେବେ ଆପଣଙ୍କର କହିବାର ଅର୍ଥ କ'ଣ ଏହା ଯେ ସେହି କମଳା ଗଛରେ କଲମ କରାଯାଇଥିବା କାଗଜା ଲେମ୍ବୁ ଶାଖାଟି କାଗଜା ଲେମ୍ବୁ ଧାରଣ କରିବ?"

ସେ ଉତ୍ତର ଦେଲେ, "ହଁ ମହାଶୟ ।"

"କ'ଣ ସେହି କମଳା ଗଛରେ କଲମ କରାଯାଇଥିବା ବାତାପୀ ଲେମ୍ବୁ ଗଛ ବାତାପୀ ଲେମ୍ବୁ ଉତ୍ପନ୍ନ କରିବ?"

ସେ ଉତ୍ତର ଦେଲେ, "ହଁ, ଆଜ୍ଞା । ଏହା ତ ସେହି ଶାଖାର ସ୍ୱଭାବ ଅଟେ ଯାହାକି ସେଥିରେ କଲମ କରାଯାଇଅଛି ।"

ମୁଁ କହିଲି, "ପରମେଶ୍ୱରଙ୍କ ପ୍ରଶଂସା ହେଉ!"

ସେ ପଚାରିଲେ, "ଆପଣଙ୍କର କହିବାର ତାତ୍ପର୍ଯ୍ୟ କ'ଣ?"

ମୁଁ କହିଲି, "ମୋ'ର ଆଉ ଗୋଟିଏ ପ୍ରଶ୍ନ ଅଛି । ତେବେ, କ'ଣ ସେହି କମଳା ଗଛ ଆଉ କେବେ ପୁନର୍ବାର କମଳା ଫଳିବ କି?"

57 ସେ କହିଲେ, "ଯେତେବେଳେ ତାହା କେବେ ଆଉ ଏକ ଶାଖା ଉତ୍ପନ୍ନ କରିବ ।" ଯେତେବେଳେ *ଏଥିରେ* ଆଉ ଏକ ଶାଖା ବାହାରିବ, ଏହା ନୁହେଁ ଯେ ଯେତେବେଳେ ତାହାଠାରେ ଗୋଟିଏ କଲମ କରାଯିବ । ମାତ୍ର, ସେମାନେ ସମସ୍ତେ ଲେମ୍ବୁ ଜାତୀୟ ଫଳ ଅଟନ୍ତି, ଆଉ ସେମାନେ ସେହି ଲେମ୍ବୁ ଗଛରେ ଥିବା ସେହି ଲେମ୍ବୁ ଜାତୀୟ ଜୀବନଠାରୁ ପରିପୋଷିତ ହୋଇଥାଆନ୍ତି ।

58 ମୁଁ କହିଲି, "ଆପଣ ସେଠାରେ ଅଟନ୍ତି! ମେଥୋଡ଼ିଷ୍ଟ ପ୍ରତ୍ୟେକ ଥର, ମେଥୋଡ଼ିଷ୍ଟମାନଙ୍କୁ ହିଁ ଉତ୍ପନ୍ନ କରିବ । ବାପ୍‌ଟିଷ୍ଟ ପ୍ରତ୍ୟେକ ଥର, ବାପ୍‌ଟିଷ୍ଟମାନଙ୍କୁ ଉତ୍ପନ୍ନ କରିବ । କ୍ୟାଥୋଲିକ୍ ପ୍ରତ୍ୟେକ ଥର, କ୍ୟାଥୋଲିକମାନଙ୍କୁ ଉତ୍ପନ୍ନ କରିବ । ମାତ୍ର ଜୀବିତ ପରମେଶ୍ୱରଙ୍କ ମଣ୍ଡଳୀ ପ୍ରତ୍ୟେକ ସମୟରେ ଖ୍ରୀଷ୍ଟଙ୍କୁ ହିଁ ମୂଳରୁ, ସେହି ବାକ୍ୟକୁ ଉତ୍ପନ୍ନ କରିବ, ଯଦି ତାହା କେବେ କୌଣସି ନିଜର ଏକ ଶାଖା ଉତ୍ପନ୍ନ କରେ ।"

59 ତେବେ, ଆପଣମାନେ ଦେଖନ୍ତୁ, ଆପଣ ଏହାକୁ ସେଥିରେ କଲମ କରିପାରନ୍ତି । ପ୍ରତ୍ୟେକ ବାତାପୀ ଲେମ୍ବୁ, କାଗଜା ଲେମ୍ବୁ, ଅନ୍ୟାନ୍ୟ ଲେମ୍ବୁ ଜାତୀୟ ଫଳ, ସୁମିଷ୍ଟ କମଳା ଲେମ୍ବୁ, ସେ ଯାହାକିଛି ଲେମ୍ବୁ ଜାତୀୟ ଫଳ ହୋଇଥାଉ, ପ୍ରତ୍ୟେକ ଜଣ ସେହି ଗଛରେ ବଞ୍ଚି ରହିପାରନ୍ତି; ମାତ୍ର ସେହି ଗଛ ଦ୍ୱାରା ଜୀବିତ ରହିବା ସତ୍ତ୍ୱେ, ସେହି ଗଛର ମିଥ୍ୟା ସାକ୍ଷୀ ଦେଇଥା'ନ୍ତି । କ'ଣ ଆପଣମାନେ ତାହା ଦେଖୁଛନ୍ତି? ସେମାନେ ସେହି ଗଛରେ ଥିବା ପ୍ରକୃତ ଜୀବନ ଉପରେ ହିଁ ବଞ୍ଚି ରହୁଛନ୍ତି ଓ ପରିପୋଷିତ ହେଉଅଛନ୍ତି ।

60 ତେବେ, ସେଠାରେ ମାଥିଉ 24:24 ଅଛି, ସେମାନେ ଠିକ୍ ସେହି ସମାନ ଜୀବନ ଦ୍ୱାରା ପରିପୋଷିତ ହେଉଅଛନ୍ତି, ମାତ୍ର ସେମାନେ ଆରମ୍ଭରୁ ହିଁ, ସଠିକ୍ ନୁହଁନ୍ତି । ସେମାନେ ସେହି ଗଛର ମିଥ୍ୟା ସାକ୍ଷୀ ଧାରଣ କରିଅଛନ୍ତି! ତାହା ଗୋଟିଏ କମଳା ଗଛ ଅଟେ, ତଥାପି ତାହା ଲେମ୍ବୁ ଜାତୀୟ ଗୋଟିଏ ଫଳ ଗଛ ଅଟେ । ଆଉ ସେମାନେ କହନ୍ତି, "ଏହି ମଣ୍ଡଳୀ, ଏହି ନାମଧାରୀ ସଂସ୍ଥା ଖ୍ରୀଷ୍ଟଙ୍କର ସାକ୍ଷ୍ୟ ଧାରଣ କରିଅଛି ।" ଆଉ ସେମାନଙ୍କଠାରେ ଏକ ମିଥ୍ୟା ବାପ୍ତିସ୍ମ, ବାକ୍ୟର ଏକ ମିଥ୍ୟା ସାକ୍ଷ୍ୟ ରହିଅଛି, ଆଉ ସେମାନେ ଏହା କହିବାକୁ ଚେଷ୍ଟା କରନ୍ତି ଯେ ପରମେଶ୍ୱରଙ୍କ ସାମର୍ଥ୍ୟ କେବଳ ଶିଷ୍ୟମାନଙ୍କ ନିମନ୍ତେ ରହିଥିଲା?

61 ଯୀଶୁ, ନିଜେ, କହିଥିଲେ, "ସମଗ୍ର ଜଗତକୁ ଯାଅ ଓ ପ୍ରତ୍ୟେକଟି ଶାଖାକୁ ସୁମସମାଚାର ପ୍ରଚାର କର ଯାହାକି କେବେ...ସେହି ଗଛ ଯାହାକି କେବେ ଉତ୍ପନ୍ନ କରିବ, ଏପରି ପ୍ରତ୍ୟେକଟି ଶାଖା ଯାହାକି ସେହି ଗଛରେ କେବେ ଲାଗିବ । ଆଉ ଏହି ଚିହ୍ନମାନ ସେହି ବାସ୍ତବିକ ଶାଖାମାନଙ୍କର ଅନୁବର୍ତ୍ତୀ ହେବ ।" କେଉଁଠାରେ? ଯେତେବେଳେ ପର୍ଯ୍ୟନ୍ତ ତାହା ଗୋଟିଏ

ଗଛ ଅଟେ, ଯେପର୍ଯ୍ୟନ୍ତକି ତାହା ଜଗତର ଶେଷ ଯାଏଁ, ଶାଖାମାନ ଉତ୍ପନ୍ନ କରୁଥିବ। "ମୋ' ନାମରେ ସେମାନେ ଦୁଷ୍ଟାତ୍ମାଗୁଡ଼ିକୁ ବାହାର କରିବେ; ଅନ୍ୟାନ୍ୟ ଭାଷାରେ କଥା କହିବେ; ବିଷଧର ସର୍ପଗୁଡ଼ିକୁ ଧରିବେ; ପ୍ରାଣନାଶକ ବସ୍ତୁଗୁଡ଼ିକୁ ପାନ କରିବେ; ଅସୁସ୍ଥ ଲୋକମାନଙ୍କ ଉପରେ ହସ୍ତ ରଖିବେ ଆଉ ସେମାନେ ସୁସ୍ଥ ହୋଇଯିବେ।" କ'ଣ ଆପଣମାନେ ଆମେ ରହୁଥିବାର ସମୟକୁ ଦେଖୁଛନ୍ତି? ଯୀଶୁ କହିଥିବା କଥାକୁ କ'ଣ ଆପଣମାନେ ବୁଝୁଛନ୍ତି?

ମନେ ରଖିଥାଆନ୍ତୁ ଯେ, ଏହା ଶେଷ ସମୟ ପାଇଁ ଥିଲା, ୱେସଲୀ ଓ ସେଠାରେ ଥିବା ଅନ୍ୟାନ୍ୟ ଯୁଗମାନଙ୍କ ନିମନ୍ତେ ନୁହେଁ। ତେବେ, ଶେଷ ସମୟରେ, ଏହାକୁ ଘଟିବାକୁ ଥିଲା।

62 ତେବେ ଶାସ୍ତ୍ରଗୁଡ଼ିକୁ ଧ୍ୟାନ କରନ୍ତୁ; ସେମାନେ ହିଁ ଏହାର ସାକ୍ଷୀ ଦେବେ। ଯୀଶୁ କହିଲେ, "ପବିତ୍ରଶାସ୍ତ୍ରକୁ ଅନୁସନ୍ଧାନ କର, କାରଣ ତୁମେମାନେ ଏହା ଭାବିଥାଅ, କିମ୍ବା ବିଶ୍ୱାସ କରିଥାଅ, ଯେ ଏହି ଶାସ୍ତ୍ରରେ ତୁମମାନଙ୍କର ଅନନ୍ତ ଜୀବନ ଅଛି, ଆଉ ଏମାନେ ହିଁ ଅଟନ୍ତି ଯେଉଁମାନେକି ମୋ'ର ସାକ୍ଷ୍ୟ ଦେଇଥା'ନ୍ତି।" ଅନ୍ୟ ଶବ୍ଦରେ କହିବାକୁ ଗଲେ, ଯଦି ଏହି ଗଛ କେବେ ଆଉ ଏକ ଶାଖା ଉତ୍ପନ୍ନ କରେ..."ମୁଁ ସେହି ଦ୍ରାକ୍ଷାଲତା, ସେହି ବୃକ୍ଷ ଅଟେ; ତୁମେମାନେ ଶାଖା ଅଟ। ଯିଏ ମୋ'ଠାରେ ବିଶ୍ୱାସ କରେ, ଯେଉଁ କାମ ମୁଁ କରେ ସେ ମଧ୍ୟ ଠିକ୍ ସେହିସବୁ କାମ କରିବ," ସାଧୁ ଯୋହନ 14:12।

ତେବେ, "ଯିଏ ମୋ'ଠାରେ ଲାଗି ରହେ, ସେ ଯିଏକି...ସେ ଯିଏ ଆରମ୍ଭରୁ ହିଁ ମୋ' ମୂଳରେ ଥିଲା।"

63 ଏହି କାରଣ ଯୋଗୁଁ ହିଁ ଯୀଶୁ ଦାଉଦଙ୍କର ଉଭୟ ମୂଳ ଓ ବଂଶ ଥିଲେ। ସେ ଦାଉଦଙ୍କ ପୂର୍ବେ, ଦାଉଦଙ୍କଠାରେ, ଓ ଦାଉଦଙ୍କ ପରେ, ଉଭୟ ଦାଉଦଙ୍କର ମୂଳ ଓ ବଂଶ ଥିଲେ; ସେହି ପ୍ରଭାତୀ ତାରା, ଶାରୋଣର ଗୋଲାପ, ଉପତ୍ୟକାର ଶୋଷନ ଫୁଲ, ଆଲ୍‌ଫା ଓ ଓମେଗା; ପିତା, ପୁତ୍ର, ଓ ପବିତ୍ରଆତ୍ମା ଥିଲେ। "ତାହାଙ୍କଠାରେ ପରମେଶ୍ୱରତ୍ୱର ପରିପୂର୍ଣ୍ଣତା ସଶରୀରରେ ବାସ କରୁଥିଲା।" ଉଭୟ ଦାଉଦଙ୍କର ମୂଳ ଓ ବଂଶ!

64 "ସେ ଯିଏକି ମନୋନୀତ ଜୀବନ ଅଟେ, ପୂର୍ବନିରୂପିତ ଜୀବନ ଅଟେ, ଯାହାକି ମୋ'ଠାରେ ଅଛି," ଆଉ ସେ ବାକ୍ୟ, "ଆଦ୍ୟରୁ ହିଁ ଅଟେ; ଯେତେବେଳେ ସେ ଆସିବ, ସେ ମୋହର ଫଳଗୁଡ଼ିକ ଧାରଣ କରିବ।" ସାଧୁ ଯୋହନ 14:12।

ମାତ୍ର ଅନ୍ୟମାନେ ସେହି ସମାନ ବିଷୟ ଦ୍ୱାରା ବଞ୍ଚି ରହିଥିବେ, ଓ ନିଜକୁ ଖ୍ରୀଷ୍ଟିୟାନ ଓ ବିଶ୍ୱାସୀ ବୋଲାଉଥିବେ। "ସେସମସ୍ତେ ଯେଉଁମାନେକି, 'ପ୍ରଭୁ, ପ୍ରଭୁ,' ବୋଲି କହନ୍ତି ଭିତରକୁ ପ୍ରବେଶ କରିବେ ନାହିଁ।"

ତେବେ, ଏହିସବୁ ବିଷୟ ଶେଷ ଦିନମାନଙ୍କରେ ଘଟିବାକୁ ଅଛି ଓ ପ୍ରକଟିତ ହେବାକୁ ଅଛି, "ଯେତେବେଳେକି ପରମେଶ୍ୱରଙ୍କ ନିଗୂଢ଼ ସଂକଳ୍ପ ସଫଳ ହୋଇଯିବା ଉଚିତ୍," ଯେପରିକି ଆମେ ତାହା ପାଖକୁ ଅଳ୍ପ ସମୟ ମଧ୍ୟରେ ଯିବା।

65 ଏହି ଗଛମାନ, ସତ୍ୟ ଦ୍ରାକ୍ଷାଲତା ଓ ମିଥ୍ୟା ଦ୍ରାକ୍ଷାଲତା! ଆପଣମାନେ ମୋତେ ତାହା ଉପରେ, ଅନେକ ବର୍ଷ ହେବ ପ୍ରଚାର କରି ଆସୁଥିବାର ଶୁଣିଛନ୍ତି ଯେ, ସେମାନେ କିପରି ଭାବରେ ଏକ ସଙ୍ଗରେ ବୃଦ୍ଧି ସାଧନ କରି ଆସିଛନ୍ତି । ସେମାନଙ୍କୁ ବ୍ୟକ୍ତିଗତ ଭାବରେ ଗୋଟିଏ ଗୋଟିଏ କରି ନେଇଥିଲୁ ଆଉ କୟିନ ଓ ହେବଲଠାରୁ, ଏହାକୁ ଦେଖାଇଥିଲୁ ଯେ, ସେହି ଦୁଇଟି ଦ୍ରାକ୍ଷାଲତା କିପରି ଭାବରେ ବେଦୀ ଉପରେ ସାକ୍ଷାତ କରିଥିଲେ; ସେମାନେ ଦୁହେଁ ଧାର୍ମିକ ଥିଲେ, ସେମାନେ ଦୁହେଁ ଅଭିଷିକ୍ତ ଥିଲେ, ସେମାନେ ଦୁହେଁ ଜୀବନକୁ ଆଶା କରୁଥିଲେ, ଓ ସେହି ସମାନ ପରମେଶ୍ୱରଙ୍କୁ ଉପାସନା କରିଥିଲେ । ଆଉ ଜଣକାକୁ ଅଗ୍ରାହ୍ୟ କରାଯାଇଥିଲା ଓ ଅନ୍ୟ ଜଣକାକୁ ଗ୍ରହଣ କରି ନିଆଯାଇଥିଲା ।

66 ଆଉ କେବଳ ଗୋଟିଏ ମାତ୍ର ଉପାୟରେ ଯେ ଯେଉଁ ଜଣକା ଗ୍ରହଣ କରାଗଲେ ସେ ନିଜର ଭାଇଠାରୁ ପୃଥକ୍ କିଛି ଗୋଟାଏ ଅନ୍ୟ ବିଷୟ କରି ପାରିଥିବେ; ଏହା ତାହାଙ୍କଠାରେ ପ୍ରକଟିତ କରାଯାଇଥିଲା । ଯେହେତୁ ବାଇବଲ କହେ ଯେ, "ବିଶ୍ୱାସ ଦ୍ୱାରା…" ଏବ୍ରୀ ପୁସ୍ତକ, 11ଶ ପର୍ବ, "ବିଶ୍ୱାସ ଦ୍ୱାରା ହେବଲ ପରମେଶ୍ୱରଙ୍କ ଛାମୁରେ କୟିନ ଅପେକ୍ଷା ଉତ୍କୃଷ୍ଟ ବଳି ଉତ୍ସର୍ଗ କଲେ, ଓ ତଦ୍ଦ୍ୱାରା ସେ ଧାର୍ମିକ ବୋଲି ପରମେଶ୍ୱରଙ୍କ ସାକ୍ଷ୍ୟ ପାଇଲେ ।"

ଯୀଶୁ, ଆପଣା ସମ୍ବନ୍ଧରେ, ସେ କିଏ ଅଟନ୍ତି ବୋଲି ଆତ୍ମିକ ପ୍ରକାଶନ ବିଷୟ କହିଥିଲେ! "ମନୁଷ୍ୟପୁତ୍ର ଯେ ମୁଁ, ମୋ ସମ୍ବନ୍ଧରେ ଲୋକେ କ'ଣ କହନ୍ତି?"

ସେ କହିଲେ, ଅର୍ଥାତ୍ ପିତର ଉତ୍ତର ଦେଲେ, "ଆପଣ ତ ଜୀବିତ ପରମେଶ୍ୱରଙ୍କ ପୁତ୍ର, ଖ୍ରୀଷ୍ଟ ଅଟନ୍ତି ।"

67 "ହେ ଯୂନସର ପୁତ୍ର, ଶିମୋନ—ଶିମୋନ, ତୁମ୍ଭେ ଧନ୍ୟ; ରକ୍ତ ଓ ମାଂସ ତୁମ୍ଭ ନିକଟରେ ଏହା ପ୍ରକାଶ କରି ନାହିଁ । ମୋହର ସ୍ୱର୍ଗସ୍ଥ ପିତା ତାହା ପ୍ରକାଶ କରିଅଛନ୍ତି । ଏହି ପଥର ଉପରେ ମୁଁ ଆପଣା ମଣ୍ଡଳୀ ତୋଳିବି," (କ'ଣ?) ବାକ୍ୟର ସତ୍ୟ ପ୍ରକାଶନ ଉପରେ । ପୁନର୍ବାର ସେଠାରେ ସେହି ସତ୍ୟ ଦ୍ରାକ୍ଷାଲତା ଉପସ୍ଥିତ ଅଟେ । "ବିଶ୍ୱାସ ଦ୍ୱାରା, ହେବଲ!"

ଆପଣ କହନ୍ତି, "ତାହା ତ ଏକ ପ୍ରକାଶନ ନ ଥିଲା ।"

68 ବିଶ୍ୱାସ କ'ଣ ଅଟେ? ବିଶ୍ୱାସ ଏପରି କିଛି ବିଷୟ ଅଟେ ଯାହାକି ଆପଣଙ୍କଠାରେ ପ୍ରକାଶ କରାଯାଇଥାଏ; ଯାହାକି ଏପର୍ଯ୍ୟନ୍ତ ସୁଦ୍ଧା ଘଟି ନ ଥାଏ, ମାତ୍ର ଆପଣ ଏହା ବିଶ୍ୱାସ କରନ୍ତି ଯେ ତାହା ଘଟିବ । ବିଶ୍ୱାସ ପରମେଶ୍ୱରଙ୍କ ଇଚ୍ଛାର ପ୍ରକାଶନ ଅଟେ । ଏଣୁକରି, ବିଶ୍ୱାସ ଦ୍ୱାରା!

69 ଆଉ ମଣ୍ଡଳୀମାନେ ଆଜି ତ ଏପରିକି ଆତ୍ମିକ ପ୍ରକାଶନରେ ବିଶ୍ୱାସ ସୁଦ୍ଧା କରନ୍ତି ନାହିଁ । ସେମାନେ ତ କୌଣସି ଏକ ବ୍ୟବସ୍ଥାର ସୈଦ୍ଧାନ୍ତିକ ଶିକ୍ଷାରେ ବିଶ୍ୱାସ କରନ୍ତି । "ବିଶ୍ୱାସ ଦ୍ୱାରା ହେବଲ ପରମେଶ୍ୱରଙ୍କ ଛାମୁରେ କୟିନ ଅପେକ୍ଷା ଉତ୍କୃଷ୍ଟ ବଳି ଉତ୍ସର୍ଗ କଲେ, ଓ ତଦ୍ଦ୍ୱାରା ସେ ଧାର୍ମିକ ବୋଲି ପରମେଶ୍ୱରଙ୍କ ସାକ୍ଷ୍ୟ ପାଇଲେ ।" ଆମେନ୍ । ମୁଁ ଆଶା କରୁଛି ଯେ ଆପଣ ତାହା ଦେଖି ପାରୁଥିବେ । କ'ଣ ଆପଣମାନେ ଦେଖି ପାରୁଛନ୍ତି ଯେ ଆମେମାନେ କେଉଁଠାରେ ରହୁଅଛୁ? କ'ଣ ଆପଣମାନେ ଏହି ସମୟକୁ ଦେଖୁଛନ୍ତି?

ଅନେକ ଦିନ ହୋଇନାହିଁ ମୁଁ ଜଣେ—ଜଣେ ଭଦ୍ର ବ୍ୟକ୍ତିଙ୍କ ସହିତ କଥାବାର୍ତ୍ତା ହେଉଥିଲି, ସେ ଜଣେ ଖ୍ରୀଷ୍ଟୟାନ ବିଦ୍ୱାନ ଓ ଭଦ୍ର ବ୍ୟକ୍ତି ଥିଲେ । ସେ କହିଲେ, "ଶ୍ରୀମାନ୍ ବ୍ରାନ୍‌ହାମ୍, ଆମେ ସମସ୍ତ ପ୍ରକାଶନଗୁଡ଼ିକୁ ପ୍ରତ୍ୟାଖ୍ୟାନ କରୁ ।"

ମୁଁ ତାଙ୍କୁ କହିଲି, "ତାହାହେଲେ ତ ଆପଣଙ୍କୁ ଯୀଶୁ ଖ୍ରୀଷ୍ଟଙ୍କୁ ଅସ୍ୱୀକାର କରିବାକୁ ହେବ, କାରଣ ସେ ପରମେଶ୍ୱରଙ୍କର ପ୍ରକାଶନ ଅଟନ୍ତି, ସେ ମାନବୀୟ ଦେହରେ ପ୍ରକଟିତ ପରମେଶ୍ୱର ଅଟନ୍ତି ।" ଯେପର୍ଯ୍ୟନ୍ତ ଆପଣ ତାହା ଦେଖିପାରନ୍ତି ନାହିଁ, ଆପଣ ବିନଷ୍ଟ ଅଟନ୍ତି ।

70 ଯୀଶୁ କହିଲେ, "ଯେପର୍ଯ୍ୟନ୍ତ ତୁମେମାନେ ଏହା ବିଶ୍ୱାସ କରିବ ନାହିଁ ଯେ ମୁଁ ହିଁ ସେ ଅଟେ, ତୁମେମାନେ ଆପଣା ଆପଣା ପାପରେ ମରିବ ।" ସେ ପରମେଶ୍ୱରଙ୍କ ପ୍ରକାଶନ ଅଟନ୍ତି, ମାନବୀୟ ଦେହରେ ପ୍ରକଟିତ ପରମେଶ୍ୱରଙ୍କ ଆତ୍ମା ଅଟନ୍ତି । ଯଦି ଆପଣ ତାହା ବିଶ୍ୱାସ କରିପାରନ୍ତି ନାହିଁ, ଆପଣ ବିନଷ୍ଟ ଅଟନ୍ତି । ଯଦି ଆପଣ ତାହାଙ୍କୁ ପରମେଶ୍ୱରଙ୍କ ଛଡ଼ା କୌଣସି ଏକ ତୃତୀୟ ବ୍ୟକ୍ତିରେ, ଦ୍ୱିତୀୟ ବ୍ୟକ୍ତିରେ, କିଅବା ଅନ୍ୟ କୌଣସି ବ୍ୟକ୍ତିରେ ରଖନ୍ତି, ତାହାହଲେ ଆପଣ ବିନଷ୍ଟ ଅଟନ୍ତି । "ଯେପର୍ଯ୍ୟନ୍ତ ତୁମେମାନେ ଏହା ବିଶ୍ୱାସ କରିବ ନାହିଁ ଯେ ମୁଁ ହିଁ ସେହି ଅଟେ, ତୁମେମାନେ ନିଜ ନିଜର ପାପଗୁଡ଼ିକରେ ମରିବ ।" ଏହା ଏକ ପ୍ରକାଶନ ଅଟେ!

71 ଏଥିରେ କୌଣସି ଆଶ୍ଚର୍ଯ୍ୟ ନୁହେଁ ଯେ ସେମାନେ ତାହାଙ୍କୁ ବୁଝିପାରିଲେ ନାହିଁ । "କେହି ମୋ' ନିକଟକୁ ଆସିପାରେ ନାହିଁ ଯେପର୍ଯ୍ୟନ୍ତକି ମୋ'ର ପିତା ତାହାକୁ ଆକର୍ଷିତ କରନ୍ତି ନାହିଁ । ଆଉ ଯେସମସ୍ତଙ୍କୁ ପିତା ମୋତେ ପ୍ରଦାନ କରିଅଛନ୍ତି," ମୂଳରେ ହିଁ, "ସେମାନେ ମୋ' ନିକଟକୁ ଆସିବେ ।" ବୁଝିଲେ? କ'ଣ ଆପଣମାନେ ତାହା ବୁଝିପାରିଲେ? ଓଃ, ଆମେ ତାହାଙ୍କୁ କିପରି ଭାବରେ ପ୍ରେମ କରିବା ଉଚିତ୍, ତାହାଙ୍କୁ ଭକ୍ତି କରିବା ଉଚିତ୍, ତାହାଙ୍କୁ ପ୍ରଶଂସା କରିବା ଉଚିତ୍; ଯେ ଏହି ଶେଷ ଦିନମାନଙ୍କରେ ଆତ୍ମାର ଫଳକୁ ଦେଖିପାରୁଛୁ, ଓ ଯଥୋଚିତ ସମୟରେ କନ୍ୟା ରୂପୀ ବୃକ୍ଷକୁ ପରିପକ୍ୱ ହେବାର ଦେଖିପାରୁଛୁ!

72 ସତ୍ୟ ଦ୍ରାକ୍ଷାଲତା ଓ ମିଥ୍ୟା ଦ୍ରାକ୍ଷାଲତା, ଉଭୟଙ୍କଠାରେ ସେହି ସମାନ ଅଭିଷେକ ଥିଲା । ବୃଷ୍ଟି ଜଳ ଉଭୟଙ୍କ ଉପରେ ପତିତ ହୋଇଥିଲା । ଏଥିରେ କିଛି ଆଶ୍ଚର୍ଯ୍ୟ ନୁହେଁ ଯେ ସେ ଆମମାନଙ୍କୁ ସତର୍କ କରାଇଅଛନ୍ତି, "ଯଦି ସମ୍ଭବ ହୁଏ ତେବେ ମନୋନୀତ ଲୋକଙ୍କୁ ସୁଦ୍ଧା ଭ୍ରମିତ କରି ପକାଇବ ।"

ଧ୍ୟାନ ଦିଅନ୍ତୁ ଯେ, ସେମାନେ ଏକାପରି ହିଁ ଦିଶୁଥିଲେ । ସେମାନେ ଏକା ସମାନ ହିଁ ଅଭିଷେକ ପାଇଥିଲେ । ମାତ୍ର ଧ୍ୟାନ ଦିଅନ୍ତୁ, "ସେମାନଙ୍କର ଫଳ ଦ୍ୱାରା..." ଆପଣ ତାହା କିପରି ଜାଣିଲେ?

73 ଆପଣ ତାହା କିପରି ଜାଣନ୍ତି ଯେ ତାହା ଗୋଟିଏ କମଳା ନୁହେଁ? କାରଣ ତାହା ଗୋଟିଏ ବାତାପୀ ଲେମ୍ବୁ ଫଳୁଅଛି । ସେହି ଦ୍ରାକ୍ଷାଲତାଟି ଠିକ୍ ଅଟେ, ତାହା ସେହି ଗଛରେ ବଞ୍ଚି ରହିଛି, ମାତ୍ର ତାହା ବାତାପୀ ଲେମ୍ବୁ ଫଳୁଅଛି । ତାହା ସେହି ପ୍ରଥମ ଫଳ ପରି ନୁହେଁ ।

74 ଆଉ ଯଦି ଗୋଟିଏ ମଣ୍ଡଳୀ କହେ ଯେ ସେମାନେ "ଏହା ବିଶ୍ୱାସ କରନ୍ତି ଯେ ଯୀଶୁ ଖ୍ରୀଷ୍ଟ କାଲି, ଆଜି, ଓ ଚିରକାଳ ସମାନ ଅଟନ୍ତି," ଆଉ ତାହାଙ୍କର ସାମର୍ଥ୍ୟକୁ ଅସ୍ୱୀକାର କରନ୍ତି, ତାହାଙ୍କର କାର୍ଯ୍ୟସକଳକୁ ଅସ୍ୱୀକାର କରନ୍ତି, ତାହାଙ୍କର ବାକ୍ୟକୁ ଅସ୍ୱୀକାର କରନ୍ତି; ଯଦି—ଯଦି…ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରୁଥିବା ସେହି ମଣ୍ଡଳୀଟି, ଯୀଶୁ ଖ୍ରୀଷ୍ଟଙ୍କର କାର୍ଯ୍ୟଗୁଡ଼ିକୁ ସାଧନ କରିବ, ତାହାଠାରେ ତ ଯୀଶୁ ଖ୍ରୀଷ୍ଟଙ୍କର ଜୀବନ ରହିଥିବ। ଆଉ ଯଦି ତାହା ସେପରି ନାହିଁ, ଏଥିରେ କିଛି ଯାଏ ଆସେ ନାହିଁ ଯେ ତାହା ମଧ୍ୟରେ କେତେ ଜୀବନ ଢ଼ାଳି ଦିଆଯାଏ; ଯଦି ତାହା ମୂଳରୁ ହିଁ, ପୂର୍ବନିରୂପିତ ନୁହେଁ, ତାହାହେଲେ ଏହା ତ ସଦାସର୍ବଦା ପ୍ରତ୍ୟେକ ଥର ବାତାପୀ ଲେମ୍ବୁ, କିଅବା ଅନ୍ୟ କିଛି ଗୋଟାଏ ଭିନ୍ନ ଫଳ ହିଁ ଧାରଣ କରିବ। ମାତ୍ର ଯଦି ତାହା ମୂଳରୁ ହିଁ, ପୂର୍ବନିରୂପିତ ଜୀବନ ଅଟେ, ତାହାହେଲେ ତାହା ଯୀଶୁ ଖ୍ରୀଷ୍ଟ କାଲି, ଆଜି, ଓ ଚିରକାଳ ସମାନ ଅଟନ୍ତି ବିଷୟକୁ ହିଁ ଧାରଣ କରିବ, ଯଦି ତାହା ମୂଳରୁ ଉପରକୁ ବାକ୍ୟ ହିଁ ଆସୁଥିବା ବିଷୟ ଅଟେ। ଯାହାକି, ସେହିଁ ମୂଳ, ସମୟର ପ୍ରାରମ୍ଭ ଅଟନ୍ତି।

75 ଧ୍ୟାନ ଦିଅନ୍ତୁ, ମାତ୍ର ଏହା ତ ଯାହା ସେମାନେ ଉତ୍ପନ୍ନ କରନ୍ତି ତାହା ଆପଣଙ୍କୁ ସେହି ପାର୍ଥକ୍ୟକୁ କହିଦିଏ। "ସେମାନଙ୍କର ଫଳ ଦ୍ୱାରା," ଯୀଶୁ କହିଲେ, "ତୁମେ ସେମାନଙ୍କୁ ଜାଣିବ।" "ମନୁଷ୍ୟ ଗୋଟିଏ କଣ୍ଟକଲତା ଗଛରୁ ଦ୍ରାକ୍ଷାଫଳ ସଂଗ୍ରହ କରେ ନାହିଁ," ଯଦିଓ ସେହି କଣ୍ଟକଲତା ଗଛଟି ଠିକ୍ ସେହି ଦ୍ରାକ୍ଷାଲତା ସହିତ ମିଶିକରି ଲାଗି ରହିଥାଏ। ତାହା ସମ୍ଭବ ହୋଇପାରେ, ମାତ୍ର ସେହି ଫଳ ତାହାକୁ ପ୍ରକାଶ କରିଦେବ।

76 ଫଳ କ'ଣ ଅଟେ? ତାହା ତ ବାକ୍ୟ ଅଟେ ସେହି ର-…ନିମନ୍ତେ, ସେହି ଋତୁ ନିମନ୍ତେ ଫଳ ଅଟେ। ଏହାହିଁ ତ ତାହା ଅଟେ, ଏହା ସେମାନଙ୍କର ଶିକ୍ଷା ଅଟେ। କେଉଁ ବିଷୟର ଶିକ୍ଷା ଅଟେ? ଏହା ସେହି ଋତୁର ଶିକ୍ଷା ଅଟେ, ଯେ ଏହା ଯେଉଁ ସମୟ ଅଟେ। ମନୁଷ୍ୟର ଶିକ୍ଷା ସିଦ୍ଧାନ୍ତ, ନାମଧାରୀ ସଂସ୍ଥାର ଶିକ୍ଷା ସିଦ୍ଧାନ୍ତ, ମାତ୍ର, କିଅବା ସେହି ଋତୁ ନିମନ୍ତେ ପରମେଶ୍ୱରଙ୍କ ବାକ୍ୟ?

77 ତେବେ, ସମୟ ଏତେ ଶୀଘ୍ର ଗଡ଼ି ଯାଉଅଛି, ଯେ ଆମେମାନେ ଏହି ବିଷୟ ଉପରେ ଅନେକ ସମୟ ଧରି ଆଲୋଚନା କରିପାରିବା। ମାତ୍ର ମୁଁ ଏଥିରେ ସୁନିଶ୍ଚିତ ଅଟେ ଯେ ଆପଣ ଯେଉଁମାନେକି ଏଠାରେ ଉପସ୍ଥିତ ଅଛନ୍ତି, ପୁଣି ମୁଁ ସୁନିଶ୍ଚିତ ଅଟେ ଯେ ଆପଣ ଯେଉଁମାନେକି ସମଗ୍ର ରାଷ୍ଟ୍ରରୁ ଏହାକୁ ଶ୍ରବଣ କରୁଅଛନ୍ତି, ଆପଣମାନେ ଏହା ଦେଖି ପାରୁଥିବେ ଯେ ମୁଁ ଆପଣମାନଙ୍କୁ କ'ଣ କହିବାକୁ ଚେଷ୍ଟା କରୁଅଛି, ଯେହେତୁ ସେହି ବିଷୟ ଉପରେ ଆଲୋଚନା କରିବା ପାଇଁ ଆମମାନଙ୍କ ପାଖରେ ଅଧିକ ସମୟ ନାହିଁ।

78 ମାତ୍ର ଆପଣମାନେ ଏହା ଦେଖିପାରନ୍ତି ଯେ ସେହି ଅଭିଷେକଟି ସେହି ଅଧାର୍ମିକ, ଭଣ୍ଡ ଶିକ୍ଷକମାନଙ୍କ ଉପରକୁ ଆସିଥାଏ, ଓ ସେମାନଙ୍କୁ ଠିକ୍ ସେହି କାର୍ଯ୍ୟ କରିବା ପାଇଁ ପ୍ରବର୍ତ୍ତାଇଥାଏ ଯାହାକି ପରମେଶ୍ୱର ସେମାନଙ୍କୁ ନ କରିବା ପାଇଁ କହିଥିଲେ; ମାତ୍ର ସେମାନେ ତାହା, ଯେପରି ହେଲେ ମଧ୍ୟ କରିବେ। କାହିଁକି? ସେମାନେ ଅନ୍ୟତ୍ର କିଛି ହେଲେ କରିପାରନ୍ତି ନାହିଁ। ଗୋଟିଏ କଣ୍ଟକଲତା ଗଛ ଏକ କଣ୍ଟକଲତା ବ୍ୟତୀତ ଆଉ କ'ଣ ବା

ହୋଇପାରେ? ଏଥିରେ କିଛି ଯାଏ ଆସେ ନାହିଁ ଯେ ତାହା ଉପରେ କେତେ ଭଲ ବୃଷ୍ଟି ଜଳ ଛିଞ୍ଚା ହୋଇଥାଏ, ତାହାକୁ ତ ଗୋଟିଏ କଣ୍ଟକଲତା ହିଁ ହେବାକୁ ଅଛି । ସେହି କାରଣ ଯୋଗୁ ହିଁ ତ ଯୀଶୁ କହିଲେ, "ସେମାନେ ଏତେ ଅଧିକ ସମାନ ରହିବେ ଯେ ଯଦି ସମ୍ଭବ ହୁଏ ତେବେ ମନୋନୀତ ଲୋକଙ୍କୁ ସୁଦ୍ଧା ତାହା ଭ୍ରମିତ କରିଦେବ," ଯେଉଁମାନେକି ମୂଳରେ ରହିଅଛନ୍ତି, "ଯଦି ସମ୍ଭବ ହୁଏ," ମାତ୍ର ତାହା ସମ୍ଭବ ନୁହେଁ । ଗୋଟିଏ ଗହମ ଗଛ ଗହମ ଛଡ଼ା ଅନ୍ୟ କିଛି ଉତ୍ପନ୍ନ କରିପାରେ ନାହିଁ; ଏହାହିଁ ସବୁ କିଛି ଅଟେ ଯାହାକି ସେ ଉତ୍ପନ୍ନ କରିପାରେ ।

79 ଧ୍ୟାନ ଦିଅନ୍ତୁ । ମନେ ରଖନ୍ତୁ ଯେ, ପରମେଶ୍ୱର ସଂଗଠନର ସ୍ରଷ୍ଟା ନୁହଁନ୍ତି । ସଂଗଠନର ସ୍ରଷ୍ଟା ତ ଶୟତାନ ଅଟେ । ମୁଁ ତାହାକୁ ବାକ୍ୟ ଦ୍ୱାରା ପ୍ରମାଣ କରିଅଛି, ତାହାକୁ ସମସ୍ତ ପ୍ରକାରରେ, ଓ ବାରମ୍ବାର ସିଦ୍ଧ କରିଅଛି; ଆଉ ଏହି ସକାଳରେ ସେହି ବିଷୟ ମଧ୍ୟକୁ ଯିବାରେ କୌଣସି ପ୍ରୟୋଜନ ନାହିଁ । ଆମେ ଜାଣୁ ଯେ ପରମେଶ୍ୱର କଦାପି ସେପରି ଭାବରେ ଲୋକମାନଙ୍କୁ ଏକାଠି ଏକତ୍ର କରି, କୌଣସି ଏକ ସଂଗଠନ ଗଢ଼ି ନାହାଁନ୍ତି । ଅନ୍ତିମ ଶିଷ୍ୟର ମୃତ୍ୟୁର ସହସ୍ର ସହସ୍ର ବର୍ଷ ପରେ ଯାଇ, ପ୍ରଥମ ସଂସ୍ଥା କେବେ ସଂଗଠିତ ହୋଇଥିଲା । ତାହା ତ ସଦାସର୍ବଦା ଏକ ବିଫଳତା ସିଦ୍ଧ ହୋଇ ଆସିଅଛି । ଯଦି ତାହା ସେପରି ନୁହେଁ, ତାହାହେଲେ ଆମେମାନେ ଆଜି, କାହିଁକି ମେଥୋଡିଷ୍ଟ, ବାପ୍‌ଟିଷ୍ଟ, ପ୍ରିସେବିଟେରିୟାନ୍, କ୍ୟାଥୋଲିକ ଓ ସମସ୍ତେ ଏକାଠି ପ୍ରେମରେ ବାସ କରୁନାହୁଁ? କାହିଁକି ପରମେଶ୍ୱରଙ୍କ କାର୍ଯ୍ୟସକଳ ଆମମାନଙ୍କର ଅନୁବର୍ତ୍ତୀ ହେଉନାହିଁ, ତେବେ, ପ୍ରତ୍ୟେକଟି ମଣ୍ଡଳୀ ସେହି ସମାନ ବିଷୟ ଉପରେ, ସେହି ବାକ୍ୟ ଉପରେ ଛିଡ଼ା ନୁହଁନ୍ତି? ସେହି ବିଷୟସବୁ ଯାହାକି ମନୁଷ୍ୟକୁ, ଭ୍ରାତୃପ୍ରେମକୁ ପୃଥକ୍ କରୁଥାଏ...ଆମେମାନେ ପରମେଶ୍ୱରଙ୍କଠାରୁ ଆହୁରି ଅଧିକ ଦୂରକୁ ହୋଇଯାଇଅଛୁ ଯେତିକି ଦୂର କି ଆମେ କଦାପି ଥିଲୁ, ଆଉ ତାହା ସଂଗଠିତ ମଣ୍ଡଳୀଗୁଡ଼ିକ, ସମ୍ବନ୍ଧରେ କହୁଅଛି ।

80 ତେବେ, ଆମମାନଙ୍କୁ କୁହାଯାଇଅଛି ଯେ, "ପୁରାତନ ସମସ୍ତ ବିଷୟଗୁଡ଼ିକ ଉଦାହରଣ ନିମନ୍ତେ ଘଟିଥିଲା, ତାହା ଆମମାନଙ୍କର ଶିକ୍ଷା, ଅନୁଯୋଗ, ସତର୍କ କରାଇବା ନିମନ୍ତେ ଥିଲା ।" ପୁଣି ଏହା ଯେ ପୁରାତାନ ନିୟମର ସମସ୍ତ ପୁରୁଣା ବିଷୟଗୁଡ଼ିକ ଛାୟା ସ୍ୱରୂପେ, ଘଟିଥିଲା, ଏହା ପ୍ରଦର୍ଶିତ କରିବା ହେତୁ ଯେ ନୂତନ ନିୟମରେ, ଆମମାନଙ୍କର ଦିନରେ ତାହା କ'ଣ ହେବ ।

81 ଠିକ୍ ଯେପରିକି ଯଦି ଆପଣ କେବେ ନିଜର ହାତକୁ ଦେଖିନାହାଁନ୍ତି, ଆଉ ଆପଣ ଉପରକୁ ଅନାନ୍ତି ଓ କାନ୍ଥରେ ଏକ ଛାୟାକୁ ଦେଖନ୍ତି, ଯେପରିକି ପ୍ରକାଶରେ ମୋ'ର ହାତର ଛାୟା ଦେଖାଯାଇଥାଏ । ଯଦି ଏଠି ଏକ ଛାୟାରେ ପାଞ୍ଚୋଟି ଆଙ୍ଗୁଳି ଦେଖାଯାଏ (ଯେତେବେଳେକି ତାହା ଛାୟାଚିତ୍ରରେ ଅଟେ), ଆଉ ଆପଣ ନିଜର ହାତକୁ ପ୍ରକାଶ୍ୟ ଆଡ଼କୁ (ସ୍ୱଷ୍ଟ ଭାବକୁ), ସେହି ଛାୟାଚିତ୍ରରୁ—ସେହି ଛାୟାଚିତ୍ରରୁ କାଢ଼ିନେଇ ଆସନ୍ତି, ତେବେ ତାହା ସେଠାରେ ପାଞ୍ଚୋଟି ଆଙ୍ଗୁଳି ରହିବାକୁ ଅଛି ।

82 ଯେପରିକି ବାଇବଲ ଆମକୁ ଏହା ବ୍ୟକ୍ତ କରେ, ଯେ, "ପୁରାତନ ନିୟମ ନୂତନ ବିଷୟର ଏକ ଛାୟା, ଏକ ପ୍ରତିଚିତ୍ରଣ, ଅବା ହେବାକୁ ଥିବା ବିଷୟର ପ୍ରତିଚିତ୍ରଣ ଅଟେ; ତାହା ବାସ୍ତବିକ ନୁହେଁ, ବରଂ ଏକ ଛାୟା, ହେବାକୁ ଥିବା ବିଷୟର ଏକ ପ୍ରତିଚିତ୍ରଣ ଅଟେ।"

83 ତେବେ ଆସନ୍ତୁ ଆମେମାନେ ପଛକୁ ଯିବା ଓ ଏହା ଦେଖିବା ଯେ ଯଦି ଅନ୍ୟ କୌଣସି ଯୁଗରେ ଏହି ବିଷୟ କେବେ ଥିଲା କି। କଅଣ ଆପଣମାନେ ଇଚ୍ଛୁକ ଅଟନ୍ତି? [ମଣ୍ଡଳୀ ଉତ୍ତର ଦିଅନ୍ତି, "ଆମେନ୍।"—ଅନୁ] ଏଣୁକରି ଆମେ ତାହାକୁ, ସମ୍ପୂର୍ଣ୍ଣ ଭାବେ, ପ୍ରମାଣ କରିବା ହେତୁ, ବାକ୍ୟ ଦ୍ୱାରା ଜାଣିବା; କୌଣସି ମନୁଷ୍ୟର ବିଚାର ଦ୍ୱାରା ନୁହେଁ, କୌଣସି ସିଦ୍ଧାନ୍ତ ଦ୍ୱାରା ନୁହେଁ।

84 ମୋ'ର ଏଥିରେ କିଛି ଯାଏ ଆସେ ନାହିଁ ଯେ ସେ କିଏ ଅଟେ; ଅନ୍ୟ କୌଣସି ବ୍ୟକ୍ତି, ମୁଁ କିଅବା ଅନ୍ୟ କେହି ହେଉ, "ଯଦି ସେ ବ୍ୟବସ୍ଥା ଓ ଭାବବାଦୀମାନଙ୍କ ଅନୁସାରେ କଥା କହେ ନାହିଁ, ତା' ଠାରେ କୌଣସି ପ୍ରକାଶ ନାହିଁ।" ବୁଝିଲେ? ଏହାହିଁ ଅଟେ ଯାହାକି ବାଇବଲ କହେ। "ପ୍ରତ୍ୟେକ ମନୁଷ୍ୟର କଥା ମିଥ୍ୟା ହେଉ, ମାତ୍ର ମୋହର ସତ୍ୟ ହେଉ," ସେ ଯେକେହି ବି ହୋଇଥାଉ ନା କାହିଁକି।

ତେବେ ଆସନ୍ତୁ ଆମେମାନେ ଅତୀତକୁ ଯିବା ଓ ଏହା ଦେଖିବା ଯେ, ଆମମାନଙ୍କୁ ଉଦାହରଣ ସ୍ୱରୂପେ ଦେଖାଇବା ନିମନ୍ତେ, ଏପରି ଘଟଣା କେବେ ଘଟିଅଛି କି।

85 ତେବେ ଆମେମାନେ ବର୍ତ୍ତମାନ ପଛକୁ ଯାତ୍ରାପୁସ୍ତକକୁ ଯାଇପାରୁ, ଓ ମୋଶା ନାମରେ ଗୋଟିଏ ଚରିତ୍ର ବିଷୟରେ କହିପାରୁ, ଯିଏକି ପରମେଶ୍ୱରଙ୍କ ପ୍ରେରତି ଜଣେ ଅଭିଷିକ୍ତ ଭବିଷ୍ୟଦ୍‌ବକ୍ତା ଥିଲେ, ଯିଏକି ସେହି ପୀଢ଼ୀ ନିମନ୍ତେ ପରମେଶ୍ୱରଙ୍କ ବାକ୍ୟ ସହିତରେ ଓ ପରମେଶ୍ୱରଙ୍କ ଇଚ୍ଛାନୁସାରେ ପ୍ରେରିତ ଥିଲେ। ଯେପରିକି ପରମେଶ୍ୱରଙ୍କ ବାକ୍ୟ ସଦାସର୍ବଦା ଧାରା ପ୍ରବାହରେ ନିରନ୍ତର ଗତି କରିଥାଏ, ସେ କହିଥିଲେ, "ସେ ଆପଣା ଭାବବାଦୀମାନଙ୍କଠାରେ କୌଣସି ବିଷୟ ପ୍ରଥମେ ପ୍ରକାଶିତ ନ କରି କିଛି କରନ୍ତି ନାହିଁ।" ତା'ପରେ ସେ ତାହାକୁ କାର୍ଯ୍ୟରେ କରନ୍ତି। ଓଃ-ହୋ।

ତେବେ, ସେ ମିଛ କହିପାରନ୍ତି ନାହିଁ। ସେ ମିଛ କହି ପରମେଶ୍ୱର ହୋଇ ରହିପାରନ୍ତି ନାହିଁ। ନା, ମହାଶୟ। ତାହାଙ୍କୁ ତ ସଚ୍ଚୋଟ ରହିବାକୁ ହିଁ ଅଛି। ତାହାଙ୍କଠାରେ କୌଣସି ମିଥ୍ୟା ନାହିଁ। ସେ ତ...

86 ଆଉ ସେ ତାହା ପରିବର୍ତ୍ତନ କରିପାରନ୍ତି ନାହିଁ। ଯଦି ସେ କରନ୍ତି, ତେବେ ସେ ପରମେଶ୍ୱର ନୁହଁନ୍ତି; ସେ ଗୋଟାଏ ଭୁଲ୍ କଲେ। ତାହାଙ୍କୁ ତ ଅନନ୍ତ ହେବାକୁ ଅଛି। ଆଉ ଅନନ୍ତ କେବେ ଏକ ଭୁଲ କରିପାରେ ନାହିଁ। ବୁଝିଲେ? ଏଣୁ ପରମେଶ୍ୱର ଯେବେ ଯାହାକିଛି କହନ୍ତି, ତାହା ଅନନ୍ତକାଳ ନିମନ୍ତେ ସଠିକ୍ ଅଟେ। ବୁଝିଲେ? ଆଉ ସେ ତାହା ପ୍ରତିଜ୍ଞା କରିଛନ୍ତି। ଏଣୁ, ଧ୍ୟାନ ଦିଅନ୍ତୁ ଯେ, ବାଇବଲରେ ଏପରି କୌଣସି ବିଷୟ ନାହିଁ ଯେପର୍ଯ୍ୟନ୍ତକି ଏହା ତାହା ସହିତରେ ନିରନ୍ତର ଧାରା ପ୍ରବାହରେ ଅନୁବର୍ତ୍ତୀ ନ ହେଉଥାଏ।

୫7 ତେବେ, ପରମେଶ୍ୱର ଅବ୍ରହାମକୁ ଏହା ପ୍ରତିଜ୍ଞା କରିଥିଲେ ଯେ ତାହାର ବଂଶ ଚାରିଶହ ବର୍ଷ ଯାଏଁ ଏକ—ଏକ ବିଦେଶୀ ଭୂମିରେ ପରଦେଶୀ ହୋଇ ରହିବେ, ଆଉ ତା'ପରେ ସେ ସେମାନଙ୍କୁ ଶକ୍ତି ଓ ସାମର୍ଥ୍ୟର ଏକ ମହାନ ହସ୍ତ ଦ୍ୱାରା କାଢ଼ି ଆଣିବେ, ଓ ସେମାନେ ବାସ କରୁଥିବା ଲୋକମାନଙ୍କ ଗହଣରେ ସେ ନିଜର ଚିହ୍ନସକଳ ଓ ଆଶ୍ଚର୍ଯ୍ୟକର୍ମମାନ ଦେଖାଇବେ। ପ୍ରତିଜ୍ଞାର ସମୟ ନିକଟବର୍ତ୍ତୀ ହେଲା। ଲୋକମାନେ ତାହା ବିଷୟରେ ଭୁଲି ଯାଇଥିଲେ। ସେମାନଙ୍କ ପାଖରେ ଫାରୂଶୀ ଓ ସାଦ୍ଦୂକୀ, ଓ ଏହିପରି ଭାବରେ ପ୍ରଭୃତି, ନାମଧାରୀ ସଂସ୍ଥାମାନ ରହିଥିଲା। ମାତ୍ର, ହଠାତ୍ ହିଁ, ପରମେଶ୍ୱର ସେଠାରେ ଏକାକୀ ଉଭା ହେଲେ ଓ ସେମାନଙ୍କ ମଧ୍ୟରୁ, କାଢ଼ି ଆଣିଲେ, ସେଠାରେ ଥିବା ପ୍ରତ୍ୟେକ ଲୋକମାନଙ୍କଠାରୁ ବାହାର କଲେ।

୫୫ ପରମେଶ୍ୱର କଦାପି, କେବେ କୌଣସି ଦିନରେ କିଅବା କୌଣସି ସମୟରେ, ଗୋଟିଏ ନାମଧାରୀ ସଂସ୍ଥା ମଧ୍ୟରୁ ଜଣେ ଭବିଷ୍ୟଦ୍‌ବକ୍ତାଙ୍କୁ ଆହ୍ୱାନ କରିନାହାଁନ୍ତି। ନା, ମହାଶୟ। ସେ ତ ସେହି ସଂଗଠନର ରୀତି ନୀତିରେ ଏତେ ଆବଦ୍ଧ ହୋଇଥାଏ ଯେ, ସେ ତାହା କରିପାରେ ନାହିଁ; ତାହାକୁ ତ ସେହି ନାମଧାରୀ ସଂସ୍ଥା ସହିତ ରହିବାକୁ ହିଁ ପଡ଼ିଥାଏ।

୫୨ ମୋଶା, ପରମେଶ୍ୱରଙ୍କ ବାକ୍ୟ ସହିତ ପ୍ରେରିତ, ପରମେଶ୍ୱରଙ୍କ ଜଣେ ବ୍ୟକ୍ତି ଥିଲେ, ଆଉ ପରମେଶ୍ୱରଙ୍କ ଯଥାଯଥ ଆଜ୍ଞା ଅନୁସାରେ, ଇସ୍ରାଏଲକୁ ପ୍ରତିଜ୍ଞାତ ଦେଶ ମଧ୍ୟକୁ କଢ଼ାଇ ନେଉଥିବାର ତାହାଙ୍କର ଯାତ୍ରାପଥରେ, ସେ ଆଉ ଏକ ଭବିଷ୍ୟଦ୍‌ବକ୍ତାଙ୍କର ଦେଖା ପାଇଲେ, ଆଉ ଏକ ଅନ୍ୟ ଅଭିଷିକ୍ତଜଣ ଯାହାଙ୍କ ଉପରେ ସେହି ସମାନ ପବିତ୍ରଆତ୍ମାର ଏକ ବାସ୍ତବିକ ଅଭିଷେକ ଥିଲା ଯାହାକି ମୋଶାଙ୍କ ଉପରେ ଥିଲା। ତାହା ଠିକ୍ ଅଟେ। ସେ ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ। ପବିତ୍ରଆତ୍ମା ଏହି ବ୍ୟକ୍ତିଙ୍କ ଉପରେ ଥିଲେ। ତାହାଙ୍କର ନାମ ବିଲିୟାମ ଥିଲା। ଆମେ ସମସ୍ତେ ତାହାଙ୍କ ସହିତ ପରିଚିତ ଅଟୁ। ତେବେ, ଠିକ୍ ସେହି ବିଷୟ, ସେହି ସମାନ ବିଷୟ, ଯେଉଁସବୁ ବିଷୟ—ଯେଉଁସବୁ ବିଷୟ ଏହି ମନୁଷ୍ୟ କହିଥିଲା, ତାହା ଠିକ୍ ଏବେ ମଧ୍ୟ ସେହି ବିଷୟସବୁ ଘଟୁଅଛି, ଯାହାକି ଆଜିଠାରୁ ପ୍ରାୟଃ ଅଠେଇଶ-ଶହ ବର୍ଷ ପୂର୍ବେ ଏହି ମନୁଷ୍ୟ କହିଥିଲେ। "ହେ ଇସ୍ରାଏଲ, ତୁମ୍ଭେ ଅରଣା ତୁଲ୍ୟ ଅଟ। ଯିଏ ତୁମ୍ଭକୁ ଆଶୀର୍ବାଦ କରେ ସେ ଆଶୀର୍ବାଦ ପ୍ରାପ୍ତ ହେବ। ଯିଏ ତୁମ୍ଭକୁ ଅଭିଶାପ ଦିଏ ସେ ଅଭିଶପ୍ତ ହେବ। ହେ ଯାକୁବ, ତୁମ୍ଭର ଶକ୍ତି, ଓ ପରାକ୍ରମ, ତୁମ୍ଭର ତମ୍ବୁସବୁ କେଡ଼େ ଧର୍ମମୟ!" ଦେଖନ୍ତୁ, ସେ ଅନ୍ୟଥା କିଛି କହିପାରିଲେ ନାହିଁ। ସେ ତ ଆପଣା ହୃଦୟ ଭିତରେ ଲୋକମାନଙ୍କୁ ଅଭିଶାପ ଦେବାର ସଂକଳ୍ପ ନେଇ ଆସିଥିଲେ।

୨0 ଓଃ, ହେ ଭଣ୍ଡ ଶିକ୍ଷକମାନେ ତୁମେମାନେ ଏତେ ବର୍ଷ ହେଲାଣି ଏହି ଟେପ୍ ଗୁଡ଼ିକ ଶୁଣିଅଛ, ଆଉ ଏହା ଦେଖିଅଛ ଯେ ପରମେଶ୍ୱର ଯାହା କହିଥିଲେ ତାହା ସେ ଠିକ୍ ଠିକ୍ ସିଦ୍ଧ ପ୍ରମାଣ କରିଅଛନ୍ତି, ଆଉ ତୁମେମାନେ ନିଜ ନିଜର ଅଧ୍ୟୟନ କକ୍ଷରେ ବସିଅଛ ଓ ଏହାକୁ ସତ୍ୟ ବୋଲି ଜାଣିଅଛ; ମାତ୍ର ତୁମମାନଙ୍କର ନାମଧାରୀ ସଂସ୍ଥାର ଭିନ୍ନତାଗୁଡ଼ିକ ହେତୁ,

ତୁମେମାନେ ଏହା ସହିତ ତର୍କ ବିତର୍କ କରୁଅଛ ଓ ନିଜର ଲୋକମାନଙ୍କୁ ଏହା ସେହିପରି ନୁହେଁ ବୋଲି କହୁଅଛ । ତୁମମାନଙ୍କ ଉପରେ ହାୟଃ! ତୁମମାନଙ୍କର ସମୟ ସନ୍ନିକଟ ଅଟେ ।

91 ବିଲିୟାମ, ସେହି ସମାନ ଆତ୍ମାରେ ଅଭିଷିକ୍ତ ଥିଲେ ଯାହାକି ମୋଶାଙ୍କ ଉପରେ ଥିଲା । ପାର୍ଥକ୍ୟ କ'ଣ ଥିଲା? ମୋଶାଙ୍କର ଶିକ୍ଷା ସିଦ୍ଧ ଥିଲା । ବାଇବଲ ଏଠାରେ ଦ୍ୱିତୀୟ ପିତର ପତ୍ରରେ ଏହା ବ୍ୟକ୍ତ କରେ, ଯେ ଏହା ତ "ବିଲିୟାମର ସେହି ଶିକ୍ଷା" ହିଁ ଥିଲା ଯାହା ଇସ୍ରାଏଲ ଗ୍ରହଣ କରିଥିଲା, ଯାହାକି ପରମେଶ୍ୱର କଦାପି କ୍ଷମା କରି ନ ଥିଲେ । ଅକ୍ଷମଣୀୟ ପାପ! ସେମାନଙ୍କ ମଧ୍ୟରୁ କେହି ଜଣେ ହେଲେ ରକ୍ଷାପ୍ରାପ୍ତ ହୋଇ ନ ଥିଲେ, ଯଦିଓ ସେମାନେ ପରମେଶ୍ୱରଙ୍କ ଆଶୀର୍ବାଦର ତଳେ ବାହାରି ଆସିଥିଲେ, ଓ ପରମେଶ୍ୱରଙ୍କ ହସ୍ତକୁ ଏହି ଶକ୍ତିଶାଳୀ ଭବିଷ୍ୟଦ୍‌ବକ୍ତାଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବାର ଦେଖିଥିଲେ, ଆଉ ତାହାକୁ ପରମେଶ୍ୱରଙ୍କ ଦ୍ୱାରା ସିଦ୍ଧ ଭାବେ ସୁପ୍ରମାଣିତ ହୋଇଥିବାର ଦେଖିଥିଲେ । ପୁଣି, ଯେହେତୁ, ଆଉ ଜଣେ ଭବିଷ୍ୟଦ୍‌ବକ୍ତା ଏପରି ଏକ ଶିକ୍ଷା ସହିତରେ ଆସିଥିଲେ, ଯାହାକି ମୋଶାଙ୍କ ଶିକ୍ଷାର ବିରୁଦ୍ଧରେ ଥିଲା, ଓ ସେ ମୋଶାଙ୍କ ସହିତ ବାଦାନୁବାଦ କରିଥିଲେ, ଆଉ ଲୋକମାନଙ୍କୁ ଏହା ପ୍ରମାଣ କରିବାକୁ ଚେଷ୍ଟା କରିଥିଲେ ଯେ ମୋଶା ଭୁଲ୍ ଥିଲେ । ଆଉ ଦାତନ, କୋରହ, ଓ ସେମାନଙ୍କ ମଧ୍ୟରୁ ଅନେକେ, ତାହା ସହିତ ସହମତ ହୋଇଥିଲେ ଓ ଇସ୍ରାଏଲ ସନ୍ତାନଗଣଙ୍କୁ ବ୍ୟଭିଚାର କରାଇବା ପାଇଁ, ତାହାର ସଂସ୍ଥା ପଛରେ ଯିବା ପାଇଁ ଶିକ୍ଷା ଦେଇଥିଲେ, ପୁଣି ଏହା କହିଥିଲେ ଯେ, "ଆମେ ସମସ୍ତେ ତ ସମାନ ଅଟୁ ।"

"ଆମେମାନେ ମେଥୋଡ଼ିଷ୍ଟ ହେଉ, ବାପ୍‌ଟିଷ୍ଟ ହେଉ, ପ୍ରିସବିଟେରିୟନ୍ ହେଉ, କିଅବା ପେଣ୍ଟିକଷ୍ଟାଲ ହେଉ, ଓ ଯାହା-କିଛି ବି ହେଉ, ଆମେମାନେ ତ ସମସ୍ତେ ସମାନ ଅଟୁ ।"

92 ଆମେମାନେ ତ ସମାନ ନୋହୁଁ! ଆପଣମାନେ ତ ଏକ ପୃଥକ କରାଯାଇଥିବା ଗୋଷ୍ଠୀ ଅଟନ୍ତି, ପରମେଶ୍ୱରଙ୍କ ନିମନ୍ତେ ପବିତ୍ରୀକୃତ, ଓ ଏହି ଦିନର ପ୍ରତିଜ୍ଞାର ଫଳକୁ ଧାରଣ କରିବା ନିମନ୍ତେ, ପରମେଶ୍ୱରଙ୍କ ବାକ୍ୟ ଓ ଆତ୍ମା ପ୍ରତି ସମର୍ପିତ ଅଟନ୍ତି । ଆଉ ଆପଣମାନେ ସେମାନଙ୍କ ମଧ୍ୟରୁ ନୁହଁନ୍ତି! ମୁଁ ଜାଣେ ଯେ ତାହା ଅତ୍ୟଧିକ କଠୋର ବକ୍ତବ୍ୟ ଅଟେ, ମାତ୍ର ତାହା ତ ଠିକ୍ ସେହି ସମାନ ସତ୍ୟ ହିଁ ଅଟେ । ଏହି ଶେଷ ଦିନମାନଙ୍କର ଏକ ସେବା ନିମନ୍ତେ ସମର୍ପିତ ଅଟନ୍ତି! "ତାହା ମଧ୍ୟରୁ ବାହାରି ଆସନ୍ତୁ ।"

93 ତେବେ ଦେଖନ୍ତୁ, "ବିଲିୟାମର ସେହି ଶିକ୍ଷା," ବିଲିୟାମର ଭବିଷ୍ୟତ୍‌ବାଣୀ ନୁହେଁ । ତାହା ତ ଠିକ୍ ଥିଲା । ତାହା ତ ପରମେଶ୍ୱର ଥିଲେ । କେତେ ଜଣ ତାହା ବିଶ୍ୱାସ କରନ୍ତି? [ମଣ୍ଡଳୀ କହନ୍ତି, "ଆମେନ୍ ।"—ଅନୁ] ବିଲିୟାମର ଭବିଷ୍ୟତ୍‌ବାଣୀ ସମ୍ପୂର୍ଣ୍ଣ ଭାବେ ଠିକ୍ ଥିଲା, କାରଣ ସେ ତ ତାହା ଛଡ଼ା ଅନ୍ୟ କିଛି କହି ପାରି ନ ଥିଲେ । ପରମେଶ୍ୱରଙ୍କ ଅଭିଷେକ ଅନ୍ୟତ୍ର ଆଉ କିଛି ହେଲେ କହିବ ନାହିଁ, ଆଉ ପରମେଶ୍ୱର ତାହାକୁ ସୁପ୍ରମାଣିତ କରିବା ଦ୍ୱାରା ଏହା ସିଦ୍ଧ କରିଥିଲେ ଯେ ତାହା ସତ୍ୟ ଥିଲା । ମାତ୍ର ତାହା ତ "ବିଲିୟାମର ସେହି ଶିକ୍ଷା" ହିଁ ଥିଲା ।

ତେବେ ତାହାକୁ ମାଥିଉ 24:24 ସହିତ ତୁଳନା କରନ୍ତୁ। ଅଭିଷିକ୍ତଗଣ, ମାତ୍ର ସେମାନଙ୍କର ଶିକ୍ଷା ଭଣ୍ଡ। ତ୍ରିତ୍ତ୍ୱବାଦ, ଓ ସେହିପରି ଅନ୍ୟାନ୍ୟ ବିଷୟସବୁ; ତାହା ଭୁଲ୍ ଅଟେ, ଖ୍ରୀଷ୍ଟାରୀ ଅଟେ!

94 ମୁଁ ଆଶା କରେ ଯେ ଆପଣମାନଙ୍କର ଭାବନାଗୁଡ଼ିକୁ ଆହତ ହେଉ ନାହିଁ। ଆଉ ସଂଯୋଗରେ ରହିଥିବା ସେହି ଫୋନ୍ ଗୁଡ଼ିକୁ, ସେଗୁଡ଼ିକୁ ବନ୍ଦ କରନ୍ତୁ ନାହିଁ। ଆଉ ନିଜ ସ୍ଥାନରୁ ଉଠି ବାହାରକୁ ଚାଲିଯାଆନ୍ତୁ ନାହିଁ। କେବଳ ଶାନ୍ତିର ସହିତ ବସିଥାଆନ୍ତୁ, ଆଉ ଦେଖିବା ଆସନ୍ତୁ ଯଦି ସେହି ପବିତ୍ରଆତ୍ମା ଆମମାନଙ୍କ ଉପରେ ତାହା ପ୍ରକଟିତ କରିବେ ନାହିଁ କି, ଓ ଆମମାନଙ୍କୁ ତାହା ପ୍ରମାଣିତ କରିବେ ନାହିଁ କି। ଆପଣ କହିବେ, "ମାତ୍ର ତାହା ତ..." ଆପଣ ଯାହାକିଛି ବି ବିଶ୍ୱାସ କରନ୍ତି, ଆପଣ କେବଳ ଶାନ୍ତିର ସହକାରେ ବସିଥାଆନ୍ତୁ ଓ ଶୁଣନ୍ତୁ। ଆଉ ପରମେଶ୍ୱରଙ୍କୁ ନିବେଦନ କରନ୍ତୁ ଯେ ସେ ଆପଣଙ୍କର ହୃଦୟକୁ ଖୋଲି ଦେବେ, ତା'ପରେ ଆପଣ ଏହା ଦେଖିବାକୁ ପାଇବେ ଯେ ଆପଣ ଏକ ଅଗରାଗଛ ଅଟନ୍ତି, କି ଏକ କଣ୍ଟକଲତା ଅଟନ୍ତି, ଅଥବା ଆପଣ କେଉଁ ସ୍ଥାନରେ ଛିଡ଼ା ହୋଇଛନ୍ତି। ବୁଝିଲେ?

95 ତେବେ, ଏପରିକି ଯିହୂଦା, "ଯିଏକି ଦଣ୍ଡ ନିମନ୍ତେ ପୂର୍ବନିରୂପିତ ଥିଲା," ସେଠାରେ ଯୀଶୁଙ୍କ ସମ୍ମୁଖରେ ବସିଥିଲା। ଆଉ ଯୀଶୁ ତାହାକୁ କହିଲେ, "ତୁମେ ହିଁ ସେହି ଜଣକା ଅଟ। ଯାହାକିଛି ତୁମେ କରିବାକୁ ଯାଉଅଛ ଓ ତୁମକୁ ଯାହାକିଛି କରିବାକୁ ଅଛି, ତୁମେ ଯାଅ ଓ ତାହା ଶୀଘ୍ର କର।" ସେ ଏହା ଜାଣିଥିଲା ଯେ ସେ କ'ଣ କରୁଅଛି, ମାତ୍ର, ସେହି ତିରିଶଟି ରୌପ୍ୟ ମୁଦ୍ରା, ଓ ଖ୍ୟାତି ନିମନ୍ତେ, ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ବିକ୍ରୟ କରିଦେଇଥିଲା। ତାହାଙ୍କର ଶିଷ୍ୟମାନଙ୍କ ମଧ୍ୟରୁ ଜଣେ, ଯିଏକି ମଣ୍ଡଳୀର କୋଷାଧ୍ୟକ୍ଷ ଥିଲା, ଆଉ ଯୀଶୁ ତାହାକୁ ନିଜର "ବନ୍ଧୁ" ବୋଲି ସମ୍ବୋଧନ କରିଥିଲେ। ବୁଝିଲେ? ବାଇବଲ କହେ, "ସେ ବିନାଶର ପୁତ୍ର ଭାବରେ ଜନ୍ମଗ୍ରହଣ କରିଥିଲା," ଠିକ୍ ଯେପରିକି ଯୀଶୁ ପରମେଶ୍ୱରଙ୍କ ପୁତ୍ର ଭାବରେ ଜନ୍ମଗ୍ରହଣ କରିଥିଲେ। "ଯଦି ସମ୍ଭବ ହୁଏ ତେବେ ମନୋନୀତ ଲୋକଙ୍କୁ ସୁଦ୍ଧା ଭ୍ରାନ୍ତ କରିବ।"

96 ତେବେ ଧ୍ୟାନ ସହକାରେ ଶୁଣନ୍ତୁ ଯେତେବେଳେକି ଆମେମାନେ ଏହାକୁ ଅଧ୍ୟୟନ କରୁ। ଆମେମାନେ ଆଉ ଏକ ଉଦାହରଣକୁ ନେବା, ଯାହାକି ରାଜାବଳୀ ପୁସ୍ତକରେ ପାଇବା। ସେଠାରେ ଜଣେ—ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ, ଆଉ ତାହାଙ୍କର ନାମ ମୀଖାୟ ଥିଲା। ସେ ଇମ୍ଲର ପୁତ୍ର ଥିଲେ, ଆଉ ସେ ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ। ସେ ଥିଲେ।

97 ପୁଣି ସେଠାରେ ଆଉ ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ, ସେ ଅଭିଷିକ୍ତ ଲୋକମାନଙ୍କର, ଭବିଷ୍ୟଦ୍‌ବକ୍ତାମାନଙ୍କର ଏକ ସଂଗଠନର ମୂଖ୍ୟ ଥିଲେ। ବାଇବଲ ଏହା ବ୍ୟକ୍ତ କରେ ଯେ ସେମାନେ "ଭବିଷ୍ୟଦ୍‌ବକ୍ତାମାନେ," ଥିଲେ ଠିକ୍ ଯେପରିକି ସେ ଏହା କହିଥିଲେ ଯେ ବିଲିୟାମ ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ, ଅଭିଷିକ୍ତଗଣ।

ଆଉ ସେଠାରେ ସେମାନଙ୍କ ମଧ୍ୟରେ ଜଣେ ମୀଖାୟ ନାମରେ ଥିଲେ, ଯିଏକି ପରମେଶ୍ୱରଙ୍କ ଦ୍ୱାରା ଅଭିଷିକ୍ତ ଥିଲେ, ଓ ପରମେଶ୍ୱରଙ୍କର ବାକ୍ୟ ସହିତ, ପରମେଶ୍ୱରଙ୍କଠାରୁ ପ୍ରେରିତ ଥିଲେ ।

98 ସେଠାରେ ଜଣେ ଥିଲେ, ସିଦିକିୟ, ଯିଏକି ଏହା ଭାବୁଥିଲେ ଯେ ସେ ପରମେଶ୍ୱରଙ୍କଠାରୁ ପ୍ରେରଣ କରାଯାଇଥିଲେ । ସେ ପରମେଶ୍ୱରଙ୍କ ଅଭିଷେକ ପ୍ରାପ୍ତ ଥିଲେ, ମାତ୍ର ତାହାଙ୍କର ଶିକ୍ଷା ପରମେଶ୍ୱରଙ୍କ ବାକ୍ୟର ବିରୁଦ୍ଧରେ ଥିଲା । "ଭଣ୍ଡ ଖ୍ରୀଷ୍ଟମାନେ, ଉଠିବେ, ମହା ମହା ଆଶ୍ଚର୍ଯ୍ୟର ଚିହ୍ନମାନ ଦେଖାଇବେ, ଆଉ ଯଦି ସମ୍ଭବ ହୁଏ ମନୋନୀତ ଲୋକଙ୍କୁ ଭ୍ରାନ୍ତ କରିବେ ।"

99 ଧ୍ୟାନ ଦିଅନ୍ତୁ ଯେ, ସେମାନେ ଦୁହେଁ, ସେମାନେ ଉଭୟେ ଅଭିଷିକ୍ତ ଥିଲେ । ତେବେ, ଆପଣ କିପରି କହିପାରିବେ ଯେ କିଏ ଠିକ୍, ଓ କିଏ ଭୁଲ୍ ଅଟେ? ତେବେ ଲକ୍ଷ୍ୟ କରନ୍ତୁ ଯେ ବାକ୍ୟ ଆହାବର ପ୍ରତି କ'ଣ ପ୍ରତିଜ୍ଞା କରିଥିଲା । ତାହାଙ୍କ ପୂର୍ବେ ଯେଉଁ ଭବିଷ୍ୟଦ୍‌ବକ୍ତା ଥିଲେ, ଯିଏକି ଏଲିୟ ଥିଲେ, ଯୁଗର ମହାନତମ ଭବିଷ୍ୟଦ୍‌ବକ୍ତାମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ, ଯିଏକି ଜଣେ ସୁପ୍ରମାଣିତ ଭବିଷ୍ୟଦ୍‌ବକ୍ତା ଥିଲେ । ସେହି ସୁପ୍ରମାଣିତ ଭବିଷ୍ୟଦ୍‌ବକ୍ତା କହିଥିଲେ, ଯେ, "ଯେହେତୁ ଆହାବ ନାବୋତର ପ୍ରାଣ ନେବା ଦ୍ୱାରା, ଏହି ମନ୍ଦ କାର୍ଯ୍ୟ କରିଅଛି; ସେଇଥି ପାଇଁ କୁକୁରମାନେ ତା'ର ରକ୍ତ ଚାଟିବେ । ପୁଣି ଏହା ଯେ କୁକୁରମାନେ ଇଷେବଲକୁ ଖାଇବେ, ଓ...ତାହାର ଶରୀର କ୍ଷେତ୍ରରେ ଖତ ହେବ ।" ତେବେ, ପରମେଶ୍ୱର ଯାହାକୁ ଅଭିଶାପ ଦେଇଅଛନ୍ତି ଆପଣ କିପରି ଭାବରେ ତାହାକୁ ଆଶୀର୍ବାଦ କରିପାରନ୍ତି? କିଅବା ଯେପରିକି ବିଲିୟାମ କହିଥିଲେ ଯେ, ପରମେଶ୍ୱର ଯାହାକୁ ଆଶୀର୍ବାଦ କରିଅଛନ୍ତି, ଆପଣ ତାହାକୁ କିପରି ଅଭିଶାପ ଦେଇପାରନ୍ତି? ବୁଝିଲେ?

100 ମାତ୍ର ଏହି ଭବିଷ୍ୟଦ୍‌ବକ୍ତାମାନେ ନିଷ୍ଠାବାନ ଥିଲେ । ଏଥିରେ କୌଣସି ସନ୍ଦେହ ନ ଥିଲା ଯେ ସେମାନେ ଉତ୍ତମ ଲୋକମାନେ, ସମ୍ମାନୀୟ ଲୋକମାନେ ଥିଲେ । କାରଣ, ଇସ୍ରାଏଲରେ ଜଣେ ଭବିଷ୍ୟଦ୍‌ବକ୍ତା ହେବା ନିମନ୍ତେ, ଅଥବା ଜଣେ କେବଳ ଇସ୍ରାଏଲୀୟ ହେବା ପାଇଁ ହେଲେ ସୁଦ୍ଧା, ଆପଣଙ୍କୁ ନିଶ୍ଚିତରେ ସମ୍ମାନୀୟ ହେବାକୁ ଅଛି । ଯଦି ଆପଣ ସେହିପରି ନ ହେବେ, ଆପଣଙ୍କୁ ପ୍ରସ୍ତରାଘାତ କରି ଦିଆଯାଉଥିଲା । ସେମାନେ ସମ୍ମାନୀୟ ଲୋକମାନେ ଥିଲେ । ସେମାନେ ତୀକ୍ଷ୍ଣ ବୁଦ୍ଧିର ଲୋକମାନେ ଥିଲେ । ସେମାନେ ଶିକ୍ଷିତ ବ୍ୟକ୍ତିମାନେ ଥିଲେ । ସେମାନେ ସମଗ୍ର ରାଷ୍ଟ୍ରରେ, ଆହାବଙ୍କ ଦ୍ୱାରା ବଛା ଯାଇଥିଲେ । (ଭଉଣୀ ରାଇଟ୍, କ'ଣ ଆପଣ ତାହା ଦେଖନ୍ତି?) ସମଗ୍ର ଦେଶରୁ ବଛା ଯାଇଥିବା, ସମସ୍ତ ବିଷୟରେ ସୁଯୋଗ୍ୟ-...

ଆଉ ତେବେ, ଯେତେବେଳେ ମୀଖାୟ ତାହାଙ୍କର ଦର୍ଶନକୁ ଦେଖିଲେ, ସେ ନିଜର ହୃଦୟରେ ଏହା ଜାଣିଥିଲେ ଯେ ବାକ୍ୟ କ'ଣ କହିଥିଲା, ମାତ୍ର ସେ ଏହା ଦେଖିବାକୁ ଚାହିଁଲେ ଯେ ତାହାଙ୍କଠାରେ ଥିବା ଆତ୍ମା କ'ଣ କହିବ ।

101 ଏଣୁ ସେମାନେ ତାହାଙ୍କୁ କହିଲେ, ସେମାନେ କହିଲେ, "ତୁମେ ଠିକ୍ ସେହି ସମାନ ବିଷୟ ହିଁ କହିବ ଯାହାକି ଏହି ଅନ୍ୟ ଭବିଷ୍ୟଦ୍‌ବକ୍ତାମାନେ କହିଅଛନ୍ତି । ଆଉ ଯେତେବେଳେ ତୁମେ ତାହା କରିବ, କାହିଁକି, ତୁମକୁ ତ, ନିଃସନ୍ଦେହତଃ, ଆମେମାନେ ତୁମକୁ ପୁଣିଥରେ, ଆମମାନଙ୍କର ସହଭାଗୀତାକୁ ନେଇ ଆସିବୁ । ବୁଝିଲେ? ଆମେ ତୁମକୁ ଆମମାନଙ୍କ ମଧ୍ୟରୁ ଜଣକା ପରି କରିଦେବୁ । ଆମେମାନେ ତୁମକୁ ଆମମାନଙ୍କର ନାମଧାରୀ ସଂଗଠନ ମଧ୍ୟକୁ ପୁଣିଥରେ ଗ୍ରହଣ କରିନେବୁ । ତୁମେ...ଆମେ ଜାଣୁ ଯେ ତୁମେ ଜଣେ ଭବିଷ୍ୟଦ୍‌ବକ୍ତା ଅଟ, ମାତ୍ର ତୁମେ ସଦାବେଳେ ଅଭିଶାପର ବିଷୟମାନ କହୁଥାଅ । ତୁମେ ସଦାବେଳେ ଆହାବକୁ ଅଭିଶାପ ଦେଉଥାଅ । ତେବେ, ସିଦିକିୟ, ସେହି ମୂଖ୍ୟ ବ୍ୟକ୍ତିଜଣକ, ସେହି ପୋପ୍, ଅବା..." ଯାହାକିଛି ବି ସେ ଥିଲା । "ତେବେ ସେ ଆହାବକୁ ଆଶୀର୍ବାଦ କରିଅଛନ୍ତି, ଓ ଏହା କହିଅଛନ୍ତି, 'ଯାଉନ୍ତୁ ଓ ତାହାକୁ କରନ୍ତୁ ।' ତେବେ ଇମ୍ଲ, ତୁମେ ମଧ୍ୟ ସେହି ସମାନ ବିଷୟ କୁହ । କାହିଁକି, ତୁମେ ତ ଅତି ଦରିଦ୍ର ଅଟ । ତୁମର ତ ଆଦୌ କୌଣସି ମଣ୍ଡଳୀ, କିଛି ହେଲେ, ସୁଦ୍ଧା ନାହିଁ । ଆଉ ଏହି ଲୋକମାନଙ୍କ ପାଖରେ ତ ଲକ୍ଷ ଲକ୍ଷ ଲୋକ ଅଛନ୍ତି । ସମଗ୍ର ରାଷ୍ଟ୍ର ସେମାନଙ୍କ ନିମନ୍ତେ ଛିଡ଼ା ଅଛି । ତେବେ ତୁମେ ଠିକ୍ ସେହି ସମାନ ବିଷୟ ହିଁ କୁହ ଯାହା ସେମାନେ କହିଛନ୍ତି, ଦେଖ ତୁମେ କ'ଣ କରିବ, ତୁମେ—ତୁମେ ଏହି ଦେଶର ଉତ୍ତମ ପଦାର୍ଥ ଭୋଜନ କରିବ ।" ସେ ତ ସେଠାରେ ଭୁଲ ଲୋକ ସହିତ କଥାବାର୍ତ୍ତା କରୁଅଛନ୍ତି!

କ'ଣ ହୋଇଥାଆନ୍ତା ଯଦି ତାହା ଏପରି ଭାବରେ କୁହାଯାଇଥା'ନ୍ତା, "ମୀଖାୟ, କ'ଣ ତୁମେ ସିଦିକିୟଠାରେ କୌଣସି ଭୁଲ୍ ବାହାର କରିପାର କି?"

"ନା ।"

"କ'ଣ ତୁମେ ତାହାକୁ କେବେ ପାପରେ ଧରିଅଛ?"

"ନା ।"

"କ'ଣ ତୁମେ ତାହାକୁ କେବେ କାହାରିକୁ ଅଭିଶାପ ଦେଉଥିବାର ଶୁଣିଅଛ?"

"ନା ।"

"କ'ଣ ତୁମେ ତାହାକୁ କେବେ ମଦ୍ୟପାନ କରୁଥିବା ଅବସ୍ଥାରେ ଧରିଅଛ?"

"ନା ।"

"କ'ଣ ତୁମେ ତାହାର ଶିକ୍ଷା ବିରୁଦ୍ଧରେ କିଛି ତର୍କ କରିପାର?"

"ନା ।"

"କ'ଣ ତୁମେ ଏହା ବିଶ୍ୱାସ କର ଯେ ତାହାର ଉଚ୍ଚ ଶିକ୍ଷାର ଡାକ୍ଟରେଟ ଉପାଧି ଭଣ୍ଡ ଅଟେ?"

"ନା ।"

"କ'ଣ ତୁମେ ଏହା ବିଶ୍ୱାସ କର ଯେ ତାହାର—ତାହାର ପିଏଚ୍.ଡ଼ି ଉପାଧି ଯଥାଯଥ ଅଟେ?"

"ନିଶ୍ଚିତରେ। ଯିହୂଦୀମାନଙ୍କର ମହାସଭା ଦ୍ୱାରା ତାହା ପ୍ରଦତ୍ତ ହୋଇଥାଏ, ମଁ ଅନୁମାନ କରେ ଯେ ତାହା ସବୁ...ପରିଷଦ ଦ୍ୱାରା ପ୍ରଦତ୍ତ କରାଯାଇଥାଏ, ମୁଁ ଭାବୁଛି ଯେ ତାହା ସବୁ ଠିକ୍ ଅଟେ।"

"ତେବେ, ତାହାହେଲେ, ତୁମେ ତାହାଙ୍କ ସହିତ କାହିଁକି ମିଶିଯାଉ ନାହଁ?"

"କାରଣ ସେ ବାକ୍ୟରୁ ବାହାର ଅଟେ!"

102 ତେବେ, ତାହାହେଲେ, ଆମେମାନେ ତାହାର ଏକ ଶେଷ ପ୍ରକଟୀକାରଣ ଓ ସୁପ୍ରମାଣ ଦେଖିବା, ଠିକ୍ ଯେପରିକି ଏହାର ପୂର୍ବେ ଏଲିୟ ଭବିଷ୍ୟଦ୍‌ବକ୍ତାଙ୍କ ସମୟରେ ହୋଇଥିଲା। ଆଉ ଯଦି ତୁମେମାନେ ପରମେଶ୍ୱରଙ୍କର ଏକ ସନ୍ତାନ ଅଟ, ତେବେ ତୁମେମାନେ ଏହି ବାଇବଲର ଭବିଷ୍ୟଦ୍‌ବକ୍ତାଙ୍କ ସହିତରେ ରହିବ। ଏହା ତ ବାକ୍ୟ ଅଟେ। ସେହି ସମୟ, ସେହି ଘଟିକାକୁ ଧ୍ୟାନ ଦିଅନ୍ତୁ।

ତେବେ, କ'ଣ ହୋଇଥାଆନ୍ତା ଯଦି ସିଦିକିୟ ଏହା କହିଥା'ନ୍ତେ, "ଓଃ, ମୁଁ ଜାଣେ ଯେ ଭବିଷ୍ୟଦ୍‌ବକ୍ତା ତାହା କହିଅଛନ୍ତି, ମାତ୍ର ତାହା ତ ଏକ ଭବିଷ୍ୟତ୍‌ର ପୀଢ଼ୀ ପାଇଁ ଅଟେ। ତାହା ତ ଆସିବାକୁ ବର୍ତ୍ତମାନ ବହୁତ ସମୟ ବାକି ଅଛି"?

ସେ ଉତ୍ତର ଦେଲେ, "ତେବେ ପରମେଶ୍ୱରଙ୍କଠାରୁ ମୁଁ ଏକ ଦର୍ଶନ ଦେଖିବା ପର୍ଯ୍ୟନ୍ତ ଟିକେ ଅପେକ୍ଷା କର, ଆଉ ତା'ପରେ ମୁଁ ତୁମକୁ କହିବି।"

ସେ କହିଲେ, "ତେବେ ତୁମେ ସେହି ସମାନ କଥା ହିଁ କୁହ?"

ସେ ପ୍ରତ୍ୟୁତ୍ତରରେ କହିଲେ, "ମୁଁ କେବଳ ତାହାହିଁ କହିବି ଯାହା ପରମେଶ୍ୱର କହିବେ; ଆଉ କିଛି ନୁହେଁ, ଅଧିକ କିଛି ନୁହେଁ। ମୁଁ ସେଥିରେ ଗୋଟିଏ ହେଲେ ଶବ୍ଦ ଯୋଗ କରିପାରେ ନାହିଁ, କିଅବା ସେଥିରୁ ଗୋଟିଏ ହେଲେ ଶବ୍ଦ ଲୋପ କରିପାରେ ନାହିଁ।"

ଏଣୁ ସେହି ରାତ୍ରିରେ, ପ୍ରାର୍ଥନା କରୁଥିବାବେଳେ, ସଦାପ୍ରଭୁ ତାହାଙ୍କୁ ଦର୍ଶନରେ ଦେଖା ଦେଲେ। ପରଦିନ ସକାଳେ ସେ ସେଠାକୁ ଗଲେ, ସେ କହିଲେ...

ସେଠାରେ ଦୁଇଜଣ ଭବିଷ୍ୟଦ୍‌ବକ୍ତା ଅଛନ୍ତି!

103 ଦେଶର ସବୁଠୁ ମହାନ ବ୍ୟକ୍ତି, ସାମରିକ ଦୃଷ୍ଟିରୁ ଓ ରାଷ୍ଟ୍ରୀୟ ଦୃଷ୍ଟିକୋଣରୁ, ତାହା ସିଦିକିୟ ଥିଲେ। ସେ ରାଜାଙ୍କ ଦ୍ୱାରା ନିଯୁକ୍ତ, ପ୍ରମୁଖ ଭବିଷ୍ୟଦ୍‌ବକ୍ତା ଥିଲେ। ସେ ସେଠାକାର ସଂଗଠନ ଦ୍ୱାରା ନିଯୁକ୍ତ, ଅନ୍ୟ ସମସ୍ତ ଭବିଷ୍ୟଦ୍‌ବକ୍ତାମାନଙ୍କର ମୂଖ୍ୟ ଥିଲେ। ସେ ତାହାଙ୍କର ସଂଗଠନ ଦ୍ୱାରା, ସେମାନଙ୍କ ସମସ୍ତଙ୍କ ଉପରେ, ମୂଖ୍ୟ କରାଯାଇଥିଲେ; ସମ୍ଭବତଃ ସବୁଠୁ ଉତ୍ତମ ଅଧ୍ୟୟନକାରୀ, ସର୍ବୋତ୍କୃଷ୍ଟ ଉଚ୍ଚ ଶିକ୍ଷାପ୍ରାପ୍ତ, ସେହି କାର୍ଯ୍ୟ ପାଇଁ ସବୁଠୁ ଅଧିକ ଯୋଗ୍ୟ ବ୍ୟକ୍ତି ଥିଲେ। ଆଉ ସେ ପବିତ୍ରଆତ୍ମାଙ୍କର ଅଭିଷେକ ପ୍ରାପ୍ତ ଥିଲେ, ଯେହେତୁ

ତାହାଙ୍କୁ ଜଣେ "ଭବିଷ୍ୟଦ୍‌ବକ୍ତା" ବୋଲି କୁହାଯାଉଥିଲା। ନିଶ୍ଚିତରେ, ସେ କୌଣସି ଜଣେ ସାଧାରଣ ଭବିଷ୍ୟଦ୍‌ବକ୍ତା ନ ଥିଲେ, ସେ ଜଣେ ଏବ୍ରୀ ଭବିଷ୍ୟଦ୍‌ବକ୍ତା ଥିଲେ। ତେବେ ତାହାଙ୍କୁ ଲକ୍ଷ୍ୟ କରନ୍ତୁ।

104 ସିଦିକିୟ କହିଲେ, "ସଦାପ୍ରଭୁ ମୋତେ କହିଲେ, 'ମୋ' ନିମନ୍ତେ ଲୁହାର ଦୁଇଟି ଶୃଙ୍ଗ ନିର୍ମାଣ କର,' ଏକ ଚିହ୍ନ ସ୍ୱରୂପେ।" ଜଣେ ଭବିଷ୍ୟଦ୍‌ବକ୍ତା ପ୍ରାୟତଃ ଚିହ୍ନମାନ ଦେଇଥା'ନ୍ତି। "ସେ କହିଲେ, 'ଲୁହାର ଏହି ଶୃଙ୍ଗମାନ ନିର୍ମାଣ କର।' ପବିତ୍ରଆତ୍ମା ମୋତେ କହିଲେ, 'ଏହାକୁ ନିଅ,' ଏହା ସେହି ଅଭିଷେକ ଅଟେ ଯାହାକି ମୋତେ ଆର୍ଶିବାଦ କରିଥିଲା।" ଏହାକୁ ଏକ ବଳିଦାନ ସ୍ୱରୂପେ ଚିନ୍ତା କରନ୍ତୁ ନାହିଁ, ମାତ୍ର ତାହା ଏକ ଲକ୍ଷ୍ୟ ବିନ୍ଦୁକୁ ଆସିବା ନିମନ୍ତେ ଅଟେ। "ସେହି ପବିତ୍ରଆତ୍ମା ଯିଏକି ମୋ' ଦେଇ ଅନ୍ୟାନ୍ୟ ଭାଷାରେ କଥା କହନ୍ତି, ସେହି ଜଣ ଯିଏକି ମୋତେ ସିଦ୍ଧ ପ୍ରମାଣିତ କରନ୍ତି, ସେ କହିଲେ, 'ଏହି ଶୃଙ୍ଗଗୁଡ଼ିକୁ ନିଅ, ଓ, ଏହା ଦ୍ୱାରା, ରାଜାଙ୍କୁ କୁହ ଯେ ସେ ଅରାମୀୟମାନଙ୍କୁ ସେହି ଦେଶରୁ ସିଧା ତଡ଼ି ବାହାର କରିଦେବେ। ଆଉ ମୁଁ ତାହାଙ୍କୁ ସେହି ଭୂମିଟି ଫେରାଇ ଦେବି ଯାହାକି ଯଥାର୍ଥ ଭାବେ ଇସ୍ରାଏଲର ଅଟେ, ମଣ୍ଡଳୀର ଅଟେ।'"

105 ଭାଇ, ତାହା ତ ମୌଳିକ ଭାବେ ଠିକ୍ ଥିଲା, ଯେପରି ଭାବରେକି ବିଲିୟାମ ଏଠାରେ ଉପରେ ଥିଲେ। ବିଲିୟାମ ମଧ୍ୟ ଠିକ୍ ସେହିପରି ମୌଳିକ ଭାବରେ କହିଥିଲେ ଯେପରିକି ମୋଶା କଥା କହିଥିଲେ। ମୋଶା...ପରମେଶ୍ୱରଙ୍କ ସିଦ୍ଧ ସଂଖ୍ୟା ସାତ ଅଟେ। ଆଉ ବିଲିୟାମ କହିଥିଲେ, "ମୋ' ନିମନ୍ତେ ସାତୋଟି ବେଦୀ ନିର୍ମାଣ କର; ବଳିଦାନ ନିମନ୍ତେ ସାତୋଟି ଶୁଦ୍ଧ ପଶୁ, ବଳଦମାନ, ଓ ସାତୋଟି ମେଷ।" ତାହା ତ ପରମେଶ୍ୱରଙ୍କ ପୁତ୍ରଙ୍କର ଆଗମନ ବିଷୟରେ କହୁଥିଲା। ମୌଳିକ ଭାବରେ, ସେ ତ ସେତିକି ଠିକ୍ ଥିଲେ ଯେତିକି କି ଅନ୍ୟ କେହି ସେମାନଙ୍କ ମଧ୍ୟରୁ ହେବେ।

106 ଆଉ ଏଠାରେ ସିଦିକିୟ ଥିଲେ, ଯିଏକି ମୌଳିକ ଭାବରେ ସେତିକି ହିଁ ଠିକ୍ ଥିଲେ, "କାରଣ ଏହି ଭୂମି ଆମର ଅଧିକାର ଅଟେ। କାହିଁକି, ସେହି ଅରାମୀୟମାନେ ଓ ପଲିଷ୍ଟିୟମାନେ ଯେଉଁମାନେକି ଆମର ଶତ୍ରୁ ଅଟନ୍ତି, ସେମାନେ ଓ ସେମାନଙ୍କର ସନ୍ତାନଗଣ ଓ ପ୍ରଭୃତି, ସେହି ଖାଦ୍ୟ ଦ୍ୱାରା ନିଜର ପେଟ ଭରୁଅଛନ୍ତି, ଯାହାକି ଆମର ପିଲାଛୁଆମାନେ ପାଉ ନାହାଁନ୍ତି! ଯେତେବେଳେକି, ପରମେଶ୍ୱର ଏହି ଭୂମିକୁ ଆମମାନଙ୍କୁ ଦେଇଅଛନ୍ତି!"

107 ଭାଇ, ତାହା ତ ଏକ ଉତ୍ତମ ତର୍କ ଅଟେ। ମୁଁ ଅନୁମାନ କରେ ଯେ ସେ ତାହାକୁ ଇସ୍ରାଏଲ ସମ୍ମୁଖରେ ଅତି ଉଚ୍ଚ ପାଟିରେ କହି ପାରିଥିବେ, ଆଉ ସେମାନେ ଯେତେ ଉଚ୍ଚ ପାଟିରେ ପାରନ୍ତି ସେତିକି ଉଚ୍ଚ ସ୍ୱରରେ ଚିତ୍କାର କରି ପାରିଥିବେ। ତେବେ, ମୁଁ ବର୍ତ୍ତମାନ ଆଜିର ବିଷୟରେ କହୁଅଛି। ମୁଁ ଆଶା କରେ ଯେ ଆପଣମାନେ ମୋ' କଥା ବୁଝୁଅଛନ୍ତି। ସମସ୍ତ ପ୍ରକାର ଉଚ୍ଚ ପାଟି କରିବା, ଚିତ୍କାର କରିବା!

108 କ'ଣ ଆପଣମାନଙ୍କର ଗତ ରବିବାର ଦିନ କୁହାଯାଇଥିବା ଦାଉଦଙ୍କ ବିଷୟରେ ବାର୍ତ୍ତା ମନେ ଅଛି? ବୁଝିଲେ? ଆପଣମାନେ ଯେଉଁମାନେକି ଏହାକୁ ରେଡିଓରେ ଶୁଣୁଅଛନ୍ତି, କିଅବା ଟେଲିଫୋନ୍-ସଂଯୋଗ ଦ୍ୱାରା ଶୁଣୁଅଛନ୍ତି; ଆପଣମାନେ ଗତ ରବିବାର ଦିନର ବାର୍ତ୍ତା ଶୁଣି ନାହାଁନ୍ତି, ଆପଣମାନେ ତାହାକୁ ନିଶ୍ଚିତରେ ଶୁଣି ନିଅନ୍ତୁ । *ପରମେଶ୍ୱରଙ୍କର ସେବା କରିବାର ଅଭିଷେକ ବିନା ତାହାଙ୍କର ଏକ ସେବା କରିବାକୁ ଚେଷ୍ଟା କରିବା,* ଏଥିରେ କିଛି ଯାଏ ଆସେ ନାହିଁ ଯେ ଆପଣ କେତେ ନିଷ୍ଠାପର, କେତେ ଭଲ, ତାହା ତ ପରମେଶ୍ୱରଙ୍କ ଦ୍ୱାରା ଆଦୌ ଗ୍ରହଣ କରାଯାଏ ନାହିଁ । ବୁଝିଲେ?

ତେବେ, ଏଠାରେ ସିଦିକିୟ ଏହା ଭାବୁଥିଲେ, ଯେ ସେ ଠିକ୍ ଅଛନ୍ତି ।

ମୀଖାୟ କହିଲେ, "ମୋତେ ପରମେଶ୍ୱରଙ୍କୁ ପଚାରିବାକୁ ଦିଅ ।" ଏଣୁ ସେ ପରଦିନ ସକାଳରେ **ସଦାପ୍ରଭୁ ଏହି କଥା କହନ୍ତି** ବାକ୍ୟ ସହିତରେ ଆସିଲେ । ସେ ନିଜର ଦର୍ଶନକୁ ବାକ୍ୟ ସହିତ ଯାଞ୍ଚ କରି ଦେଖିଲେ ।

ତେବେ ଯଦି ସେ ସିଦିକିୟକୁ ଏହା କହିଥାଆନ୍ତେ, "କ'ଣ ତୁମେ ଜାଣିଛ ଯେ ବାଇବଲର ଭାବବାଦୀ ଏଠାରେ ଏହି ବ୍ୟକ୍ତି ବିଷୟରେ କ'ଣ କହିଅଛନ୍ତି ଯେ ତାହା ସହିତ କ'ଣ ଘଟିବ?"

109 "ମାତ୍ର ତାହା ଏହି ସମୟରେ ନୁହେଁ, କାରଣ ଏହି ବ୍ୟକ୍ତି ଜଣେ ସମ୍ମାନୀୟ ବ୍ୟକ୍ତି ଅଟନ୍ତି । ସେ ତ ଚେଷ୍ଟା କରୁଅଛନ୍ତି ।" ଏହାକୁ ବୁଝିବାରେ ବିଫଳ ହୁଅନ୍ତୁ ନାହିଁ । "ସେ ତ ମଣ୍ଡଳୀକୁ ସେହି ସମସ୍ତ ବିଷୟ ଫେରାଇ ଆଣିଦେବାକୁ ଚେଷ୍ଟା କରୁଅଛନ୍ତି ଯାହାସବୁକି ମଣ୍ଡଳୀର ଅଟେ । ସେ ମଣ୍ଡଳୀର ସମ୍ପତ୍ତିକୁ ଫେରାଇ ଆଣିଦେବା ପାଇଁ ଚେଷ୍ଟା କରୁଅଛନ୍ତି," ତାହା ଆତ୍ମିକ ବିଷୟମାନ ନୁହେଁ; ଯଦି ତାହା ସେପରି ହୋଇଥାଆନ୍ତା, ତେବେ ସେ ଏଲିୟ ପରି ସମଗ୍ର ରାଷ୍ଟ୍ରକୁ ହଲାଇ ଦେଇଥାଆନ୍ତେ । ମାତ୍ର, ସେ ତ ସେମାନଙ୍କୁ ପାର୍ଥିବ ବିଷୟବସ୍ତୁ ସବୁ ଦେବା ପାଇଁ ଚେଷ୍ଟା କରୁଥିଲେ, "ଆମେମାନେ ସମ୍ପତ୍ତିର ଅଧିକାରୀ ଅଟୁ । ଆମେମାନେ ଏକ ବହୁତ ବଡ଼ ସଂଗଠନ ଅଟୁ । ଆମେମାନେ ତାହାର ସଦସ୍ୟ ଅଟୁ । ଆମେମାନେ ସମସ୍ତେ, ଆପଣ ଲୋକମାନେ ସମସ୍ତେ, ଆପଣ ପ୍ରୋଟେଷ୍ଟାଣ୍ଟମାନେ, ଆମ ସହିତ ଯୋଗ ହୋଇଯିବା ଉଚିତ୍ ।" ଓଃ-ହୋ ।

110 ଆମେମାନେ ଅଳ୍ପ ସମୟ ମଧ୍ୟରେ ସେହି ବିଷୟକୁ ଆସୁଅଛୁ । "ସେ ଯାହାକିଛି ହେଉ, ଏହା ତ ସମସ୍ତେ ଭାଇ ଓ ଭଉଣୀମାନେ ଅଟୁ ।" ଏହା ସେହିପରି ନୁହେଁ! ତାହା କେବେହେଲେ ସେପରି ନ ଥିଲା ଓ କେବେହେଲେ ସେପରି, ପରମେଶ୍ୱରଙ୍କ ବାସ୍ତବିକ ମଣ୍ଡଳୀ ସହିତ ହେବ ନାହିଁ । କେବେ ହୋଇପାରେ ନାହିଁ!

111 ଧ୍ୟାନ ଦିଅନ୍ତୁ ଯେ, ସିଦିକିୟ ଦର୍ଶନ ଦେଖିଥିଲେ । ଆଉ ତେଣୁକରି ସେ କହିଲେ, "ପରମେଶ୍ୱର ମୋତେ କଥା କହିଲେ ।" ତେବେ, ଦେଖନ୍ତୁ ଯେ, ସେହି ବ୍ୟକ୍ତି ସତ୍ୟନିଷ୍ଠ ଥିଲେ । ସେ କହିଲେ, "ସେ କହିଲେ, 'ଏହି ଶୃଙ୍ଗଗୁଡ଼ିକ ନିର୍ମାଣ କର, ଓ ସେଠାରେ ଉପରକୁ ରାଜାଙ୍କ ସମ୍ମୁଖକୁ ଯାଅ ଓ ତାହାକୁ ପଶ୍ଚିମ ଦିଗଆଡ଼କୁ ଉତ୍ତୋଳନ କର,'" କିଅବା

ଯେକୌଣସି ଦିଗକୁ ଯେଉଁଠାରେକି ସେମାନେ ଛିଡ଼ା ହୋଇଥିଲେ ସେଠାରୁ ସେହି ଭୂମିଟି ରହିଥିଲା । '"ତାହାକୁ ଉତ୍ତୋଳନ କର, ଓ ତାହା **ସଦାପ୍ରଭୁ ଏହି କଥା କହନ୍ତି** ବାକ୍ୟ ହେବ, ଯେ ସେ ବିଜୟଲାଭ କରି ଫେରି ଆସିବାକୁ ଯାଉଅଛନ୍ତି, ତାହା ମଣ୍ଡଳୀ ନିମନ୍ତେ ଏକ ବିଜୟ ହେବ ।' ସେମାନଙ୍କୁ ତଡ଼ି ଦେବାକୁ ଯାଉଅଛନ୍ତି!" "ତାହା ସତ୍ୟ ସହିତ କେତେ ସନ୍ନିକଟ ଅଟେ, କ'ଣ ନୁହେଁ କି? ମାମଲା କ'ଣ ଥିଲା?

ଏଠାରେ ମୀଖାୟ ଆସୁଅଛନ୍ତି । ସେମାନେ କହିଲେ, "ବର୍ତ୍ତମାନ ତୁମେ ତୁମର ଭବିଷ୍ୟଦ୍‌ବାଣୀ କୁହ ।"

"ଯାଇ ଆକ୍ରମଣ କର! ମାତ୍ର ମୁଁ ଇସ୍ରାଏଲକୁ ମେଷପାଳକ ବିହୀନ, ଅରକ୍ଷକ, ମେଷ ତୁଲ୍ୟ ଦେଖୁଅଛି ।" ହ୍ୟୁ! ସମ୍ପୂର୍ଣ୍ଣଭାବେ ବିରୋଧାତ୍ମକ ।

112 ତେବେ, ଆପଣମାନେ ତ ମଣ୍ଡଳୀ ଅଟନ୍ତି । ତାହାହେଲେ କେଉଁ ଜଣକ ଠିକ୍ ଅଟେ? ଉଭୟେ ସେମାନେ, ଭବିଷ୍ୟଦ୍‌ବକ୍ତା ଥିଲେ । ସେମାନଙ୍କ ଭିତରେ ଥିବା ପାର୍ଥକ୍ୟକୁ ଆପଣ କେବଳ ଗୋଟିଏ ମାତ୍ର ଉପାୟରେ ହିଁ କହିପାରିବେ, ତାହା ହେଲା, ବାକ୍ୟ ଦ୍ୱାରା ତାହାକୁ ଯାଞ୍ଚ କରନ୍ତୁ ।

ସେ ପଚାରିଲେ, "ତୁମେ ତାହା କେମିତି ପାଇଲ?"

ମୀଖାୟ ଉତ୍ତର ଦେଲେ, "ମୁଁ ପରମେଶ୍ୱରଙ୍କୁ ଏକ ସିଂହାସନରେ ଉପବିଷ୍ଟ ହୋଇଥିବାର ଦେଖିଲି ।" ପୁଣି କହିଲେ, "ମୁଁ ତାହାଙ୍କର ଚାରିଆଡ଼େ ସମସ୍ତ ମହାସଭାଙ୍କୁ ବସିଥିବାର ଦେଖିଲି ।"

113 ତେବେ ମନେ ପକାନ୍ତୁ, ସିଦିକିୟ ଏବେ କହିଥିଲେ ଯେ, ସେ ମଧ୍ୟ ସେହି ସମାନ ଆତ୍ମାରେ ଥାଇ, ପରମେଶ୍ୱରଙ୍କୁ ଦେଖିଥିଲେ । "ମୁଁ ପରମେଶ୍ୱରଙ୍କୁ ଦେଖିଲି । ସେ ମୋତେ କହିଲେ ଯେ ଲୁହାରୁ—ରୁ ଏହି ଶୃଙ୍ଗମାନ ନିର୍ମାଣ କର । ସେଠାକୁ ଯାଅ ଓ ଆକ୍ରମଣ କରି ସେହି ରାଷ୍ଟ୍ରଗୁଡ଼ିକୁ ଏଠାରୁ ତଡ଼ି ବାହାର କରିଦିଅ, କାରଣ ଏହା ଆମମାନଙ୍କର ଅଟେ । ଅନ୍ୟମାନଙ୍କର ଏଥିରେ କୌଣସି ହେଲେ ଅଧିକାର ନାହିଁ ।" ସେମାନେ ତାହା କରି ପାରିଥାଆନ୍ତେ ଯଦି ସେମାନେ ପରମେଶ୍ୱରଙ୍କ ସହିତ ଠିକ୍ ଭାବରେ ଲାଗି ରହିଥାଆନ୍ତେ । ସେମାନେ ତାହା ଅଧିକାର କରି ନେଇଥାଆନ୍ତେ, ମାତ୍ର ସେମାନେ ତ ପରମେଶ୍ୱରଙ୍କଠାରୁ ଦୂରକୁ ଚାଲିଯାଇଥିଲେ ।

114 ଏହି ପ୍ରକାର ହିଁ ତ ସେହି ସଂସ୍ଥାମାନେ, ସେହି ମଣ୍ଡଳୀମାନେ ଅଟନ୍ତି । ଏହି ବିଷୟସବୁ ପ୍ରତି ସେମାନଙ୍କର ଏକ ଅଧିକାର ରହିଛି, ମାତ୍ର ଆପଣମାନଙ୍କୁ ତ ସେହିସବୁ ବିଷୟରେ ପ୍ରତାରିତ କରାଯାଇଅଛି, କାରଣ ଆପଣମାନେ ପରମେଶ୍ୱରଙ୍କ ବାକ୍ୟ ଓ ପରମେଶ୍ୱରଙ୍କ ଆତ୍ମାଠାରୁ, ସେହି ସମୟର ବାକ୍ୟକୁ ସିଦ୍ଧ ସୁପ୍ରମାଣ କରୁଥିବା ଅଭିଷେକଠାରୁ, ଦୂରକୁ ଚାଲିଗଲେ । ଏହି ବାର୍ତ୍ତାର ମୂଳ ଭାବକୁ ପ୍ରାପ୍ତ କରିବାରେ ବିଫଳ ହୁଅନ୍ତୁ ନାହିଁ ।

115 ଧ୍ୟାନ ଦିଅନ୍ତୁ ଯେ ତେବେ କ'ଣ ଘଟିଲା । ସେ କହିଲେ, "ମୁଁ ପରମେଶ୍ୱରଙ୍କୁ ଦେଖିଲି," ମୀଖାୟ ତାହା ଦେଖିଥିଲେ, "ସ୍ୱର୍ଗରେ ସିଂହାସନ ଉପବିଷ୍ଟ ହୋଇଥିବାର ଦେଖିଲି । ତାହାଙ୍କର ମହାସଭା ତାହାଙ୍କର ଚାରିଆଡ଼େ ଏକତ୍ରିତ ହୋଇଥିଲେ । ସେ ପଚାରିଲେ, 'ଆହାବକୁ ପ୍ରତାରିତ କରିବା ନିମନ୍ତେ ଆମେ କାହାକୁ ପ୍ରେରଣ ହେତୁ ପାଇପାରିବା, ଯେପରିକି ମୋ'ର ସିଦ୍ଧ ସୁପ୍ରମାଣିତ ଭବିଷ୍ୟଦ୍‌ବକ୍ତା, ଏଲିୟଙ୍କ ଦ୍ୱାରା କୁହାଯାଇଥିବା ବାକ୍ୟଗୁଡ଼ିକ ସଫଳ ହେବ । ମୁଁ କହିଥିଲି ଯେ ତାହା ସେହିପରି ଘଟିବ । ଆଉ ଏଲିୟଙ୍କଠାରେ ମୋହର ବାକ୍ୟ ରହିଥିଲା । ଆଉ ପୃଥିବୀ ଓ ଆକାଶମଣ୍ଡଳ ଲୋପ ହୋଇଯିବ, ମାତ୍ର ମୋ'ର ବାକ୍ୟ ବିଫଳ ହେବ ନାହିଁ । ମୋ'ର ଏଥିରେ କିଛି ଯାଏ ଆସେ ନାହିଁ ଯେ ସେମାନେ କେତେ ଆଧୁନିକ ହୋଇଯାଆନ୍ତି, କିଅବା ସେମାନେ କେତେ ଉତ୍ତମ ହୋଇଯାଆନ୍ତି, ଅବା ସେମାନେ କେତେ ଶିକ୍ଷିତ ହୋଇଯାଆନ୍ତି, କିଅବା ସେମାନେ କେତେ ବଡ଼ ଅଟନ୍ତି, ମୋ'ର ବାକ୍ୟ କଦାପି ବିଫଳ ହେବ ନାହିଁ ।'

116 "ଆଉ ଏଥି ଉତ୍ତାରେ ଏକ ମିଥ୍ୟାବାଦୀ ଆତ୍ମା ନରକରୁ ଉପରକୁ ଉଠି ଆସିଲା, ଆଣ୍ଠୁପାତ କଲା, ଓ କହିଲା, 'ଯଦି ଆପଣ ମୋତେ କେବଳ ଅନୁମତି ଦେବେ, ତାହାହେଲେ ମୁଁ ମୋ'ର ଅଭିଷେକକୁ ସେମାନଙ୍କ ଉପରେ ଦେଇପାରିବି, ଓ ସେମାନଙ୍କୁ କୌଣସି ହେଲେ ଚିହ୍ନ ଅବା ଆଶ୍ଚର୍ଯ୍ୟକର୍ମ ସାଧନ କରିବା ନିମନ୍ତେ ପ୍ରବର୍ତ୍ତାଇ ରଖିପାରିବି, ଯେପର୍ଯ୍ୟନ୍ତକି ମୁଁ ସେମାନଙ୍କୁ ବାକ୍ୟରୁ ଓହରାଇ ରଖିଥିବି । ଏପରିକି ସେ ଏହା ସୁଦ୍ଧା ଜାଣିବେ ନାହିଁ ଯେ ତାହା ଆପଣଙ୍କର ବାକ୍ୟ ଅଟେ । ସେ ଏହାକୁ ଲୋକପ୍ରିୟତା ନିମନ୍ତେ, ଅବହେଳା କରିଦେବେ ।" ଭାଇ, ସମୟ ଅଧିକ ବଦଳି ଯାଇନାହିଁ । ଭାଇ ନେଭିଲ, ଏହା ସତ୍ୟ ଅଟେ । ଆପଣମାନେ ମନେ ରଖନ୍ତୁ, ତାହା ସତ୍ୟ ଅଟେ । "'ମୁଁ ତାହା ଉପରେ ଅଧିଷ୍ଠାନ କରିବି, ଓ ତାହାକୁ ଠିକ୍ ସେହି ସମାନ ବିଷୟସବୁ ସାଧନ କରିବା ପାଇଁ ପ୍ରବର୍ତ୍ତାଇବି ଯାହାସବୁକି ଅନ୍ୟମାନେ ସାଧନ କରିଥାନ୍ତି । ମୁଁ ତାହା ଦ୍ୱାରା ଭବିଷ୍ୟତ୍‌ବାଣୀ କରାଇବି, ଓ ଏକ ମିଥ୍ୟା କୁହାଇବି ।'" ତାହା କିପରି ଏକ ମିଥ୍ୟା ହୋଇପାରେ? ଯେହେତୁ ତାହା ବାକ୍ୟର ବିରୁଦ୍ଧରେ ଅଟେ ।

117 ଆପଣ ଏହି ଭଣ୍ଡ ବାପ୍ତିସ୍ମଗୁଡ଼ିକ ମଧ୍ୟରୁ କୌଣସିକି ନିଅନ୍ତୁ, ଭଣ୍ଡ *ଅମୁକ-ଓ-ସମୁକ-ଓ-ଅମୁକ କିଛି*, ମୋ'ର ଏଥିରେ କୌଣସି ଫରକ୍ ପଡ଼େ ନାହିଁ ଯେ ତାହା କେତେ ବାସ୍ତବିକ ପରି ଶୁଭାଯାଉଥାଏ, ସେମାନେ କେତେ ଅଧିକ ନକଲ କରିବାକୁ ଚେଷ୍ଟା କରୁଥା'ନ୍ତି, ଯଦି ତାହା ଏହି ସମୟର ପରମେଶ୍ୱରଙ୍କ ବାକ୍ୟର ବିରୋଧାତ୍ମକ ଅଟେ ତାହାହେଲେ ତାହା ଏକ ମିଥ୍ୟା ଅଟେ । ତାହା ଅବିକଳ ଭାବେ ଯଥାଯଥ ଅଟେ ।

ଆପଣ କହନ୍ତି, "ତେବେ, ଆମର ତ, ତେବେ, ଆମେ *ଏହା* କଲୁ, ଓ ଆମେ *ଏହା* କରୁ, ଓ ଆମମାନଙ୍କର ମଣ୍ଡଳୀ ତ *ଏହିପରି* ଓ *ସେହିପରି* ଅଟେ ।"

118 ମୋ'ର ଏଥିରେ କିଛି ଯାଏ ଆସେ ନାହିଁ ଯେ ତାହା କ'ଣ ଅଟେ । ଯଦି ତାହା ଏହି ସମୟର ଲିଖିତ ବାକ୍ୟର ବିରୋଧାତ୍ମକ ଅଟେ, ତାହା ଏକ ମିଥ୍ୟା ଅଟେ । ପରମେଶ୍ୱରଙ୍କ ତାହା ସହିତ

କିଛି ହେଲେ ସମ୍ପର୍କ ରହିବ ନାହିଁ, ଏଥିରେ କିଛି ଯାଏ ଆସେ ନାହିଁ ଯଦିଓ ତାହା କେତେ ନିଷ୍ଠାବାନ, କେତେ ଶିକ୍ଷିତ, କେତେ ତୀକ୍ଷ୍ଣ ବୁଦ୍ଧି, କେତେ ବାସ୍ତବିକ ପରି ଦିଶୁଥାଏ, ତାହା କେତେ ତାର୍କିକ ଭାବେ ଯଥାଯଥ ଦିଶୁଥାଏ, ଯଦି ତାହା ଏହି ସମୟର ବାକ୍ୟର ବିରୋଧାତ୍ମକ ଅଟେ। ଯଦି ସମୟ ଆମର ସାପେକ୍ଷ ହେବ, ତାହାହେଲେ ଆମେ ଅଳ୍ପ କେତେ ମିନିଟ୍‌ରେ ତା'କୁ ଗଭୀରତାର ସହ ବିଚାର କରିବା। ଯଦି ଆମେ ନ କରୁ, ତେବେ ଆମେ ତାହାକୁ ପୁଣି ଥରେ ଆଜି ରାତ୍ରିରେ ନେବା।

119 ଧ୍ୟାନ ଦିଅନ୍ତୁ ଯେ, ସିଦିକିୟ ଜଣେ ନିଷ୍ଠାପର, ଉତ୍ତମ ବ୍ୟକ୍ତି ଥିଲେ, ଏଥିରେ କୌଣସି ସନ୍ଦେହ ନାହିଁ। ଆଉ ସେ କହିଲେ...ତେବେ, ଅନ୍ୟତ୍ର ଭାବେ, ମୀଖାୟ, ତାହାଙ୍କୁ ସିଧାସଳଖ ତାଙ୍କ ମୁଖରେ ନୁହେଁ, ମାତ୍ର ଅନ୍ୟ ଶବ୍ଦରେ କହିଲେ, "ତୁମେ ଏକ ମିଥ୍ୟାବାଦୀ ଆତ୍ମାରେ ଅଭିଷିକ୍ତ ଅଟ।" କ'ଣ ତାହା ଜଣେ ବିଶପ୍‌କୁ କହିବା ନିମନ୍ତେ ଏକ ବଡ଼ ବିଷୟ ନୁହେଁ କି? ମାତ୍ର ମୀଖାୟ ତାହା କରିଥିଲେ।

120 ଆଉ ଏହେତୁରୁ ସେହି ବିଶପ୍ ତାଙ୍କ ପାଖକୁ ଗଲେ ଓ କହିଲେ, "ତୁମେ ଆଉ କଦାପି ଆମ ସହିତ କୌଣସି ସହଭାଗୀତା କରିବ ନାହିଁ," ଆଉ ମୀଖାୟଙ୍କ ଗାଲରେ ଚାପୁଡ଼ା ମାରିଲେ। ସେ କହିଲେ, "କ'ଣ ତୁମେ ଜାଣିଛ ଯେ ମୁଁ ଜଣେ ସୁପ୍ରମାଣିତ ବ୍ୟକ୍ତି ଅଟେ। ମୋ'ର ମଣ୍ଡଳୀ ମୋତେ ଏହାର, ଏହି ବିଷୟର ମୂଖ୍ୟ କରିଅଛି। ପରମେଶ୍ୱରଙ୍କ ଲୋକମାନଙ୍କର ଲୋକପ୍ରିୟ ଜନମତ ମୋତେ ଏହି ପଦରେ ନିଯୁକ୍ତ କରିଅଛି। ମୋ'ର ସଂଗଠନ ମୋତେ ଏହା କରିଅଛି। ଆଉ ପରମେଶ୍ୱର ଆମମାନଙ୍କୁ ଏହି ଭୂମି ଦେଇଥିଲେ, ଆଉ ସେ ଏହା ଇଚ୍ଛା କରନ୍ତି ଯେ ତାହା ଆମମାନଙ୍କ ଅଧିକାରରେ ରହୁ। ଆଉ ମୋ'ଠାରେ **ସଦାପ୍ରଭୁ ଏହି କଥା କହନ୍ତି** ବାକ୍ୟ ଅଛି।" ସେ ଚାପୁଡ଼ା ମାରିଲେ, ଓ କହିଲେ, "ସଦାପ୍ରଭୁଙ୍କ ଆତ୍ମା ମୋ'ଠାରୁ ବାହାରି ତାହା କେଉଁ ବାଟ ଦେଇ ଗଲେ?"

121 ମୀଖାୟ ଉତ୍ତର ଦେଲେ, "ଏହି ଦିନମାନଙ୍କ ମଧ୍ୟରୁ ଗୋଟିଏ ଦିନ, ତୁମେ ତାହା ଜାଣିବାକୁ ପାଇବ," ଯେତେବେଳେ କାଲିଫର୍ଣ୍ଣିଆ ସହର ସମୁଦ୍ର ଭିତରେ ବୁଡ଼ି ଯାଇଥିବ, ଓ ଏହି ସବୁ ବିଷୟ ଘଟିଯାଇଥିବ। ବୁଝିଲେ? "ତୁମେ ସେହିଦିନ ଏହାକୁ ଦେଖିବ ଯେ ତାହା କେଉଁ ବାଟ ଦେଇ ଗଲା, ଯେଉଁଦିନ ତୁମେ ସେହି ଭିତରିଆ କୋଠରିରେ ବସିଥିବ।"

122 ତେବେ, ଆହାବ, ତୁମେ କ'ଣ କହିବାକୁ ଯାଉଅଛ? ସେ କହିଲା, "ମୁଁ ମୋ'ର ଭବିଷ୍ୟଦ୍‌ବକ୍ତାକୁ ବିଶ୍ୱାସ କରେ।" କଅଣ ହୋଇଥାଆନ୍ତା ଯଦି ସେ କେବଳ ବାକ୍ୟକୁ ଅନୁସନ୍ଧାନ କରିଥାଆନ୍ତା? ଦେଖନ୍ତୁ, ସେ ନିଜକୁ ଅଭିଶପ୍ତ ହେଉଥିବାର ଦେଖିବାକୁ ଚାହିଁ ନ ଥିଲା। ମୋତେ ଧ୍ୟାନ ଦେଇ ଶୁଣନ୍ତୁ! ସେ ଆପଣାକୁ ଶ୍ରାପିତ ହେଉଥିବାର ଦେଖିବାକୁ ଚାହିଁ ନ ଥିଲା। କୌଣସି ବି ବ୍ୟକ୍ତି ତାହା ଚାହିଁବେ ନାହିଁ।

123 ଆଉ ମୋ'ର ସାଙ୍ଗ-...ସାଙ୍ଗଠନିକ ମଣ୍ଡଳୀର ଭାଇ, ଏହାହିଁ ତ ଆପଣଙ୍କ ସହିତରେ ମାମଲା ଅଟେ। ଆପଣ ଏହା ଭାବିବାକୁ ଚାହାଁନ୍ତି ଯେ ଆପଣ ଠିକ୍ ଅଟନ୍ତି, ଯେତେବେଳେକି,

ଆପଣ ନିଜ ହୃଦୟରେ ଏହା ଜାଣନ୍ତି ଯେ, ଯେତେବେଳେ ଆପଣ "ପିତା, ପୁତ୍ର, ପବିତ୍ରଆତ୍ମା," ଙ୍କ ନାମରେ ବାପ୍ତିସ୍ମ ଦିଅନ୍ତି, ଆପଣ ମିଛ କହୁଅଛନ୍ତି। ଆପଣ ଜାଣନ୍ତି ଯେ ଯେତେବେଳେ ଆପଣ ଭବିଷ୍ୟତ୍‌ବା-...ସେହି ବିଷୟକୁ କହୁଥାନ୍ତି ଯାହାକି ଆପଣ କରୁଅଛନ୍ତି, ଓ ଆରମ୍ଭିକ ପ୍ରମାଣସବୁକୁ ନେଇଥାଆନ୍ତି, ଓ ସେହିପରି ସମସ୍ତ ବିଷୟସବୁକୁ ନେଇଥାଆନ୍ତି, ଆପଣ ଭୁଲ୍ ଅଟନ୍ତି। କିପରି ଭାବରେ ପରଭାଷାରେ କଥା କହିବା ବିଷୟଟି ଆରମ୍ଭିକ ପ୍ରମାଣ ହୋଇପାରେ, ପୁଣି ତା'ପରେ ଏହି ସମୟରେ ପରମେଶ୍ୱରଙ୍କ ଏକ ପ୍ରତିଜ୍ଞା ବିରୁଦ୍ଧରେ କଥା କହିପାରେ? ଏହା କିପରି ହୋଇପାରେ? ଆପଣ ଅଭିଶାପକୁ ଚାହାଁନ୍ତି ନାହିଁ, କ'ଣ ଆପଣ ଚାହାଁନ୍ତି? ମାତ୍ର *ଏଠାରେ* ଏହା ଲେଖା ଅଛି, ତାହା ଏହିପରି ହିଁ ଘଟିବ। ତାହାହିଁ ପଶୁର ଚିହ୍ନ ଅଟେ, ତାହା ଏତେ ସମାନ ହୋଇରହିବ ଯେ ଯଦି ସମ୍ଭବ ହୁଏ, ତାହା ମନୋନୀତ ଲୋକଙ୍କୁ ସୁଦ୍ଧା ଭ୍ରାନ୍ତ କରି ପକାଇବ।

124 ସମସ୍ତ ପ୍ରକାର ଚିହ୍ନ, ସବୁ ପ୍ରକାର ଆଶ୍ଚର୍ଯ୍ୟ କର୍ମ, ଅଭିଷିକ୍ତ ଲୋକ, ଭବିଷ୍ୟତ୍‌ବାଣୀ, ସବୁପ୍ରକାର ବିଷୟମାନ ପ୍ରଭୃତି ହେଉଅଛି; ସବୁପ୍ରକାର ଚିହ୍ନମାନ, ସମସ୍ତ ପ୍ରକାର ଆଶ୍ଚର୍ଯ୍ୟ କର୍ମମାନ, ଆପଣ କିପରି ଭାବରେ ପାର୍ଥକ୍ୟକୁ କହିବାକୁ ଯାଉଅଛନ୍ତି? ଏହି ସମୟର ବାକ୍ୟକୁ ଲକ୍ଷ୍ୟ କରନ୍ତୁ। ଏହିପରି ଭାବରେ ହିଁ ତ ଆପଣ ଗ୍ରହଣ...

ମୋଶାଙ୍କୁ ଲକ୍ଷ୍ୟ କରନ୍ତୁ, ସେ କିପରି ଭାବରେ ବିଲିୟାମକୁ ତାହା କହି ପାରିଥିଲେ। ଏଠାରେ ମୀଖାୟକୁ ଧ୍ୟାନ କରନ୍ତୁ, ଆମେମାନେ କିପରି ଜାଣୁ ଯେ ସେ ଠିକ୍ ଥିଲେ? ସେହି ବାକ୍ୟ ଦ୍ୱାରା, ଯାହାକି ତାହାଙ୍କ ପୂର୍ବରୁ ଥିଲା, ଯାହା ଆହାବ ନିମନ୍ତେ ଭବିଷ୍ୟତ୍‌ବାଣୀ କରିଥିଲା।

125 ଆଉ ଆଜି ଆମମାନଙ୍କ ପୂର୍ବରୁ ଥିବା, ସେହି ବାକ୍ୟ, ଆଜିର ଦିନ ପାଇଁ ଏହି ସଂଗଠନଗୁଡ଼ିକୁ ଭବିଷ୍ୟତ୍‌ବାଣୀ କରିଅଛି, ଓ ସେମାନଙ୍କ ଉପରେ ଏହି ଅଭିଶାପର ବିଷୟକୁ ଭବିଷ୍ୟତ୍‌ବାଣୀ କରିଅଛି। ଆଉ ସେହି ବିଷୟମାନଙ୍କ ସମ୍ବନ୍ଧରେ ମଧ୍ୟ ଭବିଷ୍ୟତ୍‌ବାଣୀ କରିଅଛି ଯାହାକି ତାହାଙ୍କର ବାସ୍ତବିକ ଅଭିଷିକ୍ତ ମଣ୍ଡଳୀ ଦ୍ୱାରା ସାଧନ କରାଯିବ, ଯେ ସେ ବାକ୍ୟ ଧାରଣ କରିବ, ଓ ଏକ ବାକ୍ୟ କନ୍ୟା ହେବ। ଆଉ ଆମେମାନେ ଏଠାରେ ଅଟୁ। ଯେପରି ତାହା ସେଦିନ ଥିଲା, ଠିକ୍ ସେହିପରି ଆଜି, ତାହା ଏଠାରେ ଅଟେ।

126 ବାଇବଲ କହେ, "ଦୁଇ କିମ୍ବା ତିନିଜଣ ସାକ୍ଷ୍ୟଙ୍କ ମୁଖରେ ପ୍ରତ୍ୟେକ ବାକ୍ୟ ସ୍ଥିରୀକୃତ ହେଉ।" ମୁଁ ବିଲିୟାମ ବିଷୟରେ କହିଲି, ମୁଁ ବିଲିୟାମ ଓ ମୋଶାଙ୍କ ବିଷୟରେ କହିଲି। ଆଉ ବର୍ତ୍ତମାନ ମୁଁ ମୀଖାୟ ଓ ସିଦିକିୟ ବିଷୟରେ କହିଲି। ତେବେ ମୁଁ ଆଉ ଏକ ଉଦାହରଣ ବିଷୟରେ କହିବାକୁ ଯାଉଅଛି। ଯେତେବେଳେକି, ସେଠାରେ ସହସ୍ର ସହସ୍ର ଉଦାହରଣମାନ ରହିଅଛି, ମାତ୍ର ମୁଁ ଆଉ ଗୋଟିଏ ମାତ୍ର କହିବି, ଯେପରିକି ତାହା ତିନୋଟି ସାକ୍ଷ୍ୟ ହୋଇଯାଏ। ମୋ' ପାଖରେ ତ ତାହାସବୁ ଏଠାରେ ଧାଡ଼ିରେ ଲେଖା ହୋଇଅଛି; ମାତ୍ର ସମୟକୁ ରକ୍ଷା କରିବା ନିମନ୍ତେ।

127 ଯିରିମିୟ ଯିଏକି ଜଣେ ସୁପ୍ରମାଣିତ, ମାତ୍ର ପରିତ୍ୟକ୍ତ, ପରମେଶ୍ୱରଙ୍କର ଜଣେ ସିଦ୍ଧ ଭବିଷ୍ୟଦ୍‌ବକ୍ତା ଥିଲେ। ସେମାନେ ଏହି ବ୍ୟକ୍ତିକୁ ଘୃଣା କରିଥିଲେ। ସେମାନେ ତାହାଙ୍କ ଉପରେ କଞ୍ଚା-...ଶଢ଼ିଯାଇଥିବା ଫଳ ଫୋପାଡ଼ି ଥିଲେ, ଓ ପ୍ରଭୃତି ବିଷୟସବୁ କରିଥିଲେ। ଆଉ ସେ ସେମାନଙ୍କ ଉପରେ ଅଭିଶାପ ଦେଇଥିଲେ। ଆଉ ଯେଉଁସବୁ କାର୍ଯ୍ୟ ସେ କରିଥିଲେ, ଓ ସେ ନିଜ କରରେ ଶୋଇଥିଲେ, ଓ ପ୍ରଭୃତି ବିଷୟସବୁ, ଆଉ ଏହି ଚିହ୍ନମାନ ଦେଇଥିଲେ ଯେ ଇସ୍ରାଏଲ ଭୁଲରେ ଥିଲା।

128 ପ୍ରତ୍ୟେକ ଭବିଷ୍ୟଦ୍‌ବକ୍ତା, ସତ୍ୟ ଭବିଷ୍ୟଦ୍‌ବକ୍ତା ଯିଏକି କେବେ ଏହି ଜଗତକୁ ଆସିଥିଲେ, ମଣ୍ଡଳୀର ସେହି ନାମଧାରୀ ସଂଗଠନମାନଙ୍କୁ ଅଭିଶାପ ଦେଇଥିଲେ। ଅପରିବର୍ତ୍ତନୀୟ ପରମେଶ୍ୱରଙ୍କ ଦ୍ୱାରା, ତାହା କିପରି ଭାବରେ ବଦଳି କରା ଯାଇପାରେ?

129 ପବିତ୍ରଆତ୍ମା ଏହି ସମୟର ଭବିଷ୍ୟଦ୍‌ବକ୍ତା ଅଟନ୍ତି; ସେ ନିଜର ବାକ୍ୟକୁ ସୁପ୍ରମାଣ କରିବା ଦ୍ୱାରା, ଏହାକୁ ସିଦ୍ଧ କରୁଅଛନ୍ତି। ମୋଶାଙ୍କ ସମୟରେ ମଧ୍ୟ ପବିତ୍ରଆତ୍ମା ଭବିଷ୍ୟଦ୍‌ବକ୍ତା ଥିଲେ। ମୀଖାୟଙ୍କ ସମୟରେ ମଧ୍ୟ ପବିତ୍ରଆତ୍ମା ଭବିଷ୍ୟଦ୍‌ବକ୍ତା ଥିଲେ। ପବିତ୍ରଆତ୍ମା, ଯିଏକି ବାକ୍ୟକୁ ଲେଖିଅଛନ୍ତି, ସେ ଆସନ୍ତି ଓ ବାକ୍ୟକୁ ସିଦ୍ଧ ପ୍ରମାଣିତ କରନ୍ତି।

ତେବେ ମୀଖାୟଙ୍କ ସମୟରେ କ'ଣ ଘଟିଥିଲା? ଆହାବ ଘାତ କରା ଯାଇଥିଲେ, ଆଉ ପରମେଶ୍ୱରଙ୍କ ବାକ୍ୟ ଅନୁସାରେ, କୁକୁରମାନେ ତାହାର ରକ୍ତ ଚାଟିଥିଲେ।

130 ଏଣୁ ହେ ଭଣ୍ଡ ଶିକ୍ଷକମାନେ ତୁମେ ସମସ୍ତେ, ପରମେଶ୍ୱର ଏହା କହନ୍ତି, ଯେ ତୁମେମାନେ ଯାହା ବୁଣୁଅଛ, ଦିନେ ନା ଦିନେ ତୁମେ ତାହା ଅମଳ କରିବ, ତୁମେ ଅନ୍ଧ ଲୋକମାନଙ୍କର ଅନ୍ଧ ନେତାଗଣ! ମୁଁ କ୍ରୋଧ କରୁନାହିଁ। ମୁଁ ତ କେବଳ ତୁମମାନଙ୍କୁ ଏକ ସତ୍ୟ କହୁଅଛି। ଆଉ ମୁଁ ଏହାକୁ କହି ନ ଥାଆନ୍ତି ଯଦି ଏଠାରେ ଉପରେ, ସେହି କୋଠରୀରେ, ପବିତ୍ରଆତ୍ମା ଯଦି ମୋତେ ତାହା କହି ନ ଥାଆନ୍ତେ, "ଏହାକୁ ସେହିପରି ଭାବରେ କୁହ।" କ'ଣ ମୁଁ କେବେ ଆପଣମାନଙ୍କୁ ଏପରି କିଛି ଭୁଲ କଥା କହିଅଛି ମାତ୍ର ଯାହାକି ପରମେଶ୍ୱର ସତ୍ୟ ସିଦ୍ଧ କରି ନାହାଁନ୍ତି? ମୋ'ର ଭାଇମାନେ, ଏହା ପୂର୍ବରୁ କି ତାହା ଅତି ବିଳମ୍ବ ହୋଇଯାଏ, ନିଦ୍ରାରୁ ଜାଗ୍ରତ ହୋଇଯାଆନ୍ତୁ!

131 ମାତ୍ର ମୋତେ ଏହା କହିବାକୁ ଦିଅନ୍ତୁ। ଗୋଟିଏ କଣ୍ଟକଲତା କିପରି ଭାବରେ ଜାଗ୍ରତ ହୋଇପାରେ ଓ ଏକ ଅଗରା ଗଛ ହୋଇପାରେ, ଯେତେବେଳେକି ସେ ତ ତାହା ହେବା ନିମନ୍ତେ ପୂର୍ବରୁ ହିଁ ନିରୂପିତ ହୋଇଥିଲା? ମନୋନୀତ ଲୋକ କିପରି ଭାବରେ ତାହା ଦେଖିବାରୁ ବଞ୍ଚିତ ହୋଇପାରେ? ଯେହେତୁ, ଆପଣମାନେ ତ ତାହା ଦେଖିବା ନିମନ୍ତେ ମନୋନୀତ ଅଟନ୍ତି। "ସେସମସ୍ତେ ଯାହାଙ୍କୁ ମୋ'ର ପିତା ମୋତେ ପ୍ରଦାନ କରିଅଛନ୍ତି ସେମାନେ ଆସିବେ," ଯୀଶୁ କହିଲେ, "ମାତ୍ର ଏପରି କେହି ସେମାନଙ୍କ ମଧ୍ୟରୁ ଆସିପାରିବେ ନାହିଁ ଯେପର୍ଯ୍ୟନ୍ତକି ଜଗତ ପତ୍ତନାବଧି ପୂର୍ବରୁ ସେ ମୋତେ ପ୍ରଦାନ କରି ନାହାଁନ୍ତି, ଯେତେବେଳେକି ସେମାନଙ୍କର ନାମଗୁଡ଼ିକ ମେଷଶାବକଙ୍କ ଜୀବନ ପୁସ୍ତକରେ ରଖା

ଯାଇଥିଲା," କୌଣସି ଗୀର୍ଜାଘରର ସଦସ୍ୟମାନଙ୍କର ଏକ ପୁସ୍ତକରେ ନୁହେଁ, ମାତ୍ର ସେହି ପୁସ୍ତକରେ, ମେଷଶାବକଙ୍କ ଜୀବନ ପୁସ୍ତକରେ ରଖା ଯାଇଥିଲା।

ଧ୍ୟାନ ଦିଅନ୍ତୁ, ଯିରିମିୟ ସିଦ୍ଧ ସୁପ୍ରମାଣିତ ଭାବରେ, ଲୋକମାନଙ୍କ ସମ୍ମୁଖରେ ଛିଡ଼ା ହୋଇଥିଲେ, ତଥାପି ସେମାନେ ତାହାଙ୍କୁ ଘୃଣା କଲେ।

132 ଆଉ ତେଣୁକରି ସେମାନେ ଗଲେ ଓ ଏକ ଜୁଆଳି ନିର୍ମାଣ କଲେ, ସେ କଲେ, ଆଉ ତାହାକୁ ନିଜ ବେକ ଉପରେ ଥୋଇଲେ, ଓ ଲୋକମାନଙ୍କ ସମ୍ମୁଖକୁ ଗଲେ। ସେମାନେ କହିଲେ, "ଓଃ, ଆମେମାନେ ପରମେଶ୍ୱରଙ୍କ ମହାନ ଲୋକ ଅଟୁ। କାହିଁକି, ଆମେ ତ ଇସ୍ରାଏଲ ଅଟୁ। ଆମେମାନେ ଆମମାନଙ୍କର ଆରାଧନାଳୟ ପ୍ରତି ସତ୍ୟନିଷ୍ଠ ଅଟୁ! ଆମେମାନେ ପ୍ରତ୍ୟେକ ରବିବାର ସେବାକୁ ଯାଉ, ଆମେ, ଆମେମାନେ ବଳିଦାନଗୁଡ଼ିକୁ ଅର୍ପଣ କରୁ, ଆଉ ଆମେ ଆମର ଦେୟଗୁଡ଼ିକୁ ଦେଇଥାଉ। ତେବେ ନବୂଖଦ୍‌ନିତ୍ସର କିପରି ଭାବରେ ପରମେଶ୍ୱରଙ୍କର ପବିତ୍ର ବସ୍ତୁଗୁଡ଼ିକୁ ନେଇ ଯାଇପାରେ?" ହୁଃ! ତୁମମାନଙ୍କର ପାପସବୁ ତାହା କରିଥିଲା।

133 ପରମେଶ୍ୱର କହିଲେ, "ଯଦି ତୁମେ ମୋ'ର ଆଜ୍ଞାସକଳ ମାନିବ, ତେବେ ମୁଁ ଏହା କରିବି ନାହିଁ। ମାତ୍ର, ଯଦି ତୁମେ ତାହା କରିବ ନାହିଁ, ତାହାହେଲେ ଏହାସବୁ ତୁମ ପ୍ରତି ଘଟିବାକୁ ଯାଉଅଛି।" ଏହା ଯଥାର୍ଥ ଅଟେ। ଏବେ ମଧ୍ୟ ତାହା ଠିକ୍ ସେହିପରି ଅଟେ। ତାହାଙ୍କର ଆଜ୍ଞାସକଳ, ଏହି ସମୟ ନିମନ୍ତେ ତାହାଙ୍କର ପ୍ରତିଜ୍ଞାତ ବାକ୍ୟ, ପାଳନ କରନ୍ତୁ।

134 ତେବେ ଧ୍ୟାନ ଦିଅନ୍ତୁ। ତେବେ, ଯିରିମିୟ, ପରମେଶ୍ୱରଙ୍କ ଇଚ୍ଛା ଅନୁସାରେ, ପ୍ରମାଣିତ ଭବିଷ୍ୟଦ୍‌ବକ୍ତା ଥିଲେ, ଯଦ୍ଧପି ସେ ଘୃଣା କରା ଯାଇଥିଲେ...ସେମାନଙ୍କ ମଧ୍ୟରୁ ପ୍ରତ୍ୟେକେ ନିଜ ନିଜର ଦିନରେ ଘୃଣା କରା ଯାଇଥିଲେ। ସେମାନେ ସେହି ଦିନର ନାମଧାରୀ ସଂସ୍ଥାର ବିରୋଧାତ୍ମକ ଏପରି ଏପରି ବିଚିତ୍ର କାର୍ଯ୍ୟମାନ କରିଥିଲେ, ଯେ ପ୍ରତ୍ୟେକେ ତାହାଙ୍କୁ, ଏପରିକି ରାଜା ଓ ସମସ୍ତେ ତାହାଙ୍କୁ ଘୃଣା କରିଥିଲେ। ଏଣୁ ସେ ନିଜର ବେକରେ ଏକ—ଏକ ଜୁଆଳି ଥୋଇଲେ ଓ କହିଲେ, "**ସଦାପ୍ରଭୁ ଏହି କଥା କହନ୍ତି**। ସେମାନେ ସେଠାରେ ସତୁରୀ ବର୍ଷ ଯାଏଁ ବନ୍ଦୀତ୍ୱରେ ରହିବାକୁ ଯାଉଅଛନ୍ତି," ଯେହେତୁ ତାହାଙ୍କ ପାଖରେ ପରମେଶ୍ୱରଙ୍କ ବାକ୍ୟରୁ ପ୍ରାପ୍ତ ଏକ ଜ୍ଞାନ ଥିଲା। "ସତୁରୀ ବର୍ଷ!"

135 ଏଥି ଉତ୍ତାରେ ହନନୀୟ, ହନନୀୟ, ମୁଁ ଅନୁମାନ କରେ ଯେ ଆପଣ ତାହାକୁ ଏହିପରି ଭାବରେ ଉଚ୍ଚାରଣ କରନ୍ତି, ହ-ନ-ନୀ-ୟ। ହନନୀୟ, ଯିଏକି ଲୋକମାନଙ୍କ ମଧ୍ୟରେ ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ, ସେ ଆସିଲେ, ଯିରିମିୟଙ୍କ ବେକରୁ ସେହି ଜୁଆଳିକୁ କାଢ଼ି ପକାଇଲେ, ଓ ତା'କୁ ଭାଙ୍ଗି ଦେଲେ। ଆଉ କହିବାକୁ ଗଲେ, ସେ ଲୋକମାନଙ୍କ ମଧ୍ୟରେ ଜଣେ ବଡ଼ ଲୋକ ପରି ହେଉଥିଲେ, ଦେଖନ୍ତୁ, ଯେତେବେଳେକି ସେ ପରମେଶ୍ୱରଙ୍କ ବାକ୍ୟର ବିରୁଦ୍ଧରେ କଥା କହୁଥିଲେ। ଆଉ ସେ କହିଲେ, "ଦୁଇ ବର୍ଷ ମଧ୍ୟରେ ସେମାନେ ଫେରି ଆସିବେ। **ସଦାପ୍ରଭୁ ଏହି କଥା କହନ୍ତି**।"

ଦୁଇଟି ଅଭିଷିକ୍ତ ଭବିଷ୍ୟଦ୍‌ବକ୍ତା। ସେମାନଙ୍କ ଭିତରେ ଏତେ ପ୍ରାର୍ଥକ୍ୟ କେମିତି ଥିଲା? ଜଣଙ୍କ ପାଖରେ ବାକ୍ୟର ଅନୁସାରେ କହିବାର ଥିଲା, ଆଉ ଅନ୍ୟଜଣଙ୍କ ପାଖରେ ତାହା ନ ଥିଲା। ଯିରିମିୟ କହିଲେ, "ଆମେନ୍।"

136 ସମସ୍ତ ପ୍ରାଚୀନ ବର୍ଗ ଓ ମଣ୍ଡଳୀ, ସମଗ୍ର ଇସ୍ରାଏଲର ସମ୍ମୁଖରେ, ଦେଖନ୍ତୁ, ସେ ଏହା ଦେଖାଇବାକୁ ଚାହୁଁଥିଲେ ଯେ ସେ ମଧ୍ୟ ଯିରିମିୟଙ୍କ ସମାନ ବଡ଼ ହୋଇପାରନ୍ତି। "ସେ ଯାହାକିଛି ହେଉ, ତୁମେ ଜାଣିଛ ଯେ ସେମାନେ ତୁମକୁ ପସନ୍ଦ କରନ୍ତି ନାହିଁ। ତେବେ, ମୁଁ ମଧ୍ୟ ଜଣେ ଭବିଷ୍ୟଦ୍‌ବକ୍ତା ଅଟେ। ମୁଁ ତୁମଠାରୁ ଅଧିକ ଜଣେ ଭବିଷ୍ୟଦ୍‌ବକ୍ତା ଅଟେ ଯେତିକି ତୁମେ ଅଟ, କାରଣ ତୁମେ ଏକ ମିଥ୍ୟା ବିଷୟକୁ ଭବିଷ୍ୟତ୍‌ବାଣୀ କରୁଅଛ। ତୁମେ ମୋତେ ଏହା କହୁଅଛ ଯେ ପରମେଶ୍ୱରଙ୍କ ଲୋକମାନେ *ଏପରି-ଓ-ଏପରି* ଅବସ୍ଥାରେ ରହିବାକୁ ଯାଉଅଛନ୍ତି?"

137 ଠିକ୍ ତାହାହିଁ ଅଟେ ଯାହାକି ସେମାନେ ଆଜି କହିଥା'ନ୍ତି, ମାତ୍ର ତୁମେମାନେ ସେଠାରେ ଠିକ୍ ସେହି ସମାନ ଭାବରେ, ଗୋଟିଏ ମଣ୍ଡଳୀ ହୋଇ ରହିଥିବ। ତୁମେମାନେ ତ ଏକ ଅଭିଶାପରେ ଅଭିଶପ୍ତ ଅଟ। ତୁମେ ସମସ୍ତ ମଣ୍ଡଳୀଗଣ, ନାମଧାରୀ ସଂସ୍ଥାଗଣ, ପରମେଶ୍ୱରଙ୍କ ବାକ୍ୟ ପରିବର୍ତ୍ତେ ମନୁଷ୍ୟକୃତ ସେମାନଙ୍କର ପରମ୍ପରାକୁ ଧରି ରହିଅଛ, ତୁମେମାନେ ପରମେଶ୍ୱରଙ୍କ ଦ୍ୱାରା ଅଭିଶପ୍ତ ଅଟ।

138 ତେବେ ଧ୍ୟାନ ଦିଅନ୍ତୁ, ସେ ଏଠାରେ ଆସନ୍ତି। ହନନୀୟ ପରମେଶ୍ୱରଙ୍କ ଚିହ୍ନ ସ୍ୱରୂପ, ଏହି ଜୁଆଳିକୁ ଯିରିମିୟଙ୍କ ବେକରୁ କାଢ଼ି ନିଅନ୍ତି, ଓ ତା'କୁ ଭାଙ୍ଗି ପକାନ୍ତି, ଓ କହନ୍ତି, "**ସଦାପ୍ରଭୁ ଏହି କଥା କହନ୍ତି**। ଦୁଇ ବର୍ଷ ମଧ୍ୟରେ ସେମାନେ ଫେରି ଆସିବେ।" କେବଳ ଲୋକଙ୍କୁ ଦେଖାଇ ହେବା ପାଇଁ ଯେ, "ମୁଁ *ଅମୁକ-ଓ-ସମୁକ କିଛି* ଅଟେ।" ଯେହେତୁ ସେ ସେଠାରେ ଛିଡ଼ା ହୋଇଥିଲେ, ସେ ଜଣେ ସଂସ୍ଥାଗତ ଭବିଷ୍ୟତ୍‌ବକ୍ତା ଥିଲେ।

ଯିରିମିୟ ତ ଜଣେ ଜଙ୍ଗଲ ପ୍ରେମୀ ବ୍ୟକ୍ତି ଥିଲେ ଯିଏକି ସ୍ୱତନ୍ତ୍ର ଭାବେ ରହୁଥିଲେ। ସେ ସବୁ ସମୟରେ ସେମାନଙ୍କ ବିରୁଦ୍ଧରେ ମନ୍ଦ ହିଁ ଭବିଷ୍ୟତ୍‌ବାଣୀ କରିଥିଲେ, କାରଣ ସେମାନେ ମନ୍ଦ ଥିଲେ।

139 ଆଉ ଏହି ବ୍ୟକ୍ତି ଜଣକ ସେମାନଙ୍କୁ କହୁଥିଲେ, "ଓଃ, ତୁମେମାନେ ସବୁ ଠିକ୍ ଅଛ ଯେପର୍ଯ୍ୟନ୍ତକି ତୁମେମାନେ ଏଥିରେ ସଂଯୁକ୍ତ ଅଟ। ଯେପର୍ଯ୍ୟନ୍ତ ତୁମେମାନେ ଇସ୍ରାଏଲ ଅଟ, ତାହାହିଁ ସବୁକିଛି ଆବଶ୍ୟକ ଅଟେ। ଦେଖନ୍ତୁ, ତୁମେମାନେ, ଆମେ...ପରମେଶ୍ୱର ତାହା କରିବାକୁ ଯାଉନାହାଁନ୍ତି। ମୁଁ ଜାଣେ ଯେ ଏଠାରେ କିଛି ଗୋଟାଏ ଛୋଟ ଘଟଣାଟିଏ ଘଟିଅଛି, ମାତ୍ର ସେଥିରେ ଭୟଭୀତ ହୁଅନ୍ତୁ ନାହିଁ, ଡରି ଯାଆନ୍ତୁ ନାହିଁ।"

140 ଓଃ, ଭାଇ, ସେମାନେ ଆଜି ମଧ୍ୟ ରହିଛନ୍ତି। "ବ୍ୟାକୁଳ ହୁଅନ୍ତୁ ନାହିଁ, ସବୁକିଛି ଠିକ୍ ଅଛି। ସବୁକିଛି ଆମମାନଙ୍କ ନିୟନ୍ତ୍ରଣରେ ଅଛି। ଆମେମାନେ ମଣ୍ଡଳୀ ଅଟୁ।" ଆପଣମାନେ ତାହା ସେପରି ଭାବନ୍ତୁ ନାହିଁ। ହଁ, ଆଜ୍ଞା।

141 ଏଣୁ ସେ କହିଲେ, "ସବୁକିଛି ଠିକ୍ ଅଛି। ସେମାନେ ଦୁଇ ବର୍ଷ ମଧ୍ୟରେ ଫେରି ଆସିବେ। ଗୋଟିଏ ଛୋଟ ବିଷୟଟିଏ ଘଟିଅଛି। ଏହା କୌଣସି ଅସାଧାରଣ ବିଷୟ ନୁହେଁ। ଆମମାନଙ୍କ ପାଖରେ ତାହା ରହିଆସିଛି। ତେବେ ନବୂଖଦ୍‌ନିତ୍ସର ଠିକ୍ ଏଠାକୁ ଆସୁ, ମାତ୍ର ଆମ ପରମେଶ୍ୱର ଏହି ସମସ୍ତ ବିଷୟରେ ତତ୍ତ୍ୱ ନେବେ।"

142 ମାତ୍ର ବାକ୍ୟ କହିଥିଲା ଯେ ସେମାନେ ସେଠାରେ ସତୁରୀ ବର୍ଷ ଯାଏଁ ରହିବେ; ଯେପର୍ଯ୍ୟନ୍ତକି ସେହି ପୀଢ଼ୀ ଶେଷ ନ ହୋଇଯାଏ, ପୁଣି ଆଉ ଏକ ପୀଢ଼ୀ। ଚାଳିଶ ବର୍ଷ ଗୋଟିଏ ପୀଢ଼ୀ ହୁଏ। "ଏହା ପ୍ରାୟଃ ଦୁଇ ପୀଢ଼ୀ ଅଟେ, ଯେଉଁ ସମୟକି ତୁମେମାନେ ସେଠାରେ ରହିବାକୁ ଯାଉଅଛ।" ଆଉ ଯିରିମିୟ ଏହାକୁ ପରମେଶ୍ୱରଙ୍କ ବାକ୍ୟ ଅନୁସାରେ କହିଥିଲେ।

ହନନୀୟ ତାହା ଭାଙ୍ଗି ପକାଇଲେ! ଯିରିମିୟ କହିଲେ, "ଠିକ୍ ଅଛି। ଆମେନ୍। ମାତ୍ର, ହନନୀୟ, ଏହା ଆମମାନଙ୍କର ମନେ ଥାଉ, ଯେ ଆମେ ଦୁହେଁ ଭବିଷ୍ୟଦ୍‌ବକ୍ତା ଅଟୁ। ଆମେମାନେ ସେବକ ଅଟୁ।"

143 ଆଉ ମୋ'ର ଭାଇ, ମୁଁ ତୁମକୁ ଏହା କହୁଅଛି। ଆମମାନଙ୍କର ମନେ ଥାଉ ଯେ ଆମମାନଙ୍କ ପୂର୍ବେ ଭବିଷ୍ୟଦ୍‌ବକ୍ତାମାନେ ରହି ଆସିଛନ୍ତି, ଆଉ ସେମାନେ ରାଜ୍ୟ ବିରୁଦ୍ଧରେ ଭବିଷ୍ୟତ୍‌ବାଣୀ କରିଥିଲେ, ଆଉ ସେମାନେ କେତେକ ନିର୍ଦ୍ଦିଷ୍ଟ ବିଷୟଗୁଡ଼ିକ ବିରୁଦ୍ଧରେ ଭବିଷ୍ୟତ୍‌ବାଣୀ କରିଥିଲେ। ମାତ୍ର, ଏହା ମନେ ରହୁ ଯେ, ଯେତେବେଳେ ବି ଭବିଷ୍ୟଦ୍‌ବକ୍ତା କିଛି ବିଷୟ କହିଲେ, ତାହାଙ୍କୁ ପରମେଶ୍ୱରଙ୍କ ବାକ୍ୟ ଅନୁସାରେ ହିଁ ଭବିଷ୍ୟତ୍‌ବାଣୀ କରିବାକୁ ଥିଲା। ଯେପରିକି ମୀଖାୟ, ଓ ମୋଶା ଥିଲେ, ଏବଂ ସେମାନଙ୍କ ମଧ୍ୟରୁ ଅବଶିଷ୍ଟାଂଶ ସମସ୍ତେ ଥିଲେ। ଏହାକୁ ତ ପରମେଶ୍ୱରଙ୍କ ବାକ୍ୟର ଅନୁସାରେ ହିଁ ହେବାକୁ ଥିଲା। ଯଦି ତାହା ନ ହୁଏ, ତେବେ ମନେ ରଖିଥାଆନ୍ତୁ ଯେ କଅଣ ଘଟିଥିଲା।

144 ଏହାପରେ, ହନନୀୟ, ତାହାର ଧାର୍ମିକ କ୍ରୋଧ ପ୍ରଜ୍ୱଳିତ ହୋଇ ଉଠିଲା। "ମୁଁ ହନନୀୟ" (ନିଃସନ୍ଦେହ), "ସଦାପ୍ରଭୁଙ୍କର ଭବିଷ୍ୟଦ୍‌ବକ୍ତା ଅଟେ, ଆଉ ମୁଁ କହେ, 'ଦୁଇ ବର୍ଷ।'" ଅନ୍ୟ ଶବ୍ଦରେ କହିବାକୁ ଗଲେ, "ବାକ୍ୟ କ'ଣ କହେ ମୋ'ର ସେଥିରେ କିଛି ଯାଏ ଆସେ ନାହିଁ।" ତାହାର ଅଭିଷେକରେ, "ମୁଁ କହେ, 'ଦୁଇ ବର୍ଷରେ, ସେମାନେ ଫେରିଆସିବେ।'"

145 ଯିରିମିୟ ତାହାଙ୍କ ସମ୍ମୁଖରୁ ବାହାରି ଗଲେ, ଓ ବାହାରକୁ ଯାଇ, କହିଲେ, "ହେ ସଦାପ୍ରଭୁ, ମୋ'ର ସେଥିରେ କିଛି ଯାଏ ଆସେ ନାହିଁ ଯେ ସେ କ'ଣ କହିଲେ, ମୁଁ ତ ଏବେ ସୁଦ୍ଧା ଏହା ବିଶ୍ୱାସ କରେ ଓ ଜାଣେ ଯେ ସେହି ବାକ୍ୟ ହିଁ ଏହା କହିଅଛି। ମୁଁ ତୁମ ପ୍ରତି ସତ୍ୟନିଷ୍ଠ ରହିବି। ମୁଁ ତାହାଙ୍କ ଦ୍ୱାରା ପ୍ରତାରିତ ହେବି ନାହିଁ।"

146 ପରମେଶ୍ୱର କହିଲେ, "ଯାଇ ହନନୀୟକୁ କୁହ, 'ପରବର୍ତ୍ତୀ ଜୁଆଳି, ମୁଁ ଲୁହାରୁ ପ୍ରସ୍ତୁତ କରିବି।'" ଯେହେତୁ ସେ ତାହା ସେହିପରି କଲା, ହନନୀୟକୁ, ତାହାକୁ ସେହି ବର୍ଷ ହିଁ, ପୃଥିବୀ ପୃଷ୍ଠରୁ ନେଇ ନିଆଗଲା।

ଆମମାନଙ୍କ ସମ୍ମୁଖରେ ସେ ଦୁହେଁ ଭବିଷ୍ୟଦ୍‌ବକ୍ତା, ଆମର ଉଦାହରଣ ଅଟନ୍ତି । ଏହି ସମୟରେ ତାହା ସମ୍ବନ୍ଧରେ ଏପରି ଅନେକ କିଛି ବିଷୟ କୁହା ଯାଇପାରେ ଓ ଚର୍ଚ୍ଚା କରା ଯାଇପାରେ ।

147 ମାତ୍ର ଧ୍ୟାନ ଦିଅନ୍ତୁ । ଯୀଶୁ କହିଲେ, ଯେ, ଏହି ଶେଷ ସମୟରେ, ପୁଣିଥରେ, ସେହି ଦୁଇଟି ଆତ୍ମା ପୁନର୍ବାର ବାସ୍ତବରେ ଅତ୍ୟଧିକ ସମାନତାରେ ହୋଇଯିବେ । କଅଣ ଏହା ଠିକ୍ ଅଟେ? [ମଣ୍ଡଳୀ କହେ, "ଆମେନ୍ ।"—ଅନୁ] ତେବେ ଲକ୍ଷ୍ୟ କରନ୍ତୁ । ପୂର୍ବର ଅପେକ୍ଷା ଏଥର ତାହା ଅତ୍ୟଧିକ ସମାନତାରେ ହେବେ । ଏହା ଶେଷ ସମୟ ଅଟେ । ଓଃ, ପିଲାମାନେ! ପରମେଶ୍ୱର ଆମମାନଙ୍କ ଉପରେ ଦୟା କରନ୍ତୁ! ଏପରିକି, "ତାହା ଏତେ ବାସ୍ତବିକ ପରି ହେବ ଯେ ଯଦି ସମ୍ଭବ ହୁଏ ତାହା ମନୋନୀତ ଲୋକଙ୍କୁ ସୁଦ୍ଧା ଭ୍ରାନ୍ତ କରିଦେବ ।" ତେବେ ଆପଣ କିପରି ଚିହ୍ନଟ କରିବେ…ଆମେମାନେ ତାହାକୁ ସେହି ଦିନମାନଙ୍କରେ କିପ୍ରକାରେ କହିଥିଲୁ? ଆପଣ ତାହାକୁ ଆଜି କିପରି କହିବାକୁ ଯାଉଅଛନ୍ତି? ସେହି ସମାନ ପ୍ରକାରେ, ବାକ୍ୟ ସହିତ ଲାଗି ରହିଥିବାରେ, "ଯୀଶୁ ଖ୍ରୀଷ୍ଟ କାଲି, ଆଜି, ଓ ଚିରକାଳ ସମାନ ଅଟନ୍ତି ।"

148 ତେବେ ଏହି ସମସ୍ତ ବାର୍ତ୍ତାଗୁଡ଼ିକୁ ମନୋନିବେଶ କରନ୍ତୁ । ଆଉ ଯେତେବେଳେ ଆପଣ ଟେପ୍‌କୁ ଶୁଣନ୍ତି, ଏପରି ହୋଇପାରେ ଯେ ଦିନେ ମୁଁ ବି ଏହି ପୃଥିବୀରୁ ଚାଲି ଯାଇଥିବି ଯେତେବେଳେକି ଏଠ ।ରେ ପୃଥିବୀ ପୃଷ୍ଠ ଉପରେ ପ୍ରଭୁଙ୍କର ମୋ' ସହିତ କ ।ମ ଶେଷ ହୋଇ ଯାଇଥିବ, ଆପଣମାନେ ଏହି ଟେପ୍‌ରେ ଥିବା ବାର୍ତ୍ତାକୁ ଉଲ୍ଲେଖ କରିବେ । ମୋ'ର ରବକୁ ଧ୍ୟାନ ଦେଇ ଶୁଣନ୍ତୁ, ଯାହା ମୁଁ ଆପଣମାନଙ୍କୁ କହୁଅଛି । ଯଦି ସେ ମୋତେ ତାହାଙ୍କର ଆଗମନ ପୂର୍ବରୁ ନେଇଯାଆନ୍ତି, ତେବେ କେବଳ ମନେ ରଖିଥାଆନ୍ତୁ, ଯେ ମୁଁ ଆପଣମାନଙ୍କୁ ପ୍ରଭୁଙ୍କର ବାକ୍ୟ ଦ୍ୱାରା, ପ୍ରଭୁଙ୍କର ନାମରେ କହିଅଛି । ହଁ ।

149 ଧ୍ୟାନ ଦିଅନ୍ତୁ, "ସେମାନେ ଏତେ ସନ୍ନିକଟବର୍ତ୍ତୀ ହେବେ ଯେ ଯଦି ସମ୍ଭବ ହୁଏ ତାହା ମନୋନୀତ ଲୋକଙ୍କୁ ସୁଦ୍ଧା ଭ୍ରାନ୍ତ କରିବ," ସେମାନେ ସେହି ସମାନ ଆତ୍ମା ଦ୍ୱାରା, ସମାନ ଚିହ୍ନମାନ, ସମାନ ଆଶ୍ଚର୍ଯ୍ୟ କର୍ମମାନ ସାଧନ କରିବେ । କ'ଣ ତାହା ଠିକ୍ ଅଟେ? [ମଣ୍ଡଳୀ କହେ, "ଆମେନ୍ ।"—ଅନୁ] ଠିକ୍ ଯେପରିକି ସେହି ଭାବବାଦୀମାନେ ଥିଲେ ଯାହାଙ୍କ ବିଷୟରେ ଆମେ ଏବେ ହେଁ କଥା ହେଉଥିଲୁ, ସେହି ଭବିଷ୍ୟଦ୍‌ବକ୍ତାମାନେ । ତେବେ, ଏହା ମଧ୍ୟ ଲେଖା ଅଛି ଯେ…

ତେବେ ଆସନ୍ତୁ, ଯଦି ଆପଣମାନେ ଚାହାଁନ୍ତି, ଗୋଟିଏ ଉଦାହରଣ ନିମନ୍ତେ, ଆମେମାନେ ଦ୍ୱିତୀୟ ତୀମଥି ୩କୁ ଯିବା । ଆସନ୍ତୁ ଆମେମାନେ ଏହାକୁ ନ ଛାଡୁ । ଆଉ ମୁଁ ଚାହେଁ ନାହିଁ…

150 ମୁଁ ସେଠାରେ ଉପରକୁ ସେହି ଘଡ଼ି ପ୍ରତି ଦୃଷ୍ଟିପାତ କଲି, ଆଉ ମୁଁ—ମୁଁ ଏହାର ଅଧିକାଂଶ ବିଷୟସବୁ ଛାଡ଼ିଦେବା ପାଇଁ ଚାହେଁ, ଆଉ ମୁଁ ଭାବୁ ନାହିଁ ଯେ ଆମେମାନେ ବର୍ତ୍ତମାନ ତାହା ସବୁ ନେବା । ବୁଝିଲେ? ଧ୍ୟାନ ଦିଅନ୍ତୁ । କେବଳ…ଯଦି ମୁଁ ଏଠାରେ ଛିଡ଼ା ହୋଇଅଛି, ଆଉ

ଏପରି ଭାବରେ ଝାଳନାଳ ହେଉଅଛି ଯେପରିକି ମୁଁ ଅଟେ, ଦେଖନ୍ତୁ, ମାତ୍ର ମୁଁ ଆନନ୍ଦିତ ଅଟେ। ଆଉ ମୁଁ ଜାଣେ ଯେ ଏହା ସତ୍ୟ ଅଟେ। ଦ୍ୱିତୀୟ ତୀମଥି ୩:୪।

151 ପାଉଲ ସେହି ବ୍ୟକ୍ତି ଅଟନ୍ତି, ଯିଏକି ଏହା କହିଥିଲେ, "ଯେଉଁ ସୁସମାଚାର ମୁଁ ତୁମ୍ଭମାନଙ୍କ ନିକଟରେ ପ୍ରଚାର କରିଅଛି, ଯଦି କୌଣସି ଏକ ସ୍ୱର୍ଗଦୂତ ଆସି ତଦ୍‌ଭିନ୍ନ ଅନ୍ୟ ସୁସମାଚାର ପ୍ରଚାର କରେ, ତେବେ ସେ ଶାପଗ୍ରସ୍ତ ହେଉ," ତେବେ, ଜଣେ ସ୍ୱର୍ଗଦୂତ ତଳକୁ ଓହ୍ଲାଇ ଆସିବା। ତାହା ଦ୍ୱିତୀୟ ଥେସଲନୀକୀୟ...ଓଃ, ମୋତେ କ୍ଷମା କରନ୍ତୁ।

152 ତେବେ ଦ୍ୱିତୀୟ ତୀମଥି ୩:୪ ରେ ଧ୍ୟାନ ଦିଅନ୍ତୁ। ତେବେ ପାଉଲଙ୍କୁ ଏଠାରେ କହୁଥିବାର ଲକ୍ଷ୍ୟ କରନ୍ତୁ। ତେବେ ଆସନ୍ତୁ ଆମେମାନେ ଆରମ୍ଭ କରିବା...ଆସନ୍ତୁ ପ୍ରଥମ ପଦରୁ ଆରମ୍ଭ କରିବା, ଆଉ ବର୍ତ୍ତମାନ ଧ୍ୟାନ ସହକାରେ ଶୁଣନ୍ତୁ। ଆପଣମାନଙ୍କ ପାଖରେ ଯାହାର ବାଇବଲ ଅଛି, ମୋ' ସହିତ ପାଠ କରନ୍ତୁ। ଆପଣମାନେ ଯେଉଁମାନଙ୍କ ପାଖରେ ନିଜର ବାଇବଲ ନାହିଁ, ଧ୍ୟାନ ଦେଇ ଶୁଣନ୍ତୁ। ସେହି...

*କିନ୍ତୁ ଏହା ଜାଣିଥାଅ ଯେ, ଶେଷକାଳରେ...*

ସେହି "ଶେଷକାଳ," କୁ ରେଖାଙ୍କିତ କରନ୍ତୁ। ଏହାହିଁ ସେହି ସମୟ ଅଟେ ଯେତେବେଳେକି ତାହା ଘଟିବାକୁ ଯାଉଅଛି।

*...ଭୀଷଣ ସମୟ ଉପସ୍ଥିତ ହେବ।* (ଆମେମାନେ ସେହି ସମୟରେ ଅଛୁ।)

*କାରଣ ଲୋକମାନେ ଆତ୍ମପ୍ରିୟ, ଧନଲୋଭୀ, ଆତ୍ମଗର୍ବୀ, ଅହଂକାରୀ, ନିନ୍ଦକ, ପିତାମାତାଙ୍କର ଅବାଧ୍ୟ, ଅକୃତଜ୍ଞ, ଅପବିତ୍ର ହେବେ।*

153 ତେବେ ଏହି ସମୂହକୁ ଦେଖନ୍ତୁ ଯାହାକି ଆଜି ଆମମାନଙ୍କ ପାଖରେ ରହିଅଛି, ତାହା ପଚି ସଢ଼ି ଯାଇଅଛି। ଏପରିକି ରାସ୍ତାରେ ଯାଉଥିବା ପୁରୁଷ, ଯୁବା ପୁରୁଷ, ଜଣେ ସ୍ତ୍ରୀଲୋକ ସଦୃଶ ବେଣି କରିଥିବା ସହ, ତା'ଙ୍କ ମସ୍ତକରୁ ଲମ୍ବା କେଶ ଛାଡ଼ି ରଖିଥା'ନ୍ତି। ବିକୃତ! ସଦୋମୀ!

154 କଅଣ ଆପଣମାନେ ଏହି ବର୍ଷର, ଏହି ମାସର *ରିଡର୍ସ ଡାଇଜେଷ୍ଟ* ପତ୍ରିକାରେ ପଢ଼ିଲେ? ଯାହା କହେ, "ଆମେରିକୀୟ ଲୋକମାନେ ସେମାନଙ୍କର ଆୟୁର," ମୁଁ ଭାବୁଛି ତାହା ଥିଲା, "କୋଡ଼ିଏ ବର୍ଷରୁ ପଚିଶ-ବର୍ଷ ମଧ୍ୟରେ, ସେମାନଙ୍କର ମଧ୍ୟ-ବୟସ୍କ ଅବସ୍ଥାକୁ ଆସିଯା'ନ୍ତି।" ସେମାନଙ୍କର ପତନ ହୋଇ ଯାଇଥାଏ! ସେମାନେ ଭ୍ରଷ୍ଟ ହୋଇ ଯାଇଥା'ନ୍ତି! ବିଜ୍ଞାନ କହେ ଯେ, ଜଣେ ପୁରୁଷ, ଓ ଜଣେ ସ୍ତ୍ରୀଲୋକ, ସେମାନଙ୍କର ପ୍ରାରମ୍ଭିକ କୋଡ଼ିଏ ବର୍ଷର ଆୟୁରେ ରହିଥିବା ବେଳେ ମଧ୍ୟ-ବୟସ୍କ ଲୋକମାନଙ୍କର ଅବସ୍ଥାକୁ ଆସି ଯାଇଥା'ନ୍ତି। ସେମାନଙ୍କର ଶରୀରଗୁଡ଼ିକ ଏତେ ଭ୍ରଷ୍ଟ ଅଟେ ଓ ମନ୍ଦ ପ୍ରତି ଏତେ ଆସକ୍ତ ଅଟେ।

ଓଃ, ଆମେରିକା, ପରମେଶ୍ୱର ତୋ' ଉପରେ ଛାୟା କରିବା ପାଇଁ କେତେ ଥର ଇଚ୍ଛା କଲେ, ମାତ୍ର ବର୍ତ୍ତମାନ ତୋ'ର ସମୟ ଉପସ୍ଥିତ ଅଟେ! ତୁ ମନ୍ଦ ବିଷୟରେ ଜଗତର ନେତୃତ୍ୱ କରୁଅଛୁ ।

*...ନିନ୍ଦକ, ପିତା ମାତାଙ୍କର ଅବାଧ୍ୟ, ଅକୃତଜ୍ଞ, ଅପବିତ୍ର,*

*ସ୍ନେହଶୂନ୍ୟ,...*

ଏପରିକି ଜଣେର ଅନ୍ୟ ପ୍ରତି ଆଉ ବାସ୍ତବିକ ପ୍ରେମ ନାହିଁ, ପୁରୁଷର ସ୍ତ୍ରୀ ପ୍ରତି, ସ୍ତ୍ରୀର ପୁରୁଷ ପ୍ରତି । "ଏପରିକି ପ୍ରାକୃତିକ ସ୍ନେହ ସୁଦ୍ଧା ନାହିଁ ।" ମନ୍ଦ, କାମୁକତା!

*...ଅମିଳନପ୍ରିୟ, ଅପବାଦକ, ଅଜିତେନ୍ଦ୍ରିୟ, ପ୍ରଚଣ୍ଡ, ଓ ଉତ୍ତମ ବିଷୟର ଘୃଣାକାରୀ,*

155 ଅନ୍ୟ ଶବ୍ଦରେ, କହିବାକୁ ଗଲେ, "ତୁମେ ପବିତ୍ର ଧର୍ମୋନ୍ମତ୍ତର ସମୂହ ।" କେହି ଜଣେ ମୋତେ ଅନ୍ୟ ଏକ ଦିନ ଏଠାରେ ଗୀର୍ଜାକୁ ଆସିବା ବିଷୟରେ ପଚାରିଲେ । ସେ କହିଲେ, "ସେଠାରେ ଉପରକୁ ଯାଅ ନାହିଁ । ସେଠାରେ ଯାହା ସବୁ ହୁଏ ତାହା କେବଳ ପାଟିତୁଣ୍ଡ କରିବା ଓ ହୋ ହାଲ୍ଲା କରିବା ହୁଏ ।"

ଦେଖନ୍ତୁ ଯେ, "ସେହି ବିଷୟର ଘୃଣାକାରୀ ।"

*ବିଶ୍ୱାସଘାତକ, ଦୁଃସାହସୀ, ଦାମ୍ଭିକ ହେବେ, ଓ ପରମେଶ୍ୱର ପ୍ରିୟ ନ ହୋଇ ବରଂ ବିଳାସପ୍ରିୟ ହେବେ;*

ଆପଣ କହନ୍ତି, "ଭାଇ ବ୍ରାନହାମ୍, ସେମାନେ ସାମ୍ୟବାଦୀ ଅଟନ୍ତି ।" ପରବର୍ତ୍ତୀ ପଦ କ'ଣ କହେ?

*ସେମାନେ ଭକ୍ତିର ଭେଖ ଧରନ୍ତି, କିନ୍ତୁ* (କ'ଣ?) *ସେଥିର ଶକ୍ତିକୁ ଅସ୍ୱୀକାର କରନ୍ତି:* (ସେହି ବାକ୍ୟକୁ, ଯୀଶୁ ଖ୍ରୀଷ୍ଟଙ୍କୁ ଅସ୍ୱୀକାର କରନ୍ତି ଯିଏକି କାଲି, ଆଜି, ଓ ଚିରକାଳ, ସମାନ ଅଟନ୍ତି, ଯିଏକି ପ୍ରକଟିତ ହୋଇଅଛନ୍ତି, ଯିଏକି ଏହି ଦିନର ପ୍ରତିଜ୍ଞା ଅଟନ୍ତି)...

ଠିକ୍ ଯେପରିକି ହନନୀୟ କରିଥିଲେ, ଠିକ୍ ଯେପରିକି ସିଦ୍‌କିୟ କରିଥିଲେ, ଠିକ୍ ଯେପରିକି ବିଲିୟାମ କରିଥିଲେ, ପୁରାତନ ସମୟରେ, ସେହି ଅନ୍ୟାନ୍ୟ ଭଣ୍ଡ ଭାବବାଦୀମାନେ କରିଥିଲେ ।

*ସେମାନେ ଭକ୍ତିର ଭେଖ ଧରନ୍ତି,* (ଅଭିଷିକ୍ତ...ବୁଝିଲେ?)

*ଭେଖ ଧରନ୍ତି,* (ଅଭିଷିକ୍ତ, ବିଧିବଦ୍ଧ ନିରୂପିତ ସେବକଗଣ...)

*ସେମାନେ ଭକ୍ତିର ଭେଖ ଧରନ୍ତି, କିନ୍ତୁ ଅସ୍ୱିକାର କରନ୍ତି* (ଯେ ସେ ସମାନ ଅଟନ୍ତି କାଲି, ଆଜି, ଓ...ତାହାଙ୍କର ବାକ୍ୟକୁ ଅସ୍ୱୀକାର କରନ୍ତି!)

156 ସେମାନେ ସେଦିନ ଯୀଶୁଙ୍କୁ କିପରି ଭାବରେ ଅସ୍ୱୀକାର କରିଥିଲେ? ସେମାନେ ଯେତେବେଳେ ଯୀଶୁଙ୍କୁ ଅସ୍ୱୀକାର କରିଥିଲେ ସେମାନେ କାହାକୁ ଅସ୍ୱୀକାର କରିଥିଲେ? ବାକ୍ୟକୁ। ସେମାନେ ଧାର୍ମିକ ଥିଲେ। ସେମାନେ ସେମାନଙ୍କର ବାଇବଲରୁ ଶିକ୍ଷା ଦେଉଥିଲେ, ମାତ୍ର ସେହି ଦିନର-ଉପସ୍ଥିତ ବାକ୍ୟକୁ ଅସ୍ୱୀକାର କରିଥିଲେ।

157 ସେମାନେ ଆଜି କ'ଣ ଅଟନ୍ତି? ସେହି ସମାନ ବିଷୟ, ଅଭିଷିକ୍ତ ଅଟନ୍ତି, ପେଣ୍ଟିକଷ୍ଟ ଦିନର ସୁସମାଚାରକୁ ପ୍ରଚାର କରନ୍ତି, ମାତ୍ର ଆଜିର ଦିନର-ଉପସ୍ଥିତ ବାକ୍ୟର ପ୍ରତିଜ୍ଞାକୁ ସୁପ୍ରମାଣିତ ହେଉଥିବାର ଅସ୍ୱୀକାର କରନ୍ତି ଯେ, "ଯୀଶୁ ଖ୍ରୀଷ୍ଟ କାଲି, ଆଜି, ଓ ଚିରକାଳ ସମାନ ଅଟନ୍ତି।" କ'ଣ ଆପଣମାନେ ତାହା ଦେଖନ୍ତି? [ମଣ୍ଡଳୀ କହେ, "ଆମେନ୍।"—ଅନୁ]

> *କାରଣ ଏମାନେ ଏପରି ଲୋକ ଅଟନ୍ତି ଯେଉଁମାନେ ଘରେ ଘରେ ପଶି* ପାପରେ *ଭାରାକ୍ରାନ୍ତ ଓ ବିଭିନ୍ନ କୁଅଭିଳାଷରେ* ଚାଳିତ *ନିର୍ବୋଧ ସ୍ତ୍ରୀମାନଙ୍କୁ... ବଶବର୍ତ୍ତୀ କରନ୍ତି;*

158 "ଆମର ସିଲାଇର ଆମୋଦ ପ୍ରମୋଦଜନକ ମିଳନ ଓ ଆମର *ଅମୁକ-ଓ-ସମୁକ*।" କେହି ଜଣେ ଆସି ବାକ୍ୟର ଭୁଲ୍ ଅନୁବାଦ କରିବାକୁ ଚେଷ୍ଟା କରନ୍ତି, ଓ ଏହା କହନ୍ତି, "ଭଉଣୀ, ଆପଣଙ୍କ ନିମନ୍ତେ, ଛୋଟ କେଶ ରଖିବା ଠିକ୍ ଅଟେ। ସେହି ନିର୍ବୋଧ ବ୍ୟକ୍ତିର କଥା ପ୍ରତି ଧ୍ୟାନ ଦିଅନ୍ତୁ ନାହିଁ। ବୁଝିଲେ? କିଅବା, ଯଦି ଆପଣ—ଆପଣ *ଏହା* ପରିଧାନ କରନ୍ତି; ଏହା *ତାହା* ନୁହେଁ, 'ଏହା ତ ମନୁଷ୍ୟର ହୃଦୟ ଭିତରୁ ଯାହା ନିର୍ଗତ ହୁଏ ତାହାକୁ ଅପରିଷ୍କାର କରିଥାଏ।'" ବୁଝିଲେ? ଆଉ କ'ଣ ଆପଣ ଏହା ଅନୁଭବ କରନ୍ତି ଯେ ଆପଣ ଗୋଟିଏ ମନ୍ଦ, କୁଅଭିଳାଷୀ, ଓ ଅଶୁଚି ଆତ୍ମାରେ ଅଭିଷିକ୍ତ ଅଟନ୍ତି? ସାବଧାନ ହୁଅନ୍ତୁ, ଆପଣ ଛୋଟ କେଶ ରଖି, ଗାୟନ ମଣ୍ଡଳୀର ଗୀତ ଗାଉ ଥାଇପାରନ୍ତି, ମାତ୍ର ଆପଣଙ୍କଠାରେ ତ ଏକ ମନ୍ଦ ଆତ୍ମା ଅଛି। ତାହା ବାକ୍ୟର ବିରୁଦ୍ଧରେ ଅଟେ। ତାହା ଠିକ୍ ଅଟେ। ତାହାହିଁ ଅଟେ ଯାହାକି ବାଇବଲ ବ୍ୟକ୍ତ କରେ। ଆଉ ଆପଣ କହନ୍ତି, "ତେବେ, ମୁଁ ଛୋଟ ଛୋଟ ପାଇଜାମା ପିନ୍ଧେ। ଏହା ମୋତେ ଦୋଷି କରେ ନାହିଁ।"

"ଯେକେହି, ଯଦି ଜଣେ ସ୍ତ୍ରୀଲୋକ ଏପରି ଏକ ବସ୍ତ୍ର ପରିଧାନ କରେ ଯାହାକି ଜଣେ ପୁରୁଷ ନିମନ୍ତେ ଉଦ୍ଦିଷ୍ଟ ଅଟେ, ତେବେ ପରମେଶ୍ୱରଙ୍କ ଦୃଷ୍ଟିରେ ତାହା ଏକ ଘୃଣାର ବିଷୟ ଅଟେ।" ସେହି ଅପରିବର୍ତ୍ତନୀୟ ପରମେଶ୍ୱର ତାହା କହିଥିଲେ।

159 ଓଃ, ଅନେକ ବିଷୟମାନ ଅଛି, ଆମେମାନେ ତାହାସବୁ କିପରି ଦେଖିପାରିବା? ଆମମାନଙ୍କର ସମୟ ଶେଷ ହୋଇଯିବ। ମାତ୍ର ଆପଣ ଏହା ଜାଣିବା ହେତୁ ଯଥେଷ୍ଟ ଜ୍ଞାନଯୁକ୍ତ ଅଟନ୍ତି ଯେ କ'ଣ ଠିକ୍ ଓ କ'ଣ ଭୁଲ୍ ଅଟେ। ଆଉ ମୁଁ ତାହାକୁ ଆପଣମାନଙ୍କ ସମ୍ମୁଖରେ କିପରି ଭାବରେ ଉପସ୍ଥାପିତ କରିପାରେ? ମୁଁ ତାହା କିପରି କରିପାରେ? ଆପଣ କହିବେ, "ତେବେ, ଆପଣ କେଉଁ ବିଷୟ ନେଇ ଏତେ ପାଟିତୁଣ୍ଡ କରୁଅଛନ୍ତି?" ମୁଁ ଆପଣଙ୍କ

ବିରୁଦ୍ଧରେ ଜଣେ ସାକ୍ଷୀ ଅଟେ । କୌଣସି ଏକ ଦିନେ, ବିଚାରର ଦିନରେ, ଆପଣ ଲୁଚିବା ପାଇଁ କୋଣଟିଏ ସୁଦ୍ଧା ପାଇବେ ନାହିଁ ।

160 ମୀଖାୟ ତାହାକୁ କିପରି ଭାବରେ ଅଟକାଇ ପାରିଥା'ନ୍ତେ? କିପରି ଭାବରେ ମୋଶା, ଉଚ୍ଚ ସ୍ୱରରେ ଚିତ୍କାର କରି, ସେମାନଙ୍କୁ ଅଟକାଇବା ପାଇଁ ଚେଷ୍ଟା କରି ପାରିଥା'ନ୍ତେ? ଆଉ ଯିହୋଶୂୟ ଓ ଅନ୍ୟାନ୍ୟ ସମସ୍ତେ କିପରି ଭାବରେ ଲୋକମାନଙ୍କ ଗହଣକୁ ଦୌଡ଼ି ଯାଇଥିଲେ? ଆଉ ଏପରିକି, ଲେବୀୟ କିପରି ତାହାର ଖଡ଼୍ଗ ବାହାର କରି, ସେମାନଙ୍କୁ ବଧ କରିଥିଲେ? ତଥାପି ସେମାନେ ସେହି ସମାନ ଭାବରେ ଅଗ୍ରସର ହୋଇ ଚାଲିଥିଲେ ।

161 ଏହା ତ ଭବିଷ୍ୟତ୍‌ବାଣୀ କରାଯାଇଅଛି ଯେ ସେମାନେ ତାହା କରିବାକୁ ଯାଉଅଛନ୍ତି । ଆଉ ସେମାନେ ତାହା କରିବାକୁ ଯାଉଅଛନ୍ତି, କାରଣ ଏହା **ସଦାପ୍ରଭୁ ଏହି କଥା କହନ୍ତି** ବାକ୍ୟ ଅଟେ ଯେ ସେମାନେ ତାହା କରିବାକୁ ଯାଉଅଛନ୍ତି । କ'ଣ ଆପଣମାନେ ଭାବୁଛନ୍ତି ଯେ ସେହି ନାମଧାରୀ ସଂଗଠନଗୁଡ଼ିକ କେବେ ଭାଙ୍ଗିଯିବ, ସେମାନଙ୍କର ନାମଧାରୀ ସଂସ୍ଥା କଦାଚିତ୍ ବାକ୍ୟ ନିକଟକୁ ଫେରିଆସିବ? ଏହା **ସଦାପ୍ରଭୁ ଏହି କଥା କହନ୍ତି** ବାକ୍ୟ ଅଟେ, ସେମାନେ ଫେରିଆସିବେ ନାହିଁ! କ'ଣ ସେମାନେ ଖ୍ରୀଷ୍ଟ ।ରୀ ମଧ୍ୟକୁ ଚାଲିଯିବେ? ଅବିକଳ ଭାବରେ । ଏହା **ସଦାପ୍ରଭୁ ଏହି କଥା କହନ୍ତି** ବାକ୍ୟ ଅଟେ, ସେମାନେ ଚାଲିଯିବେ! "ତାହାହେଲେ ଆପଣଙ୍କର କହିବାର କ'ଣ ପ୍ରୟୋଜନ ଅଟେ?" ମୋତେ ଏକ ସାକ୍ଷୀ ହେବାକୁ ଅଛି, ଓ ଆପଣମାନଙ୍କୁ ମଧ୍ୟ ହେବାକୁ ଅଛି, ସମସ୍ତ ବିଶ୍ୱାସୀମାନଙ୍କୁ ହେବାକୁ ଅଛି । ଧ୍ୟାନ ଦିଅନ୍ତୁ ।

*...ବିଭିନ୍ନ କୁଅଭିଳାଷରେ...ଚାଳିତ ନିର୍ବୋଧ ସ୍ତ୍ରୀମାନେ,*

"ତେବେ, ଅନ୍ୟାନ୍ୟ ସମସ୍ତ ସ୍ତ୍ରୀମାନେ ସେହି ବିଷୟ କରନ୍ତି ।" ଭଣ୍ଡ ଭାବବାଦୀମାନ! ତେବେ ଶୁଣନ୍ତୁ । ମୁଁ ସେମାନଙ୍କ ବିଷୟରେ କହୁଅଛି । ତେବେ ଏହି ଶେଷ ଦିନରେ ସେମାନେ କ'ଣ କରିବେ?

*...ବିଭିନ୍ନ କୁଅଭିଳାଷରେ...ଚାଳିତ ନିର୍ବୋଧ ସ୍ତ୍ରୀମାନଙ୍କୁ ଆପଣାର ବଶବର୍ତ୍ତୀ କରନ୍ତି,*

"ତେବେ, ମୁଁ ଜାଣେ ଯେ ଅନ୍ୟାନ୍ୟ ସେହି ସମସ୍ତ ସ୍ତ୍ରୀଲୋକମାନେ..." ଠିକ୍ ଅଛି, ଆପଣ କରନ୍ତୁ ।

162 କାଲିଫର୍ଣ୍ଣିଆ ସହରରେ ଏଠାରେ ଏହି ବଡ଼ ଘଟଣା ଘଟିବା ପୂର୍ବରୁ ମୁଁ ଆପଣମାନଙ୍କୁ କ'ଣ କହିଥିଲି? "ଲସ୍ ଏଞ୍ଜଲିସ୍ ସହରରେ ଥିବା ଆପଣ ଲୋକମାନେ, ପ୍ରତ୍ୟେକ ବର୍ଷ ଯେତେବେଳେ ମୁଁ ଏଠାକୁ ଫେରି ଆସିଥାଏ ପୂର୍ବ ବର୍ଷ ଅପେକ୍ଷା ଅଧିକ ସଂଖ୍ୟକ ଛୋଟ କେଶ-ବିନ୍ୟାସ କରୁଥିବା ସ୍ତ୍ରୀଲୋକମାନେ ରହିଥା'ନ୍ତି ଓ ଅଧିକ ସଂଖ୍ୟାରେ ମାଇଚିଆ ଲୋକମାନେ ରହିଥା'ନ୍ତି, ଏବଂ ଅଧିକ ସଂଖ୍ୟାରେ ପ୍ରଚାରକମାନେ ନାମଧାରୀ ସଂସ୍ଥାକୁ ଯାଇଥା'ନ୍ତି । ଆପଣମାନେ କ୍ଷମାରହିତ ନୁହଁନ୍ତି! ଯଦି ଏହି ମହତ୍ କର୍ମମାନ ସଦୋମ ଓ ଅମୋରାରେ କରାଯାଇଥା'ନ୍ତା ଯାହାକି ତୁମମାନଙ୍କ ମଧ୍ୟରେ କରାଯାଉଅଛି, ତାହାହେଲେ

ସେ ଆଜି ମଧ୍ୟ ତିଷ୍ଠି ରହିଥା'ନ୍ତା । ହେ, କାଫରନାହୂମ୍, ତୁ ଯୋ' ନିଜକୁ ଦୂତମାନଙ୍କ ନଗରୀ, ଲସ୍ ଏଞ୍ଜଲିସ୍ ବୋଲି କୁହାଉଅଛୁ!" ଦେଖନ୍ତୁ କ'ଣ ଘଟୁଅଛି? ସେ ତ ସମୁଦ୍ର ପାଦଦେଶକୁ ଠିକ୍ ବୁଡ଼ିବାକୁ ଯାଉଅଛି । କେବେ? ମୁଁ ଜାଣେ ନାହିଁ ଯେ ତାହା କେବେ ବୁଡ଼ିବାକୁ ଯାଉଅଛି, ମାତ୍ର ତାହା ଯାଉଅଛି । ହେ ଯୁବା ଲୋକମାନେ ତୁମେ, ଯଦି ମୁଁ ମୋ' କାଳରେ ତାହା ଦେଖେ ନାହିଁ, ତେବେ ତୁମେମାନେ ଲକ୍ଷ୍ୟ କରିବ । ତାହାର ଶେଷ ଦଶା ସୁନିଶ୍ଚିତ ଅଟେ!

*ସର୍ବଦା ଶିକ୍ଷା କରୁଥିଲେ,... ସତ୍ୟ ଜାଣିବା ପାଇଁ କଦାପି ସମର୍ଥ ହୁଅନ୍ତି ନାହିଁ ।*

ତେବେ ଏଠାରେ ସେହି ଆଘାତ ବିଷୟ ଅଟେ, ଏଠାରେ ସେହି ଆଘାତ ଜନିତ ବିଷୟ ଅଟେ । ଏହାକୁ ଧ୍ୟାନ ଦେଇ ଶୁଣନ୍ତୁ ।

> *ଆଉ ଯେପରି ଯନ୍ନୀସ୍ ଓ ଯମ୍ବ୍ରୀସ୍ ମୋଶାଙ୍କର ପ୍ରତିରୋଧ କରିଥିଲେ, ସେହିପରି ଏହି ପୁରୁଷମାନେ ମଧ୍ୟ ସତ୍ୟର ପ୍ରତିରୋଧ କରନ୍ତି: ଏମାନେ ଭ୍ରଷ୍ଟମନା ହୋଇ ବିଶ୍ୱାସ ସମ୍ବନ୍ଧରେ ପ୍ରମାଣ ସିଦ୍ଧ ନୁହଁନ୍ତି,* ଯାହାକି ଏକାଥରକେ ସାଧୁମାନଙ୍କୁ ପ୍ରଦତ୍ତ ହୋଇଥିଲା, ନିଶ୍ଚିତରେ ।

"ବିଶ୍ୱାସ ସମ୍ବନ୍ଧରେ ।" "ଆଉ ସେ ପିତୃପୁରୁଷଙ୍କର ବିଶ୍ୱାସକୁ, ନତୁବା ସନ୍ତାନମାନଙ୍କର ବିଶ୍ୱାସକୁ, ପିତୃପୁରୁଷଙ୍କ ଆଡ଼କୁ ଫେରାଇବେ ।"

163 "ବିଶ୍ୱାସ ସମ୍ବନ୍ଧରେ ପ୍ରମାଣ ସିଦ୍ଧ ନୁହଁନ୍ତି ।" ଓଃ! କ'ଣ ଆପଣ ଜାଣନ୍ତି ଯେ *ପ୍ରମାଣ ସିଦ୍ଧ ନ ହେବା* ର ଅର୍ଥ କ'ଣ ଅଟେ? ଯଦି ଆପଣଙ୍କ ପାଖରେ ସ୍କୋଫିଲ୍ଡ ବାଇବଲ ଅଛି, ତେବେ ସେଥିରେ ସେଠାରେ ଏକ ଅକ୍ଷର *ଏଚ୍* ଉଲ୍ଲିଖିତ ଅଛି । ନିର୍ଦ୍ଦେଶକ୍ରମେ ସେଠାରେ, ତା'ର ଅର୍ଥ ଲେଖା ଅଛି, "ଧର୍ମ ପରିତ୍ୟାଗ କରିବା ।" ଜଣେ ଧର୍ମ ପରିତ୍ୟାଗକାରୀ, ଏହାହିଁ ତା'ର ଅର୍ଥ ଅଟେ ।

164 ତେବେ, କେବଳ ଗୋଟିଏ ମିନିଟ୍ ରୁହନ୍ତୁ । ମୁଁ ଏଠାରେ କିଛି ବିଷୟ ଦେଖିବାକୁ ଚାହେଁ । ମୁଁ ଭାବୁଛି ମୁଁ ତାହାକୁ ଠିକ୍ ଏଠାରେ ଲେଖିଥିଲି । ମୁଁ ଏଥିରେ ସୁନିଶ୍ଚିତ ନୁହେଁ, ମାତ୍ର ମୁଁ ତାହାକୁ କହିବା ପାଇଁ ଚାହେଁ, ତେଣୁ ତାହାକୁ କହିବା ପୂର୍ବରୁ ମୁଁ—ମୁଁ ଦେଖିବାକୁ ଚାହେଁ । ତେବେ, କେବଳ ଗୋଟିଏ ମିନିଟ୍ ରୁହନ୍ତୁ । [ଟେପ୍‌ରେ ରିକ୍ତ ସ୍ଥାନ—ଅନୁ] "ସତ୍ୟ ସମ୍ବନ୍ଧରେ, ସେହି ବିଶ୍ୱାସ ସମ୍ବନ୍ଧରେ ପ୍ରମାଣ ସିଦ୍ଧ ନୁହଁନ୍ତି ।" "ସେହି ବିଶ୍ୱାସ," କେବଳ ଗୋଟିଏ ମାତ୍ର ହିଁ ବିଶ୍ୱାସ ଅଛି । ଏହା ଠିକ୍ ଅଟେ । "ବିଶ୍ୱାସ ସମ୍ବନ୍ଧରେ, ପ୍ରମାଣ ସିଦ୍ଧ ନୁହଁନ୍ତି!"

ତେବେ ମୁଁ ଲୂକ 18 ପାଠ କରିବାକୁ ଚାହେଁ । କେବଳ ଗୋଟିଏ ମିନିଟ୍ ରୁହନ୍ତୁ । ଆପଣଙ୍କୁ କରିବାର ନାହିଁ...ଆପଣ ତାହା ଲେଖି ନେଇପାରନ୍ତି; ଆପଣଙ୍କୁ ତାହା ପାଠ କରିବାର ଦରକାର ନାହିଁ ।

> *କ୍ଳାନ୍ତ ନ ହୋଇ...*ସର୍ବଦା *ପ୍ରାର୍ଥନା କରିବା ଯେ କର୍ତ୍ତବ୍ୟ, ଏ ବିଷୟରେ, ସେ ସେମାନଙ୍କୁ ଦୃଷ୍ଟାନ୍ତ ଦେଇ କହିଲେ;*

*କହିଲେ—କହିଲେ, ଗୋଟିଏ ନଗରରେ ଜଣେ ବିଚାରକର୍ତ୍ତା ଥିଲେ, ସେ ପରମେଶ୍ୱରଙ୍କୁ ଭୟ କରୁ ନ ଥିଲେ, କି ମନୁଷ୍ୟକୁ ମାନୁ ନ ଥିଲେ:*

*ସେହି ନଗରରେ ଜଣେ ବିଧବା ଥିଲା; ସେ ଥରକୁ ଥର ତାଙ୍କ ନିକଟକୁ ଯାଇ, କହୁଥିଲା, ମୋହର ବିବାଦୀ ଅନ୍ୟାୟର ପ୍ରତିକାର କରନ୍ତୁ ।*

*ଆଉ ସେ—ଆଉ ସେ କେତେ ସମୟ ପର୍ଯ୍ୟନ୍ତ ସମ୍ମତ ହେଉ ନ ଥିଲେ: କିନ୍ତୁ ପରେ ମନେ ମନେ କହିଲେ, ଯଦ୍ଯପି ମୁଁ ପରମେଶ୍ୱରଙ୍କୁ ଭୟ କରେ ନାହିଁ, କିମ୍ୱା ମନୁଷ୍ୟକୁ ମାନେ ନାହିଁ;*

*ତଥାପି ବିଧବାଟା ମୋତେ କଷ୍ଟ ଦେଉଥିବାରୁ, ମୁଁ ତାହା ପ୍ରତି କୃତ ଅନ୍ୟାୟର ପ୍ରତିକାର କରିବି, ନୋହିଲେ...ସେ ସବୁବେଳେ ଆସି ମୋତେ ବ୍ୟତିବ୍ୟସ୍ତ କରୁଥିବ ।*

*ସେଥିରେ ପ୍ରଭୁ କହିଲେ, ଏହି ଅଧାର୍ମିକ ବିଚାରକର୍ତ୍ତା କଅଣ କହୁଅଛନ୍ତି ତାହା ଶୁଣ ।*

*ତେବେ ପରମେଶ୍ୱରଙ୍କ ଯେଉଁ ମନୋନୀତ ଲୋକମାନେ ଦିବାରାତ୍ର ତାହାଙ୍କୁ ଡାକୁଥାଆନ୍ତି, ସେ କି ସେମାନଙ୍କ...ପ୍ରତି କୃତ ଅନ୍ୟାୟର ପ୍ରତିକାର କରିବେ ନାହିଁ, ଯଦ୍ଯପି ସେ ସେମାନଙ୍କ ଶତ୍ରୁମାନଙ୍କ ପ୍ରତି ଦୀର୍ଘ ସହିଷ୍ଣୁ ଅଟନ୍ତି?*

*ମୁଁ ତୁମ୍ଭମାନଙ୍କୁ କହୁଅଛି ସେ ଶୀଘ୍ର ସେମାନଙ୍କ ପ୍ରତି କୃତ ଅନ୍ୟାୟର ପ୍ରତିକାର କରିବେ । ତଥାପି ମନୁଷ୍ୟପୁତ୍ର ଆସି, ପୃଥିବୀରେ କଅଣ ବିଶ୍ୱାସ ଦେଖିବେ?*

165 ତେବେ ଏହାହିଁ ପ୍ରଶ୍ନ ଅଟେ । ଏହାହିଁ ହିଁ ଅଟେ ଯେଉଁଠାକୁ ମୁଁ ଯିବାକୁ ଚାହୁଁଥିଲି: ପ୍ରକାଶିତ ବାକ୍ୟ 10 ରେ । (ଆମେମାନେ ଅଳ୍ପ କେତେକ ମିନିଟ୍‌ରେ ତାହା ନିକଟକୁ ଯିବା, ଅନ୍ୟ ଏକ ଶାସ୍ତ୍ରାଂଶର ପଦକୁ ଯିବା, ଦେଖନ୍ତୁ ।), ସେ କହିଲେ, "ସପ୍ତମ ଦୂତର ବାକ୍ୟ ଘୋଷଣା କରିବା ଦିନମାନଙ୍କରେ, ପରମେଶ୍ୱରଙ୍କ ନିଗୂଢ଼ ସଂକଳ୍ପ ସଫଳ ହେବା ଉଚିତ୍ ଅଟେ ।" ଏଠାରେ ସେହି ପ୍ରଶ୍ନଟି, ଏହା ଯେ, ଯଦି ଆପଣ ଏହି ସମୟରେ ସେହି ବାକ୍ୟକୁ ବିଚାର କରି ତା'ର ଅନୁବର୍ତ୍ତୀ ହୁଅନ୍ତି, ତାହାହେଲେ *କଅଣ* ତାହା ସଫଳ ହୋଇଯିବ? "କଅଣ ମୁଁ ସେହି ବିଶ୍ୱାସକୁ ପାଇବି?" କଅଣ ଏହି ସମୟରେ ମଲାଖି 4 ସଫଳ ହେବ, "ସନ୍ତାନଗଣର ବିଶ୍ୱାସକୁ, ସେହି ମୂଳ, ପିତୃପୁରୁଷଙ୍କର ବିଶ୍ୱାସ ପ୍ରତି, ସେହି ବାକ୍ୟ ଆଡ଼କୁ ପୁନଃସ୍ଥାପିତ କରିବ"? ବୁଝିଲେ?

166 "ପ୍ରମାଣ ସିଦ୍ଧ ନୁହଁନ୍ତି, ଯେପରିକି ଯନ୍ନୀସ୍ ଓ ଯମ୍ବ୍ରୀସ୍, ଯେଉଁମାନେକି ପ୍ରତିରୋଧ କରିଥିଲେ ।" ତେବେ, ଦ୍ୱିତୀୟ ତୀମଥି ୩:୫, ମଧ୍ୟ, ଶୁଣନ୍ତୁ । "ଯେପରିକି ଯନ୍ନୀ-... ମୋଶାଙ୍କର ପ୍ରତିରୋଧ କରିଥିଲେ, ଠିକ୍ ସେହି ପ୍ରକାରେ ଏହି ଶେଷ ଦିନମାନଙ୍କରେ ବିଶ୍ୱାସରେ ପ୍ରମାଣ ସିଦ୍ଧ ନ ଥିବା ଏହି ସମାନ ବ୍ୟକ୍ତିମାନେ ଆସିବେ," ତେବେ ଏଠାରେ ଦେଖନ୍ତୁ ଯେଉଁଠାରେକି ଏହା କହେ, "ଭକ୍ତିର ଭେଖ ଧରିଥିବା," ଅଭିଷିକ୍ତଗଣ । ତେବେ ଆସନ୍ତୁ ଆମେ କେବଳ...ଆପଣମାନେ ଘରକୁ ଯାଆନ୍ତୁ ଓ—ଓ ଯେତେବେଳେ ଘରକୁ

ଯିବେ ଏହା ପାଠ କରନ୍ତୁ, ଯେପରିକି ମୁଁ ଏହାକୁ, ଯଦି ପାରେ, ତେବେ ଏହି ସକାଳରେ ଶେଷ କରିପାରେ । "...ସମ୍ୱନ୍ଧରେ ପ୍ରମାଣ ସିଦ୍ଧ ନୁହଁନ୍ତି ।" ଜୀବନ ଯାପନ କରିବାରେ—ରେ—ରେ ପ୍ରମାଣ ସିଦ୍ଧ ନ ଥିବା ବ୍ୟକ୍ତି ନୁହଁନ୍ତି; ସେମାନେ ତ ଖୁବ୍ ଉତ୍ତମ, ସଭ୍ୟ ଶିଷ୍ଟ ଲୋକମାନେ ଅଟନ୍ତି ।

167 ତେବେ ଧ୍ୟାନ ଦିଅନ୍ତୁ, ଯେତେବେଳେ ମୋଶା ମିସରକୁ ଗଲେ, **ସଦାପ୍ରଭୁ ଏହି କଥା କହନ୍ତି** ଏକ ବାକ୍ୟ ସହିତରେ, ଓ ସୁପ୍ରମାଣିତ ହୋଇଥିଲେ; ଆଉ ଇସ୍ରାଏଲକୁ ଆହ୍ୱାନ କଲେ, ଯେଉଁ ଇସ୍ରାଏଲକି ଏକ ଜାତି ସ୍ୱରୂପେ ଥିଲା, ଏକ ମଣ୍ଡଳୀ ସ୍ୱରୂପେ ନୁହେଁ । ଇସ୍ରାଏଲ ତ ଏକ ଜାତି ଥିଲା; ସେମାନେ କଦାପି ଏକ ମଣ୍ଡଳୀ ନ ଥିଲେ । କାରଣ, ସେହି *ମଣ୍ଡଳୀ* ଶବ୍ଦର ଅର୍ଥ ହେଲା "ଆହୂତ-ଲୋକମାନେ ।" ସେମାନେ ପରମେଶ୍ୱରଙ୍କ ଲୋକ ଥିଲେ । ତା'ପରେ ଯେତେବେଳେ ସେମାନେ ବାକ୍ୟର ଅଧିନରେ ଅଭିଷିକ୍ତ ହେଲେ, ଓ ଆହୂତ ହେଲେ, ସେତେବେଳେ ସେମାନେ ପରମେଶ୍ୱରଙ୍କ ମଣ୍ଡଳୀ ହେଲେ । ଆଉ ତା'ପରେ ପଶ୍ଚାତଗାମୀ ହେଲେ, କାରଣ ସେମାନେ ପରମେଶ୍ୱରଙ୍କ ବାକ୍ୟକୁ ବିଶ୍ୱାସ କଲେ ନାହିଁ, ଓ ଜଣେ ଭଣ୍ଡ ଭାବବାଦୀର କଥା ଶୁଣିଥିଲେ । ମୁଁ ଆଶା କରେ ଯେ ତାହା ଆପଣଙ୍କ ଭିତରେ ମଜ୍ଜିଯାଏ ।

168 ଇସ୍ରାଏଲ, ପରମେଶ୍ୱରଙ୍କ ପ୍ରଜା ହୋଇଥିବା ହେତୁରୁ, ପରମେଶ୍ୱରଙ୍କ ହସ୍ତ ତଳେ, ବାକ୍ୟରେ ଅଭିଷିକ୍ତ ହୋଇ...ପରମେଶ୍ୱରଙ୍କ ସ ।ମର୍ଥ ସହିତ ବାହାରି ଆସିଥିଲେ, ସେମାନେ ପରମେଶ୍ୱରଙ୍କ ଚିହ୍ନସକଳ ଓ ଆଶ୍ଚର୍ଯ୍ୟ କର୍ମସକଳ ଦେଖିଥିଲେ । ଆଉ ସେତେବେଳେ ଯେତେବେଳେକି ପରମେଶ୍ୱର ସେମାନଙ୍କ ସହିତରେ ଗମନାଗମନ କରୁଥିଲେ, ଜଣେ ଭଣ୍ଡ ଭାବବାଦୀ ଆସିଲେ, ଯିଏକି ଅଭିଷିକ୍ତ ଥିଲେ, ଓ ସେମାନଙ୍କୁ ପରମେଶ୍ୱରଙ୍କର ମୂଳ ବାକ୍ୟ ଯାହା ସେମାନେ ଶୁଣିଥିଲେ ତାହାର ବିରୁଦ୍ଧରେ ଏପରି କିଛି ଶିକ୍ଷା ଦେଲେ; ଆଉ ତା'ପରେ କେବଳ ତିନି ଲୋକଙ୍କ ବ୍ୟତୀତ, ସେମ ।ନଙ୍କ ମଧ୍ୟରୁ ପ୍ରତ୍ୟେକେ ପ୍ରାନ୍ତରରେ ବିନଷ୍ଟ ହୋଇଯାଇଥିଲେ । ତେବେ ଏହାକୁ ଧରନ୍ତୁ ।

169 "ଯେପରିକି ଏହା ନୋହଙ୍କ ଦିନରେ ହୋଇଥିଲା, ଯେତେବେଳେକି କେବଳ ଆଠଟି ପ୍ରାଣ ମାତ୍ର ଜଳ ଦ୍ୱାରା ରକ୍ଷାପ୍ରାପ୍ତ ହୋଇଥିଲେ, ଠିକ୍ ସେହିପରି ମନୁଷ୍ୟପୁତ୍ରଙ୍କର ଆଗମନ ସମୟରେ ତାହା ହେବ ।" "ଯେପରିକି ଲୋଟଙ୍କ ଦିନରେ ହୋଇଥିଲା, ଯେଉଁଠାରେକି ତିନି ଜଣ କେବଳ ସଦୋମରୁ ବାହାରି ଆସିଥିଲେ, ଠିକ୍ ସେହି ପ୍ରକାରେ ଏହା ସେତେବେଳେ ମନୁଷ୍ୟପୁତ୍ରର ପ୍ରକଟିତ ହେବା ସମୟରେ ହେବ ।" ମୁଁ ତ କେବଳ ପ୍ରଭୁଙ୍କର ବାକ୍ୟ, ଶାସ୍ତ୍ର ଉଲ୍ଲିଖିତ କରୁଅଛି, ଯାହାକି, "ଆକାଶ ଓ ପୃଥିବୀ ଲୋପ ପାଇଯିବ..." ଏହା ତ ଅତି ଏକ ଅଳ୍ପ ସଂଖ୍ୟାରେ ହେବ!

170 ଏଠାରେ ଧ୍ୟାନ ଦିଅନ୍ତୁ । ମୋଶା ହାରୋଣ ପାଖକୁ ଯାଆନ୍ତି । ମୋଶାଙ୍କୁ ଇଶ୍ୱର ହେବାକୁ ଥିଲା । ପରମେଶ୍ୱର ତାହାଙ୍କୁ ଇଶ୍ୱର ହେବା ପାଇଁ କହିଥିଲେ, ଯଥା, "ତୁମେ ଇଶ୍ୱର ହେବ, ଆଉ ତୁମର ଭାଇ ହାରୋଣ ତୁମର ଭବିଷ୍ୟଦ୍‌ବକ୍ତା ହେବ । ଯଦି ତୁମେ ଭଲ ଭାବରେ

କଥା କହି ନ ପାର, ତେବେ ତୁମେ ତା'ର ମୂଖରେ ଶବ୍ଦଗୁଡ଼ିକୁ ଦେଇ ଦେବ।" ପରମେଶ୍ୱର ପଚାରିଲେ, "ତେବେ ମନୁଷ୍ୟକୁ ଜଡ଼ କିଏ କଲା? ମନୁଷ୍ୟକୁ ବାକ୍‌ଶକ୍ତି କିଏ ଦେଲା?" ସଦାପ୍ରଭୁ ହିଁ ତାହା କଲେ।

171 ଆଉ ସେ ସେଠାକୁ ଗଲେ। ସେ କ'ଣ କଲେ? ସେ ସେଠାରେ ଏକ ବାସ୍ତବିକ ଓ ଯଥୋଚିତ ଆଶ୍ଚର୍ଯ୍ୟ କର୍ମ ସାଧନ କଲେ ଯାହାକି ପରମେଶ୍ୱର ତାହାଙ୍କୁ କରିବା ପାଇଁ କହିଥିଲେ। ପରମେଶ୍ୱର ତାହାଙ୍କୁ କହିଥିଲେ, "ଯାଅ ତୁମ ଯଷ୍ଟିକୁ ଭୂମିରେ ପକାଅ।" ତାହାକୁ ଉଠାଇଲେ, ଆଉ ତାହା ଏକ ସର୍ପ ଥିଲା। ସେ ତାହାକୁ ଉଠାଇ ନେଲାରୁ, ତାହା ପୁନର୍ବାର ଯଷ୍ଟିରେ ପରିଣତ ହୋଇଗଲା। ସେ କହିଲେ, "ଯାଅ ଓ ତାହାକୁ ଫାରୋ ସମ୍ମୁଖରେ କର, ଏବଂ କୁହ, '**ସଦାପ୍ରଭୁ ଏହି କଥା କହନ୍ତି।**'"

172 ଆଉ ଯେତେବେଳେ ଫାରୋ ଏହା ଦେଖିଲେ, ଆମେ ଯେମିତି କହୁ, "କାହିଁକି, ଏହା ତ ଅତି ଏକ ସାଧାରଣ ଯାଦୁକାରୀ ବିଦ୍ୟା ଅଟେ।" ସେ କହିଲେ, "ସେଥିରେ କିଛି ବଡ଼ ବିଷୟ ନାହିଁ। ତୁମେ ଜାଣ, ତାହା ତ ଏକ ମ ।ନସିକ ଚିତ୍ତବୋଧ ପରି ଅବା ସେପରି କିଛି ବିଷୟ ଅଟେ। ଆମ ପାଖରେ ମଧ୍ୟ ଆମ ସଙ୍ଗଠନରେ ଏମିତି ଲୋକମାନେ ଅଛନ୍ତି ଯେଉଁମାନେକି ସେହି ସମାନ ବିଷୟ ସାଧନ କରିପାରନ୍ତି। 'ବିଶପ୍ *ଅମୁକ-ଓ-ଅମୁକ,* ଏଠାକୁ ଆସନ୍ତୁ। ଆଉ, ତୁମେ, ତୁମେ ଏଠାକୁ ଆସ।' ଆମ ପାଖରେ ମଧ୍ୟ ସେମାନେ ଅଛନ୍ତି ଯେଉଁମାନେ କି ସେହି ସମାନ ବିଷୟକୁ ସାଧନ କରିପାରନ୍ତି।" ତାହା ତ ଶୟତାନ ଫାରୋ ଦେଇ କଥା କହୁଥିଲା।

ଆଉ ତାହା ତ ପରମେଶ୍ୱର ମୋଶାଙ୍କ ଦେଇ କଥା କହୁଥିଲେ।

173 ମାତ୍ର ଏହି ବ୍ୟକ୍ତିଙ୍କୁ ଆସିବାର ଦେଖନ୍ତୁ। ଯନ୍ନୀସ ଓ ଯମ୍ବ୍ରୀସ ବାହାରି ମୋଶା, ଓ ଲୋକମାନଙ୍କ ସମ୍ମୁଖରେ ସାର୍ବଜନୀନ ଭାବେ ଆସିଲେ, ଓ ପ୍ରତ୍ୟେକ ସେହି ଆଶ୍ଚର୍ଯ୍ୟ କର୍ମ ସାଧନ କଲେ ଯାହା ମୋଶା କରି ପାରିଥିଲେ। "ଯଦି ସମ୍ଭବ ହୁଏ ସେମାନେ ମନୋନୀତ ଲୋକଙ୍କୁ ସୁଦ୍ଧା ଭ୍ରାନ୍ତ କରିବେ।" କଅଣ ଏହା ଠିକ୍ ଅଟେ? ସେମାନେ ସେହି ସମାନ ବିଷୟକୁ ସାଧନ କଲେ ଯାହାକି ମୋଶା କରିଥିଲେ। କଅଣ ଆପଣ ତାହା ବୁଝିଲେ? ତେବେ ମନେ ରଖନ୍ତୁ, ଏହା **ପବିତ୍ରଶାସ୍ତ୍ର ଏହି କଥା କହେ** ଅଟେ, ଯେ ଶେଷ ଦିନରେ ଏହା ପୁଣିଥରେ ସେହିପରି ହେବ।

ମୋଶା ଓ ଯମ୍ବ୍ରୀସ୍ ମଧ୍ୟରେ କ'ଣ ପାର୍ଥକ୍ୟ ଥିଲା?

ମୋଶା କହିଲେ, "ଜଳରେ ରକ୍ତ ହୋଇଯାଉ।"

ଆଉ ଏହି ଭଣ୍ଡ ଭାବବାଦୀମାନେ କହିଲେ, "ନିଶ୍ଚିତରେ, ଆମେମାନେ ମଧ୍ୟ ଜଳରେ ରକ୍ତ ଆଣିପାରୁ।" ଆଉ ତାହା ସେହିପରି ହେଲା।

ଏଣୁ ମୋଶା କହିଲେ, "ଉକୁଣିଆ ପୋକ ଆସିଯାଉ।" ସେ ତାହା କେଉଁଠାରୁ ପାଉଥିଲେ? ସିଧାସଳଖ ପରମେଶ୍ୱରଙ୍କଠାରୁ। ବୁଝିଲେ?

ଆଉ ସେ କ'ଣ କଲା? ସେ କହିଲା, "ତେବେ, ନିଶ୍ଚିତରେ, ଆମେମାନେ ମଧ୍ୟ ଉକୁଣିଆ ପୋକ ଆଣିପାରୁ।" ଆଉ ସେମାନେ ତାହା କଲେ। ଆଉ ଯେଉଁ ଯେଉଁ ଆଶ୍ଚର୍ଯ୍ୟ କର୍ମ ମୋଶା କରି ପାରିଥିଲେ, ସେମାନେ ମଧ୍ୟ, ତାହା କରି ପାରୁଥିଲେ!

174 ମନେ ରଖିଥାଆନ୍ତୁ, ଏହି ବିଷୟକୁ ମସ୍ତିଷ୍କରେ ରଖନ୍ତୁ, ଅଳ୍ପ ସମୟ ମଧ୍ୟରେ, ଆମେ ତାହା ପାଖକୁ ଆସୁଅଛୁ। ସେମାନେ ତାହା ସମସ୍ତ କିଛି ସାଧନ କରିପାରନ୍ତି ଯାହାକି ଅନ୍ୟାନ୍ୟ ସମସ୍ତେ କରିପାରନ୍ତି, ମାତ୍ର ସେମାନେ ବାକ୍ୟ ସହିତ ରହିପାରନ୍ତି ନାହିଁ। ସେମାନେ ବାକ୍ୟ ସହିତ ରହିପାରନ୍ତି ନାହିଁ।

175 ତେବେ ଧ୍ୟାନ ଦିଅନ୍ତୁ, ସେମାନେ ତାହା ସାଧନ କଲେ। ମାତ୍ର ମୋଶା, ଯିଏକି ପରମେଶ୍ୱରଙ୍କ ଦ୍ୱାରା ଅଧିକାର ପ୍ରାପ୍ତ, ପରମେଶ୍ୱରଙ୍କଠାରୁ ପ୍ରେରିତ-ଜଣେ ବାସ୍ତବିକ ଭବିଷ୍ୟଦ୍‌ବକ୍ତା ଥିଲେ, ସେ କେବେହେଲେ ସେମାନଙ୍କ ସହିତ ବାଦାନୁବାଦ କଲେ ନାହିଁ, ଏହା କହିଲେ ନାହିଁ ଯେ, "ଦେଖ, ତୁମେ ତାହା କରିପାରିବ ନାହିଁ! ତୁମେ କରିପାରିବ ନାହିଁ!" ସେ ସେମାନଙ୍କୁ ତାଙ୍କ ଦଶାରେ ଏକାକୀ ଛାଡ଼ି ଦେଲେ, ସେମାନଙ୍କୁ ତାଙ୍କ ଇଚ୍ଛାରେ କରିବା ପାଇଁ ଛାଡ଼ି ଦେଲେ। ସେମାନେ ନାମଧାରୀ ସଂସ୍କାର ଭାବବାଦୀମାନେ ଅଟନ୍ତି, ମାତ୍ର ସେମାନଙ୍କୁ ଛାଡ଼ି ଅଗ୍ରସର ହୁଅନ୍ତୁ।

176 ମୋଶା ତ କେବଳ ଅଗ୍ରସର ହୋଇ ଚାଲିଲେ, ସେ ପରମେଶ୍ୱରଙ୍କ କଥା ଶୁଣିଲେ। ଯାହାକିଛି ପରମେଶ୍ୱର କହିଲେ, "ତେବେ ତୁମେ *ଏହା* କର," ମୋଶା ଗଲେ ଓ ସେହି ବିଷୟ କରିଥିଲେ। ସେ ଏକ ନୂଆ ବିଷୟ କରିଥିଲେ। ଯେତେବେଳେ ସେମାନେ ତାହା କରୁଥିଲେ, ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣର ଏକ ସମ୍ବେଦନା ବା ସେପରି କିଛି ବିଷୟ ହୋଇଥିଲା, ଏଠାରେ ସେମାନେ ତାହା ସେହିପରି କରିଥିଲେ। ସେମାନେ ମଧ୍ୟ, ସେହି ବିଷୟକୁ ଠିକ୍ ସେହିପରି ସାଧନ କରିଥିଲେ, ଯେପରିକି ମୋଶା କରିଥିଲେ।

177 ତେବେ ଧ୍ୟାନ ଦିଅନ୍ତୁ। ଏହି ବ୍ୟକ୍ତିମାନେ ପ୍ରକଟ ହେଲେ...ଓଃ, ଆପଣ ଲୋକମାନେ, ଏହାକୁ ଦେଖିବାରେ ଆପଣ ବଞ୍ଚିତ ହୁଅନ୍ତୁ ନାହିଁ! ଏହି ପ୍ରବଞ୍ଚକମାନେ, ଛଳନାକାରୀମାନେ, ପ୍ରଥମେ ବାସ୍ତବିକ ସତ୍ୟ ବିଷୟଟି ଘଟିସାରିବା ପରେ ପ୍ରକଟ ହେଲେ। ବୁଝିଲେ? ସେମାନେ ଛଳନା କରିବା ପାଇଁ ଆସନ୍ତି। ଦେଖନ୍ତୁ, ସେମାନଙ୍କୁ ତାହା କରିବାକୁ ପଡ଼େ। ଶୟତାନ କିଛି ସୃଷ୍ଟି କରିପାରେ ନାହିଁ; ସେ ତ କେବଳ ମୂଳ ବିଷୟର ବିକୃତିକାରୀ ମାତ୍ର ଅଟେ।

ଆଉ ପାପ କ'ଣ ଅଟେ? ଧାର୍ମିକତାକୁ ବିକୃତ କରିବା। ବ୍ୟଭିଚାର କ'ଣ ଅଟେ? ଉଚିତ କାର୍ଯ୍ୟକୁ ବିକୃତ କରିବା। ମିଥ୍ୟା କ'ଣ ଅଟେ? ସତ୍ୟ ବିଷୟକୁ ଅନୁଚିତ ଭାବେ ପ୍ରଦର୍ଶିତ କରିବା। ଏକ ବିକୃତି!

178 ହନନୀୟକୁ ଦେଖନ୍ତୁ, ମୂଳ ବାକ୍ୟର ଏକ ବିକୃତ ରୂପ। ବିଲିୟ।ମକୁ ଦେଖନ୍ତୁ, ମୂଳ ବାକ୍ୟର ଏକ ଭ୍ରଷ୍ଟ ରୂପ। ସିଦିକିୟକୁ ଦେଖନ୍ତୁ, ମୂଳ ବାକ୍ୟର ବିକୃତ ରୂପ।

ଆଉ ବାଇବଲ ଏହା କହେ ଯେ ଏହି ବ୍ୟକ୍ତିମାନେ ବାହାରି ଆସିବେ, ବିକୃତ କରିବା ପରେ...ଅବା ମୂଳ ବାକ୍ୟ ସୁପ୍ରମାଣିତ ଓ ସତ୍ୟ ବୋଲି ପ୍ରମାଣିତ ହୋଇସାରିବା ପରେ ତା'କୁ ବିକୃତ କରିବା ପାଇଁ ଆସିବେ ।

179 "ସୁସମାଚାର ପ୍ରଚାରକର କାର୍ଯ୍ୟ ସାଧନ କର," ସେହି କୋଣରେ ଲେଖାହୋଇ ରଖାଯାଇଛି, "ତୁମ୍ଭ ସେବାକାର୍ଯ୍ୟ ସମ୍ପନ୍ନ କର । କାରଣ ଏପରି ସମୟ ଆସିବ ଯେତେବେଳେ ସେମାନେ ହିତଜନକ ଶିକ୍ଷା ସହ୍ୟ କରିବେ ନାହିଁ, ମାତ୍ର ଶୃତି ମଧୁର କଥାରେ ସନ୍ତୁଷ୍ଟ ହୋଇ, ଅଭିଳାଷାନୁସାରେ ଆପଣାମାନଙ୍କ ନିମନ୍ତେ ବହୁସଂଖକ ଶିକ୍ଷକଙ୍କୁ ସଂଗ୍ରହ କରିବେ; ତା'ପରେ ଅଗ୍ରସର ହୋଇ ଯାହା ସେମାନଙ୍କର ଇଚ୍ଛା ତାହା ସାଧନ କରିବେ, ଓ କହିବେ, 'ଏହା ଠିକ୍ ଅଛି, ଆମମାନଙ୍କ ପାଖରେ ସେହି ସମାନ ଆଶ୍ଚର୍ଯ୍ୟ କର୍ମ ଓ ଚିହ୍ନସକଳ ଅଛି ।' ପୁଣି ସତ୍ୟ ବାକ୍ୟରୁ ଓହରି ଯିବେ, ଓ କଳ୍ପିତ କାହାଣୀ, ଶିକ୍ଷା ସିଦ୍ଧାନ୍ତ ପ୍ରତି ମନ ଦେବେ ।"

180 ଓଃ, ପବିତ୍ରଆତ୍ମାଙ୍କର ସେହି ସଚେତନତା, ସେହି ଭୟ ଯାହାକି ଜଣେ ମନୁଷ୍ୟର ପ୍ରାଣକୁ ସେତେବେଳେ ଆଘାତ କରେ ଯେତେବେଳେ ସେ ଏହା ଚିନ୍ତା କରିବାକୁ ବନ୍ଦ କରିଦିଏ ଯେ ତାହା ଠିକ୍ ଆମ ସମ୍ମୁଖରେ କେତେ ସରଳ ଓ ସ୍ପଷ୍ଟ ଅଟେ! ଏଠାରେ ଏହି ଭବନର ସେହି କୋଣର ପ୍ରସ୍ତରକୁ ଖୋଲି ଦେଖନ୍ତୁ ଆଉ ସେଠାରେ ତେ-ତିରିଶ ବର୍ଷ ପୂର୍ବେ ରଖା ଯାଇଥିବା, ସେହି କାଗଜ ଖଣ୍ଡଟିକୁ ପଢ଼ନ୍ତୁ । ଦେଖନ୍ତୁ ଯେ ସେଥିରେ ସେଦିନ ସପ୍ତମ ପଥରେ-ରେ ସେ କ'ଣ କହିଥିଲେ, ଯେତେବେଳେ ସେହି ସକାଳରେ ଏହି କୋଣର ପ୍ରସ୍ତରକୁ ସ୍ଥାପନ କରାଯାଇଥିଲା । ତେବେ ଏହାକୁ ଧ୍ୟାନ ଦିଅନ୍ତୁ । ଏଠାରେ ନଦୀ କୂଳରେ ସେଦିନ ଯାହା ହୋଇଥିଲା ସେଥି ପ୍ରତି ଧ୍ୟାନ ଦିଅନ୍ତୁ, ଯେତେବେଳେକି ସଦାପ୍ରଭୁଙ୍କ ଦୂତ ଅଗ୍ନିସ୍ତମ୍ଭ ରୂପରେ, ଏହି ନଦୀକୂଳରେ ସହସ୍ର ମଣ୍ଡଳୀ ସମ୍ମୁଖରେ, ଅଥବା ମଣ୍ଡଳୀର ସହସ୍ର ସହସ୍ର ଲୋକମାନଙ୍କ ଛିଡ଼ା ହୋଇଥିବା ସମୟରେ, ତଳକୁ ଓହ୍ଲାଇ ଆସିଥିଲେ; ଯେ ଯାହା ସେ କହିଲେ, ଦେଖନ୍ତୁ ତାହା ଠିକ୍ ସେହିପରି ଘଟିଅଛି କି ନାହିଁ । ଦେଖନ୍ତୁ ଯେ କ'ଣ ଘଟିଅଛି ।

181 ଏହା ଏତେ କଠିଣ ଅଟେ । ଭାଇମାନେ, ମୁଁ ଜାଣେ ଯେ ଏହା ସେଠାରେ, ଅତ୍ୟଧିକ କଠିଣ ପରି ଦିଶେ । ମାତ୍ର ଏହା...ବାଇବଲ କହେ, ଯୀଶୁ ନିଜେ ଏହା କହିଲେ, "ଯଦି ସମ୍ଭବ ହୁଏ ତେବେ ଏହା ମନୋନୀତ ଲୋକଙ୍କୁ ସୁଦ୍ଧା ଭ୍ରାନ୍ତ କରିଦେବ ।" ଏଥିରୁ ଅନ୍ୟଥା ଆଉ କିଛି ନାହିଁ । ସେମାନେ ଏହାକୁ କେବେହେଲେ ଦେଖିପାରିବେ ନାହିଁ । ଯଦି ଏହା ସମ୍ଭବ ହୁଏ, ତେବେ ତାହା ଦ୍ୱାରା ମନୋନୀତମାନେ ସୁଦ୍ଧା ଭ୍ରାନ୍ତ ହୋଇଯିବେ ।

182 ଧ୍ୟାନ ଦିଅନ୍ତୁ ଯେ, ଏହି ବ୍ୟକ୍ତିମାନେ ପରମେଶ୍ୱରଙ୍କ ସତ୍ୟ ଅଭିଷିକ୍ତଙ୍କୁ ପ୍ରେରଣ କରାଯିବା ପରେ ହିଁ ଉଭା ହୁଅନ୍ତି; ଯାହାକି ତାହାଙ୍କର ସତ୍ୟ ଭବିଷ୍ୟଦ୍‌ବକ୍ତା, ମୋଶାଙ୍କ ଦ୍ୱାରା ଅଟେ । ଆଉ ଯେତେବେଳେ ମୋଶା କିଛି କରନ୍ତି, ସେମାନେ ତାହାର ନକଲ୍ କରିଥା'ନ୍ତି ।

183 ତେବେ, ଭାଇ, ଭଉଣୀ, ମୁଁ...ଏହା ମୋ'ର ନିଜର ମଣ୍ଡଳୀ ଅଟେ । ମୋ'ର ଏହା ଅଧିକାର ଅଛି ଯେ ମୁଁ ଯାହା ଚାହେଁ ତାହା ପ୍ରଚାର କରେ, ଯେତେବେଳେ ପର୍ଯ୍ୟନ୍ତକି ତାହା

ପରମେଶ୍ୱରଙ୍କ ବାକ୍ୟରୁ ଅଟେ। ଆଉ ମୁଁ ଆପଣ ଲୋକମାନଙ୍କୁ ଦୋଷୀ କରୁ ନାହିଁ, ମାତ୍ର ଆମେମାନେ ବର୍ତ୍ତମାନ ଯେଉଁ ସମୟ ଓ କାଳରେ ରହୁଅଛୁ, ତାହା ସହିତ ଏହାର କି ସମ୍ବନ୍ଧ ଅଛି ଆସନ୍ତୁ ତାହା ପରୀକ୍ଷା କରୁ।

184 ଭାଇ ରୁଡେଲକୁ, ଓ ଭାଇ ଜୁନିୟର ଜ୍ୟାକ୍‌ସନ୍‌କୁ ମୋ'ର ଅଭିବାଦନ, ଆଉ ପ୍ରତ୍ୟେକ ସେଠାରେ, ବାହାରେ ଥିବା ଆମର ଭ୍ରାତୃ ମଣ୍ଡଳୀମାନଙ୍କୁ ମୋ'ର ଅଭିବାଦନ। ଅଳ୍ପ ସମୟ ପୂର୍ବେ, ମୁଁ ସେମାନଙ୍କୁ ପାଶୋରି ଦେଇଥିଲି। ଆମର ଏଠି ଆରାଧନାଳୟର ଯଥେଷ୍ଟ ସ୍ଥାନ ନ—ନ ଥିବାରୁ, ମୁଁ ଭାବେ, ସେମାନେ ମଧ୍ୟ ଟେଲିଫୋନ ସଂଯୋଗ ଦ୍ୱାରା ଆମ ସହିତ ଏହି ସକାଳରେ ଜଡ଼ିତ ଅଛନ୍ତି।

185 ତେବେ ବର୍ତ୍ତମାନ ଏହା ବିଷୟରେ, କେବଳ ଗୋଟିଏ ମିନିଟ୍ ପାଇଁ ଚିନ୍ତା କରନ୍ତୁ। ସେମାନେ ଠିକ୍ ସେହି ସମାନ ଆଶ୍ଚର୍ଯ୍ୟ କର୍ମମାନ କଲେ ଯାହାକି ମୋଶା କରିଥିଲେ। ମୋଶା ଉକୁଣିଆ ପୋକ ଆଣିଥିଲେ; ସେମାନେ ତାହାର ନକଲ୍ କଲେ ଓ ଉକୁଣିଆ ପୋକ ଆଣିଲେ। ବୁଝିଲେ?

ପରମେଶ୍ୱର କହିଲେ, "ଯେଉଁ ଦିନ ତୁମେ ସେହି ଫଳ ଖାଇବ, ସେହିଦିନ ତୁମେ ମରିଯିବ।"

186 ଶୟତାନ ଆସିଲା ଓ କହିଲା, "ନିଶ୍ଚୟ, ତୁମେ ମରିବ ନାହିଁ। ତୁମେ ତ କେବଳ ଆହୁରି ଅଧିକ ଜ୍ଞାନୀ ହୋଇଯିବ। ତୁମର ତ ଏକ ଅଧିକ ଉତ୍ତମ ସଂଗଠନ ହୋଇଯିବ, ଏକ ଅଧିକ ଉତ୍ତମ..." ତୁମେ ଜାଣ। "କ'ଣ ତୁମେ ଜାଣ ଯେ, ତୁମ ପାଇଁ ସବୁ କିଛି ଆହୁରି ଅଧିକ ଉତ୍ତମ ହୋଇଯିବ, ତୁମ ପାଖରେ ଅଧିକ ପ୍ରକାଶ ହୋଇଯିବ।" ଦେଖନ୍ତୁ, କେବଳ ଏକ ବିକୃତି ମାତ୍ର ଅଟେ। ଉଚିତ୍ ଏହା ଯେ...

187 ଆଉ ମନେ ରଖିଥାଆନ୍ତୁ ଯେ, ଦ୍ୱିତୀୟ ତୀମଥି ୩:୧୪ ଅନୁସାରେ, **ସଦାପ୍ରଭୁ ଏହି କଥା କହନ୍ତି**, ଯେ, "ଶେଷ ଦିନରେ, ପୃଥିବୀ ଉପରେ ଏହି ଯାନ୍ନୀସ ଓ ଯାମ୍ବ୍ରୀସ ପୁଣି ଥରେ ଛିଡ଼ା ହେବେ।" ତେବେ, ମୁଁ ଚାହେଁ ଯେ ଆପଣମାନେ ଏହା ଲକ୍ଷ୍ୟ କରନ୍ତୁ ଯେ ସେଠାରେ ସେମାନେ ଦୁଇ ଜଣ, ଛଳନାକାରୀମାନେ ଥିଲେ, ଦେଖନ୍ତୁ।

188 ତେବେ ଅଳ୍ପ ସମୟ ଉତ୍ତାରେ, ଆମେ ସଦୋମକୁ ଫେରିଯିବାକୁ ଯାଉଅଛୁ, ସେହି ତିନି ଜଣ, ସେହି ତିନୋଟି ସ୍ୱର୍ଗଦୂତଙ୍କୁ ଦେଖିବାକୁ ଯାଉଅଛୁ ଯେଉଁମାନେକି ତଳକୁ ଓହ୍ଲାଇ ଆସିଥିଲେ, ଏବଂ ସେହି ଛଳନାକୁ, ଓ ପ୍ରଭୃତିକୁ ଦେଖିବାକୁ ଯାଉଅଛୁ, ଦେଖନ୍ତୁ, ଦେଖନ୍ତୁ ଯେ କେଉଁଟା ଠିକ୍ ଓ କେଉଁଟା ଭୁଲ୍ ଅଟେ। ବୁଝିଲେ? ବୁଝିଲେ?

189 ଧ୍ୟାନ ଦିଅନ୍ତୁ ଯେ, ସେମାନେ ସେହି ସମାନ ଆଶ୍ଚର୍ଯ୍ୟ କର୍ମମାନ ସାଧନ କଲେ। ମାତ୍ର, ଧ୍ୟାନ ଦିଅନ୍ତୁ ଯେ, ପରମେଶ୍ୱରଙ୍କ ଦ୍ୱାରା ପ୍ରେରିତ ଏବଂ ସତ୍ୟ ବାକ୍ୟରେ ଅଭିଷିକ୍ତ, ସେହି ବାସ୍ତବିକ ଜଣଙ୍କ ଦ୍ୱାରା ଆଶ୍ଚର୍ଯ୍ୟ କର୍ମ କରିସାରିବା ପରେ ଯାଇ ସେମାନେ ତାହାର ନକଲ କଲେ; ସେମାନେ ତାହାର ପରେ, ଅନୁକରଣ କଲେ।

190 ମୁଁ ଆଶ୍ଚର୍ଯ୍ୟ କରେ ଯେ ଯଦି ଆମେମାନେ ଗୋଟିଏ ମିନିଟ୍ ପାଇଁ ଚିନ୍ତା କରିପାରିବା। ଅଧିକ ସମୟ ହୋଇ ନାହିଁ, ପ୍ରାୟଃ କୋଡ଼ିଏ ବର୍ଷ ପୂର୍ବେ, ମୁଁ ଲୋକମାନଙ୍କର ହାତକୁ ଧରୁଥିଲି, ଆଉ ଗୋଟିଏ ଚିହ୍ନ ଦେଖା ଦେଉଥିଲା। ପିଲାମାନେ, ତେବେ ତାହା ତ ସମସ୍ତ କିଛି ବିଷୟରେ ଅତ୍ୟଧିକ ଚିହ୍ନମାନ ଦେଖା ଦେବାକୁ ଲାଗିଲା, ଓ ପ୍ରତ୍ୟେକେ...ଜଣକର ଦକ୍ଷିଣ ହସ୍ତରେ ତାହା ରହିଛି; ତ ଅନ୍ୟ କାହାରିର ବାମ ହସ୍ତରେ ତାହା ରହିଛି; ଅନ୍ୟ କେହି ତ ତାହାକୁ ଶୁଂଘିଅଛି। ଦେଖନ୍ତୁ, ସମସ୍ତ ପ୍ରକାରର...ଆଉ ମୁଁ ଆଶ୍ଚର୍ଯ୍ୟ କରେ...ପରମେଶ୍ୱର ମୋତେ ଏହି ସମୟରେ ଆପଣଙ୍କୁ ତାହା କହିବାକୁ ଅନୁମତି ଦେବେ ନାହିଁ ଯେ ବାସ୍ତବରେ ସତ୍ୟ କ'ଣ ଥିଲା, ମାତ୍ର ଦିନେ ନା ଦିନେ ଆପଣ ତାହା ଜାଣିବାକୁ ଯାଉଅଛନ୍ତି। ତାହା କେବଳ ସେମାନଙ୍କର ମୂର୍ଖତାକୁ ପ୍ରକଟ କରିବା ନିମନ୍ତେ ଥିଲା। ତାହା ତ ଆରମ୍ଭରୁ ହିଁ, ଠିକ୍ ନ ଥିଲା। ଯଦି ପ୍ରଭୁ ମୋତେ ଅନୁମତି ଦିଅନ୍ତି, ଗୋଟିଏ ଦିନ, ମୁଁ ଆପଣମାନଙ୍କୁ ତାହା କହିବି।

191 ଧ୍ୟାନ ଦିଅନ୍ତୁ ଯେ, ସେମାନେ ଠିକ୍ ସେହି ସମାନ ଆଶ୍ଚର୍ଯ୍ୟ କର୍ମମାନ କରିଥିଲେ, ମାତ୍ର ସେମାନେ ସେପର୍ଯ୍ୟନ୍ତ କଲେ ନାହିଁ...ଧ୍ୟାନ ଦିଅନ୍ତୁ ଯେ, ସେମାନେ ତାହା ସେପର୍ଯ୍ୟନ୍ତ କଲେ ନାହିଁ ଯେପର୍ଯ୍ୟନ୍ତକି ପ୍ରଥମେ, ମୂଳ ବାକ୍ୟ ତାହା କରି ନ ଥିଲା। ଠିକ୍ ସେହିପରି ଭାବରେ ହିଁ ତ ଶୟତାନ ଏଦନ ବଗିଚାରେ ତାହା କରିଥିଲା। ଠିକ୍ ସେହିପରି ଭାବରେ ହିଁ ତ ସେ ସବୁ ସମୟରେ କରି ଆସିଛି। ପ୍ରଥମେ କିଏ ଭବିଷ୍ୟତ୍‌ବାଣୀ କଲା? ମୋଶା। ଦୃଶ୍ୟପଟ୍ଟକୁ ପ୍ରଥମେ କିଏ ଆସିଲା, ମୋଶା କି ବିଲିୟ।ମ? ମୋଶା। ଦୃଶ୍ୟପଟ୍ଟରେ ପ୍ରଥମେ କିଏ ଦେଖା ଦେଲେ, ଯିରିମିୟ କିଅବା ହନନୀୟ? କ'ଣ ଆପଣମାନେ ବୁଝୁଛନ୍ତି ଯେ ମୋ'ର କହିବାର ଅର୍ଥ କ'ଣ?

192 ଧ୍ୟାନ ଦିଅନ୍ତୁ ଯେ, ସେମାନେ ନକଲ କରିଥିଲେ। ଶାରୀରିକ ଛଳନାକାରୀମାନେ, ସେମାନେ ନିଷ୍ପାପର ଥିଲେ, ଓ ଏହା ଭାବୁଥିଲେ ଯେ ସେମାନେ "ପରମେଶ୍ୱରଙ୍କର ସେବା କରୁଅଛନ୍ତି," ଠିକ୍ ଯେପରିକି ଆମେମାନେ, ଗତ ସପ୍ତାହରେ, ଦାଉଦଙ୍କୁ କରିଥିବାର ଦେଖିଥିଲୁ, ମାତ୍ର ତାହା ଶାରୀରିକ ଛଳନା କରିବା ଥିଲା। ମୁଁ କେବଳ ଗୋଟିଏ ମିନିଟ୍ ପାଇଁ ଅପେକ୍ଷା କରୁଛି। ମୁଁ ଚାହେଁ ଯେ ଆପଣମାନେ ଏହି ସ୍ଥାନଗୁଡ଼ିକ ମଧ୍ୟରେ ଚିନ୍ତା କରନ୍ତୁ। ଯଦି ମୁଁ ଏହା ନ କହେ, ନିଶ୍ଚିତରେ ପବିତ୍ରଆତ୍ମା କିନ୍ତୁ ଏହାକୁ ପ୍ରକାଶ କରିବେ, ବିଶେଷତଃ ମନୋନୀତମାନଙ୍କ ପାଖରେ। ବୁଝିଲେ?

193 ଫାରୋଙ୍କ ନାମଧାରୀ ସଙ୍ଗଠନ କହେ, "ଆମ ପାଖରେ ମଧ୍ୟ ଲୋକ ଅଛି ଯିଏକି ସେହି ସମାନ ବିଷୟକୁ କରିପାରେ," ଆଉ ସେମାନେ ତାହା କଲେ। ବୁଝିଲେ? ଫାରୋ ତାହା କାହିଁକି କଲା? ପରମେଶ୍ୱର ତାହା କାହିଁକି ହେବା ପାଇଁ ଦେଲେ? ପରମେଶ୍ୱର କାହିଁକି ଜଣେ ସତ୍ୟ, ଅଭିଷିକ୍ତ ଭବିଷ୍ୟଦ୍‌ବକ୍ତାଙ୍କୁ ସେଠାରେ ଫାରୋଙ୍କ ସମ୍ମୁଖରେ ଗୋଟିଏ ଚିହ୍ନକୁ ସାଧନ କରିବା ପାଇଁ ପ୍ରେରଣ କରିବେ, ଆଉ ତା'ପରେ ନାମଧାରୀ ସଙ୍ଗଠନର ଜଣେ ନକଲକାରୀ ବ୍ୟକ୍ତିଙ୍କୁ ଆସି ଲୋକମାନଙ୍କ ସମ୍ମୁଖରେ ସେହି ଚିହ୍ନକୁ ନକଲ କରିବା ପାଇଁ ଅନୁମତି ଦେବେ? ସେ କାହିଁକି ଜଣେ ଛଳନାକାରୀକୁ ତାହା କରିବା ନିମନ୍ତେ ଛିଡ଼ା ହେବା ପାଇଁ ଦେବେ, ଓ

ଠିକ୍ ସେହି ସମାନ ବିଷୟକୁ ସାଧନ କରିବା ପାଇଁ ଦେବେ ଯେଉଁ ବିଷୟକି ପରମେଶ୍ୱରଙ୍କ ବାସ୍ତବିକ ଆତ୍ମା କରି ସାରିଛନ୍ତି? ଦେଖନ୍ତୁ, ପବିତ୍ରଶାସ୍ତ୍ର ସଫଳ ହେବା ଉଚିତ୍ ଅଟେ ।

194 ଧ୍ୟାନ ଦିଅନ୍ତୁ ଯେ, ସେ ଏହା ସବୁ ଏଇଥି ପାଇଁ କଲେ ଯେପରିକି ସେ ଫାରୋଙ୍କର ଓ ମିସରୀୟମାନଙ୍କର ହୃଦୟକୁ ଏହା ପ୍ରମାଣ କରିବା ନିମନ୍ତେ କଠିଣ କରିବେ, ଯେ ମୋଶା ହିଁ କେବଳ ଜଣେ ମାତ୍ର ନାହାଁନ୍ତି ଯାହାଙ୍କ ପାଖରେ କି ବାକ୍ୟ ରହିଥିଲା । ସେମାନେ ତାହା ସବୁକିଛି ଠିକ୍ ସେହିପରି ଭାବରେ କରିପାରନ୍ତି ଯେପରିକି ମୋଶା ତାହା କରି ପାରୁଥିଲେ ।

195 ତେବେ ପରମେଶ୍ୱର କାହିଁକି ଏହି ବିଷୟକୁ ଏହି ଶେଷ ଦିନରେ ଘଟିତ ହେବା ପାଇଁ ଦେଲେ? ଯେପରିକି ଠିକ୍ ସେହି ସମାନ ବିଷୟ ହୁଏ ଯାହାକି ସେହି ମିଥ୍ୟାବାଦୀ ଆତ୍ମା ସିଦିକିୟକୁ କହିଥିଲା, ଯଥା, "ଆମେମାନେ କିପରି ଭାବରେ ଆହାବକୁ ସେହି ସ୍ଥାନକୁ ନେବାକୁ ଯାଉଅଛୁ, ଯେପରିକି ସେହି ବିଷୟସବୁ ସଫଳ ହୁଏ?" କିପରି ଭାବରେ ସେ ଏହି ଲୋକମାନଙ୍କୁ, ଯେଉଁମାନେକି ସେମାନଙ୍କର ମଣ୍ଡଳୀ ଉପରେ ଭରସା କରୁଅଛନ୍ତି, ସେମାନଙ୍କୁ ସେଠାରେ ଏକତ୍ର କରାଇବେ ଯେପରିକି ସେହି ବିଷୟକୁ ସଫଳ କରାଯାଏ, ଯାହା ସେ ଭବିଷ୍ୟତ୍‌ବାଣୀ କରିଅଛନ୍ତି? ସେମାନେ, ଏହି ଲାଅଦିକୀୟ ମଣ୍ଡଳୀ ଯୁଗରେ କହନ୍ତି, "ଯେହେତୁ ତୁମେ କହୁଅଛ ଯେ ତୁମେ 'ଧନୀ, ଓ ତୁମର କିଛି ଅଭାବ ନାହିଁ । ମୁଁ ତ ଏକ ରାଣୀ ଭାବରେ ବସିଅଛି ।' ତୁମ ପାଖରେ କିଛି ହିଁ ନାହିଁ! କ'ଣ ତୁମେ ଜାଣ ନାହିଁ ଯେ ତୁମେ ଦୀନ ହୀନ, ତୁଚ୍ଛ, ଅନ୍ଧ ଅଟ? ଆଉ ମୁଁ ତୁମକୁ ପରାମର୍ଶ ଦିଏ ଯେ ତୁମେ ଆସି ମୋ'ଠାରୁ କ୍ରୟ କର," ସେ କହିଲେ, "ତୈଳ ଓ ସୁବର୍ଣ୍ଣ ।" ସେ ତାହା କାହିଁକି କଲେ?

196 କାହିଁକି ସେ ଏହି ଶେଷ ଦିନମାନଙ୍କରେ ଏହି ନକଲସବୁକୁ ହେବା ପାଇଁ ଦେଲେ, ଯେତେବେଳେକି ପରମେଶ୍ୱରଙ୍କ ସତ୍ୟ ବାକ୍ୟ ଦ୍ୱାରା ଏହି ସମସ୍ତ ବିଷୟ ଘଟୁଅଛି; ଆଉ କାହିଁକି ସେ ଏହି ଛଳନାକାରୀମାନଙ୍କୁ ଉଠିବାକୁ ଦେଇ ସେହି ସମାନ ବିଷୟକୁ ସାଧନ କରିବା ପାଇଁ ଦେଲେ, ଆଉ ପରମେଶ୍ୱରଙ୍କ ସତ୍ୟ ବାକ୍ୟକୁ ଅସ୍ୱୀକାର କରିବା ପାଇଁ ଦେଲେ? ସେ ତ ତାହା ମୋଶା ପାଇଁ କରିଥିଲେ । ଆଉ ଫାରୋ ତାହା ମୋଶା ବିରୁଦ୍ଧରେ କରିଥିଲେ; ଆଉ ସେମାନେ, ଯନ୍ନୀସ୍ ଓ ଯମ୍ବ୍ରୀସ୍, ତାହା ମୋଶା ବିରୁଦ୍ଧରେ କରିଥିଲେ । ଆଉ ବାଇବଲ କହେ ଯେ ଶେଷ ଦିନମାନଙ୍କରେ ଏହା ପୁଣିଥରେ ପୁନର୍ବାର ଘଟିବ । ଆମେମାନେ ସେହିଠାରେ ଅଛୁ । ତେବେ, ଯଦି ତାହା ପବିତ୍ରଶାସ୍ତ୍ରର ସଫଳ ହେବା ବିଷୟ ନୁହେଁ, ତାହାହେଲେ ତାହା କେଉଁଠାରେ ଅଟେ?

197 ତେବେ କଅଣ ମୋଶା ସେମାନଙ୍କ ଉପରେ ହୋ ହାଲ୍ଲା କଲେ ଓ ଏହା କହିଲେ, "ହେଇ ଦେଖ! ହେଇ ଦେଖ! ତୁମେ ତାହା କରିପାର ନାହିଁ । ତାହା କରିବା ପାଇଁ ତ କେବଳ ମୋତେ ମାତ୍ର ହିଁ ନିରୂପିତ କରାଯାଇଅଛି । ଦେଖ! ତୁମେ ତାହା ଠିକ୍ ବର୍ତ୍ତମାନ ହିଁ, ବନ୍ଦ କର"? ସେ ସେମାନଙ୍କୁ ତାହା କରିବା ପାଇଁ ଛାଡ଼ି ଦେଲେ ।

198 ସେମାନଙ୍କୁ ତାହା କରିବାକୁ ଦିଅନ୍ତୁ । ମନେ ରଖନ୍ତୁ ଯେ, ବାଇବଲ କହେ, "ଯେପରି ସେମାନଙ୍କର ମୂଢ଼ପଣ ପ୍ରକାଶ ପାଇଥିଲା, ସେହିପରି ଏହି ଶେଷ ଦିନରେ ଏମାନଙ୍କର ମଧ୍ୟ ପ୍ରକାଶ ପାଇବ," ଯେତେବେଳେ କନ୍ୟାର ସ୍ୱର୍ଗାରୋହଣ ହୋଇଯିବ ଓ ସେ ଆକାଶମଣ୍ଡଳକୁ ଉନ୍ନୀତ ହେବ । ଧ୍ୟାନ ଦିଅନ୍ତୁ ।

ମୋଶା, ଯିଏକି ବାସ୍ତବିକ ପ୍ରକଟିତ ବାକ୍ୟ ଥିଲେ, କଦାପି କିଛି କହିଲେ ନାହିଁ, ସେମାନଙ୍କୁ ତାହା କରିବା ପାଇଁ ଛାଡ଼ି ଦେଲେ । ମାତ୍ର ପରମେଶ୍ୱର ଏହା ଏଇଥି ପାଇଁ କଲେ ଯେପରିକି ସେ ଫାରୋଙ୍କ ହୃଦୟକୁ କଠିଣ କରି ଦେଇପାରନ୍ତି, ଓ ଫାରୋ ପ୍ରତାରିତ କରା ଯାଇପାରନ୍ତି ।

199 ସେ ଠିକ୍ ସେହି ସମାନ ବିଷୟକୁ କରିଥିଲେ ଯେପରିକି ସେ ଆହାବକୁ ପ୍ରତାରିତ କରିପାରନ୍ତି । ଆଉ ସେଠାରେ ସେହି ଛୋଟ କାଟିଆ ସାଧାରଣ ଦିଶୁଥିବା ଜଣେ ବ୍ୟକ୍ତି, ସେହି ସାନ ମୀଖାୟ, ସେଠାରେ ଏକାକୀ ଛିଡ଼ା ହୋଇ ସେମାନଙ୍କୁ, "**ସଦାପ୍ରଭୁ ଏହି କଥା କହନ୍ତି**" କହିଥିଲେ । ଏଠାରେ ଆଉ ଜଣେ ମଧ୍ୟ, ଅଭିଷିକ୍ତ ବ୍ୟକ୍ତି ଛିଡ଼ା ହୋଇ "**ସଦାପ୍ରଭୁ ଏହି କଥା କହନ୍ତି**" କହିଥିଲେ । ଆଉ ଦୁହେଁ ପରସ୍ପର, ଜଣେ ଅନ୍ୟର ବିରୋଧାଭାସୀ ଥିଲେ ।

200 ଆଜି ଆମେମାନେ **ସଦାପ୍ରଭୁ ଏହି କଥା କହନ୍ତି** ବାକ୍ୟ ସହିତ ଛିଡ଼ା ହୋଇଅଛୁ, ଯେ ଶେଷ ଦିନମାନଙ୍କରେ ଜଳର ବାପ୍ତିସ୍ମ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ହେବାକୁ ଅଛି । ଆଉ ସେଠାରେ ଅନ୍ୟ ଜଣେ ବ୍ୟକ୍ତି ଛିଡ଼ା ହୋଇଅଛନ୍ତି ଓ ଆଶ୍ଚର୍ଯ୍ୟ କର୍ମମାନ ସାଧନ କରୁଅଛନ୍ତି, ଆଉ, ସେ ଜଣେ ତ୍ରିତ୍ତ୍ୱବାଦୀ ଅଟନ୍ତି ।

201 ମୋତେ ବାଇବଲରେ *ତ୍ରିତ୍ତ୍ୱ* ଶବ୍ଦ ଦେଖାଇ ଦିଅନ୍ତୁ । ମୋତେ ଦେଖାଇ ଦିଅନ୍ତୁ ଯେ କେଉଁଠାରେ ତିନୋଟି ପରମେଶ୍ୱର ଅଛନ୍ତି । ମୋତେ ଦେଖାଇ ଦିଅନ୍ତୁ ଯେ କେଉଁଠାରେ ସେହିପରି ବିଷୟମାନ ଉଲ୍ଲେଖ ଅଛି । ତାହା ତ ପରମେଶ୍ୱରଙ୍କ ବାକ୍ୟରେ ନାହିଁ । ଏପରି କୌଣସି ହେଲେ ବିଷୟ ସେଥିରେ ଉଲ୍ଲେଖ ନାହିଁ ଯେ କିଏ କେବେ କେଉଁଠାରେ "ପିତା, ପୁତ୍ର, ପବିତ୍ରଆତ୍ମାଙ୍କ," ନାମରେ ସେହି ଉପାଧିଗୁଡ଼ିକ ବ୍ୟବହାର କରି ବାପ୍ତିସ୍ମ ନେଇଥିଲେ । ଏହି ସମସ୍ତ ବିଷୟ ଯଥା, "ଓଃ, ଭଉଣୀମାନେ, ଏହା ସବୁ ଠିକ୍ ଅଟେ । ତାହା ସବୁ ଠିକ୍ ଅଟେ, କେବଳ ଲମ୍ବା...ଆପଣ ଛୋଟ କେଶ ରଖନ୍ତୁ । ତାହା ସବୁ ଠିକ୍ ଅଟେ, ଆପଣଙ୍କୁ *ଅମୁକ*, *ସମୁକ*, କିଅବା *ଅନ୍ୟ* କିଛି କରିବାକୁ ପଡ଼ିବ ନାହିଁ । ଓଃ, ତାହା ତ ମୂର୍ଖାମୀ ଅଟେ, କିଛି ଗୋଟାଏ ପୁରୁଣାକାଳିଆ ନିର୍ବୋଧ ବିଷୟ ଅଟେ ।"

202 ମାତ୍ର ବାଇବଲ ତ କହେ! ଆଉ ସେ ଏହା ପ୍ରତିଜ୍ଞା କରିଅଛନ୍ତି, "ଏହି ଶେଷ ଦିନମାନଙ୍କରେ, ସେ ଏଲିୟଙ୍କର ଆତ୍ମାଙ୍କୁ ପ୍ରେରଣ କରିବେ, ଓ ଲୋକମାନଙ୍କୁ, ଅର୍ଥାତ୍ ପରମେଶ୍ୱରଙ୍କ ସନ୍ତାନମାନଙ୍କୁ ଆହ୍ୱାନ କରି, ସେହି ମୂଳ ବିଶ୍ୱାସ ଆଡ଼କୁ ଫେରାଇ ନେବେ ଯେପରିକି ତାହା ଆରମ୍ଭରେ, ବାକ୍ୟର ରହିଥିଲା ।" ସେହି ବାକ୍ୟ ଦୃଢ଼ ଭାବେ ସ୍ଥାପିତ ହେଲା ଯେ, ଏହି ଶେଷ ଦିନମାନଙ୍କରେ ମନୁଷ୍ୟପୁତ୍ରର ଆଗମନ ହେବ, ଠିକ୍ ଯେପରିକି ତାହା ସଦୋମରେ ହୋଇଥିଲା; ଯଥା କାଲି, ଆଜି, ଓ ଚିରକାଳ ସମାନ ଅଟଇ । ସେ ତାହା କରିବା

ପାଇଁ ପ୍ରତିଜ୍ଞା କରିଛନ୍ତି । ଏହା ତ ପରମେଶ୍ୱରଙ୍କର ପ୍ରତିଜ୍ଞା ଅଟେ । ଏହା **ସଦାପ୍ରଭୁ ଏହି କଥା କହନ୍ତି** ଅଟେ ।

ଧ୍ୟାନ ଦିଅନ୍ତୁ ଯେ, ସେମାନେ ସେହି ସମାନ ବିଷୟକୁ ସାଧନ କରିଥିଲେ, ଠିକ୍ ଯେପରି ଭାବରେକି ମୋଶା ତାହା କରିଥିଲେ, ପୁଣି ଯେପର୍ଯ୍ୟନ୍ତକି ପରମେଶ୍ୱରଙ୍କ ସେହି ସବୁ ବିଷୟ ପ୍ରତି ବିତୃଷ୍ଣା ଭାବ ନ ହୋଇଗଲା ।

203 ତେବେ ମନେ ରଖନ୍ତୁ ଯେ, ଏହା **ସଦାପ୍ରଭୁ ଏହି କଥା କହନ୍ତି** ଅଟେ, ଏହା ଏହି ଦିନମାନଙ୍କରେ ସଫଳ ହେବ । ତେବେ, ସମଗ୍ର ବିଶ୍ୱରେ ଖୋଜି ଦେଖନ୍ତୁ; ପ୍ରତ୍ୟେକ ପନ୍ଥକୁ ନିଅନ୍ତୁ, ପ୍ରତ୍ୟେକ ଗୋତ୍ରକୁ ନିଅନ୍ତୁ, ପ୍ରତ୍ୟେକ ମନୁଷ୍ୟକୁ ନିଅନ୍ତୁ, ପ୍ରତ୍ୟେକ ମଣ୍ଡଳୀକୁ ନିଅନ୍ତୁ! ମୁଁ ଖ୍ରୀଷ୍ଟଙ୍କ ନାମରେ, ଆପଣ ପ୍ରଚାରକମାନଙ୍କୁ, ଏହା କରି ଦେଖିବା ପାଇଁ, ଆଦେଶ ଦିଏ । ମୁଁ ଆପଣମାନଙ୍କୁ ଆଦେଶ ଦିଏ ଯେ ଆପଣମାନେ ଖବରକାଗଜ ପଢ଼ନ୍ତୁ କିଅବା ଯେଉଁ ସ୍ଥାନକୁ ବି ଆପଣମାନେ ଯିବା ପାଇଁ ଚାହାଁନ୍ତି ସେହି ସ୍ଥାନକୁ ବିଚାରେରେ ଆଣନ୍ତୁ, ଆଉ ଏହା ଦେଖନ୍ତୁ ଯେ କ'ଣ ଏହା ବର୍ତ୍ତମାନ ପୃଥିବୀରେ ଠିକ୍ ସେହିପରି ହେଉଅଛି କି ନୁହେଁ । ବୁଝିଲେ?

204 ତେବେ, ମାଥିଉ 24:24 ଅବିକଳ ଭାବେ ଠିକ୍ ଅଟେ । "ଶେଷ ଦିନମାନଙ୍କରେ ଭଣ୍ଡ, ଅଭିଷିକ୍ତ ବ୍ୟକ୍ତିମାନେ ଛିଡ଼ା ହେବେ, ଓ ଭଣ୍ଡ ଭାବବାଦୀମାନେ ହେବେ, ଆଉ ଅନେକଙ୍କୁ ଭ୍ରାନ୍ତ କରିବେ ।" ତେବେ ଏହାକୁ ନିଦର୍ଶନମାନରେ ଦେଖନ୍ତୁ, ଯେତେବେଳେକି ଏହା ବର୍ତ୍ତମାନ ଘଟିବା ପାଇଁ ଉପସ୍ଥିତ ଅଟେ, ଦେଖନ୍ତୁ, "ଅନେକଙ୍କୁ ଭ୍ରାନ୍ତ କରିବେ ।" "ଭବିଷ୍ୟଦ୍‌ବକ୍ତାମାନେ," ବହୁବଚନ; "ଖ୍ରୀଷ୍ଟମାନେ," ଅଭିଷିକ୍ତମାନେ, ବହୁବଚନ; ଭିନ୍ନ ଭିନ୍ନ ଅନେକେ, ଯଥା ମେଥୋଡିଷ୍ଟ, ଆପଣମାନେ ଜାଣନ୍ତି, ଓ ବାପ୍‌ଟିଷ୍ଟ, ଏବଂ ପେଣ୍ଟିକଷ୍ଟାଲ, ଓ ଏପରି ପ୍ରଭୃତି ଅନେକେ । ବୁଝିଲେ?

ମାତ୍ର ଗୋଟିଏ ଖାଣ୍ଟି ଖ୍ରୀଷ୍ଟଙ୍କ ଆତ୍ମା ଅଛନ୍ତି, ଆଉ ତାହା ମନୁଷ୍ୟ ଶରୀରରେ ଦେହବନ୍ତ ହୋଇଥିବା ପରମେଶ୍ୱରଙ୍କ ବାକ୍ୟ ଅଟେ ଯେପରିକି ସେ ଏହାକୁ କରିବେ ବୋଲି ପ୍ରତିଜ୍ଞା କରିଥିଲେ ।

ତେବେ ଆମେମାନେ ଆଉ ଟିକେ ଆଗକୁ ଅଗ୍ରସର ହେବା, ଆଉ କେତୋଟି ପବିତ୍ରଶାସ୍ତ୍ରର ଅଂଶଗୁଡ଼ିକୁ ଦେଖିବା ।

ଯେପର୍ଯ୍ୟନ୍ତକି, ପରମେଶ୍ୱରଙ୍କର ତାହା ବିଷୟରେ ବିତୃଷ୍ଣା ଭାବ ନ ହୋଇଗଲା, ତା'ପରେ ସେହି କାର୍ଯ୍ୟ ଶେଷ ହୋଇଗଲା । ସେମାନଙ୍କର ମୂଢ଼ପଣ ପ୍ରକାଶ ପାଇଲା ।

205 ଧ୍ୟାନ ଦିଅନ୍ତୁ । ମନେ ରଖିଥାଆନ୍ତୁ ଯେ, ସେହି ଚଷୁଟି ଅବିକଳ ଭାବରେ ଗହମ ଦାନା ପରି ହିଁ ଦିଶେ । ବୁଝିଲେ? ତେବେ, ଆପଣ ସେହି ବିଗତ, ଲୁଥରାନ୍ କାଳରେ ଏହା କହି ପାରି ନ ଥାଆନ୍ତେ ଯେ, "ଡେମ୍ଫଟା ଗହମ ଥିଲା," ଯଦ୍ଧପି ତାହା ମଧ୍ୟରେ ଜୀବନ ରହିଥିଲା । ଡେମ୍ଫଟି ଠିକ୍ ଥିଲା, ଡେମ୍ଫରେ ଥିବା ଜୀବନ ବି ଠିକ୍ ଥିଲା, ମାତ୍ର, ମନେ ରଖିଥାଆନ୍ତୁ ଯେ, ଜୀବନଟି ଅଗ୍ରସର ହୋଇ ଚାଲିଥିଲା; ତାହା ଇଲିଶାୟରୁ ଏଲିୟ ମଧ୍ୟକୁ ଅଗ୍ରସର

ହେଲା । ଜୀବନଟି ଅଗ୍ରସର ହୋଇ ଚାଲିଥାଏ । ମାତ୍ର, ମନେ ରଖନ୍ତୁ ଯେ, ଏହା ତ ଏକ ଅନ୍ୟ ପ୍ରବସ୍ଥାରେ ଅଟେ । ଏହା ସେହି ଗୋଟିଏ ପ୍ରବସ୍ଥାରେ ରହିପାରେ ନାହିଁ । ଆମେମାନେ ଅନ୍ୟ କୌଣସି ଯୁଗର ମଡ଼ା ଖାଇ ନ ପାରୁ । ଆମେମାନେ ପେଣ୍ଟିକଷ୍ଟାଲ ମଡ଼ା, ମେଥୋଡିଷ୍ଟ, କିଅବା ବାପ୍‌ଟିଷ୍ଟର ମଡ଼ା ଖାଇ ନ ପାରୁ । ଦେଖନ୍ତୁ, ତାହା ତ ପଚା ଶଢ଼ା ମଡ଼ା ହୋଇଯାଇଛି । ଆମ ପାଖରେ ତ ତାଜା ଖାଦ୍ୟ ଅଛି, ଏହି ସମୟର ବାକ୍ୟ, ପ୍ରଭୃତି ଅଛି ।

206 ମନେ ରଖନ୍ତୁ ଯେ, ସେହି ଚଷୁଟି ଦେଖିବାକୁ ସମ୍ପୂର୍ଣ୍ଣ ଏକ ଗହମର ଦାନା ପରି ହିଁ ଅଟେ । ଆପଣ କରିପାରନ୍ତି ନାହିଁ...ଏହା ପତ୍ର ପ୍ରବସ୍ଥାରେ ସେହିପରି ଦେଖାଯାଇ ନ ଥିଲା, ଏହା ଝୁମ୍ପା ପ୍ରବସ୍ଥାରେ ସେହିପରି ଦେଖାଯାଇ ନ ଥିଲା, ମାତ୍ର ଏହା ଚଷୁ ପ୍ରବସ୍ଥାରେ ନିଶ୍ଚିତ ରୂପେ ସେହିପରି ଦେଖା ଯାଇଥିଲା । ଏହା ସେହିପରି ଦେଖାଯାଇ ନ ଥିଲା ଯେ...ଯୀଶୁ ଖ୍ରୀଷ୍ଟ ଗତକାଲି, ଲୁଥର ଯୁଗରେ ସମାନ ଥିଲେ; ତାହା ୱେସ୍‌ଲିଙ୍କ ଯୁଗରେ ସେହିପରି ଦେଖାଯାଇ ନ ଥିଲା; ମାତ୍ର ପେଣ୍ଟିକଷ୍ଟ ଯୁଗରେ ତାହା ସୁନିଶ୍ଚିତ ଭାବରେ ସେହିପରି ହିଁ ଥିଲା, ଯେପରିକି “ଯଦି ସମ୍ଭବ ହୁଏ ତେବେ ମନୋନୀତ ଲୋକଙ୍କୁ ସୁଦ୍ଧା ଭ୍ରାନ୍ତ କରି ଦେବ ।” ବୁଝିଲେ? ସେଠାରେ ଆପଣମାନଙ୍କର ଯୁଗଗୁଡ଼ିକ ଅଟେ ।

207 ମାତ୍ର ମନେ ରଖନ୍ତୁ ଯେ, ସେହି ପେଣ୍ଟିକଷ୍ଟାଲ ମଣ୍ଡଳୀ, ଏହି ଶେଷ ଦିନମାନଙ୍କରେ, ଲାଅଦୀକିୟ ଥିଲା; ଏବଂ ଖ୍ରୀଷ୍ଟ, ଯିଏକି ସ୍ୱୟଂ ଜୀବନ ଅଟନ୍ତି, ସେହି ଗହମ ଶସ୍ୟ ଅଟନ୍ତି, ତାହାଙ୍କୁ ବାହାର କରି ଦିଆ ଯାଇଥିଲା । ଯେତେବେଳେ ସେ ଚେଷ୍ଟା କଲେ...ମନେ ରଖନ୍ତୁ ଯେ, ଯେତେବେଳେ ସେ ଆପଣାକୁ ମଣ୍ଡଳୀରେ ପ୍ରକାଶ କରିବା ପାଇଁ ଚେଷ୍ଟା କଲେ, ତାହାଙ୍କୁ ବାହାର କରି ଦିଆଗଲା । ତାହା ଏବେ ମଧ୍ୟ ଗୋଟିଏ ମଣ୍ଡଳୀ ଥିଲା, ତାହା ହେବାର ସେ ଦାବୀ କରୁଥିଲା; ସେ ଅଭିଷିକ୍ତ ଥିଲା ।

208 ମାତ୍ର *ଏଠାରେ* ବାକ୍ୟ ଅଛନ୍ତି, ସ୍ୱୟଂ ଖ୍ରୀଷ୍ଟ, ଯାହାକି ସେହି ଅଭିଷିକ୍ତ ବାକ୍ୟ ଅଟନ୍ତି ଯାହା ନିଜର ସେହି ଅବଶିଷ୍ଟ ଦେହ, ତାହାଙ୍କର କନ୍ୟା ପାଇଁ ଆସିବ । ଯେପରିକି ଆମେମାନେ କହିଅଛୁ, ସେହି ସମାନ ଜଳରୁ ଅଭିଷିକ୍ତ, ଯେଉଁ ଜଳ କି ସେହି ଗହମ ଗଛକୁ ସିଞ୍ଚନ କରିଥିଲା, ତାହା ସେହି ଅଭିଷିକ୍ତ, ବାଳୁଙ୍ଗା ଗଛମାନଙ୍କୁ ମଧ୍ୟ ସିଞ୍ଚନ କରିଥିଲା । ତେବେ କେବଳ ମନୋନୀତ, ଅବା ପୂର୍ବନିରୂପତମାନେ ହିଁ, ସେମାନଙ୍କ ମଧ୍ୟରେ ପ୍ରଭେଦକୁ ଚିହ୍ନି ପାରିବା ପାଇଁ ଯୋଗ୍ୟ ହେବେ । ତେବେ, ଏଫିସୀୟ 5:1 ଆପଣଙ୍କୁ ସେହି ବିଷୟ କହେ, ଓ ଏହା ବ୍ୟକ୍ତ କରେ ଯେ ତାହା କିପରି ଅଟେ ।

209 ସେମାନେ ଅଭିଷିକ୍ତ ଲୋକମାନେ ଅଟନ୍ତି । ପ୍ରତ୍ୟେକେ କହନ୍ତି, “ପରମେଶ୍ୱରଙ୍କ ମହିମା ହେଉ! ଏଠାରେ ଆମର ସ୍ୱାଧୀନତା ଅଛି । ହାଲ୍ଲେଲୁୟା! ଆମେ...ଓଃ, ହାଲ୍ଲେଲୁୟା! ଆମେମାନେ ପରଭାଷାରେ କଥା କହିଥାଉ, ଓ ଡେଇଁଥାଉ । ଆମ ପାଖରେ ସ୍ତ୍ରୀଲୋକମାନଙ୍କର ସ୍ୱାଧୀନତା ଅଛି; ତୁମେ ଲୋକମାନେ ସେମାନଙ୍କୁ ଏହି ସମସ୍ତ ପ୍ରକାର ବିଷୟର ଅଧୀନରେ କରିଦେବାକୁ ଚେଷ୍ଟା କରୁଥାଅ ।” ବୁଝିଲେ? ଅଗ୍ରସର ହେଉନ୍ତୁ । ଆପଣ

ସେ ବିଷୟରେ କିଛି ହେଲେ କରିପାରନ୍ତି ନାହିଁ । ସେମାନେ କହିବେ, "ତେବେ, ଆମେମାନେ ପରଭାଷାରେ କଥା କହିଥାଉ । ଆମେମାନେ ଚିତ୍କାର କରିଥାଉ । ଆମେମାନେ ଆତ୍ମାରେ ନାଚିଥାଉ । ଆମେମାନେ ବାକ୍ୟ ପ୍ରଚାର କରିଥାଉ ।" ଏକଦମ୍ ଠିକ୍ । ତାହା ବିରୁଦ୍ଧରେ ଆମର ଗୋଟିଏ ହେଲେ କଥା କହିବାର ନାହିଁ । ବାଇବଲରେ ମଧ୍ୟ ସେହି ଦିନରେ ଏହି ଲୋକମାନେ ଠିକ୍ ସେହିପରି ଭାବରେ କରିଥିଲେ ।

ଯୀଶୁ କହିଲେ, "ଯଦି ସମ୍ଭବ ହୁଏ ତେବେ ତାହା ମନୋନୀତ ଲୋକଙ୍କୁ ସୁଦ୍ଧା ଭ୍ରାନ୍ତ କରିଦେବ, ଠିକ୍ ସେହି ମନୋନୀତ ଲୋକଙ୍କୁ ।"

210 ତେବେ ଧ୍ୟାନ ଦିଅନ୍ତୁ, ସେହି ଚଷୁ...ସେହି ମୂଳ ଦାନାରୁ, ସେହି ଦାନା ଯାହାକି ଭୂମି ଭିତରକୁ ଯାଇଥିଲା, ତାହା କୌଣସି ସଙ୍ଗଠନ ନ ଥିଲା । ଏହା ତ ସମ୍ପୂର୍ଣ୍ଣ ରୂପେ, ଗୋଟିଏ ହିଁ ଦାନା ଥିଲା । ମାତ୍ର ଯେତେବେଳେ ତାହା ଗଛ ହୋଇ ବାହାରିଲା, ତାହା ଆଉ ଗୋଟିଏ ଦାନା ନ ଥିଲା; ତାହା ତ ଏକ ସଙ୍ଗଠନ ଥିଲା, ଦେଖନ୍ତୁ, ସେଥିରେ ପତ୍ର, ଶସ୍ୟ ଇତ୍ୟାଦି ରହିଥିଲା ।

ତା'ପରେ ଏହା ଏକ ଅନ୍ୟ ପ୍ରବସ୍ଥାକୁ ଗଲା, ଯାହାକି ଏକ ଝୁମ୍ପା ଥିଲା । ତଥାପି ତାହା ଆରମ୍ଭର ପ୍ରବସ୍ଥା ପରି ନ ଥିଲା । ତାହା ଏକ ସଙ୍ଗଠନ ଥିଲା ।

211 ତା'ପରେ ଏହା ଚଷୁ ପ୍ରବସ୍ଥାକୁ ଗଲା, ଅନେକ ପତ୍ରଗୁଡ଼ିକ ଆସିଲା, ଯାହାକି ପ୍ରାୟଃ, ପେଣ୍ଟିକଷ୍ଟ ରୂପ ପରି ହିଁ ଥିଲା । ତାହା ପ୍ରତି ଦୃଷ୍ଟିପାତ କରନ୍ତୁ । ତାହା ତ ପ୍ରତ୍ୟେକ ସମୟରେ ରୂପ ଧାରଣ କରି ଚାଲିଥାଏ, ଦେଖିବାକୁ ପ୍ରାୟତଃ ଠିକ୍ ସେହି ସମାନ ପରି ହିଁ ଦିଶୁଥାଏ, ତାହା ଠିକ୍ ଏକ ଗହମର ଦାନା ପରି ହିଁ ଅବିକଳ ଦିଶୁଥାଏ ଯେତେବେଳେ ଆପଣ ତାହା ଭିତରେ ସେହି ସାନ କୋଷାକୁ ଦେଖନ୍ତି ।

212 ମାତ୍ର ଅବଶେଷରେ ତାହା ପ୍ରକଟିତ ହୋଇଥାଏ, ଆଉ ତାହା କୌଣସି ସଙ୍ଗଠନ ନ ଥାଏ । ସେଥିରେ ଆଉ କୌଣସି ବାହକମାନେ ନାହାଁନ୍ତି । ସଙ୍ଗଠନ ତ କେବଳ ଗୋଟିଏ ବାହକ ଅଟେ । ଆଉ କୌଣସି ବାହକମାନଙ୍କର ପ୍ରୟୋଜନ ନ ଥାଏ; ଡେମ୍ଫକୁ ମରିଯବାକୁ ଥାଏ, ଚଷୁକୁ ମରିଯିବାକୁ ଥାଏ, ପ୍ରତ୍ୟେକ ସେହି ଅନ୍ୟାନ୍ୟ ବସ୍ତୁକୁ ମରିଯିବାକୁ ଥାଏ, ମାତ୍ର ସେହି ଗହମ ଜୀବିତ ରହେ । ତାହା ତ ସେହି ପୁନରୁତ୍ଥାନର ଶରୀର ଅଟେ, ଯାହାକି ଠିକ୍ ତଳକୁ ଆସେ ଓ ସେମାନଙ୍କୁ ଉପରକୁ ଉଠାଇ ନିଏ । "ଯେଉଁମାନେ ଅନ୍ତିମ ଥିଲେ ସେମାନେ ପ୍ରଥମ ହେବେ, ଓ ଯେଉଁମାନେ ପ୍ରଥମ ଅଟନ୍ତି ସେମାନେ ଅନ୍ତିମ ହେବେ ।" ଦେଖନ୍ତୁ, ସେମାନଙ୍କୁ ଠିକ୍ ପୁନରୁତ୍ଥାନରେ ଉପରକୁ ଉଠାଇ ନେଇଯାଏ । କ'ଣ ଆପଣମାନେ ଏହାକୁ ବୁଝୁଅଛନ୍ତି? [ମଣ୍ଡଳୀ କହେ, "ଆମେନ୍ ।"—ଅନୁ] ଠିକ୍ ଅଛି । ଧ୍ୟାନ ଦିଅନ୍ତୁ ଯେ, ସେହି ଦାନାଟି...

213 ସେହି ଚଷୁଟି ଅବିକଳ ଗହମ ଦାନା ପରି ହିଁ ଦିଶୁଥାଏ । ଆଉ ଗହମ ଚାଷ, କିଅବା ସେହିପରି ଅନ୍ୟ କିଛି ଚାଷ, କରୁଥିବା ଜଣେ ବ୍ୟକ୍ତି ତାହା ଦେଖେ ଓ କହେ, "ପରମେଶ୍ୱରଙ୍କ ପ୍ରଶଂସା ହେଉ, ମୋ'ର ଏକ ଗହମ ଫସଲ ହୋଇଅଛି," ଯେତେବେଳେକି ତାହା ପାଖରେ

ତ ଗହମର ଦାନାଟିଏ ସୁଦ୍ଧା ନ ଥାଏ । ହୁଁ? ଏହା ଅବିକଳ ଭାବରେ ଗହମ ପରି ହିଁ ଦିଶୁଥାଏ, ମାତ୍ର ତାହା ତ ଚଷୁ ଅଟେ ।

214 ତେବେ, ବନ୍ଧୁଗଣ, ମୋ' ସହିତ ବିଗତ ସମୟକୁ ଚାଲନ୍ତୁ । ପ୍ରଥମ ଉଦ୍ଦୀପନାଟି, ସେହି ଦିନଗୁଡ଼ିକ (ମୃତ୍ୟୁ) ପରେ ଯେତେବେଳେକି ଗହମର ଦାନାଟିକୁ, ସେହି ଶରୀରକୁ, ଖ୍ରୀଷ୍ଟଙ୍କର କନ୍ୟାକୁ ଭୂମିରେ ପତିତ ହୋଇଯିବାର ଥିଲା କେଉଁଠାରେ ଆସିଥିଲା? କଅଣ ଖ୍ରୀଷ୍ଟ ଆପଣାର କନ୍ୟାକୁ, କ'ଣ ତାହା ଠିକ୍, ଆପଣାର ମଣ୍ଡଳୀକୁ କେବେ ସଙ୍ଗଠିତ କଲେ? ସେ ତାହାକୁ କଦାପି ସଙ୍ଗଠିତ କଲେ ନାହିଁ; ସେ ତ କେବଳ ପ୍ରେରିତମାନଙ୍କୁ, ଓ ଭାବବାଦୀମାନଙ୍କୁ, ଓ ପ୍ରଭୃତିମାନଙ୍କୁ, ମଣ୍ଡଳୀକୁ ପରିଷ୍କୃତ ରଖିବା ପାଇଁ, ସେଠାରେ ସ୍ଥାପନ କରିଥିଲେ । ମାତ୍ର ନାଇସିଆ, ରୋମ୍‌ରେ, ଏହାର ତିନି ଶହ ଛଅ ବର୍ଷ ଉତ୍ତାରେ, ସେମାନେ ତାହାକୁ ସଙ୍ଗଠିତ କଲେ ଓ ସେଥିରୁ ଏକ ସଙ୍ଗଠନ ପ୍ରସ୍ତୁତ କଲେ । କ'ଣ ଏହା ଠିକ୍ ଅଟେ? ଆଉ ତାହା ମରିଗଲା । ପ୍ରତ୍ୟେକ ସେହି ବିଷୟ ଯାହାକି ସେହି ମଣ୍ଡଳୀ ସହିତ ସହମତ ନ ଥିଲା ତାହାକୁ ମାରି ଦିଆଗଲା । ଆଉ ତାହା ସେହିପରି ଭାବରେ, ଶହ ଶହ ବର୍ଷ ହେବ, ସେହି ଧୂଳୀରେ ପଡ଼ି ରହିଲା ।

215 ମାତ୍ର, କେତେକ ବର୍ଷ ପରେ, ସେ ଲୁଥରଙ୍କଠାରେ ଜାଗରିତ ହୋଇ ଉଠି ଆସିଲା । ଶସ୍ୟର ପ୍ରଥମ ସାନ ସାନ କୋଷାମାନ ବାହାରି ଆସିଲା । ଦ୍ୱିତୀୟରେ, ତାହା ସେଥିରୁ କଢ଼ ଧରିଲା । ସେମାନେ ସେହିପରି ବଢ଼ି ଚାଲିଲେ, ଜ୍ୱିଙ୍ଗଲିର ଉଦ୍ଦୀପନା ଆସିଲା ଓ ପ୍ରଭୃତି ସବୁ ହେଲା, ଆଉ ଅନ୍ୟାନ୍ୟ ସଙ୍ଗଠନମାନ ଆସିଲା ଓ ସେହିପରି ଅଗ୍ରସର ହୋଇ ଚ ।ଲିଲା । ତା'ପରେ, କିଛି ସମୟ ପରେ, ଏଙ୍ଗଲିକାନ୍ ମଣ୍ଡଳୀ ଆସିଲା ।

216 ଆଉ ତା'ପରେ କ'ଣ ଘଟିଲା? ଏଠାରେ ୱେସଲୀ ଏକ ନୂତନ ଉଦ୍ଦୀପନା ସହିତ ଆସିଲେ, ତାହା ସେହି ଝୁମ୍ପା ଥିଲା, ଯାହାକି ଟିକେ ଅଧିକ ସେହି ଗହମ ପରି ଦିଶୁଥାଏ । ଏହାପରେ ତାହା ସହିତ କ'ଣ ହେଲା? ତାହା ସଙ୍ଗଠିତ ହୋଇଗଲା, ଓ ଶୁଖିଗଲା ଏବଂ ମରିଗଲା ।

217 ସେହି ଜୀବନଟା ଠିକ୍ ଚଷୁ ମଧ୍ୟକୁ ଚାଲିଗଲା, ଆଉ ସେହି ଚଷୁଟି ପ୍ରାୟଃ ପ୍ରାୟଃ ସମ୍ପୂର୍ଣ୍ଣ ଗହମ ପରିକା ଦିଶୁଥିଲା । ମାତ୍ର, ଅବଶେଷରେ, ତାହାର ମୂଢ଼ପଣ ଏହି ବିଗତ ଆଠ କିମ୍ବା ଦଶ ବର୍ଷ ମଧ୍ୟରେ, ବିଶେଷତଃ ଏହି ବିଗତ ତିନି ବର୍ଷ ମଧ୍ୟରେ ପ୍ରକାଶ ପାଇଲା । ତେବେ ଏହା କ'ଣ କରେ? ଏହା ଗହମଠାରୁ ଦୁରକୁ ଟାଣି ନିଏ ।

218 ତେବେ ଏହି ମହାନ ଉଦ୍ଦୀପନାର ବିଗତ କୋଡ଼ିଏ ବର୍ଷ ମଧ୍ୟରେ ଏହାର କାହିଁକି କୌଣସି ସଙ୍ଗଠନ ଆରମ୍ଭ ହୋଇନାହିଁ; ଏହାର ଅଭିଷିକ୍ତ ଭାବବାଦୀମାନେ ଅଛନ୍ତି, ଅଭିଷିକ୍ତ ଶିକ୍ଷକମାନେ ଅଛନ୍ତି, ପ୍ରଭୃତି ସବୁକିଛି ଅଛି, ମାତ୍ର ଏହାର କୌଣସି ସଙ୍ଗଠନ କାହିଁକି ନାହିଁ? ଗହମ ପରେ ଆଉ କୌଣସି ପ୍ରବସ୍ଥା ହିଁ ନାହିଁ । ଦେଖନ୍ତୁ, ଏହା ସଙ୍ଗଠନ ବିହୀନ ଭାବରେ, ସେହି ପୂର୍ବାବସ୍ଥାକୁ ଫେରି ଯାଇଅଛି । ହେ, ମୋ'ର ପ୍ରଭୁ, ଜଣେ ଅନ୍ଧ ଲୋକ ସୁଦ୍ଧା ତାହା

ଦେଖିପାରିବ । ଏହା ସଂଗଠିତ ହୋଇପାରେ ନାହିଁ; ଏହା ତା'ର ଅତ୍ୟନ୍ତ ବିରୋଧରେ ଅଟେ । ଏହା ତ ସ୍ୱୟଂ, ସେହି ଗହମର ଦାନା ଅଟେ । ମନୁଷ୍ୟପୁତ୍ର ପ୍ରକଟିତ କରାଯିବେ । ଶେଷ ଦିନମାନଙ୍କରେ ଗହମର ଦାନା ପୁଣିଥରେ ତା'ର ନିଜ ଅବସ୍ଥାକୁ, ସେହି ମନୁଷ୍ୟପୁତ୍ରର ପ୍ରବସ୍ଥାକୁ ଫେରିଆସିବ ।

219 "ଆଉ ଶେଷ ଦିନମାନଙ୍କରେ, ତାହାର ଭଣ୍ଡ ଛଳନାମାନ ଆସିବ, ଯଦି ସମ୍ଭବ ହୁଏ ତେବେ ମନୋନୀତ ଲୋକଙ୍କୁ ସୁଦ୍ଧା ଭ୍ରାନ୍ତ କରି ଦେବ ।" ତେବେ ସେମାନଙ୍କର ସାଙ୍ଗଠଣିକ ଚକ୍ଷୁଗୁଡ଼ିକୁ ବର୍ତ୍ତମାନ ପୃଥକ ହେଉଥିବାର ଦେଖନ୍ତୁ ।

220 ଏହା ତ କେବଳ ସେହି ଗହମକୁ ମନୋନୀତ ଲୋକଙ୍କଠାରେ, ଯେଉଁମାନେକି ତାହାର ଅଂଶ ଅଟନ୍ତି, ଆପଣାକୁ ପ୍ରକଟିତ କରିବାକୁ ଦେଇଥାଏ । ତେବେ ଧ୍ୟାନ ଦିଅନ୍ତୁ ଯେ ବର୍ତ୍ତମାନ ତାହାକୁ କେତେ ସୁନ୍ଦର ଭାବରେ ଏଠାରେ ଅଣା ଯାଇଅଛି । କେବଳ...ଧ୍ୟାନ ଦିଅନ୍ତୁ ଯେ, ଅଭିଷିକ୍ତମାନେ ହିଁ ଯୋଗ୍ୟ ହେବେ; ସେହି ବାସ୍ତବିକ ମନୋନୀତ, ପୂର୍ବ ନିରୂପିତ, ଏଫିସୀୟ 5:1, ଅବା, ବରଂ, 1:5 ଅନୁସାରେ, ନିରୂପିତ ହୋଇଥିବେ, ମନୋନୀତ ହୋଇଥିବେ । ସେମାନେ ହିଁ କେବଳ ଏପରି ଅଟନ୍ତି ଯେଉଁମାନଙ୍କୁ କି ସେ ଭ୍ରାନ୍ତ କରିବ ନାହିଁ ।

221 ଧ୍ୟାନ ଦିଅନ୍ତୁ ଯେ, ଅଭିଷିକ୍ତ ଭାବବାଦୀମାନ ଭଣ୍ଡ ହେବେ, ପୁଣି ସେମାନଙ୍କ ମଧ୍ୟରେ ହିଁ ବାସ୍ତବିକ ଅଭିଷିକ୍ତ ଲୋକମାନେ ରହିଥିବେ । ଆପଣ ତାହା କିପରି ଭାବରେ କହିବାକୁ ଯାଉଅଛନ୍ତି? ବାକ୍ୟ ଦ୍ୱାରା । ଯେପରିକି, ଆମ ପାଖରେ ତାହା ଛାୟାରେ ଅଛି । କ'ଣ ଆପଣ ତାହା ଦେଖନ୍ତି? କୁହନ୍ତୁ, "ଆମେନ୍ ।" [ମଣ୍ଡଳୀ କହେ, "ଆମେନ୍ ।"—ଅନୁ] ବୁଝିଲେ?

222 ଧ୍ୟାନ ଦିଅନ୍ତୁ, ସେହି ଅଭିଷିକ୍ତଗଣଙ୍କୁ, କେବଳ ବାକ୍ୟ ହିଁ ସେମାନଙ୍କୁ ପୃଥକ କରିବ, ଚିହ୍ନସକଳ ନୁହେଁ । ଓଃ, ନୁହେଁ । ସେମାନେ ସେହି ସମାନ ଚିହ୍ନସକଳ ସାଧନ କରିବେ, ମାତ୍ର ବାକ୍ୟ ହିଁ ଅଟେ ଯାହାକି ସେମାନଙ୍କୁ ପୃଥକ କରିବ । ନିଶ୍ଚିତରେ । ସେମାନେ ସମସ୍ତେ ଭାବବାଣୀ କରିଥିଲେ । ସେମାନେ ସମସ୍ତେ *ଏହା, ତାହା*, ଓ *ଅନ୍ୟାନ୍ୟ* କାର୍ଯ୍ୟସବୁ କରିଥିଲେ, ନିଶ୍ଚିତରେ, ଠିକ୍ ସେହି ସମାନ ଭାବରେ । ଯୀଶୁ କହିଲେ ଯେ ସେମାନେ ଠିକ୍ ସେହି ସମାନ କାର୍ଯ୍ୟ କରିବେ । ମାତ୍ର ବାକ୍ୟ ହିଁ ଅଟେ ଯାହାକି ସେମାନଙ୍କୁ ପୃଥକ କରିଥିଲା, ଧ୍ୟାନ ଦିଅନ୍ତୁ, କୌଣସି ଚିହ୍ନସକଳ ନୁହେଁ ।

223 କ'ଣ ଆପଣମାନେ ଧ୍ୟାନ ଦେଲେ? ଯୀଶୁ ଏଠାରେ, ମାଥିଉ 24 ରେ କହିଲେ । ସେ ଏହା କହିଲେ ନାହିଁ ଯେ, "ଶେଷ ଦିନମାନଙ୍କରେ ଭଣ୍ଡ ଯୀଶୁମାନେ ଉଠିବେ ।" ଓଃ, ନୁହେଁ, ସେମାନେ ସେହପରି ବିଷୟକୁ କଦାପି ସହ୍ୟ କରିବେ ନାହିଁ । ନା । କ'ଣ ଆପଣ ଜଣେ ପେଣ୍ଟିକଷ୍ଟାଲ ବ୍ୟକ୍ତିଙ୍କୁ ଯିଏକି ଏକ ବାସ୍ତବିକ ପେଣ୍ଟିକଷ୍ଟାଲ ଅଟେ, ନିଜକୁ, ଏହା କହୁଥିବାର ପାଇବେ କି ଯେ, ସେ "ଯୀଶୁ" ଅଟେ? ବୁଝିଲେ? କ'ଣ ଆପଣ ଜଣେ ଭଣ୍ଡ ମେଥୋଡିଷ୍ଟେ, କିଅବା ଜଣେ ବାପଟିଷ୍ଟ, କିଅବା ସେପରି କାହାରିକୁ ପାଇବେ, ଅବା କୌଣସି ଏକ ସଙ୍ଗଠନକୁ ଏହା କହୁଥିବାର ପାଇବେ କି, ଯେ, "ଆମେ ଯୀଶୁ ଅଟୁ"? ସେମାନେ ତାହାଠାରୁ

ଅଧିକ ଉତ୍ତମ ଜାଣନ୍ତି । ସେମାନେ ତାହା କରିବାକୁ ଯାଉ ନାହାଁନ୍ତି । ମାତ୍ର ବାଇବଲ କହେ ଯେ ସେମାନେ "ଭଣ୍ଡ ଖ୍ରୀଷ୍ଟମାନ," ହେବେ, ଯୀଶୁମାନ ନୁହେଁ, ମାତ୍ର, "ଭଣ୍ଡ ଖ୍ରୀଷ୍ଟମାନ ।" କେହି ଯଦି କହେ, ଯଥା, "ମୁଁ ଯୀଶୁ ଅଟେ" ସେମାନେ ତାହାକୁ ସ୍ୱୀକାର କରିବେ ନାହିଁ । ଓଃ, ନୁହେଁ ।

224 ମାତ୍ର ସେମାନେ "ଭଣ୍ଡ ଖ୍ରୀଷ୍ଟମାନ," ଅଟନ୍ତି ଆଉ ତାହା ଜାଣନ୍ତି ନାହିଁ, କାରଣ ସେମାନେ ବାକ୍ୟର ବିରୋଧାତ୍ମକ ଅଟନ୍ତି । ଆଉ ପରମେଶ୍ୱର ମଧ୍ୟ ସେହି ସମାନ ବିଷୟ ପ୍ରମାଣିତ କରନ୍ତି । ତେବେ, ବର୍ତ୍ତମାନ ମୁଁ ଏହାକୁ ଠିକ୍ ତା'ର ଚରମବିନ୍ଦୁର ଅବସ୍ଥାକୁ ନେଇ ଆସୁଅଛି, କାରଣ ଆପଣ ଠିକ୍ ସେହି ସମାନ ବିଷୟସବୁକୁ ଏହି ଲୋକମାନଙ୍କ ଦ୍ୱାରା କରା ଯାଉଥିବାର ଦେଖିଛନ୍ତି ଯାହାକି ବାସ୍ତବିକ ଲୋକମାନଙ୍କ ଦ୍ୱାରା କରା ଯାଇଥାଏ । ଆଉ ଯୀଶୁ ହିଁ ଏହା କହିଲେ ।

225 ତେବେ, ଯେପରିକି ମୁଁ କହିଅଛି, ବର୍ତ୍ତମାନ ଆପଣ ଲୋକମାନଙ୍କୁ, ଯେଉଁମାନେକି ଟେଲିଫୋନ୍‌ର ସଂଯୋଗ ଦ୍ୱାରା ଜଡ଼ିତ ଅଛନ୍ତି, ମୁଁ—ମୁଁ ଆପଣମାନଙ୍କୁ ଦୋଷୀ କରୁନାହିଁ, ମାତ୍ର ଏହା ମୋ'ର ମଣ୍ଡଳୀ ଅଟେ ଓ—ଓ ମୋ'ର ପଲ ଅଟେ ଯାହାଙ୍କ ଉପରେ ପବିତ୍ରଆତ୍ମା ମୋତେ ନିଯୁକ୍ତ କରିଅଛନ୍ତି, ଆଉ ମୋତେ ତାହାଙ୍କୁ ସତ୍ୟ କହିବାକୁ ହିଁ ଅଛି । ସମୟ ଅତି ବିଳମ୍ବ ହେଉଅଛି ।

226 ତେବେ, ସେମାନେ ସେହି ବିଷୟକୁ ସହ୍ୟ କରିବେ ନାହିଁ, ମାତ୍ର, "ଭଣ୍ଡ ଖ୍ରୀଷ୍ଟମାନେ," ଭଣ୍ଡ, ଅଭିଷିକ୍ତଗଣ କରିବେ, ଯେଉଁମାନେକି ପ୍ରାୟତଃ ବାକ୍ୟର ସମସ୍ତ ଚିହ୍ନମାନ ଓ ସମସ୍ତ ବିଷୟମାନ ସହିତରେ ରହିଥା'ନ୍ତି । "କ'ଣ ସେମାନେ ପବିତ୍ରଆତ୍ମାର ବାପ୍ତିସ୍ମକୁ ବିଶ୍ୱାସ କରନ୍ତି?" ସମ୍ପୂର୍ଣ୍ଣ ଭାବରେ । "ଏହି ସମସ୍ତ ବିଷୟରେ ବିଶ୍ୱାସ କରନ୍ତି?" ହଁ । "ପରଭାଷାରେ କଥା କହିବାରେ ବିଶ୍ୱାସ କରନ୍ତି?" ହଁ । "ଚିହ୍ନସକଳ ଓ ଆଶ୍ଚର୍ଯ୍ୟ କର୍ମସବୁ ଅନୁବର୍ତ୍ତୀ ହେଉଥିବା ବିଷୟରେ, ଚିହ୍ନସକଳ ସେମାନଙ୍କର ଅନୁବର୍ତ୍ତୀ ହେବା ବିଷୟରେ ବିଶ୍ୱାସ କରନ୍ତି?" ହଁ । ସେମାନେ ମେଥାଡ଼ିଷ୍ଟ ନୁହଁନ୍ତି, ସେମାନେ ବାପ୍‌ଟିଷ୍ଟ ନୁହଁନ୍ତି । ନା, ନା । ସେମାନେ ତ ପେଣ୍ଟିକଷ୍ଟାଲ ଅଟନ୍ତି । ଦେଖନ୍ତୁ, ଏହା ତ ଶେଷ ଦିନ ଅଟେ ।

227 ତେବେ, ପ୍ରଥମ ମଣ୍ଡଳୀ ଯୁଗ ତାହା କଦାପି ଧ୍ୟାନ ଦେବ ନାହିଁ । ମେଥୋଡିଷ୍ଟ ମଣ୍ଡଳୀ ଯୁଗ ତାହା କଦାପି ଧ୍ୟାନ ଦେଲା ନାହିଁ; ବାପ୍‌ଟିଷ୍ଟ ମଣ୍ଡଳୀ ଯୁଗ, ସେମାନେ କଦାପି ତାହା ଧ୍ୟାନ ଦେଲେ ନାହିଁ; ପ୍ରିସ୍‌ବିଟେରିୟନ ମଣ୍ଡଳୀ ଯୁଗ, ସେମାନେ କଦାପି ତାହା ଧ୍ୟାନ ଦେଲେ ନାହିଁ । ମାତ୍ର, ପେଣ୍ଟିକଷ୍ଟାଲ, ଯିଏକି ସେହି ବାସ୍ତବିକ ବିଷୟର ଏତେ ଅଧିକ ସମତୂଲ୍ୟ ଅଟେ! ଏହିଠାରେ ହିଁ ତ, ସେହି ଗହମ...ସେହି ଚଷୁ ପ୍ରାୟଃ ସେହି ଗହମ ପରି ହିଁ ଥାଏ । ସେମାନେ ତାହା କଦାପି ଧ୍ୟାନ ଦେବେ ନାହିଁ । ବୁଝିଲେ? ସେମାନେ ଦେବେ ନାହିଁ । ମାତ୍ର ଏହା ତ ଏହି ଶେଷ ଦିନମାନଙ୍କରେ, ଏହି ଦିନରେ ଅଟେ । ହଁ, ଆଜ୍ଞା ।

228 ଧ୍ୟାନ ଦିଅନ୍ତୁ ଯେ, ଯେପରିକି ଏହା ଆରମ୍ଭରେ ହୋଇଥିଲା, ଠିକ୍ ସେହିପରି ଏହା ଶେଷରେ ହେବ । ଯେପରିକି ହବା କେବଳ ଗୋଟିଏ ବାକ୍ୟର ଭୁଲ୍ ଅର୍ଥ କରିଥିଲା, ଶୟତାନ

ହବାକୁ ତାହା କରାଇଥିଲା, ଆଉ ସେ ତାହା ବିଶ୍ୱାସ କରି ନେଇଥିଲା । ସେହି ନାରୀ କଲା, ନର ନୁହେଁ; ସେହି ମଣ୍ଡଳୀ କଲା, ସେ ନୁହଁନ୍ତି । ବୁଝିଲେ? ମଣ୍ଡଳୀ ହିଁ ସେହି ଜଣକ ଥିଲା ଯିଏକି ସେହି ଭଣ୍ଡ ବାକ୍ୟ ପାଇଥିଲା । ବୁଝିଲେ? ଆଦମ ନୁହେଁ; ହବା ତାହା ପାଇଥିଲା । ଖ୍ରୀଷ୍ଟ ତାହା ପାଇ ନ ଥିଲେ; ସେହି ମଣ୍ଡଳୀ, ସେହି କନ୍ୟା, ସେହି ଅଭିଷିକ୍ତ, ଯିଏକି ଆପଣାକୁ, କନ୍ୟା ବୋଲି ବୋଲାଇଥାଏ, ଦେଖନ୍ତୁ, ସେ ଭଣ୍ଡ ବାକ୍ୟ ପାଇଥିଲା ।

229 କଅଣ ଆପଣମାନେ ତାହା ଦେଖିପାରୁ ନାହାଁନ୍ତି? କାହିଁକି, ଏହା ତ ଜୋତାର ଫାନ୍ଦରେ ରହିଥିବା ସେହି ଡୋରି ପରି ଏକାଠି ବୁଣା ହୋଇଅଛି, ଯେପରିକି ଆପଣଙ୍କ ଆଖିରେ ଥିବା ପଲକଗୁଡ଼ିକ ଏକାଠି ବୁଣା ହୋଇଥାଏ । କାହିଁକି, ଆପଣ ଯାହାକିଛି ସମସ୍ତ ବିଷୟ ପାଇଁ, ବାଇବଲକୁ ଫେରନ୍ତି, ଏହା ତ ଠିକ୍ ଗୋଟିଏ ବିଷୟକୁ ଅନ୍ୟ ସହିତ ଏକାଠି ବୁଣି ଦେଇଥାଏ । ହବା ତାହା କରିଥିଲେ, ଆଦମ ନୁହେଁ; ହବା ତାହା ବିଶ୍ୱାସ କରିଥିଲେ, ଆଦମ ନୁହେଁ । ଆଜିର କନ୍ୟା, ତଥା-କଥିତ, ତାହା ବିଶ୍ୱାସ କରିଥିଲା; ଖ୍ରୀଷ୍ଟ ନୁହେଁ । କନ୍ୟାଠାରେ ସମସ୍ତ ପ୍ରକାର ବିଷୟମାନ ଅଛି, ତଥା-କଥିତ କନ୍ୟା ପାଖରେ; ସେହି ସମାନ ଚିହ୍ନସକଳ, ସେହି ସମାନ ଆଶ୍ଚର୍ଯ୍ୟ କର୍ମମାନ, ସବୁକିଛି ସମାନ; ମାତ୍ର ସେହି ବାସ୍ତବିକ ବିଷୟ ନାହିଁ । "ଯଦି ସମ୍ଭବ ହୁଏ ତେବେ ମନୋନୀତ ଲୋକଙ୍କୁ ଭ୍ରାନ୍ତ କରି ଦେବ ।"

230 ତେବେ ଆମେମାନେ ଶୀଘ୍ର କରିବା, ଯଦି ଆମେମାନେ ଏହାକୁ ପନ୍ଦର ମିନିଟ୍‌ରେ ସାରି ପାରିବା, ତାହାହେଲେ ଆମେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ରହିବା । ତେବେ ଅତି ଧ୍ୟାନ ସହକାରେ ଲକ୍ଷ୍ୟ କରନ୍ତୁ, ଯେପରିକି ଆପଣ—ଆପଣ ଏହାକୁ, ଆପଣଙ୍କ ପ୍ରତି ଭୁଲ୍ ନ ବୁଝନ୍ତି ।

231 ତେବେ, ନା, ସେମାନେ ନିଜକୁ "ଭଣ୍ଡ ଯୀଶୁ" ବୋଲି କୁହାଇବା ସହ୍ୟ କରିବେ ନାହିଁ । ସେମାନଙ୍କୁ, "ଯୀଶୁ" ବୋଲାଯିବା ବିଷୟକୁ, ସେମାନେ ସହ୍ୟ କରିବେ ନାହିଁ । ନିଶ୍ଚିତରେ ନୁହେଁ । ତାହା ତ ଅତି ସ୍ୱଷ୍ଟ ଅଟେ । କେହିହେଲେ ତାହା ଜାଣିଯିବେ । କେହିହେଲେ ଏହା ଜାଣିଯିବେ ଯେ ସେମାନେ ଯୀଶୁ ନୁହଁନ୍ତି । ମୋ'ର ଏଥିରେ କିଛି ଯାଏ ଆସେ ନାହିଁ ଯେ ସେମାନଙ୍କର ପିଠିରେ କେତେ ତେଲ ବାହାରୁଛି, ଆଉ ସେମାନଙ୍କର ହାତରେ ଓ ସେମାନଙ୍କର ଆଖିର ଉପରେ-ଓ-ତଳେ କେତେ ରକ୍ତ ବାହାରୁଛି, ତଥାପି ସେମାନେ ଏହା ଜାଣନ୍ତି ଯେ ତାହା...କୌଣସି ବି ବ୍ୟକ୍ତି ଯାହାରକି ଉତ୍ତମ କାଣ୍ଡ ଜ୍ଞାନ ଅଛି, ଏହା ଜାଣିବେ ଯେ ତାହା ଯୀଶୁ ନୁହଁନ୍ତି । ବୁଝିଲେ? ସେମାନେ ତାହା ଗ୍ରହଣ କରିବେ ନାହିଁ । ମାତ୍ର ସେମାନେ ଆପଣାକୁ "ଅଭିଷିକ୍ତଜନ" ବୋଲି ଡାକିଥାନ୍ତି । ଆଉ ସେମାନେ ଚିହ୍ନସକଳ ଓ ଆଶ୍ଚର୍ଯ୍ୟ କର୍ମମାନ ସାଧନ କରିଥାନ୍ତି, "ଯେପରିକି ମନୋନୀତ ଲୋକଙ୍କୁ ପ୍ରାୟଃ ଭ୍ରାନ୍ତ କରି ପକାଇବେ ।" "ମାତ୍ର ଭଣ୍ଡ ଖ୍ରୀଷ୍ଟମାନେ, ଅଭିଷିକ୍ତଗଣ, ଛିଡ଼ା ହେବେ, ଓ ଯଦି ସମ୍ଭବ ହୁଏ ତେବେ ମନୋନୀତ ଲୋକଙ୍କୁ ସୁଦ୍ଧା ଭ୍ରାନ୍ତ କରିଦେବେ ।"

ତେବେ ଧ୍ୟାନ ସହକାରେ ଶୁଣନ୍ତୁ । ଏହି ବକ୍ତବ୍ୟକୁ ଶୁଣିବାରେ ବିଫଳ ହୁଅନ୍ତୁ ନାହିଁ, କାରଣ ଏହା ଶୁଣିବା ହେତୁ ଅତ୍ୟଧିକ ମହତ୍ତ୍ୱପୂର୍ଣ୍ଣ ଅଟେ ।

ସେ ଏଠାରେ ଏହି ମାଇକ୍ରୋଫୋନ୍ ଯନ୍ତ୍ରରେ ଆହୁରି ଅଧିକ ଟେପ୍ ଯୋଗ କରୁଅଛନ୍ତି, ଯେପରିକି ଏହା ଶେଷ ନ ହୋଇଯାଏ । ମୁଁ ଝାଳ ନାଳ ହେଉଅଛି; ଆପଣ ଦେଖନ୍ତୁ ଯେ, ତାହା ଟେପ୍‌ରେ ମଧ୍ୟ ଝାଳ ପଡ଼ିଯାଇଛି ।

ଆଉ ତେଣୁକରି ଏହା ଠିକ୍ ସେହିପରି ଭାବରେ ହିଁ ହେବ, ଯେପରିକି ବାଇବଲ କହେ ଯେ, ଏହା ହେବ । ବୁଝିଲେ?

232 ଧ୍ୟାନ ଦିଅନ୍ତୁ ଯେ, ଭଣ୍ଡ ଯୀଶୁମାନ ନୁହଁନ୍ତି । "ଭଣ୍ଡ ଖ୍ରୀଷ୍ଟମାନ!" ସେମାନେ ବିଶ୍ୱାସ କରନ୍ତି ଯେ ସେମାନେ ଅଭିଷିକ୍ତ ଅଟନ୍ତି, ମାତ୍ର ସେମାନେ ଜାଣନ୍ତି ଯେ ସେମାନେ ଯୀଶୁ ନୁହଁନ୍ତି । ଦେଖନ୍ତୁ, ତାହା ତ ଅତ୍ୟନ୍ତ ସ୍ୱଷ୍ଟ ଅଟେ । ଯଦି, ଆଜି ଜଣେ ବ୍ୟକ୍ତି ଯାଏ ଓ କହେ, "ମୋ'ର ହାତରେ କ୍ଷତ ଦାଗଗୁଡ଼ିକ ଦେଖନ୍ତୁ । ମୋ'ର କପାଳକୁ ଦେଖନ୍ତୁ । ମୁଁ ଯୀଶୁ ଅଟେ ।" ତେବେ, ବର୍ତ୍ତମାନ, ଆମେ ଜାଣୁ ଯେ ତାହା ଭୁଲ୍ ଅଟେ । ଆଉ, ମନେ ରଖନ୍ତୁ ଯେ, ଯୀଶୁ କଦାପି ଏହା କହି ନ ଥିଲେ ଯେ ସେହି ବ୍ୟକ୍ତିମାନେ ପ୍ରକଟିତ ହେବେ । ସେ ତ କହିଥିଲେ ଯେ "ଭଣ୍ଡ ଖ୍ରୀଷ୍ଟମାନେ" ପ୍ରକଟିତ ହେବେ । "ଖ୍ରୀଷ୍ଟମାନେ," ବହୁବଚନ, ସଙ୍ଗଠନମାନ, ଓ ପ୍ରଭୃତି ସବୁ, *ଅଭିଷିକ୍ତଗଣ*; ସେମାନେ ବାକ୍ୟରେ ଅଭିଷିକ୍ତ ହେବେ ନାହିଁ, ବରଂ ଏକ ନାମଧାରୀ ସଂସ୍ଥାର ଆତ୍ମାରେ ଅଭିଷିକ୍ତ ହେବେ । କ'ଣ ଆପଣମାନେ ଏହା ବୁଝିଲେ? ଭଣ୍ଡ ଯୀଶୁ ନୁହେଁ । "ଭଣ୍ଡ ଖ୍ରୀଷ୍ଟମାନେ," ଭଣ୍ଡ, ଅଭିଷିକ୍ତଗଣ । ବୁଝିଲେ? ଓଃ, ତାହା କେତେ ସ୍ୱଷ୍ଟ ଅଟେ! କିପରି ଆମେ...ନିଶ୍ଚିତରେ ଆପଣ ତାହା ଦେଖିବାରେ ବିଫଳ ହେବେ ନାହିଁ!

233 ତେବେ, ମନେ ରଖିଥା'ନ୍ତୁ, ମୁଁ ଆପଣମାନଙ୍କୁ ସଦାବେଳେ କହିଅଛି ଯେ ତିନୋଟି ଶ୍ରେଣୀର ଲୋକମାନେ ଅଛନ୍ତି । ତିନୋଟି ଜାତିର ଲୋକମାନେ ଅଛନ୍ତି: ହାମ୍, ଶେମ୍, ଓ ଜାଫେତ୍, ତିନୋଟି ଜାତି । ତିନୋଟି ଶ୍ରେଣୀ, ଆଉ ମୁଁ କହିଥିଲି, ଯେ ତାହା ବିଶ୍ୱାସୀ, କୃତ୍ରିମ-ବିଶ୍ୱାସୀ, ଓ ଅବିଶ୍ୱାସୀ ଅଟନ୍ତି । ତାହା ସଦାବେଳେ ରହିଆସିଛି, ସଦାବେଳେ ରହିଆସିବ । ବୁଝିଲେ? ସେଠାରେ ମୋଶା ଥିଲେ, ବିଶ୍ୱାସୀ; ସେଠାରେ ଯନ୍ନୀସ୍ ଓ ଯମ୍ବ୍ରୀସ୍ ଥିଲେ; ଅବିଶ୍ୱାସୀ । ବୁଝିଲେ? ସେଠାରେ ବିଲିୟାମ ଥିଲେ; ମୋଶା ଥିଲେ...ସର୍ବଦା ସେହି ତିନୋଟି ଶ୍ରେଣୀର ଲୋକମାନେ ରହିଥିବେ, ତିନୋଟି ଶ୍ରେଣୀ; ବିଶ୍ୱାସୀ, କୃତ୍ରିମ-ବିଶ୍ୱାସୀ, ଓ ଅବିଶ୍ୱାସୀ ।

234 ତେବେ ମନେ ରଖନ୍ତୁ ଯେ, ସେହି ଅବିଶ୍ୱାସୀ, ସେହି ନାମଧାରୀ ମଣ୍ଡଳୀ, କୌଣସି ବି ଚିହ୍ନମାନରେ ତିଳେ ହେଲେ ବିଶ୍ୱାସ କରନ୍ତି ନାହିଁ; ସେମାନେ ଶୀତଳ, ରୀତି ନୀତି ଅବଲମ୍ବନକାରୀ, ଅତି ଟାଣୁଆ, ସାଂସାରିକ, ନାମଧାରୀ ସଂସ୍ଥାର ମଣ୍ଡଳୀ ଅଟନ୍ତି । ମାତ୍ର କୃତ୍ରିମ-ବିଶ୍ୱାସୀ ସେହି ଚଷୁ ଅଟେ । ଏହା ସେହି ବ୍ୟକ୍ତି ଅଟେ ଯିଏକି କୃତ୍ରିମ-ଭାବେ ବିଶ୍ୱାସ କରେ । ଆଉ ତା'ପରେ ସେଠାରେ ଜଣେ ବାସ୍ତବିକ ବିଶ୍ୱାସୀ ଥାଏ ଯିଏକି ପ୍ରକୃତରେ ସଚ୍ଚୋଟ

ଅଟେ । ତେବେ, କେବଳ ଗୋଟିଏ ମିନିଟ୍ ପାଇଁ ସେମାନଙ୍କୁ ଧ୍ୟାନ ଦିଅନ୍ତୁ, ଯେତେବେଳେକି ସେମାନେ ଉଭୟ ମିଶିକରି ସାଙ୍ଗରେ ଯାଆନ୍ତି ।

235 ଆଉ ଲକ୍ଷ୍ୟ କରନ୍ତୁ ଯେ ଏହି ଅବିଶ୍ୱାସୀମାନେ କେତେ ଦାମ୍ଭିକ ଅଟନ୍ତି, ଅଥବା ଏହି କୃତ୍ରିମ-ବିଶ୍ୱାସୀମାନେ ଓ ଅବିଶ୍ୱାସୀମାନେ । ମୋ'ର ପ୍ରଭୁ! ଦେଖନ୍ତୁ ଯେ, ସେମାନେ କେତେ ଦାମ୍ଭିକ ଅଟନ୍ତି, ଠିକ୍ ଯେପରିକି ଶୟତାନ ସେହି ସତ୍ୟ ବାକ୍ୟର ଉପସ୍ଥିତିରେ ଛିଡ଼ା ହୋଇଥିଲା, ଆଉ କହିଥିଲା ଯେ, "ଏହା ଲେଖା ଅଛି!" କ'ଣ ଏହା ଠିକ୍ ଅଟେ?

236 ଶୟତାନ ସେପରି କାହିଁକି କରିଥିଲା? କାରଣ ସେ ତାହା ନିମନ୍ତେ ସେହି ବାକ୍ୟକୁ ଜାଣି ନ ଥିଲା ଯେ...ସେ ଜାଣିଥିଲା ଯେ ବାକ୍ୟଟି ସେହି ସମୟ ନିମନ୍ତେ ଥିଲା, ମାତ୍ର ସେ ଏଥିରେ ସନ୍ଦେହ କରିଥିଲା ଯେ ସେହି ବିନମ୍ର ସାନ ବ୍ୟକ୍ତିଟି ହିଁ ସେହି ବାକ୍ୟ ଥିଲା । "ଯଦି ତୁ ପରମେଶ୍ୱରଙ୍କର ପୁତ୍ର ଅଟୁ । ମୁଁ ଜାଣେ ଯେ ପରମେଶ୍ୱରଙ୍କ ପୁତ୍ର ଆସୁଅଛନ୍ତି, ଯେହେତୁ ଏହା କହେ ଯେ ସେ ତାହା କରିବେ । ଆଉ ଏହା ଲେଖାଅଛି ଯେ, 'ସେ ଆପଣା ବିଷୟରେ ନିଜର ସ୍ୱର୍ଗଦୂତମାନଙ୍କୁ ଆଜ୍ଞା କରିବେ ।' ବୁଝିଲେ? ତାହା ମୋତେ ପ୍ରମାଣ କର! ଗୋଟିଏ ଆଶ୍ଚର୍ଯ୍ୟ କର୍ମ କର! ମୋତେ ତାହା ତୁମେ କରୁଥିବାର ଦେଖିବାକୁ ଦିଅ ।" ବୁଝିଲେ? ବୁଝିଲେ?

237 ଦେଖନ୍ତୁ, ସେହି ଅବିଶ୍ୱାସୀ, କୃତ୍ରିମ-ବିଶ୍ୱାସୀ, ଛଳଣାକାରୀକୁ । ଠିକ୍ ସେହି ସମାନ ସମୟରେ, ସେମାନଙ୍କ ମଧ୍ୟରେ ଯିହୂଦାକୁ ଦେଖନ୍ତୁ, ସେହି କୃତ୍ରିମ-ବିଶ୍ୱାସୀକୁ! ବୁଝିଲେ? ଧ୍ୟାନ ଦିଅନ୍ତୁ, ଆଉ ସେଠାରେ ସେହି ସତ୍ୟ ବାକ୍ୟ ରହିଥିଲା ।

238 ସେମାନେ କେତେ ଦାମ୍ଭିକ ଅଟନ୍ତି! "ତେବେ, ସେହି ମୂର୍ଖତା ବିଷୟ ପ୍ରତି କୌଣସି ଧ୍ୟାନ ଦିଅନ୍ତୁ ନାହିଁ । ସେଥିରେ କିଛି ହେଲେ ନାହିଁ । ସେଠାକୁ ଯାଆନ୍ତୁ ନାହିଁ । ତାହା କେବଳ ପାଟିତୁଣ୍ଡ, କୋଳାହଳ ଅଟେ । ସେଠାରେ କୌଣସି ଉତ୍ତମ ବିଷୟ ନାହିଁ । ତାହା ସବୁ କେବଳ କାଳ୍ପନିକ ବିଷୟମାନ ଅଟେ । ତାହା କେବଳ ଆପଣଙ୍କର ମନର ଭ୍ରାନ୍ତି ଅଟେ ।" ଦେଖନ୍ତୁ, ଦେଖନ୍ତୁ ମୋ'ର କହିବାର ଅର୍ଥ କ'ଣ ଅଟେ? ଠିକ୍ ବାକ୍ୟର ଉପସ୍ଥିତିରେ ଛିଡ଼ା ହୋଇଥିବା ଓ ତାହା କହିବା ।

239 ଶୟତାନ ଠିକ୍ ସେଠାରେ ଚାଲି କରି ଆସିଲା । ଯେପରିକି ବାଇବଲ ଏଠାରେ ଯିହୂଦା ପତ୍ରିକାରେ ଏହା କହେ, "ଏପରିକି ସେହି ପ୍ରଧାନ ଦୂତ, ଶୟତାନ ସହିତ ବାଦାନୁବାଦ କରିବା ସମୟରେ, ଏହା କହିଥିଲେ, 'ପ୍ରଭୁ ତୁମ୍ଭକୁ ଧମକ ଦିଅନ୍ତୁ ।'" ଶୟତାନ ଠିକ୍ ବାକ୍ୟ ବିରୁଦ୍ଧରେ ଛିଡ଼ା ହୋଇଥିଲା!

ଆଉ ଏଠାରେ ସେହି ଖ୍ରୀଷ୍ଟାରୀ, ସେହି ଅଭିଷିକ୍ତଜଣ, ଠିକ୍ ଆଜିର ଦିନର ବାସ୍ତବିକ ବାକ୍ୟ, ଯୀଶୁ ଖ୍ରୀଷ୍ଟଙ୍କ ବିରୁଦ୍ଧରେ ଛିଡ଼ା ହୋଇଅଛି, ଓ କହୁଅଛି, "ଏହା ଲେଖାଅଛି ।"

240 ଏହି ଶେଷ ଦିନମାନଙ୍କୁ ଦେଖନ୍ତୁ । "ଏହା ଏତେ ନିକଟବର୍ତ୍ତୀ ହେବ ଯେ ଯଦି ଏହା ସମ୍ଭବ ହୁଏ ତେବେ ମନୋନୀତ ଲୋକଙ୍କୁ ସୁଦ୍ଧା ଭ୍ରାନ୍ତ କରିଦେବ ।" ହେ, ମୋ'ର ପ୍ରଭୁ! ସେହି କାରଣ ଯେଉଁଥିପାଇଁକି ମନୋନୀତମାନେ ଭ୍ରାନ୍ତ କରା ଯାଇପାରିବେ ନାହିଁ, କ'ଣ ଆପଣମାନେ

ଜାଣିଛନ୍ତି କାହିଁକି? କାରଣ ସେମାନେ ବାକ୍ୟ ଅଟନ୍ତି । ବୁଝିଲେ? ଯେପରିକି ଅଳ୍ପ ସମୟ ପୂର୍ବେ ମୁଁ କହିଥିଲି ଯେ, ଠିକ୍ ସେହି ଜୀବନଟା ଯାହାକି ମୂଳରେ ଥାଏ, ତାହା ନିଜକୁ ଅସ୍ୱୀକାର କରିପାରେ ନାହିଁ । ଦେଖନ୍ତୁ, ଏହା ତ ବାକ୍ୟ ଅଟେ ଓ ବାକ୍ୟର ଅନୁକୂଳ ସମୟରେ ଅଟେ । ତାହା ଠିକ୍ ଅଟେ ।

241 ଠିକ୍ ଯେପରିକି ଯିରିମିୟ ଥିଲେ, ସେ ଜାଣିଥିଲେ । ଏଥିରେ କିଛି ଯାଏ ଆସେ ନାହିଁ ଯେ ହନନୀୟ କ'ଣ କହିଥିଲେ, ସେ ଜାଣିଥିଲେ ଯେ ସେ କେଉଁଠାରେ ଅଛନ୍ତି । ଠିକ୍ ସେହିପରି ଭାବରେ ମୋଶା କରିଥିଲେ, ଓ—ଓ ଅନ୍ୟାନ୍ୟ ସମସ୍ତେ କରିଥିଲେ । ତାହା ଏହା ଯେ, ସେ ଜାଣିଥିଲେ, ଭଣ୍ଡ ଭାବବାଦୀ କ'ଣ କହନ୍ତି ଏଥିରେ କିଛି ଯାଏ ଆସେ ନାହିଁ, ସେଠାରେ ତ ପରମେଶ୍ୱରଙ୍କ ବାକ୍ୟ ଏହିପରି ଭାବରେ ଅଛି । ଏହା ଲେଖିତ ହୋଇ ରହିଥିଲା ।

ସେହି କାରଣରୁ ହିଁ ତ ମୀଖାୟ ଏହା କହି ପାରିଥିଲେ, "ଠିକ୍ ଅଛି, ତୁମେ କେବଳ ଅପେକ୍ଷା କର ଓ ଦେଖ ।"

242 ଆହାବ କହିଲା, "ମୁଁ ମୋ'ର ଭାବବାଦୀମାନଙ୍କୁ ବିଶ୍ୱାସ କରେ । ମୋ'ର ସଙ୍ଗଠନ ଠିକ୍ ଅଟେ । ଯେତେବେଳେ ମୁଁ କୁଶଳରେ ଫେରି ଆସେ...ସେହି ବ୍ୟକ୍ତିକୁ କାରାଗାରରେ ପକାଇ ଦେଇଥାଅ । ମୁଁ ତାହା କଥା ବୁଝିବି! ତାହାକୁ ଦୁଃଖ ରୂପ ରୋଟୀ ଖାଇବାକୁ ଦିଅ । ତାହାକୁ ତଡ଼ି ଦିଅ, ଓ ତାହା ସହିତ କୌଣସି ପ୍ରକାରର ସହଭାଗୀତା ରଖ ନାହିଁ । ଯେତେବେଳେ ମୁଁ କୁଶଳରେ ଫେରିଆସିବି, ଆମ୍ଭେମାନେ ସେହି ବ୍ୟକ୍ତିର କଥା ବୁଝିବା ।"

243 ମୀଖାୟ କହିଲେ, "ଯଦି ତୁମେ ଫେରି ଆସ, ତାହାହେଲେ ଜାଣି ନେବ ଯେ ସଦାପ୍ରଭୁ ମୋ' ସହିତ କଥା କହି ନାହାଁନ୍ତି ।" ସେ ଜାଣିଥିଲେ ଯେ ତାହାଙ୍କଠାରେ **ସଦାପ୍ରଭୁ ଏହି କଥା କହନ୍ତି** ବାକ୍ୟ ଥିଲା, ଆଉ ତାହାଙ୍କର ଦର୍ଶନ **ସଦାପ୍ରଭୁ ଏହି କଥା କହନ୍ତି** ସହିତ ଅବିକଳ ଭାବରେ ମିଶୁଥିଲା; ତାହା ଅନ୍ୟ କୌଣସି ସମୟ ପାଇଁ ନୁହେଁ, ବରଂ ସେହି ସମୟ ପାଇଁ ହିଁ ଥିଲ । । ଆମେନ୍! ହାଲ୍ଲେଲୁୟା! ସେହି ସମୟ ନିମନ୍ତେ!

ଦାମ୍ଭିକ ଅଟନ୍ତି, ସମ୍ମୁଖାସମୂଖୀ ହୁଅନ୍ତି ଓ ଜଣେ ପ୍ରଧାନଦୂତ ସହିତ ବାଦାନୁବାଦ କରନ୍ତି! ଏହା କୁହାଯାଇଅଛି, ଯେ, "ଯେଉଁ ସ୍ଥାନରେ ସ୍ୱର୍ଗଦୂତମାନେ ଚାଲିବା ପାଇଁ ସୁଦ୍ଧା ଭୟ କରନ୍ତି ସେଠାରେ ମୂର୍ଖମାନେ କଣ୍ଟକ ଜୋତା ପିନ୍ଧି ଅତି ଦମ୍ଭର ସହ ଗମନାଗମନ କରିବେ ।" ତାହା ସତ ଅଟେ ।

244 ସେହି କାରଣ ଯେଉଁଥି ଯୋଗୁଁକି ମନୋନୀତମାନେ, ଯୀଶୁ କହିଲେ ଯେ, ଭ୍ରାନ୍ତ ହେବେ ନାହିଁ, କାରଣ ସେମାନେ ସେହି ବାକ୍ୟ ଅଟନ୍ତି । ସେମାନେ ଆଉ ଅନ୍ୟ କିଛି ହୋଇପାରନ୍ତି ନାହିଁ । ସେମାନେ ଆଉ ଅନ୍ୟ କିଛି ଶୁଣିପାରନ୍ତି ନାହିଁ । ସେମାନେ ଆଉ ଅନ୍ୟ କିଛି ଜାଣନ୍ତି ନାହିଁ । ଏହା ସତ ଅଟେ ।

245 ମନେ ରଖନ୍ତୁ ଯେ, ମୋଶା ସେମାନଙ୍କର କୌଣସି ଛଳନାର କାର୍ଯ୍ୟଗୁଡ଼ିକ ଦ୍ୱାରା ଭ୍ରାନ୍ତ ହେଲେ ନାହିଁ । କଅଣ ସେ ହେଲେ? କଅଣ ମୋଶା କହିଲେ, "ତେବେ, ଫାରୋ, ଗୋଟିଏ

ମିନିଟ୍ ରୁହନ୍ତୁ । କଅଣ ଆପଣ ଜାଣନ୍ତି? ସଦାପ୍ରଭୁ ମୋତେ ଏହା ସବୁ କରିବା ପାଇଁ କହିଥିଲେ, ମାତ୍ର, ପରମେଶ୍ୱରଙ୍କର ମହିମା ହେଉ, ମୁଁ ଦେଖୁଅଛି ଯେ ତୁମର ପିଲାମାନେ ମଧ୍ୟ ସେହି ସମାନ ବିଷୟ ସାଧନ କରିପାରୁଛନ୍ତି । ଏଣୁ, ମୁଁ କହୁଛି ଯେ ମୁଁ କ'ଣ କରିବି, ମୁଁ ତୁମ ସହିତରେ ମିଶିଯିବି"? ହୁଃ! ତାହା ତ ପରମେଶ୍ୱରଙ୍କର ଜଣେ ଭବିଷ୍ୟଦ୍‌ବକ୍ତାଙ୍କ ପରି ଶୁଭାଯାଏ ନାହିଁ । ନା, ନିଶ୍ଚିତରେ ନୁହେଁ! ସେ ତ ଠିକ୍ ଯେତିକି ଦୃଢ଼ ଭାବରେ ପାରିଥିଲେ ସେତିକି ଦୃଢ଼ ଭାବେ ଛିଡ଼ା ହୋଇ ରହିଲେ । ସେ ତ ଏହା, ଠିକ୍ ଭାବରେ ଜାଣିଥିଲେ ଯେ, ପରମେଶ୍ୱର ଯାହାକିଛି ହେଲେ ବି ସେହି ବିଷୟର ତତ୍ତ୍ୱ ନେବେ, 'କାରଣ ସେ ଏହାର ପ୍ରତିଜ୍ଞା କରିଅଛନ୍ତି । "ମୁଁ ତୁମ ସହିତରେ ରହିବି । ମୁଁ ତୁମକୁ ପରିତ୍ୟାଗ କରିବି ନାହିଁ ।"

246 ସେ ତାହା ଜାଣିଥିଲେ, ଏଣୁ ସେ ସେମାନଙ୍କ ସହିତରେ ମିଶିଲେ ନାହିଁ । ଓଃ, ନୁହେଁ । ସେ ତ ଠିକ୍ ସେମାନଙ୍କ ସହିତରେ ରହିଲେ । ସେ ସେମାନଙ୍କର ନାମଧାରୀ ସଙ୍ଗଠନଗୁଡ଼ିକ ମଧ୍ୟରୁ କିଛି ହେଲେ ଚାହିଁଲେ ନାହିଁ । ସେ ତ ଠିକ୍ ପରମେଶ୍ୱରଙ୍କ ସହିତରେ ରହିଥିଲେ । ସେ ସେହି ସମସ୍ତ ବିଷୟଗୁଡ଼ିକ ଦ୍ୱାରା ଯାହା ସେମାନେ କରି ପାରିଥିଲେ ଭ୍ରାନ୍ତ ହେଲେ ନାହିଁ । ଯେତେବେଳେ ସେମାନେ ଗୋଟିଏ ବିଷୟ କଲେ...ସେ ଉକୁଣିଆ ପୋକ ଆଣିଲେ; ସେମାନେ ଉକୁଣିଆ ପୋକ ଆଣିଲେ । ସେ ରକ୍ତ ଆଣିଲେ; ସେମାନେ ରକ୍ତ ଆଣିଲେ । ସେ ସମସସ୍ତ କିଛି ବିଷୟ ଆଣିଲେ; ସେମାନେ ତାହାଙ୍କୁ ସମସ୍ତ ବିଷୟରେ ଠିକ୍ ସେହିପରି ଭାବରେ, ନକଲ କରିଥିଲେ । ସେ କେବଳ ସ୍ଥିର ଭାବରେ ଛିଡ଼ା ରହିଲେ । ସେ ତ ଅବିକଳ ଏହା ଜାଣିଥିଲେ, କ'ଣ, ଯେ ପରମେଶ୍ୱର ତାହାଙ୍କର କାର୍ଯ୍ୟରେ ରତ ଅଛନ୍ତି ।

247 ତେବେ ଆପଣମାନେ ବୁଝୁଛନ୍ତି? [ମଣ୍ଡଳୀ କହେ, "ଆମେନ୍ ।"—ଅନୁ] ଆପଣ ଦୁଇ ଓ ଦୁଇକୁ ଯୋଗକରି, ଚାରି ହିଁ କରନ୍ତି? ["ଆମେନ୍ ।"] ଆପଣ ଆଉ ଅତ୍ୟଧିକ ବୁଦ୍ଧି ଖଟାଇବାକୁ ଚାହାଁନ୍ତି ନାହିଁ । ଏଣୁ, ଏଣୁ ଦେଖନ୍ତୁ, ଆପଣ—ଆପଣ ତାହା ବୁଝୁଛନ୍ତି ।

କାହିଁକି? ସେମାନେ ତାହା ଦ୍ୱାରା ଭ୍ରାନ୍ତ ହେବେ ନାହିଁ, ବାସ୍ତବିକ ବିଶ୍ୱାସୀ, ସେମାନେ ତ ପୂର୍ବନିରୂପିତ ବୀଜ ଅଟନ୍ତି ଯେଉଁମାନେକି ସେହି ଦିନର ବାକ୍ୟ ସହିତ ଅଟଳ ଭାବରେ ଛିଡ଼ା ରହିଥା'ନ୍ତି ।

248 ଠିକ୍ ଯେପରିକି, ମଧ୍ୟ, ଯୀଶୁ ଏହା କହିଲେ, "ସେଦିନ, ଅନେକେ ମୋ' ନାମରେ ଆସିବେ, ଓ କହିବେ, 'ପ୍ରଭୁ, କଅଣ ମୁଁ ତୁମ ନାମରେ ଭୂତ ଛଡ଼ାଇ ନାହିଁ?'" ଯୀଶୁ କହିଲେ, "ଶେଷ ଦିନମାନଙ୍କରେ, ଯେତେବେଳେକି ସମୟ ସମାପ୍ତ ହୋଇଯିବ ଓ ସେହି ମହାନ ପୁନରୁତ୍‌ଥାନ ଉପସ୍ଥିତ ହେବ, ସେତେବେଳେ ଅନେକେ ଆସିବେ ଓ ରାଜ୍ୟରେ ଉପବେଶନ କରିବେ ।" ପରମେଶ୍ୱରଙ୍କ ରାଜ୍ୟ ତ ଆପଣଙ୍କ ଭିତରେ ହିଁ ଅଛି ।

249 ଅନେକେ, ବାଳୁଙ୍ଗାମାନେ ଆସିବେ ଓ ଠିକ୍ ଗହମ ସହିତରେ ବସିବେ, ଓ କହିବେ, "ତେବେ, ପ୍ରଭୁ, ଗୋଟିଏ ମିନିଟ୍ ରୁହନ୍ତୁ! ମୁଁ ପରଭାଷାରେ କଥା କହିଛି । ମୁଁ ଉଚ୍ଚ ପାଟିରେ

ଚିତ୍କାର କରିଛି । ମୁଁ ଆତ୍ମାରେ ନୃତ୍ୟ କରିଛି । ମୁଁ ମନ୍ଦାତ୍ମାଗୁଡ଼ିକୁ ବାହାର କରିଛି । ମୁଁ ଅନ୍ୟାନ୍ୟ ଭାଷାରେ କଥା କହିଛି । ମୁଁ ଏହି ସବୁ କାର୍ଯ୍ୟ କରିଅଛି ।"

ସେ କଅଣ କହିବେ? ଧ୍ୟାନ ଦିଅନ୍ତୁ । "ହେ ଅଧର୍ମାଚାରୀମାନେ, ମୁଁ ତ ତୁମ୍ଭମାନଙ୍କୁ ଜାଣେ ସୁଦ୍ଧା ନାହିଁ ।"

250 *ଅଧର୍ମାଚରଣ* କଅଣ ଅଟେ? କାହାରିକି ହେଲେ ପଚାରନ୍ତୁ । ଏହା ହେଉଛି "ଏପରି କିଛି ବିଷୟ ଯାହାକି କରିବା ଉଚିତ୍ ବୋଲି ଆପଣ ଜାଣନ୍ତି, ମାତ୍ର ଆପଣ ତାହା କରନ୍ତି ନାହିଁ ।" ସେମାନେ ସେହି ବାକ୍ୟ ଜାଣନ୍ତି । ସେମାନେ ତାହା ଶୁଣନ୍ତି । ଆପଣମାନେ ଏହି ଟେପ୍‌କୁ ଶୁଣୁଅଛନ୍ତି । ଆପଣମାନେ ଏହି ସନ୍ଦେଶକୁ ଶୁଣୁଅଛନ୍ତି । ଆପଣମାନେ ଏହା ଦେଖନ୍ତି ଯେ ସଦାପ୍ରଭୁ ପରମେଶ୍ୱର ହିଁ ତାହା କହିଛନ୍ତି; ଆପଣମାନେ ଦେଖନ୍ତି ଯେ ସେ ହିଁ ତାହାକୁ ସିଦ୍ଧ କରିଛନ୍ତି, ଓ ତାହାକୁ ସତ୍ୟ ପ୍ରମାଣିତ କରିଛନ୍ତି । ଆଉ ଆପଣମାନେ ଜାଣନ୍ତି ଯେ ଏହା ସେତିକି ସ୍ପଷ୍ଟ ଅଟେ ଯେତିକି ସ୍ପଷ୍ଟ ସୂର୍ଯ୍ୟ ବାହାରେ ଆଲୋକ ଦେଉଅଛି, ମାତ୍ର ଆପଣମାନେ ଯେଉଁମାନେକି ନିଜ ନିଜର ସଙ୍ଗଠନକୁ ଧରି ରହିଥିବେ, ସେହି ମିଥ୍ୟା ବିଷୟଗୁଡ଼ିକୁ ଧରି ରହିଥିବେ; ଆପଣମାନେ ହେଉଛନ୍ତି ସେହି ଅଧର୍ମାଚାରୀମାନେ!

"ଓଃ, ହଁ, ମୋ'ର ତ ବଡ଼ ବଡ଼ ସଭାମାନ ହୋଇଅଛି । ମୁଁ *ଏହା* କରିଅଛି । ମୁଁ *ତାହା* କରିଅଛି ।"

ସେ କହିବେ, "ହେ ଅଧର୍ମାଚାରୀ ଲୋକେ, ତୁମେ ମୋ'ଠାରୁ ଦୂର ହୁଅ, ମୁଁ ତୁମକୁ କଦାପି ଜାଣେ ନାହିଁ ।"

251 ଆପଣ କହିବେ, "ତେବେ, ମୋ' ଉପରକୁ ପବିତ୍ରଆତ୍ମା ଓହ୍ଲାଇଥିଲେ ।" ମୋ'ର ସେଥିରେ ତିଳେ ମାତ୍ର ସନ୍ଦେହ ନାହିଁ । ଆପଣ କହିବେ, "ମୁଁ ପରଭାଷାରେ କଥା କହିଛି । ମୁଁ ଆତ୍ମାରେ ଗ ।ନ କରିଅଛି । ମୁଁ କରିଛି…" ମୁଁ ସେଥିରେ କିଛି ହେଲେ ସନ୍ଦେହ କରେ ନାହିଁ । ମୋ'ର ସେଥିରେ କୌଣସି ପ୍ରଶ୍ନ କରିବାର ନାହିଁ । ଓଃ, ଭାଇ, ଭଉଣୀ, ତାହା କି ପ୍ରକାର ଏକ ସ୍ଥିତି ଅଟେ!

ଏହା ଥରହର ହେବାର ସମୟ ଅଟେ । ଆମେମାନେ କେଉଁ ସମୟରେ ଅଛୁ? ଏହି ବାକ୍ୟ ବର୍ତ୍ତମାନ ଜୀବନ୍ତ ହେଉଅଛି । ଧ୍ୟାନ ଦିଅନ୍ତୁ ।

252 ହଁ, ସେ କହିଥିଲେ ଯେ ସେମାନେ ତାହା କରିବେ । ଧ୍ୟାନ ଦିଅନ୍ତୁ, "ହେ ଅଧର୍ମାଚାରୀମାନେ ତୁମେ ।" ମୁଁ ଏଠାରେ ଗୋଟିଏ ଶାସ୍ତ୍ରାଂଶ ଲେଖି ରଖିଥିଲି । ମୁଁ ଜାଣି ନ ଥିଲି ଯେ ତାହା କେଉଁଠାରେ ଥିଲା । ମୁଁ ଏତେ ଅଧିକ ସମୟ ନେଇ ନେଲି । ତେବେ ଗୋଟିଏ ମିନିଟ ପାଇଁ, ମୁଁ ତାହା ଖୋଜିବାକୁ ଯାଉଅଛି, ଓ ଦେଖିବାକୁ ଯାଉଅଛି ଯେ ତାହା କ'ଣ ଥିଲା । ମୁଁ—ମୁଁ ମାଥିଉ 7:21 ପାଇଲି । ମୁଁ—ମୁଁ ଜାଣି ନାହିଁ ଯେ ତାହା କେଉଁଠାରେ ଅଟେ । ମୁଁ, ବେଳେ ବେଳେ ମୁଁ ଶାସ୍ତ୍ରାଂଶଗୁଡ଼ିକୁ କ୍ରମରେ ଲେଖି ନ ଥାଏ, ତେବେ, ମୁଁ—ମୁଁ ଏହିପରି

ଭାବରେ ପ୍ରଚାର କରୁ କରୁ, ମୁଁ—ମୁଁ ଭୁଲି ଯାଇଥାଏ ଯେ ମୁଁ ଶାସ୍ତ୍ରାଂଶର କେଉଁ ଅଂଶ ଉଦ୍ଧୃତ କରୁଥିଲି । ମାଥିଉ 7:21 ।

*ମୋତେ ପ୍ରଭୁ, ପ୍ରଭୁ, ବୋଲି ଡାକନ୍ତି, ଏପରି ପ୍ରତ୍ୟେକେ ସ୍ୱର୍ଗ ରାଜ୍ୟରେ ପ୍ରବେଶ କରିବେ ନାହିଁ; ମାତ୍ର ଯେ ମୋହର ସ୍ୱର୍ଗସ୍ଥ ପିତାଙ୍କ ଇଚ୍ଛା ସାଧନ କରେ ସେ ପ୍ରବେଶ କରିବ ।*

*ସେଦିନ ଅନେକେ ମୋତେ କହିବେ, ହେ ପ୍ରଭୁ, ହେ ପ୍ରଭୁ,* ଆମ୍ଭେମାନେ *କି ଭାବବାଣୀ କହିଲୁ ନାହିଁ...*

253 ଭାବବାଦୀ, ଅଭିଷିକ୍ତଗଣ! କ'ଣ ତାହା ଠିକ୍ ଅଟେ? "ଆମ୍ଭେମାନେ କି ଭାବବାଦୀ ନୋହୁଁ? ଆମ୍ଭେମାନେ କି ଅଭିଷିକ୍ତ, ଅଭିଷେକ ପ୍ରାପ୍ତ ଲୋକ ନୋହୁଁ? କଅଣ ମୁଁ ତୁମ୍ଭ ନାମରେ ଭାବବାଣୀ କରି ନାହିଁ? ଆଉ ତୁମ୍ଭ ନାମରେ କି ଭୂତମାନଙ୍କୁ ଛଡ଼ାଇ ନାହିଁ?" କିପରି ଭାବରେ ଆପଣମାନେ ତାହାସବୁ କରୁ ଥାଇପାରନ୍ତି, ଓ ଯୀଶୁଙ୍କ ନାମରେ ବାପ୍ତିସ୍ମ ନେବାକୁ ଅସ୍ୱୀକାର କରିପାରନ୍ତି? ବୁଝିଲେ? ହେ, ମୋ'ର ପ୍ରଭୁ! ଦେଖନ୍ତୁ ତାହା କିପରି ପ୍ରତାରିତ କରିବା ବିଷୟ ଅଟେ? ଠିକ୍ ସେହି ଚରମବିନ୍ଦୁ ପର୍ଯ୍ୟନ୍ତ ଆସିଥାଆନ୍ତି, ତା'ପରେ ପଛଘୁଞ୍ଚା ଦେଇଥାଆନ୍ତି । ସେମାନେ ଠିକ୍ ବାକ୍ୟ ନିକଟକୁ ଯାଇଥାଆନ୍ତି, ମାତ୍ର ତା'ପରେ ଫେରିଯାଆନ୍ତି । ତେବେ ଏହାକୁ ଧ୍ୟାନ ଦେଇ ଶୁଣନ୍ତୁ । ଆମେମାନେ ଗୋଟିଏ ମିନିଟ୍‌ରେ, ଏହାକୁ ସାରି ଦେବା ।

*ଅନେକେ ମୋତେ କହିବେ...ହେ ପ୍ରଭୁ, ହେ ପ୍ରଭୁ,* ଆମ୍ଭେମାନେ *କି ଭାବବାଣୀ କହିଲୁ ନାହିଁ,* ଆମ୍ଭେମାନେ କି ଭାବବାଦୀ ଅଟୁ?...

ହଁ, ମୁଁ ତାହା ବିଷୟରେ ମାଥିଉ 24:24 ରେ କହିଅଛି ।

*...ଆଉ ତୁମ୍ଭ ନାମରେ...ଭୂତମାନଙ୍କୁ ଛଡ଼ାଇଲୁ ନାହିଁ? ଏବଂ ତୁମ୍ଭ ନାମରେ କି ଅନେକେ* ଆଶ୍ଚର୍ଯ୍ୟ-...*ଅନେକେ କର୍ମ କଲୁ ନାହିଁ?*

*ସେତେବେଳେ ମୁଁ ସେମାନଙ୍କୁ ସ୍ପଷ୍ଟରୂପେ କହିବି, ମୁଁ ତୁମ୍ଭମାନଙ୍କୁ କେବେ ହେଁ ଜାଣି ନାହିଁ; ହେ ଅଧର୍ମାଚାରୀମାନେ, ମୋ' ପାଖରୁ ଦୂର ହୁଅ ।*

254 "ଯେତେବେଳେ ଏହା ତୁମ ସମ୍ମୁଖରେ ଉପସ୍ଥାପିତ କରାଗଲା ଆଉ ତୁମେ ଏହାକୁ ଦେଖିଲ, ଓ ଏହାକୁ କାର୍ଯ୍ୟ କରୁଥିବାର ଦେଖିଲ, ଏହା ଦେଖିଲ ଯେ ତାହା ତ ବାକ୍ୟ ଅଟେ; ମାତ୍ର ତୁମର ସାଙ୍ଗଠନିକ ବ୍ୟବସ୍ଥା ଯୋଗୁଁ, ତୁମେ ତାହାକୁ ହିଁ କେବଳ ଧରି ରହିଲ । ମୁଁ ତୁମକୁ ଜାଣେ ସୁଦ୍ଧା ନାହିଁ । ମୋ'ର ଏଥିରେ କିଛି ଯାଏ ଆସେ ନାହିଁ ଯେ ତୁମେ କେତେ ସଂଖ୍ୟାରେ ଭୂତମାନଙ୍କୁ ଛଡ଼ାଇଲ, ତୁମେ କେତେ ଅଧିକ *ଏହା, ତାହା* କାର୍ଯ୍ୟଗୁଡ଼ିକ କଲ; ମୁଁ ତୁମ ବିଷୟରେ କିଛି ହେଲେ ଜାଣେ ନାହିଁ ।"

ବିଲିୟାମ କହିଲା, "ମୁଁ ଠିକ୍ ତୁମ୍ଭ ନାମରେ, ଭାବବାଣୀ କହିଥିଲି । ତାହା ସେହିପରି ଘଟିଥିଲା ।"

"ତାହା ଅବିକଳ ସତ ଅଟେ, ମାତ୍ର, ଯେତେବେଳେ ତାହା ବାକ୍ୟ ବିଷୟରେ ଆସିଲା, ତୁମେ ତାହା ଆସ୍ୱୀକାର କରିଥିଲ ।"

255 ହେ, ଭାଇ, କଅଣ ସେହି ପ୍ରତାରିତ ହେବାର ବିଷୟକୁ ଦେଖିଲେ? ତାହା "ଭାବବାଦୀ," ହେବା ବିଷୟ ଅବିକଳ ନୁହେଁ; ମାତ୍ର ତାହା ତ ସେହି ବାକ୍ୟ ସହିତରେ, ସତ୍ୟ ବାକ୍ୟ ସହିତରେ ରହିବା, ସିଦ୍ଧ ପ୍ରମାଣିତ ପ୍ରକଟିତ ବାକ୍ୟ ସହିତରେ ଛିଡ଼ା ହେବା ବିଷୟ ଅଟେ। "ହେ ଅଧର୍ମାଚାରୀମାନେ ତୁମେ!"

ଚେଷ୍ଟା କରିଅଛି, ଶୟତାନ ସମସ୍ତ ଯୁଗରେ ସେହି ସତ୍ୟ ବାକ୍ୟକୁ ନକଲ କରିବାକୁ ଚେଷ୍ଟା କରିଅଛି । ଆମେ ତାହା ଜାଣୁ, କଅଣ ଆମେ ଜାଣି ନାହୁଁ କି?

256 ଧ୍ୟାନ ଦିଅନ୍ତୁ, ସୀମା ରେଖା ପର୍ଯ୍ୟନ୍ତ ଆସିଯିବା ଓ ତା'ପରେ ଅଟକିଯିବା । ଏଠାରେ ଦେଖନ୍ତୁ, ଏବ୍ରୀ ୬ଷ୍ଠ ପର୍ବରେ, ସେ ଏହା କହିଲେ (ତେବେ, ଅଳ୍ପ ସମୟ ପୂର୍ବରୁ ଆମେ ତାହା ପାଠ କରୁଥିଲୁ, ମୁଁ ଆପଣମାନଙ୍କୁ କହିଥିଲି ଯେ, "ଆମେ ତାହାକୁ ପୁଣିଥରେ ଦେଖିବା," ଆଉ ଆସନ୍ତୁ ତେବେ ପରବର୍ତ୍ତୀ କେତେକ ମିନିଟ୍ ପାଇଁ ଆମେ ତାହାକୁ ଦେଖିବା ।) ସେ କହିଲେ:

> ...କିନ୍ତୁ *କଣ୍ଟା ଓ* ଅଗରାଗଛ...ତେବେ *ତାହା* ଅଗ୍ରାହ୍ୟ *ହୋଇ ଅବିଳମ୍ବେ ଶାପଗ୍ରସ୍ତ ହୁଏ; ପୁଣି ତାହାର ଚରମଦଶା ଅଗ୍ନିଦାହ ।* (ସୀମା ରେଖିୟ!)

> ...ଯେଉଁମାନେ *ସ୍ୱର୍ଗୀୟ ଦାନର...ଆସ୍ୱାଦ ପାଇଅଛନ୍ତି,...*

257 "ଆସ୍ୱାଦ ପାଇବା," ଅନ୍ୟ ଶବ୍ଦରେ, ଆପଣ ତାହା ଦେଖିଛନ୍ତି! ଆପଣ ତାହା କେବଳ [ଭାଇ ବ୍ରାନ୍‌ହାମ୍ ନିଜର ଓଷ୍ଠାଧର ଦ୍ୱାରା ତାହା ଦର୍ଶାନ୍ତି—ଅନୁ] ନିଜର ମୁଖ ଦ୍ୱାରା ଆସ୍ୱାଦନ କରିପାରନ୍ତି ନାହିଁ । ମାତ୍ର ଆପଣ ତାହା ଦେଖନ୍ତି, ଓ ଆପଣ ଜାଣନ୍ତି ଯେ ତାହା ସତ୍ୟ ଅଟେ । ଆପଣ ଜାଣିଲେ ଯେ ତାହା ସତ୍ୟ ଅଟେ । "ସ୍ୱର୍ଗୀୟ ଦାନର ଆସ୍ୱାଦ ପାଇଅଛନ୍ତି ।"

> ...ଓ *ପବିତ୍ରଆତ୍ମାଙ୍କର ସହଭାଗୀ ହୋଇଅଛନ୍ତି,* ଯେତେବେଳେକି ତାହା ଆପଣଙ୍କ ଉପରକୁ ଓହ୍ଲାଇ ଆସିଥିଲେ,

> ...*ପରମେଶ୍ୱରଙ୍କ ଉତ୍ତମ ବାକ୍ୟ ଆସ୍ୱାଦନ କରିଅଛନ୍ତି,...*

"ଆସ୍ୱାଦନ କରିଅଛନ୍ତି," ଆପଣ ଦେଖିଲେ ଯେ ତାହା ଠିକ୍ ଥିଲା । "ଆଉ ଆପଣଙ୍କ ଉପରେ ପବିତ୍ରଆତ୍ମା ଓହ୍ଲାଇ ଆସିଥିଲେ," କ୍ଷେତ୍ରରେ ଥିବା ବାଳୁଙ୍ଗା ଉପରକୁ ।

> ...ସେମାନେ ଯଦି ଧର୍ମ *ଭ୍ରଷ୍ଟ ହୁଅନ୍ତି,...*

"ଠିକ୍ ସେହି ଖ୍ରୀଷ୍ଟଙ୍କୁ ଅଗ୍ରାହ୍ୟ କରନ୍ତି ଯିଏକି ତୁମକୁ ପବିତ୍ରୀକୃତ କଲେ, ଓ ତୁମକୁ ଆହ୍ୱାନ କଲେ, ଆଉ ତୁମ ଉପରେ ସେହି ଅଭିଷେକକୁ ପ୍ରଦାନ କଲେ ।"

> ...ତେବେ ତାହା ନିମନ୍ତେ, ପାପ *ନିମନ୍ତେ ପାପାର୍ଥକ ବଳି ଆଉ ଅବଶିଷ୍ଟ ନ ଥାଏ ।*

ଏହା ଅକ୍ଷମଣୀୟ ଅଟେ! "ସେମାନଙ୍କ ନିମନ୍ତେ ସତ୍ୟ ଜ୍ଞାନ ଲାଭ କରିବା ପାଇଁ ଆଉ ଆସିପାରିବା ଅସମ୍ଭବ ଅଟେ।"

*କାରଣ ଯେଉଁମାନେ ଥରେ...ପବିତ୍ରଆତ୍ମାଙ୍କର ସହଭାଗୀ ହୋଇଅଛନ୍ତି ସେମାନଙ୍କୁ କରାଇବା ଅସାଧ୍ୟ,*

258 ତାହା ବାଲୁଙ୍ଗାମାନଙ୍କ ଉପରେ ପଡ଼ିଲା, ଦେଖନ୍ତୁ, "ସେମାନେ ଯୀଶୁଙ୍କ ସହିତ ଜୀବନ ଆରମ୍ଭ କଲେ, ଆଉ 'ପ୍ରଭୁ, ମୁଁ ତୁମ୍ଭ ସହିତରେ ଯାଉଅଛି,'" ମାତ୍ର ଯେତେବେଳେ ଆପଣ ବାକ୍ୟର ସଂସ୍ପର୍ଶରେ ଆସିଲେ, ଆପଣ ଫେରିଗଲେ। "ପବିତ୍ରଆତ୍ମାର ସହଭାଗୀ ହେଲେ, ଆଉ ଏପରିକି ତାହା ଆସ୍ୱାଦନ କଲେ, ଅବା ବାକ୍ୟକୁ ସ୍ୱୟଂ ପ୍ରକଟିତ ହେଉଥିବାର ଦେଖିଲେ।" ଆଉ ତା'ପରେ ସେଥିରୁ ଫେରିଗଲେ, "ସେମାନଙ୍କ ପାଇଁ ତାହାକୁ ପୁନର୍ବାର ଆଉ କେବେ ଦେଖିବା କିଅବା ତାହାର ନିକଟକୁ ଫେରି ଆସିବା ସମ୍ପୂର୍ଣ୍ଣ ଅସମ୍ଭବ ଅଟେ।"

259 ତାହା **ପବିତ୍ରଶାସ୍ତ୍ର ଏହି କଥା କହନ୍ତି ଅଟେ।** ତେବେ, ଆପଣ..."ଆକାଶମଣ୍ଡଳ ଓ ପୃଥିବୀ ଲୋପ ପାଇଯିବ, ମାତ୍ର ଏହା ପାଇବ ନାହିଁ।" କ'ଣ ଆପଣ ତାହା ଦେଖନ୍ତି? "ସମ୍ପୂର୍ଣ୍ଣ ଭାବେ ଅସମ୍ଭବ ଅଟେ।" ବାଇବଲ ତାହା ବ୍ୟକ୍ତ କରେ, ଆଉ ଆତ୍ମା ତାହାର ସାକ୍ଷ୍ୟ ଦିଏ।

260 ଧ୍ୟାନ ଦିଅନ୍ତୁ, ମୁଁ ଆପଣମାନଙ୍କୁ ଗୋଟିଏ ଉଦାହରଣ ଦିଏ। ସେହି ଲୋକମାନଙ୍କୁ ଦେଖନ୍ତୁ ଯେଉଁମାନେକି ମୋଶାଙ୍କର ଭବିଷ୍ୟତ୍‌ବାଣୀର ଅନ୍ତର୍ଗତରେ ବାହାରି ଆସିଥିଲେ, ସେହି ଭବିଷ୍ୟତ୍‌ବାଣୀର ତଳେ, ସେହି ସଙ୍ଗଠନମାନଙ୍କରୁ, ଓ ସମସ୍ତ କିଛିରୁ ବାହାରି ଆସିଥିଲେ, ସେମାନେ ମହାନ ଆଶ୍ଚର୍ଯ୍ୟ କର୍ମମାନ ଓ ଶକ୍ତିର କାର୍ଯ୍ୟଗୁଡ଼ିକୁ ଦେଖିଥିଲେ, ଓ ସେହିପରି ବିଷୟସବୁ ଦେଖିଥିଲେ, ଆଉ ବାହାରି ଆସି ପ୍ରତିଜ୍ଞାତ ଦେଶ ମଧ୍ୟକୁ ପ୍ରବେଶ କରିବାର ସୀମା ରେଖା ପର୍ଯ୍ୟନ୍ତ ଆସିଥିଲେ।

261 ତେବେ, ଲି, ସେଠାରେ ଆପଣଙ୍କର "ପୁସ୍ତକରେ ନାମ ଥିବା ବିଷୟଟି" ଉପସ୍ଥିତ ହୁଏ। ବୁଝିଲେ? ଆପଣଙ୍କର ତାହା ଏଠାରେ ସଂଶୋଧିତ ଅଟେ। ଆଉ ଆପଣମାନେ ଯେଉଁମାନେକି ଏଠାରେ ଉପସ୍ଥିତ ନାହାଁନ୍ତି, ଆଉ ଯେଉଁମାନେକି—ଟେଲିଫୋନ୍-ସଂଯୋଗ ଦ୍ୱାରା ଅଛନ୍ତି, ତାହା ଏଠାରେ ଡାକ୍ତର ଲି ଭେୟଲେ ବସିଅଛନ୍ତି। ସପ୍ତ ମଣ୍ଡଳୀ ଯୁଗମାନ ନାମକ ଏହି ପୁସ୍ତକଟିର ସେ ବ୍ୟାକରଣ ସମ୍ବନ୍ଧୀୟ ବିଷୟଗୁଡ଼ିକ ସଂଶୋଧନ କରୁଅଛନ୍ତି। ଆଉ ସେଠାରେ ଆପଣଙ୍କର "ନାମ ମେଷଶାବକଙ୍କ ଜୀବନ ପୁସ୍ତକରୁ କଟାଯିବା" ସମ୍ବନ୍ଧରେ କୌଣସି ସମସ୍ୟା, ବା ପ୍ରଶ୍ନ, ଉଠି ଆସିଥାଏ। ଦେଖନ୍ତୁ, ଏହା ବହୁସଂଖ୍ୟକ ସେବକମାନଙ୍କୁ ଭ୍ରାନ୍ତ କରି ଦେଇଅଛି। ମାତ୍ର ଆପଣ ସେହି ପୁସ୍ତକଟିକୁ ପାଇବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ, ଆଉ ତା'ପରେ ଆପଣ ତାହାକୁ ବୁଝିଯିବେ ଯଦି ଆପଣଙ୍କଠାରେ ଟିକେ ହେଲେ ବି ଜ୍ୟୋତି ରହିଥାଏ। ବୁଝିଲେ?

262 ତେବେ, ଧ୍ୟାନ ଦିଅନ୍ତୁ, ଯଦି ଆପଣ ଏହାକୁ ଦେଖିବା ପାଇଁ ହିଁ ନ ଚାହିଁବେ ତେବେ ଆପଣ ନିଜର ମୁଣ୍ଡକୁ ଘୂରାଇ ନେବେ ଓ ଏହାକୁ ଅନାଇବେ ସୁଦ୍ଧା ନାହିଁ। ଯେପରିକି ମୋ'ର

ମାଆ କହିଥା'ନ୍ତି, "ଆପଣ ଗୋଟିଏ ଶାଲଗମରୁ ରକ୍ତ ପାଇ ପାରିବେ ନାହିଁ, କାରଣ ସେଥିରେ କୌଣସି ରକ୍ତ ହିଁ ନ ଥାଏ।"

263 ଧ୍ୟାନ ଦିଅନ୍ତୁ, ଜ୍ୟୋତିକୁ ପ୍ରକାଶିତ ହେବାକୁ ହିଁ ଥାଏ; ତାହା ଅନ୍ଧକାରରେ ରହେ ନାହିଁ। ଜ୍ୟୋତି ଅନ୍ଧକାର ପାଖକୁ ଆସିଥାଏ, ଆଉ ଅନ୍ଧକାର ତାହାକୁ ଗ୍ରହଣ କରେ ନାହିଁ। ତେବେ ଏହି ଦିନର ଅଭିଷିକ୍ତଗଣଙ୍କୁ ଧ୍ୟାନ ଦିଅନ୍ତୁ।

264 ଯେପରିକି ମୋଶା ଇସ୍ରାଏଲ ସନ୍ତାନଗଣଙ୍କୁ ବାହାର କରି ଆଣିଥିଲେ; ଆଉ ସେମାନେ ସେଠାରେ ଥିବା ସେହି ମହାନ ରାଷ୍ଟ୍ରର କଥା ଶୁଣିଲେ ଓ ଭ୍ରାନ୍ତ ହୋଇଯାଇଥିଲେ। ତେବେ, ଇସ୍ରାଏଲ ଆନ୍ତଃସାଙ୍ଗଠନିକ ଥିଲା। ତାହାର କୌଣସି ଭୂମି, କୌଣସି ଘର ନ ଥିଲା। ସେ ତ ଗୋଟିଏ ଘରକୁ ଯାଉଥିଲା।

265 ଆମର କୌଣସି ମଣ୍ଡଳୀ ନାହିଁ। ଆମର ନାହିଁ...ଆମେ—ଆମେ ତ ଗୋଟିଏ ମଣ୍ଡଳୀକୁ ଯାଉଅଛୁ, ସେହି ପ୍ରଥମଜାତର ମଣ୍ଡଳୀକୁ, ମହିମାରେ ରହିଥିବା ସେହି ମଣ୍ଡଳୀକୁ; ପୃଥିବୀରେ ଥିବା, କୌଣସି ଏକ ମନୁଷ୍ୟକୃତ ମଣ୍ଡଳୀକୁ ନୁହେଁ। ମହିମାରେ ଥିବା ସେହି ମଣ୍ଡଳୀ, ଆହୂତ-ଲୋକମାନଙ୍କର ମଣ୍ଡଳୀ, ଯେଉଁମାନେକି ଅନନ୍ତ ଜୀବନ ନିମନ୍ତେ ପୂର୍ବନିରୂପିତ ଅଟନ୍ତି, ଦେଖନ୍ତୁ, ସେମାନେ ନିଜର ଘରକୁ ଯାଉଅଛନ୍ତି।

266 ଆଉ ଯେତେବେଳେ ସେମାନେ ପାରି ହୋଇ ଆର ପଟକୁ ଯିବା ନିମନ୍ତେ ସେହି ସ୍ଥାନକୁ ଆସି ପହଞ୍ଚିଲେ, ସେମାନେ ବାକ୍ୟକୁ ସନ୍ଦେହ କଲେ, ଓ ଫେରି ଆସିଲେ। ଆଉ ଯେତେବେଳେକି ଯିହୋଶୂୟ ଓ କାଲେବ ଓ ଅନ୍ୟମାନେ ପାରି ହୋଇ ସେହି ଦେଶକୁ ଯାଇଥିଲେ ଓ ସେଠାରୁ ଅଙ୍ଗୁର ପେନ୍ଥାଟିଏ ନେଇକି ଫେରି ଆସିଥିଲେ, ସେମାନଙ୍କୁ ଏହା ପ୍ରମାଣ ଦେବା ନିମନ୍ତେ ଯେ ସେହି ଦେଶ ସେଠାରେ ରହିଅଛି, ଯାହାକି ପରମେଶ୍ୱରଙ୍କ ପ୍ରତିଜ୍ଞାର ବାକ୍ୟ ଥିଲା ଯେ, "ତାହା ଦୁଗ୍ଧ ମଧୁ ପ୍ରବାହୀ, ଏକ ଉତ୍ତମ ଦେଶ ଅଟେ।" ଆଉ ତାହା ସବୁ, ସେମାନଙ୍କ ନିକଟରେ ଏହା ପ୍ରମାଣ ଦେବା ହେତୁ, ଏଇ ପାରିକୁ ନେଇକି ଆସିଥିଲେ। ଆଉ ସେମାନେ ତାହାକୁ ଆସ୍ୱାଦନ କଲେ, ଓ କହିଲେ, "ଓଃ, ଓଃ, ତଥାପି, ଆମେ ତାହା କରିପାରିବୁ ନାହିଁ।"

267 କଅଣ ଘଟିଥିଲା? ସେମାନେ ପ୍ରାନ୍ତରରେ ବିନଷ୍ଟ ହୋଇ ଯାଇଥିଲେ। ସେମାନେ ଠିକ୍ ସେହିଠାରେ ରହିଗଲେ ଓ ନିଜକୁ ସଙ୍ଗଠିତ କରି ପକାଇଲେ, ଓ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣ, ମୃତ୍ୟୁବରଣ କରିଥିଲେ, ମାତ୍ର ସେମାନେ ଯେଉଁମାନେକି ଆରପାରିକୁ ଯାଇଥିଲେ ଓ ପ୍ରମାଣ ନେଇ ଫେରି ଆସିଥିଲେ, ଯିହୋଶୂୟ ଓ କାଲେବ ଥିଲେ; ମୋଶା ରୂପାନ୍ତରିତ ହୋଇଥିଲେ। ଏହା ମଣ୍ଡଳୀର ଅପେକ୍ଷା କରୁଥିବାର ଏକ ନିଦର୍ଶନ ଅଟେ; ଆଉ ପୁରାତନ ନିୟମ, ନୂତନ ନିୟମର ପୁନରୁତ୍ଥାନ; ଏବଂ ସ୍ୱର୍ଗାରୋହଣ କରୁଥିବା ସେହି ଦେହର ଏକ ପ୍ରତିରୂପ ଅଟେ। କ'ଣ ସେଠାରେ ତିନିକୁ ଦେଖନ୍ତି? ଦେଖନ୍ତୁ, ସେମାନଙ୍କୁ ତ ସେଠାରେ ରେଖାରେ ତିନି ରହିବାକୁ ହିଁ ଅଛି, ଏଣୁ, ବିଶ୍ୱାସୀ ଓ ଅବିଶ୍ୱାସୀ ଭାବରେ। ବୁଝିଲେ?

268 ଧ୍ୟାନ ଦିଅନ୍ତୁ ଯେ ତାହା କିପରି "ସମ୍ପୂର୍ଣ୍ଣ" ଭାବରେ ଥିଲା । ମନେ ରଖିଥାନ୍ତୁ ଯେ, ପରମେଶ୍ୱର ସେହି ପାପକୁ କଦାପି କ୍ଷମା କରି ନ ଥିଲେ । ତେବେ ସେମାନେ କିପରି ଭାବରେ ଭିତରକୁ ପ୍ରବେଶ କରିବାକୁ ଯାଉଅଛନ୍ତି? ଯଦି ତାହା ଆରମ୍ଭରୁ ହିଁ, କଣ୍ଟକ ଅଟେ, ତେବେ ଶେଷରେ ମଧ୍ୟ ତାହା କଣ୍ଟକ ହେବ । କେବଳ ପୂର୍ବନିରୂପିତମାନେ ହିଁ ତାହା ଦେଖିବେ ।

269 ତେବେ ଧ୍ୟାନ ସହକାରେ ଶୁଣନ୍ତୁ । ଯେପରିକି ତାହା ଠିକ୍ ଅନ୍ଧକାର ଯୁଗ ପୁର୍ବରୁ, ସାଧୁ ମାର୍ଟିନ୍‌ଙ୍କର ଦିନରେ ହୋଇଥିଲା; ଯିଏକି ଜଣେ ପ୍ରଭୁ ଭୟାଳୁ ସରଳ ଲୋକଟିଏ ଥିଲେ । କେତେ ଜଣ ସାଧୁ ମାର୍ଟିନ୍‌ଙ୍କର ଲେଖନିଗୁଡ଼ିକ ପାଠ କରିଅଛନ୍ତି? ଆପଣମାନଙ୍କ ମଧ୍ୟରୁ ଅନେକେ ତାହା କରିଅଛନ୍ତି । ଆମେ ସାଧୁ ମାର୍ଟିନ୍‌ଙ୍କର ଲେଖନିଗୁଡ଼ିକ ଆଣିବା ପାଇଁ ଯାଇଥିଲୁ; ସେହି ଯାଜକ କହିଲେ, "ମାତ୍ର ତାହାଙ୍କୁ ତ ସନ୍ଥ ବୋଲି ଘୋଷଣା କରା ଯାଇନାହିଁ ।" ନିଶ୍ଚିତରେ, ତାହାଙ୍କୁ କରା ଯାଇନାହିଁ; ସେମାନଙ୍କ ଦ୍ୱାରା ନୁହେଁ, ମାତ୍ର ସେ ତ ପରମେଶ୍ୱରଙ୍କ ଦ୍ୱାରା ସନ୍ଥ ବୋଲି ଘୋଷଣା କରା ଯାଇଅଛନ୍ତି । ପବିତ୍ରଆତ୍ମା ହିଁ ତାହାଙ୍କୁ ସେଠାରେ ତୃତୀୟ ମଣ୍ଡଳୀ ଯୁଗରେ ରଖାଯିବା ପାଇଁ ଆମ୍ଭମାନଙ୍କୁ କହିଲେ । ବୁଝିଲେ?

270 ଦେଖନ୍ତୁ ଯେ ସେ କିପରି ଏକ ପ୍ରଭୁ ପ୍ରିୟ ସରଳ ଲୋକଟିଏ ଥିଲେ; ଆହୂତ, ଓ ପୂର୍ବନିରୂପିତ ଥିଲେ । ତାହାଙ୍କର ମାତା ପିତା, ପ୍ରତିମା ପୂଜକ ଥିଲେ । ତାହାଙ୍କର ପିତା, ଜଣେ ସୈନିକ ଥିଲେ । ତାହାଙ୍କୁ ମଧ୍ୟ ସେହି ପରମ୍ପରା ରକ୍ଷା କରିବାକୁ ଯାଇ, ଜଣେ ସୈନିକ ହେବାକୁ ପଡ଼ିଥିଲା । ଆଉ, ଯେତେବେଳେ ସେ ହେଲେ, ଆଉ ସେ ଏହା ସର୍ବଦା ବିଶ୍ୱାସ କରୁଥିଲେ ଯେ କୌଣସି ନା କୌଣସି ସ୍ଥାନରେ ପରମେଶ୍ୱର ଅଛନ୍ତି; ସେ ପ୍ରକୃତି ପ୍ରେମୀ ବଣ ଜଙ୍ଗଲ ଭଲ ପାଉଥିବା ଜଣେ ଲୋକ ଥିଲେ, ଆଉ ପରମେଶ୍ୱରଙ୍କୁ ଦେଖି ପାରୁଥିଲେ । ଦିନେ ସେ ଏକ ନଗର ଦେଇ ଯାଉଥିଲେ, ଆଉ ସେଠାରେ ଜଣେ ବୃଦ୍ଧ ଦରିଦ୍ର ଭିଖାରୀ, ମୃତ ପ୍ରାୟଃ ଅବସ୍ଥାରେ ପଡ଼ି ରହିଥିଲା, ଓ ଭିକ୍ଷା ମାଗୁଥିଲା ଯଦି କେହି…ସେହି ରାତ୍ରି ସେ ବହୁତ ଥଣ୍ଡା ଥିଲା । "ଓଃ," ସେହି ଭିଖାରୀ କହିଲା, "ମୋତେ ଘୋଡ଼ାଇବା ପାଇଁ କିଛି ଦିଅନ୍ତୁ; ମୁଁ ଆଜି ରାତ୍ରି ମରିଯିବି ।"

271 କେହି ତାହାକୁ ଦେଉ ନ ଥିଲେ । ଆଉ ମାର୍ଟିନ୍ ଗୋଟିଏ ପଟକୁ ହୋଇ ଗଲେ ଓ ତାହାକୁ ଅଳ୍ପ ସମୟ ଦେଖିଲେ । କେହି ତାହାକୁ କିଛି ସାହାଯ୍ୟ କରୁ ନ ଥିଲେ । ତାହାଙ୍କ ପାଖରେ କେବଳ ଗୋଟିଏ ଅଙ୍ଗରଖା କୋଟ୍ ଥିଲା । ଯଦି ସେ—ସେ ତାହାକୁ ସେହି ଅଙ୍ଗରଖାଟି ଦେଇ ଦେବେ, ତାହାହେଲେ ସେ ନିଜେ, ସେହି ଥଣ୍ଡାରେ ଆକ୍ରାନ୍ତ ହୋଇଯିବେ, ଯେହେତୁ ସେ ତାହାଙ୍କର କାର୍ଯ୍ୟ ଦାୟିତ୍ୱରେ ଥିଲେ । ଏଣୁ ସେ ଚିନ୍ତା କଲେ, "ଯଦି ମୁଁ ତାହାକୁ ଦୁଇ ଭାଗରେ ବିଭକ୍ତ କରି ତାହା ସହିତରେ ବ୍ୟବହାର କରିବି, ତାହାହେଲେ ଆମ ଦୁଇଜଣଙ୍କର ବଞ୍ଚିବାର ସୁଯୋଗ ରହିବ ।" ଏଣୁ ସେ ନିଜର ଅଙ୍ଗରଖାଟିକୁ ନେଲେ, ଓ ତାହାକୁ ନିଜର ଛୁରୀରେ ଦୁଇ ଭାଗରେ ବିଭକ୍ତ କଲେ, ଓ ଗୋଟିକରେ ସେହି ବୃଦ୍ଧ ଭିଖାରୀଟିକୁ ଘୋଡ଼ାଇ ଦେଲେ । ଅନ୍ୟ ଭାଗଟି ସେ ନିଜେ ଘୋଡ଼ାଇ ହେଲେ ।

ସମସ୍ତେ କହିଲେ, "ଦେଖ କି ଏକ ବିଚିତ୍ର-ଦିଶୁଥିବା ପ୍ରହରୀଜଣେ। ଦେଖ ଜଣେ କୌତୁକିଆ-ଦିଶୁଥିବା ସୈନିକଟିଏ, ଯିଏକି ଅଧା ଅଙ୍ଗରଖାଟି ଘୋଡ଼ାଇ ହୋଇଛି!"

272 ତା'ର ପରବର୍ତ୍ତୀ ରାତ୍ରି, ଯେତେବେଳେ ସେ ତାହାଙ୍କର କାର୍ଯ୍ୟରୁ ବିରତିରେ ଥିଲେ ଓ ନିଜର ସେଜରେ ଶୋଇଥିଲେ, ସେ ଉଠି ପଡ଼ିଥିଲେ। ଦେଖିଲେ ଯେ, ତାହାଙ୍କର କକ୍ଷରେ ଛିଡ଼ା ହୋଇଅଛନ୍ତି, ଓ ସେଠାରେ ଯୀଶୁ ସେହି ପୁରୁଣା ଅଙ୍ଗରଖାଟି ପିନ୍ଧି ଛିଡ଼ା ହୋଇଥିଲେ ଯେଉଁଥିରେକି ସେ ସେହି ଭିଖାରୀଟିକୁ ଘୋଡ଼ାଇ ଦେଇଥିଲେ। ସେ ଠିକ୍ ସେହିଠାରେ ହିଁ ଏହା ଜାଣିଲେ ଯେ, "ମୋ'ର କ୍ଷୁଦ୍ରରୁ କ୍ଷୁଦ୍ରମାନଙ୍କ ସହିତରେ ତୁମେ ଯାହା କର, ମୋ'ର ଅଭିଷିକ୍ତମାନଙ୍କ ସହିତରେ ଯାହା କର, ତାହା ତୁମେ ମୋ' ସହିତରେ କରିଥାଅ," ସେହି ପଡ଼ି ରହିଥିବା ଅବସ୍ଥାରେ ସେଠାରେ।

273 ସେ ପରମେଶ୍ୱରଙ୍କ ଜଣେ ମହାନ ଦାସ ଥିଲେ। ମଣ୍ଡଳୀ ତାହାଙ୍କୁ ପରିହାସ କରିଥିଲା, ତାହାଙ୍କୁ ନିର୍ଯ୍ୟାତନା ଦେଇଥିଲା, ତାହାଙ୍କୁ ତଡ଼ି ଦେଇଥିଲା, ଓ ସବୁକିଛି କରିଥିଲା, ମାତ୍ର ସେ ପରମେଶ୍ୱରଙ୍କର ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ। ଯାହା ସେ କହିଥିଲେ ତାହା ସଫଳ ହୋଇଥିଲା। ସେହି ଯୁଗରେ ମଧ୍ୟ, ଅନେକେ ତାହାଙ୍କୁ ବିଶ୍ୱାସ କରିଥିଲେ।

274 ମୁଁ ଆପଣମାନଙ୍କୁ ଦେଖାଇବାକୁ ଚାହେଁ ଯେ ଶୟତାନ କେତେ ପ୍ରବଞ୍ଚକ ଅଟେ। ଦିନେ ସେ ତାହାଙ୍କର ଅଧ୍ୟୟନରେ ବସିଥିଲେ। ସେତେବେଳେ ସେଠାରେ ଏକ ପରାକ୍ରମୀ ଦୂତ ଆସିଲେ, ତାହାଙ୍କ ମସ୍ତକରେ ମୁକୁଟ ଥିଲା, ତାଙ୍କର ସୁବର୍ଣ୍ଣ ପାଦୁକା ଥିଲା, ତାହାଙ୍କ ବସ୍ତ୍ରର ଚାରିଆଡ଼େ ସୁବର୍ଣ୍ଣ ଫିତା ଲାଗିଥିଲା, ଆଉ ସେ କହିଲେ, "ମାର୍ଟିନ୍, କ'ଣ ତୁମେ ମୋ'ତେ ଜାଣ?" ସେ କହିଲେ, "ମୁଁ ତୁମ୍ଭର ପ୍ରଭୁ ଓ ଉଦ୍ଧାରକର୍ତ୍ତା ଅଟେ। ମୁଁ ହିଁ ସେହି ଯିଏକି ତୁମ୍ଭକୁ ଉଦ୍ଧାର କରିଅଛି। ମାର୍ଟିନ୍, ମୋ'ର ଉପାସନା କର।" ମାତ୍ର ସେହି ଭବିଷ୍ୟଦ୍‌ବକ୍ତା, ଏହା ଜାଣି ଯେ ସେଠାରେ କିଛି ଗୋଟାଏ ବିଷୟ ବିଚିତ୍ର ଅଛି, ସେ ତାହାଙ୍କୁ କେବଳ ଚାହିଁ ରହିଲେ। ସେହି ଦୂତ କହିଲେ, "ମାର୍ଟିନ୍, ମୁଁ ତୁମ୍ଭର ଉଦ୍ଧାରକର୍ତ୍ତା, ଯୀଶୁ ଖ୍ରୀଷ୍ଟ ଅଟେ। ମୋ'ର ଉପାସନା କର! ମାର୍ଟିନ୍, କ'ଣ ତୁମେ ମୋ'ତେ ଜାଣ ନାହିଁ?"

275 ମାର୍ଟିନ୍ ତାହାଙ୍କୁ ଚାହିଁ ରହିଲେ, ତାହାଙ୍କର ମନ ଭିତରେ ପବିତ୍ରଶାସ୍ତ୍ରର ବିଷୟ ଆସିବାକୁ ଲାଗିଲା। ସେ କହିଲେ, "ଶୟତାନ, ମୋ'ଠାରୁ ଦୂର ହୁଅ।" ସେ କହିଲେ, "ତୁମ ମସ୍ତକରେ ଏକ ମୁକୁଟ ଅଛି। ଆଉ ପରମେଶ୍ୱରଙ୍କ ବାକ୍ୟ କହେ ଯେ ତାହାଙ୍କର 'ସାଧୁମାନେ ତାହାଙ୍କୁ ମୁକୁଟ' ଯୁଗର ଶେଷରେ ପିନ୍ଧାଇବେ।"

କଅଣ ତାହା ପେଣ୍ଟିକଷ୍ଟାଲ ପ୍ରଲୋଭନ ଚାରା ହୋଇ ନ ଥିବ? ଭାଇ, ସେହି ବାକ୍ୟକୁ ଧ୍ୟାନ ସହକାରେ ଦେଖନ୍ତୁ। ତାହାହିଁ ତ ମୂଖ୍ୟ ବିଷୟ ଅଟେ।

276 ପୁଣିଥରେ, ଦିନେ, ସେଠାରେ ଆଶ୍ରମରେ, ଯୁବା ବୟସ୍କ ସାଧୁମାନଙ୍କ ଗହଣରେ, ଜଣେ ବୃଦ୍ଧ ସାଧୁଟିଏ ଥିଲେ। ସେ ଏକ ପ୍ରକାର ଉତ୍ତେଜକ ସ୍ୱଭାବ ବିଶିଷ୍ଟ ଥିଲେ। ତେବେ ଏହାକୁ ଦେଖନ୍ତୁ, ଏଠାରେ ତାହା ଆଜି ଏକ ଉତ୍ତମ—ଏକ ଉତ୍ତମ ଦୃଷ୍ଟାନ୍ତଟିଏ ଅଛି। ସେହି

ବୃଦ୍ଧ ସାଧୁଜଣକ ଅନ୍ୟମାନଙ୍କ ଅପେକ୍ଷା କିଛି ଶ୍ରେଷ୍ଠ ହେବାକୁ ଚାହୁଁଥିଲେ । ସେ ନିଜକୁ, ନିଜର ଅଧିକାରକୁ, କିଛି ଗୋଟିଏ ବଡ଼ ଭାବରେ, କିଛି ଗୋଟାଏ ଅଧିକ ଉନ୍ନତ ଭାବରେ, ଗୋଟିଏ ଅନ୍ୟ ଶ୍ରେଣୀର, ଆପଣମାନେ ଜାଣନ୍ତି, ଓ କିଛି ଗୋଟାଏ ବଡ଼ ବୋଲି ଦେଖାଇବାକୁ ଚାହୁଁଥିଲେ । ସେ ପ୍ରତିଷ୍ଠିତ ସମ୍ମାନିତ ହେବାକୁ ଚାହୁଁଥିଲେ । ସଦାବେଳେ ଏହା ଚାହୁଁଥିଲେ ଯେ ଅନ୍ୟ ଭାଇମାନେ ନ କରନ୍ତୁ...ଆପଣମାନେ ଜାଣନ୍ତି ଯେ, ସେ ଭିନ୍ନ ହେବାକୁ ଚାହୁଁଥିଲେ । ବୁଝିଲେ? ସେ, ମାମଲା ଯାହା ବି ହୋଇଥାଉ ନା କାହିଁକି, ସେ ବହୁତ ଅହଙ୍କାରୀ ସ୍ୱଭାବର ଥିଲେ । ସେ ସମୁଦ୍ର ବାଲୁକା ଉପରେ ଥିବା ଗୋଟିଏ ମାତ୍ର ପଥର ସଦୃଶ ଥିଲେ । ଏପରି କେହି ହେଲେ ନ ଥିଲେ ଯିଏକି ତାହାଙ୍କୁ ସ୍ପର୍ଶ କରିପାରନ୍ତେ । ତେବେ ଦେଖନ୍ତୁ କଅଣ ଘଟିଲା । ତାହାଙ୍କ ପାଖରେ ତ କିଛି ଗୋଟାଏ ବଡ଼ ବିଷୟ ରହିବାକୁ ଥିଲା । ତାହାଙ୍କୁ ତ ବଡ଼ ବଡ଼ ସମାଜଗୁଡ଼ିକ ସହିତରେ—ତୁଳନାରେ ରହିବାକୁ ଥିଲା । କଅଣ ଆପଣମାନେ ମୋତେ ବୁଝି ପାରୁଛନ୍ତି? ବୁଝିଲେ? ଏଣୁ, ସେ କହିଲେ, ସେ ଭବିଷ୍ୟଦ୍‌ବାଣୀ କଲେ । ସେ କହିଲେ, "ସଦାପ୍ରଭୁ ମୋତେ ମଧ୍ୟ, ଜଣେ ଭାବବାଦୀ କରିଅଛନ୍ତି । ମୁଁ ଜଣେ ଭବିଷ୍ୟଦ୍‌ବକ୍ତା ଅଟେ ।"

ତେବେ, ମାତ୍ର ସେହି ଦେଶରେ ଜଣେ ସୁପ୍ରମାଣିତ ଭବିଷ୍ୟଦ୍‌ବକ୍ତା ରହୁଥିଲେ, ଆଉ ତାହା ସାଧୁ ମାର୍ଟିନ୍ ଥିଲେ; ସେ ତ ଜନ୍ମରୁ ହିଁ ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ ।

277 ମାତ୍ର ଏହି ପିଲା କହିଲା, ଯୁବା ବ୍ୟକ୍ତି ଜଣକ କହିଲେ, ଏହି ଯୁବା ସାଧୁ ଯିଏକି ପ୍ରାୟଃ ପଚିଶ-ବର୍ଷ ବୟସର ଥିଲେ, ସେ କହିଲେ, "ସଦାପ୍ରଭୁ ମୋତେ ଜଣେ ଭବିଷ୍ୟଦ୍‌ବକ୍ତା କରିଅଛନ୍ତି, ଆଉ ମୁଁ ତୁମମାନଙ୍କୁ ତାହା ପ୍ରମାଣ କରିବାକୁ ଯାଉଅଛି ।" ସେ କହିଲେ, "ଆଜି ରାତ୍ରି ସଦାପ୍ରଭୁ ମୋତେ ଗୋଟିଏ ବଡ଼, ଖୁବ୍ ସୁନ୍ଦର ବସ୍ତ୍ରଟିଏ ଦେବାକୁ ଯାଉଅଛନ୍ତି, ଗୋଟିଏ ଶୁକ୍ଳ ବସ୍ତ୍ର, ମୋ' ଉପରେ ଦେବାକୁ ଯାଉଅଛନ୍ତି, ଓ ତୁମମାନଙ୍କ ମଧ୍ୟରେ ନିଯୁକ୍ତ କରିବାକୁ ଯାଉଅଛନ୍ତି । ତା'ପରେ ତୁମେମାନେ ସମସ୍ତେ ମୋ' ନିକଟକୁ ଆସିବ, ଦେଖନ୍ତୁ, ଆଉ ତୁମେମାନେ ମୋ'ଠାରୁ ଆଦେଶ ଗ୍ରହଣ କରିବ ।"

ତେବେ ତାହାକୁ ଆଜିର ଦିନ ସହ ତୁଳନା କରନ୍ତୁ, ଦେଖନ୍ତୁ, "ମୁଁ ସେହି ସଙ୍ଗଠନର ମୁଖ୍ୟ ହୋଇଯିବି । ମୁଁ ତୁମମାନଙ୍କର, ତୁମ ସମସ୍ତ ସାଧୁମାନଙ୍କର କଥା ବୁଝିବି ।"

278 ଆଉ ସତ୍ୟ ସତ୍ୟ ସୁନିଶ୍ଚିତ ଭାବରେ, "ସେହି ରାତ୍ରି, ଭବନରେ ଜ୍ୟୋତିପୁଞ୍ଜ ଆସିଗଲା," ସାଧୁ ମାର୍ଟିନ୍‌ଙ୍କର ଲେଖନି ତାହାହିଁ ବ୍ୟକ୍ତ କରେ । ତାହା ପାଠ କରନ୍ତୁ । ଆଉ ଏହା ଏକ ବାସ୍ତବିକ ଘଟଣା ଅଟେ । ଏହା ଇତିହାସରେ ଅଛି । ଆଉ ଜ୍ୟୋତିପୁଞ୍ଜ ଆସିଥିଲା, ଆଉ ସମସ୍ତେ ତାହା ଦେଖିଲେ, ଆଉ ଦେଖନ୍ତୁ ସେଠାରେ ବାହାରି ଆସିଲେ...ସେ ଏକ ଶୁକ୍ଳ ବସ୍ତ୍ର ପିନ୍ଧି, ସେମାନଙ୍କ ଗହଣରେ ଛିଡ଼ା ହେଲେ । ସେ କହିଲେ, "ଦେଖ କଅଣ ମୁଁ ତୁମମାନଙ୍କୁ କହି ନ ଥିଲି?" ମାତ୍ର ତାହା ବାକ୍ୟର ବିରୋଧାତ୍ମକ ଥିଲା ।

279 ଆଉ ଯେତେବେଳେ ସେ ଗଲେ ଓ ସେହି ବିଦ୍ୟାଳୟର ବୃଦ୍ଧ ଅଧ୍ୟକ୍ଷଙ୍କୁ ନେଇକି ଆସିଲେ, ସେହି ଅଧ୍ୟକ୍ଷ ଅଳ୍ପ ସମୟ ଆଗ-ପଛ-ହୋଇ ଚାଲିଲେ, ପୁଣି କହିଲେ, "ପୁତ୍ର,

ତାହା ଯୁକ୍ତି ଯୁକ୍ତ ଦିଶୁ ନାହିଁ।” ସେ କହିଲେ, “କେବଳ ଗୋଟିଏ ମାତ୍ର ଉପାୟ ଅଛି।” ତାହା ଏହା ଅଟେ! “ଆମମାନଙ୍କ ନିମନ୍ତେ ଜାଣିବା ପାଇଁ କେବଳ ଗୋଟିଏ ମାତ୍ର ଉପାୟ ଅଛି। ଏହା ଅଲୌଲିକ ପରି ଦିଶୁଥିଲା।” ପିଲାଏ, ପେଣ୍ଟିକଷ୍ଟ ତ ସେହି ପ୍ରଲୋଭିତ ଚାରାକୁ ଗିଳି ପକାଇଥା’ନ୍ତା, ତା’ର ମୂଳ, ବନ୍‌ଶୀ ପାତ୍ର, ତା’ର ସୁତା, କଣ୍ଟା, ଓ ସବୁକିଛିକୁ ଧରି ପକାଇଥା’ନ୍ତା! ସେହି ବୃଦ୍ଧ ଅଧ୍ୟକ୍ଷ କହିଲେ, “ସେହି ଆଶ୍ଚର୍ଯ୍ୟକର୍ମଟି ଠିକ୍ ଦିଶୁ ଥାଇପାରେ, ମାତ୍ର ତାହା ବାକ୍ୟ ସଙ୍ଗତ ଦିଶୁନାହିଁ। ତେବେ, ଆମ ପାଖରେ ଏପରି ଜଣେ ବ୍ୟକ୍ତି ଅଛନ୍ତି, ଜଣେ ଅଭିଷିକ୍ତ ଭାବବାଦୀ, ଯାହାଙ୍କର ନାମ ମାର୍ଟିନ୍ ଅଟେ। ତେବେ ଆସ, ଓ ତାହାଙ୍କ ସମ୍ମୁଖକୁ ଯାଅ।”

ସେହି ସାଧୁ କହିଲେ, “ନା, ନା! ମାର୍ଟିନ୍‌ର ଏଥି ସହିତ କିଛି ସମ୍ବନ୍ଧ ନାହିଁ।”

ଆଉ ସେହି ଅଧ୍ୟକ୍ଷ କହିଲେ, “ଯାହାହେଲେ ବି, ତୁମେ ଯାଉଅଛ।” ଆଉ ସେମାନେ ତାହାଙ୍କୁ ମାର୍ଟିନ୍‌ଙ୍କ ପାଖକୁ ନେଇଯିବା ପାଇଁ, ତାଙ୍କର ହାତକୁ କଶିକି ଧରିଲେ, ଆଉ ସେତେବେଳେ ସେହି ବସ୍ତ୍ର ତାହାଙ୍କୁ ଛାଡ଼ି ଚାଲିଗଲା।

ଦେଖନ୍ତୁ, “ଯଦି ସମ୍ଭବ ହୁଏ ତେବେ ତାହା ମନୋନୀତ ଲୋକଙ୍କୁ ସୁଦ୍ଧା ଭ୍ରାନ୍ତ କରି ଦେବ।” ଦେଖନ୍ତୁ, ସେମାନେ ସେହିପରି ଲୋକମାନଙ୍କୁ ଜାଣନ୍ତି। ଯୀଶୁ କହିଲେ, “ମୋ’ର ମେଷ ମୋ’ର ବାକ୍ୟ ଜାଣନ୍ତି।”

“ଓଃ,” ଆପଣ କହିବେ, “‘ମୋ’ର ରବ ଶୁଣନ୍ତି।’”

280 ତାହାହିଁ ତ ତାହାଙ୍କର ବାକ୍ୟ ଅଟେ। “ମନୁଷ୍ୟ କେବଳ ରୋଟୀରେ ବଞ୍ଚିବ ନାହିଁ, ବରଂ ପ୍ରତ୍ୟେକ ବାକ୍ୟରେ ବଞ୍ଚିବ।” ବୁଝିଲେ? ପୂର୍ବନିରୂପିତମାନେ ଏହା ଜାଣନ୍ତି। “ଏକ ବିଚିତ୍ର ଶବ୍ଦ, କିଅବା ଏକ ବିଚିତ୍ର ରବ, ସେମାନେ ତାହାର ଅନୁବର୍ତ୍ତୀ ହେବେ ନାହିଁ।”

281 ଏହା ହିଁ ତ ମାମଲା ସେଠାରେ ସେହି ଯୁବା ସାଧୁମାନଙ୍କ ସହିତରେ ଥିଲା; ସେମାନେ ସେହି ବୃଦ୍ଧ ସାଧୁର ଅନୁବର୍ତ୍ତୀ ହେବେ ନାହିଁ। ସେମାନେ ଜାଣିଥିଲେ ଯେ ସେଠାରେ ମାର୍ଟିନ୍ ଅଛନ୍ତି, ସେହି ଯୁଗର ଜଣେ ଭବିଷ୍ୟଦ୍‌ବକ୍ତା, ଯିଏକି ପରମେଶ୍ୱରଙ୍କ ଦ୍ୱାରା ବାକ୍ୟ ଜରିଆରେ ସୁପ୍ରମାଣିତ ଅଟନ୍ତି, ସେ ବାକ୍ୟ ଜାଣିଛନ୍ତି। ଆଉ ସେହି ବ୍ୟକ୍ତି ତାହାଙ୍କ ସମ୍ମୁଖରେ ଛିଡ଼ା ହେବ ନାହିଁ।

282 ସେ ଏହା ମଧ୍ୟ କହିଲେ, “ଯେଉଁଠାରେ ମଡ଼ା ଥାଏ,” ଅଥବା ବାକ୍ୟ ଥାଏ, “ସେଠାରେ, ଋତୁର ସମୟାନୁସାରେ, ଉତ୍କ୍ରୋଶ ପକ୍ଷୀମାନେ ଏକତ୍ରିତ ହେବେ।” ତେବେ ତାହା ମାଥି-… ଆପଣମାନେ ତାହା ଲେଖିବାକୁ ଚାହାଁନ୍ତି, ତାହା ମାଥିଉ 24:28 ଅଟେ। ତା’ଠୁ ଅଳ୍ପ ଟିକେ ଆଗରୁ, ମାଥିଉ 24:24; ତା’ଠୁ ଚାରି ପଦ ପୂର୍ବରୁ, ଦେଖନ୍ତୁ, ଯଦି ଆପଣମାନେ ତାହାକୁ ଦେଖିବାକୁ ଚାହାଁନ୍ତି। “ଯେଉଁଠାରେ ମଡ଼ା ଥାଏ,” ସେହି ମାନ୍ନା ଥାଏ, ସେହି ବାକ୍ୟ ଥାଏ, “ସେଠାରେ ଉତ୍କ୍ରୋଶ ପକ୍ଷୀମାନେ ଏକତ୍ରିତ ହେବେ।”

283 ତେବେ ମୋତେ ଶୀଘ୍ର କରିବା ଉଚିତ୍ । ମୁଁ ସେଠାରେ ଉପରକୁ ଅନାଇଲି ଓ ଦେଖିଲି ଯେ ତାହା କେତେ ସମୟ ହେଲାଣି...ତାହା—ତାହା ବାରଟା ବାଜି ସାତ କିମ୍ବା ଆଠ ମିନିଟ୍ ହୋଇଅଛି । ମୁଁ ଅତି ଶୀଘ୍ର କରିବି, ନତୁବା ଆମେ ଏହାକୁ ଆଜି ରାତ୍ରିରେ ସମାପ୍ତ କରିପାରିବା, ଉଭୟ ମଧ୍ୟରୁ ଆପଣ ଯାହା କରିବାକୁ ଚାହିଁବେ । ଏହି ସକାଳରେ କିଅବା ଆଜି ରାତ୍ରିରେ? ହୁ? ସେବା ପରେ ଆଜି କେତେ ଜଣଙ୍କୁ ଘରକୁ ଫେରିବାକୁ ଅଛି, ଆସନ୍ତୁ ଆପଣମାନଙ୍କର ହାତକୁ ଦେଖିବା, ଦେଖନ୍ତୁ । ହେ, ମୋ'ର ପ୍ରଭୁ, ଉତ୍ତମ ହେବ ଯେ ମୁଁ ତାହା କହିବା ଅବିରତ ରଖେ!

284 ମୁଁ ଦୁଃଖିତ ଯେ ମୁଁ ଫୋନ୍ ମାଧ୍ୟମରେ ସଂଯୋଗ ଥିବା ସେହି ଲୋକମାନଙ୍କୁ ସେହିପରି ଭାବରେ ଅନେକ ସମୟ ଧରି ଅଟକାଇ ରଖିଛି, ମାତ୍ର ମୁଁ ଶୀଘ୍ର କରିବି । ଏହା ତ ଆପଣମାନଙ୍କର ଧନଠାରୁ ମଧ୍ୟ ଅଧିକ ମୂଲ୍ୟବାନ ଅଟେ । ଦେଖନ୍ତୁ, ମୁଁ ବିଶ୍ୱାସ କରେ ଯେ, ଏହା ମୋ' ପାଇଁ ତ ତାହା ଅଟେ । ଆପଣମାନଙ୍କର ଧନ ବିନଷ୍ଟ ହୋଇଯିବ । ଏହା ହେବ ନାହିଁ; ଏହା ତ ବାକ୍ୟ ଅଟେ । ବୁଝିଲେ?

285 "ଯେଉଁଠାରେ ମଡ଼ା ଥାଏ, ସେଠାରେ ଉତ୍କ୍ରୋଶ ପକ୍ଷୀମାନେ ଏକତ୍ରିତ ହେବେ ।" ଯେଉଁଠାରେ ମଡ଼ା ଥାଏ, ଯେଉଁଠାରେ ସେହି—ସେହି—ସେହି ହତ କରିବାର ବିଷୟ ଥାଏ, ସେହିଠାରେ ଉତ୍କ୍ରୋଶ ପକ୍ଷୀମାନେ ଏକତ୍ରିତ ହେବେ । ଯେଉଁଠାରେ ତାଜା ମାଂସ ଥାଏ, ସେହି ଋତୁର ବାକ୍ୟ ଥାଏ, ସେହିଠାରେ ଉତ୍କ୍ରୋଶ ପକ୍ଷୀମାନେ ଏକତ୍ରିତ ହେବେ ।

286 ମାତ୍ର ତାହା ଶିଢ଼ିଯିବା ପରେ, ଶାଗୁଣାମାନେ ତାହାର ଚାରିପାଖେ ଘୂରି ବୁଲିବେ । ହଁ । ଦେଖନ୍ତୁ ଯେ ଆପଣ ମୋ'ର କହିବାର ଅର୍ଥ କ'ଣ? ଯେତେବେଳେ ଗୋଟିଏ ପଶୁକୁ ହତ କରାଯାଏ, ସେତେବେଳେ ଉତ୍କ୍ରୋଶ ପକ୍ଷୀମାନେ ଏକତ୍ରିତ ହୁଅନ୍ତି; ମାତ୍ର ତାହା ସେଠାରେ ପଡ଼ି ରହି, ପଚି ଶଢ଼ିଯିବା ପରେ, ସେତେବେଳେ ଶାଗୁଣାମାନେ ଆସନ୍ତି । ଉତ୍କ୍ରୋଶ ପକ୍ଷୀର ତାହା ସହିତରେ ଆଉ କୌଣସି କାମ ନ ଥାଏ । ବୁଝିଲେ?

287 ଯୀଶୁ କହିଲେ, "ଯେଉଁଠାରେ ମଡ଼ା ଥାଏ," ଯେଉଁଠାରେ ମାନ୍ନା ବୃଷ୍ଟି ହୁଏ, ରାତ୍ରିରେ ମାନ୍ନା ତାଜା ଭାବରେ ବୃଷ୍ଟି ହୁଏ, "ସେଠାରେ ଉତ୍କ୍ରୋଶ ପକ୍ଷୀମାନେ ତାହା ପାଇଁ ଏକତ୍ରିତ ହେବେ ।" ତାହାହିଁ ସେହି ଦିନ ନିମନ୍ତେ ମାନ୍ନା ଅଟେ । ବୁଝିଲେ? ଧ୍ୟାନ ଦିଅନ୍ତୁ ।

288 ମାତ୍ର ତାହା ଶଢ଼ିଯିବା ପରେ, ସେଥିରେ ପୋକ ଲାଗିଯାଆନ୍ତି, ଆଉ ତା'ପରେ ସେଠାରେ ଶାଗୁଣାମାନେ ଆସନ୍ତି । ଯେପର୍ଯ୍ୟନ୍ତ ତାହା ପଚି ଶଢ଼ି ନ ଯାଏ, ସେମାନେ ତା'ର ଗନ୍ଧ ପାଇପାରନ୍ତି ନାହିଁ । ଏଥିରେ କୌଣସି ଆଶ୍ଚର୍ଯ୍ୟର ବିଷୟ ନୁହେଁ ଯେ ଯୀଶୁ ସେଠାରେ ଛିଡ଼ା ହେଲେ ଓ କହିଲେ, "ହେ ଯିରୂଶାଲମ, ତୁମେ ଯିଏକି ପ୍ରତ୍ୟେକେ ଭାବବାଦୀମାନଙ୍କୁ ପ୍ରସ୍ତରାଘାତ କରିଥାଅ!" ସେଠାରେ ସେହି ବ୍ୟକ୍ତିଗତ ସର୍ବନାମକୁ ଲକ୍ଷ୍ୟ କରନ୍ତୁ, ଦେଖନ୍ତୁ, "ହେ ଯିରୂଶାଲମ, ହେ ଯିରୂଶାଲମ, କେତେ ଥର ମୁଁ ଚାହିଁଲି ଯେ..." ସେ କିଏ ଥିଲେ? "କେତେ ଥର ମୁଁ ସେହି ମାଆ କୁକ୍କୁଟି ପରି ତୁମମାନଙ୍କୁ ଆବୋରି ନେବା ପାଇଁ ଚାହିଁଲି

ଯେପରିକି ସେ ତା'ର ଛୁଆମାନଙ୍କୁ ତା'ର ପକ୍ଷ ତଳେ ଆବୋରି ନେଇଥାଏ, ମାତ୍ର ତୁମେ ପ୍ରତ୍ୟେକ ସେହି ଭାବବାଦୀମାନଙ୍କୁ ପ୍ରସ୍ତରାଘାତ କଲ ଯାହାଙ୍କୁ ମୁଁ ତୁମମାନଙ୍କ ପାଖକୁ ପ୍ରେରଣ କଲି," ସେହି ମହାନ ମଣ୍ଡଳୀ, ଯିରୂଶାଲମ।

289 ସେହି ଯିରୂଶାଲମ ଯାହାକି ଏଠାରେ ପୃଥିବୀର ନୁହଁ, "ବରଂ ଆମେ ତ ଉପରିସ୍ଥ ଯିରୂଶାଲମର ଅଟୁ," ଯେଉଁଠାରୁକି ବାକ୍ୟ ଆସିଥାଏ, ପୂର୍ବନିରୂପଣରୁ, ଦେଖନ୍ତୁ। ସେହି ପୁରୁଣା ଯିରୂଶାଲମ ନୁହେଁ ଯାହାକି ବିନଷ୍ଟ ହୋଇଯାଏ; ମାତ୍ର ଏହା ତ ନୂତନ ଯିରୂଶାଲମ ଅଟେ ଯାହାକି ବିନଷ୍ଟ ହୋଇପାରେ ନାହିଁ। ସେହି ପୁରୁଣା ଯିରୂଶାଲମ ନୁହେଁ, ଯାହାକି ମାନବ ନିର୍ମିତ ଥିଲା; ବରଂ ଏହା ତ ପରମେଶ୍ୱର ନିର୍ମିତ ନୂତନ ଯିରୁଶାଲମ ଅଟେ, ଦେଖନ୍ତୁ, ସେଠାରେ ଉପରେ ରହିଥିବା ବାକ୍ୟ ବର୍ତ୍ତମାନ ପ୍ରକଟିତ କରାଯାଉଅଛି। "ମୋ'ର ପିତାଙ୍କ ଗୃହରେ ଅନେକେ ବାସସ୍ଥାନ ଅଛି। ମୁଁ ଯିବି ଓ ତୁମମାନଙ୍କ ନିମନ୍ତେ ତାହା ପ୍ରସ୍ତୁତ କରିବି," ସେହି ସୃଷ୍ଟିକର୍ତ୍ତା ସୁବର୍ଣ୍ଣ ମାର୍ଗମାନ, ଓ ଇତ୍ୟାଦି ସବୁ ପ୍ରସ୍ତୁତ କରୁଅଛନ୍ତି। ଏହା ହିଁ ତାହା ଅଟେ ଯାହାକି ବିନଷ୍ଟ ହେବ ନାହିଁ।

290 "ହେ ଯିରୂଶାଲମ, ଯିରୂଶାଲମ, କେତେ ଥର ମୁଁ ଚାହିଁଲି," ସମୟର ଆରମ୍ଭରୁ; କୌଣସି ଜଣେ ତୃତୀୟ ବ୍ୟକ୍ତି ନୁହେଁ, କିଅବା ଅନ୍ୟ କେହି ନୁହେଁ, ମାତ୍ର, "ମୁଁ ଚାହିଁଲି ଯେ ଯେପରି ମାଆ କୁକ୍କୁଟି ଆପଣାର ଛୁଆମାନଙ୍କୁ ଆବୋରି ରଖିଥାଏ ସେପରି ମୁଁ ତୁମମାନଙ୍କୁ ଆବୋରିବି, ମାତ୍ର ତୁମେମାନେ ଚାହିଁଲ ନାହିଁ। ମାତ୍ର ବର୍ତ୍ତମାନ ତୁମର ସମୟ ଉପସ୍ଥିତ ଅଟେ।" ବୁଝିଲେ?

"ଯେଉଁଠାରେ ମଡ଼ା ଥାଏ, ସେଠାରେ ଉତ୍କ୍ରୋଶ ପକ୍ଷୀମାନେ ଏକତ୍ରିତ ହେବେ।" ମାତ୍ର ସେହି ମଡ଼ାଟି ଶଢ଼ିଯିବା ପରେ, ସେଥିରେ ବାଜ ପକ୍ଷୀମାନେ ଏକତ୍ରିତ ହୁଅନ୍ତି। ବୁଝିଲେ?

291 ଧ୍ୟାନ ଦିଅନ୍ତୁ। ମୋଶା, ସେ କେବେହେଲେ ପରମେଶ୍ୱରଙ୍କ ସନ୍ତାନମାନଙ୍କୁ ଦେଲେ ନାହିଁ...ମୋଶା ଏକ ଉତ୍କ୍ରୋଶ ପକ୍ଷୀ ଥିଲେ, ଆଉ ସେ କେବେହେଲେ ପରମେଶ୍ୱରଙ୍କର ସନ୍ତାନମାନଙ୍କୁ ନୋହ ଛାଡ଼ି ଯାଇଥିବା ଖାଦ୍ୟ ପଦାର୍ଥକୁ ଦେଲେ ନାହିଁ। ବୁଝିଲେ? ତାହାଙ୍କ ପାଖରେ ତ ପରମେଶ୍ୱରଙ୍କର ତାଜା ବାକ୍ୟ ଥିଲା। "ସଦାପ୍ରଭୁ ପରମେଶ୍ୱର ପ୍ରାନ୍ତରରେ ମୋ' ସହିତ ସାକ୍ଷାତ କଲେ, ଓ ତାହାଙ୍କର ବାକ୍ୟକୁ ପ୍ରମାଣସିଦ୍ଧ କଲେ, ଓ ତୁମମାନଙ୍କୁ ଡାକି ବାହାର କରି ଆଣିବା ପାଇଁ ମୋତେ ଏଠାକୁ ପ୍ରେରଣ କଲେ।" ଏହାପରେ ଛଳନାକାରୀମାନେ ସେଠାକୁ ଆସିଲେ, ଓ ତାହାର ନକଲ କଲେ। ବୁଝିଲେ? ମାତ୍ର ତାହାଙ୍କ ପାଖରେ ତ ସେହି ସମୟର ବାକ୍ୟ ଥିଲା।

292 କାରଣ, ପରମେଶ୍ୱର ଅବ୍ରହାମଙ୍କୁ କହିଥିଲେ, ସେହି ଜଣକ ଯାହାଙ୍କ ପାଖରେକି ପ୍ରତିଜ୍ଞା ଥିଲା, "ତୁମର ବଂଶ ଚାରି ଶହ ବର୍ଷ କାଳ, ଅନ୍ୟ ଦେଶରେ ପ୍ରବାସୀ ହୋଇ ରହିବେ, ମାତ୍ର ମୁଁ ସେମାନଙ୍କର ତତ୍ତ୍ୱାନୁସନ୍ଧାନ କରିବି ଓ ସେମାନଙ୍କୁ ଏକ ବଳବନ୍ତ ବାହୁ ଦ୍ୱାରା ଉଦ୍ଧାର କରିବି।"

ମୋଶା କହିଲେ, "ତେବେ, ସଦାପ୍ରଭୁ ପରମେଶ୍ୱର ମୋ' ସହିତ କଥା କହିବେ ଓ ମୋତେ ଦେଖାଇବେ, ଆଉ ମୋତେ ଏହା କହିଛନ୍ତି ଯେ କ'ଣ କରିବାକୁ ଅଛି, ଆଉ ମୁଁ ତାହା ତୁମମାନଙ୍କୁ କହିବି।" ସେ କହିଲେ, "'**ମୁଁ ଯିଏ ଅଟେ**' ମୋତେ ପ୍ରେରଣ କରିଛନ୍ତି।"

293 "**ମୁଁ ଯିଏ ଅଟେ**!" ଏହା ନୁହେଁ ଯେ "ମୁଁ ଯିଏ ଥିଲି, କିଅବା ମୁଁ ଯିଏ ହେବି।" "**ମୁଁ ଯିଏ ଅଟେ**," ବର୍ତ୍ତମାନ କାଳ, ବର୍ତ୍ତମାନର ବାକ୍ୟ। ସେହି ବାକ୍ୟ ନୁହେଁ ଯାହାକି ଥିଲା, ସେହି ବାକ୍ୟ ନୁହେଁ ଯାହାକି ହେବ; ମାତ୍ର ସେହି ବାକ୍ୟ ଯାହାକି ବର୍ତ୍ତମାନ ଅଟେ। ବୁଝିଲେ? କ'ଣ ଆପଣମାନେ ତାହା ବୁଝିଲେ? "**ମୁଁ ଯିଏ ଅଟେ**!" "**ମୁଁ ଯିଏ ଅଟେ**" ହିଁ ବାକ୍ୟ ଅଟେ। "ଆଦ୍ୟରେ ବାକ୍ୟ ଥିଲେ, ଆଉ ବାକ୍ୟ ପରମେଶ୍ୱରଙ୍କ ସହିତରେ ଥିଲେ।" କ'ଣ ତାହା ଠିକ୍ ଅଟେ? "**ମୁଁ ଯିଏ ଅଟେ**।" "ପରମେଶ୍ୱର ଏହାକୁ ସତ୍ୟ ବୋଲି ପ୍ରମାଣିତ କରିବା ପାଇଁ, ମୋତେ ତାହାଙ୍କର ଏକ ଭବିଷ୍ୟଦ୍‌ବକ୍ତା ରୂପେ ପ୍ରେରଣ କରିଅଛନ୍ତି। ମୁଁ ହିଁ ଏହି ବାକ୍ୟର ପ୍ରତି ଉତ୍ତର ଅଟେ, ସେ ହିଁ ମୋତେ ଏଠାକୁ ଆସି ଏହା କରିବା ପାଇଁ କହିଅଛନ୍ତି।"

ଆଉ ଯେତେବେଳେ ସେ ତାହା କଲେ, ଫାରୋ କହିଲେ, "ତେବେ, ଆମ ପାଖରେ ମଧ୍ୟ ସେହିପରି ଅନେକ ପିଲାମାନେ ଅଛନ୍ତି, ଯେଉଁମାନେକି ତାହା କରିପାରନ୍ତି," ଛଳନାକାରୀମାନେ।

294 ଯୀଶୁ କହିଲେ, "ତେବେ, ଶେଷ ଦିନରେ ତାହା ପୁଣିଥରେ ସେହିପରି ଭାବରେ ପୁନର୍ବାର ହେବାକୁ ଯାଉଅଛି," ଦେଖନ୍ତୁ, ସେହି ସମାନ ବିଷୟକୁ ଦାବୀ କରୁଅଛନ୍ତି। ଲକ୍ଷ୍ୟ କରନ୍ତୁ ଯେ ପ୍ରଥମେ କିଏ ଆସିଲା। ଧ୍ୟାନ ଦିଅନ୍ତୁ ଯେ ବାକ୍ୟ ସହିତ କିଏ ଛିଡ଼ା ହୋଇ ରହିଲା। ତାହାହିଁ ତ ଅଟେ। ଏହିପରି ଭାବରେ ହିଁ ତ ତାହା ଜଣାଯାଏ।

295 ଏଣୁ, ଆପଣମାନେ ଦେଖନ୍ତୁ, ଆମେମାନେ ଲକ୍ଷ୍ୟ କରୁ ଯେ, ମୋଶା ସେମାନଙ୍କୁ କେବେହେଲେ ନୋହଙ୍କ ସମୟର ବାକ୍ୟ ଦେଲେ ନାହିଁ ଯେ, "ଆମେମାନେ ବର୍ତ୍ତମାନ ଏକ ଜାହାଜ ନିର୍ମାଣ କରିବା,' କାରଣ ତାହାହିଁ ବାକ୍ୟ ଥିଲା, ଆପଣମାନେ ଜାଣନ୍ତି। ନୋହ ଦିନେ ଗୋଟିଏ ଜାହାଜ ନିର୍ମାଣ କରିଥିଲେ।" ନା, ଶାଗୁଣାମାନେ ତାହାକୁ ଭୋଜନ କରୁଥିଲେ। ନା। ନା।

ଏହା ତ ଏକ ପ୍ରତିଜ୍ଞାତ ବାକ୍ୟ ଅଟେ। ଧ୍ୟାନ ଦିଅନ୍ତୁ ଯେ, ଯେହେତୁ ସେ ସେହି ବାର୍ତ୍ତା ପରମେଶ୍ୱରଙ୍କଠାରୁ ପାଇଥିଲେ, ତାହାଙ୍କ ପାଖରେ ସେହି ସମୟ ନିମନ୍ତେ ପୂର୍ବନିରୂପିତ ପରମେଶ୍ୱରଙ୍କର ଖାଣ୍ଟି ବାକ୍ୟ ଥିଲା।

296 ନା ଯୀଶୁ ସେମାନଙ୍କୁ କେବେ ମୋଶା ଛାଡ଼ି ଦେଇଥିବା ବାକ୍ୟ ପରିବେଷଣ କରିଥିଲେ। ମୋଶାଙ୍କ ପାଖରେ ତ ସେହି ସମୟର ବାକ୍ୟ ଥିଲା, ମାତ୍ର ମୋଶା ଜଣେ ଭାବବାଦୀ ଥିଲେ। ଏଠାରେ ତ ପରମେଶ୍ୱର ସ୍ୱୟଂ ନିଜେ ଅଛନ୍ତି, ଦେଖନ୍ତୁ, ସେ କଦାପି ସେମାନଙ୍କୁ ମୋଶାଙ୍କ ସମୟର—ମୋଶାଙ୍କ ଅବଶିଷ୍ଟ ଭୋଜନ ଖାଇବାକୁ ଦେଲେ ନାହିଁ।

ମାତ୍ର ସେଠାରେ ସଂସ୍ଥାରେ ରହିଥିବା ସେହି ଶାଗୁଣାମାନଙ୍କୁ ଦେଖନ୍ତୁ, ସେମାନେ କିପରି ତାହା ପେଟ ଭରା ଖାଇଥିଲେ । "ଆମେ ଜାଣିଛୁ! ଆମମାନଙ୍କ ପାଖରେ ମୋଶା ଅଛନ୍ତି! ଆମକୁ ତୁମର କୌଣସି ଆବଶ୍ୟକତା ନାହିଁ ।"

ସେ କହିଲେ, "ଯଦି ତୁମେମାନେ ମୋଶାଙ୍କୁ ଜାଣିଥାଆନ୍ତ, ତେବେ ମୋତେ ମଧ୍ୟ ଜାଣିଥାଆନ୍ତ, କାରଣ ମୋଶା ମୋ' ବିଷୟରେ କହିଥିଲେ ।" ବୁଝିଲେ?

297 "ଯେଉଁଠାରେ ମଡ଼ା ଥାଏ, ସେଠାରେ ଉତ୍କ୍ରୋଶ ପକ୍ଷୀମାନେ ଏକତ୍ରିତ ହେବେ ।" ଉତ୍କ୍ରୋଶ ପକ୍ଷୀମାନ! ବାକ୍ୟର ତାଜା ତାଜା ମାଂସକୁ ହତ କରାଯିବା, ସେହି ବାକ୍ୟକୁ ହତ କରାଯିବା ଯାହାକୁକି ପ୍ରତିପାଳିତ କରି ହୃଷ୍ଟ ପୃଷ୍ଟ କରାଯାଇଅଛି, ଆଉ ତାହାକୁ ପ୍ରକଟିତ କରାଯାଇ ସନ୍ତାନମାନଙ୍କୁ ଭୋଜନ ସ୍ୱରୂପେ ପ୍ରଦାନ କରାଯାଇଅଛି ।

ତେବେ, ସେହି ପୁରୁଣା ମଡ଼ା ଯାହାକି ସେଠାରେ ଶହ ଶହ ବର୍ଷ ହେଲା ପଡ଼ି ରହିଛି, ତାହା ସେଠାରେ ପଡ଼ି ରହିଥିବ ।

298 ବର୍ତ୍ତମାନ ମଧ୍ୟ ଠିକ୍ ସେପ୍ରକାର ଅଟେ! ଲୁଥରଙ୍କ ପାଖରେ ମନଫେରଣର ଏକ ସନ୍ଦେଶ ଥିଲା; ମାତ୍ର, ଲୁଥରାନ ବାଜ ପକ୍ଷୀର ସମୂହ ଯେ ତୁମେମାନେ! ବାପ୍‌ଟିଷ୍ଟମାନଙ୍କ ପାଖରେ ଏକ ସନ୍ଦେଶ ଥିଲା; ମାତ୍ର, ବାପ୍‌ଟିଷ୍ଟ ବାଜପକ୍ଷୀ ଯେ ତୁମେମାନେ! ବୁଝିଲେ? ପେଣ୍ଟିକଷ୍ଟ ପାଖରେ ଏକ ସନ୍ଦେଶ ଥିଲା; ଯାହାକି ବର୍ତ୍ତମାନ ଘରକୁ ଫେରିବାର ସନ୍ଦେଶ, ମାତ୍ର ପେଣ୍ଟିକଷ୍ଟାଲ ବାଜପକ୍ଷୀ ଯେ ତୁମେମାନେ!

"ମାତ୍ର ଯେଉଁଠାରେ ମଡ଼ା ଥାଏ, ଉତ୍କ୍ରୋଶ ପକ୍ଷୀମାନେ ସେଠାରେ ଏକତ୍ରିତ ହେବେ ।"

ମନେ ରଖିଥାଆନ୍ତୁ ଯେ, ଆପଣ ସେହି ବିଗତ ଦିନମାନଙ୍କରେ ଜଣେ ଲୁଥରାନ୍‌କୁ, ଗୋଟିଏ କ୍ୟାଥୋଲିକର ପଚି ଶଢ଼ି ଯାଇଥିବା ମଡ଼ା ଭୋଜନ କରାଇପାରନ୍ତି ନାହିଁ (ଆପଣ ତାହା ବର୍ତ୍ତମାନ କରାଇପାରନ୍ତି) । ନା, ମହାଶୟ । ତାହା ପାଖରେ ତ ତାଜା ମାଂସ ରହିଥିଲା । ତାହା ତ ସେହି ମଣ୍ଡଳୀ ଯୁଗ ଥିଲା ।

299 ଆପଣ ମେଥୋଡିଷ୍ଟକୁ, ଲୁଥରାନ୍ ବାର୍ତ୍ତା ଭୋଜନ କରାଇପାରିବେ ନାହିଁ । ଓଃ, ନା, ସେ ତ ସେହି ପଚା ଶଢ଼ା ମଡ଼ା ଚାହିଁବ ନାହିଁ । ତାହା ତ ଶଢ଼ି ଯାଇଥିଲା । ଦେଖନ୍ତୁ, ସେହି ଜୀବନ ତ ତାହାକୁ ଛାଡ଼ି ଅନ୍ୟ କିଛି ବିଷୟ ମଧ୍ୟକୁ ପ୍ରବେଶ କରି ଯାଇଥିଲା । ତାହା ତ ସେହି ପୁରୁଣା ମୃତ ଡେମ୍ଫ ଥିଲା, ଯାହାକି ସେଠାରେ ରହିଥିଲା । ଜୀବନ ତ ଆଗକୁ ଅଗ୍ରସର ହୋଇ ଯାଉଥିଲା ।

ନା ତ ଆପଣ ଯୀଶୁ ଖ୍ରୀଷ୍ଟଙ୍କର କନ୍ୟାକୁ ପେଣ୍ଟିକଷ୍ଟାଲବାଦ ଭୋଜନ କରାଇପାରନ୍ତି । ନା, କେବେ ନୁହେଁ! ପୋକ ଲାଗିଥିବା-ସଙ୍ଗଠନମାନ; ସେମାନେ କିଛି କରିପାରନ୍ତି ନାହିଁ! ନା, ନା!

300 ଯେହେତୁ ପ୍ରତିଜ୍ଞା ଅଛି ଯେ, "ସେହି ମହାନ ଓ ଭୟଙ୍କର ଦିନ ଆସିବା ପୂର୍ବରୁ, ମୁଁ ତୁମମାନଙ୍କ ନିକଟକୁ ଏଲିୟ ଭାବବାଦୀଙ୍କି ପ୍ରେରଣ କରିବି । ସେ ସନ୍ତାନମାନଙ୍କର

ହୃଦୟଗୁଡ଼ିକୁ ଫେରାଇ ପିତାମାନଙ୍କର ବିଶ୍ୱାସ ନିକଟରେ ପୁନଃସ୍ଥାପିତ କରିବେ।” “ଏହି ସମସ୍ତ ପ୍ରତିଜ୍ଞାମାନ ଯାହାକି ବାଇବଲରେ କରା ଯାଇଅଛି, ମୁଁ ତାହା ସଫଳ କରିବି, ଆଉ ସେଠାରେ ଉତ୍କ୍ରୋଶ ପକ୍ଷୀମାନେ ଏକତ୍ରିତ ହେବେ।” “ସେସମସ୍ତେ ଯାହାଙ୍କୁ ପିତା ମୋତେ ପ୍ରଦାନ କରିଅଛନ୍ତି ମୋ’ ନିକଟକୁ ଆସିବେ।” ବୁଝିଲେ?

301 ଯୀଶୁ କେବେହେଲେ ତାହା ଚେଷ୍ଟା କଲେ ନାହିଁ। ମାତ୍ର ଯେତେବେଳେ ଯୀଶୁ ଆସିଲେ, ସେ ସେମାନଙ୍କୁ ଶାଗୁଣାମାନଙ୍କର ସମୂହ ରୂପେ ପାଇଲେ, “ଆମ ପାଖରେ ତ ମୋଶା ଓ ତାହାଙ୍କର ବ୍ୟବସ୍ଥା ଅଛି।” ବୁଝିଲେ? ତେବେ, ତାହା ସେହିଦିନ ନିମନ୍ତେ ଏକ ଖୁବ୍ ଉତ୍ତମ ଭୋଜନ ଥିଲା ଯେତେବେଳେ ତାହା ହତ କରାଯାଇଥିଲା ଓ ସେମାନଙ୍କୁ ଭୋଜନ ପାଇଁ ଦିଆଯାଇଥିଲା। ଦେଖନ୍ତୁ, ତାହା ସେହିଦିନ ପାଇଁ ଠିକ୍ ଥିଲା।

302 ମାତ୍ର ଏହା ତ ତାହା ଥିଲା ଯାହା ବିଷୟରେକି ମୋଶା ସ୍ୱୟଂ ନିଜେ, ଭବିଷ୍ୟଦ୍‌ବାଣୀ କରିଥିଲେ, ଯିଏକି ସେହି ବଳିଦାନକୁ ଉତ୍ସର୍ଗ କରିଥିଲେ, ଓ କହିଥିଲେ, “ସଦାପ୍ରଭୁ ତୁମ୍ଭର ପରମେଶ୍ୱର ତୁମ୍ଭମାନଙ୍କ ମଧ୍ୟରୁ, ତୁମର ନିଜ ଭାଇମାନଙ୍କ ମଧ୍ୟରୁ, ଜଣେ ଭାବବାଦୀଙ୍କି ଛିଡ଼ା କରିବେ। ଏହା ଏହିପରି ହେବ ଯେ, ଯେକେହି ସେହି ଭବିଷ୍ୟଦ୍‌ବକ୍ତାଙ୍କ ସହିତ ଓ ଯାହା ସେ କହିବେ ତାହା ସହିତ ଲାଗି ନ ରହିବ, ସେ ଲୋକମାନଙ୍କ ମଧ୍ୟରୁ ଉଚ୍ଛିନ୍ନ କରାଯିବ।” ଆଉ ତାହା ସେହିପରି ହିଁ ହୋଇଥିଲା।

303 ଦେଖନ୍ତୁ ଯେ ଠିକ୍ ସେହିଠାରେ କିପରି ଭାବରେ ଯୀଶୁ ଖ୍ରୀଷ୍ଟଙ୍କ ସମ୍ବନ୍ଧରେ, ପୁରାତନ ନିୟମରୁ, ପ୍ରାୟଃ ଛଅ ଶହ ଭବିଷ୍ୟତ୍‌ବାଣୀଗୁଡ଼ିକ ସଫଳ ହୋଇଥିଲା। “ସେମାନେ ମୋ’ର ହାତ ଓ ପାଦକୁ ବିନ୍ଧିଲେ।” ପ୍ରାୟଃ, ମୁଁ ଭୁଲି ଯାଉଛି ଯେ ତାହାଙ୍କର ଜୀବନର ସେହି ଶେଷ ସାତ କିମ୍ବା ଆଠ ଘଣ୍ଟା ସମୟ ମଧ୍ୟରେ, କେତେ ଗୋଟି ଭବିଷ୍ୟତ୍‌ବାଣୀମାନ ସିଦ୍ଧ ଭାବରେ ସଫଳ ହୋଇଥିଲା, ଯାହାସବୁକି ସେହି ଭାବବାଦୀମାନେ ତାହାଙ୍କ ବିଷୟରେ କହିଥିଲେ।

304 ଯଦି ମୁଁ ଆଜି ଏହା ଭବିଷ୍ୟତ୍‌ବାଣୀ କରେ ଯେ ଆଜିଠାରୁ ନେଇ ଗୋଟିଏ ବର୍ଷ ଭିତରେ ଅମୁକ ଅମୁକ ଘଟଣା ଘଟିବ, ତେବେ ହୋଇପାରେ ଯେ ସେହି ଘଟଣା ସେହିପରି ଭାବରେ ଘଟିବାର ମୋ’ର—ମୋ’ର ସମ୍ଭାବନା କୋଡ଼ିଏ ପ୍ରତିଶତ ହେବ, ତାହା ଠିକ୍ ହେଉ କିଅବା ଭୁଲ୍ ହେଉ। ଆଉ ଯଦି ମୁଁ ଏହା ଭବିଷ୍ୟତ୍‌ବାଣୀ କରେ ଯେ ତାହା ଘଟିବ, ମାତ୍ର ଏହା କହେ ନାହିଁ ଯେ ତାହା କେବେ ଘଟିବ, ତାହାହେଲେ ମୋ’ ପାଖରେ ତାହା ହେବାର ସମ୍ଭାବନା ଆହୁରି କମ୍ ପ୍ରତିଶତ ହେବ। ଯଦି ମୁଁ ଏହା ଭବିଷ୍ୟତ୍‌ବାଣୀ କରେ ଯେ ତାହା କେବେ ଘଟିବ, ତାହାହେଲେ ତାହାର ସମ୍ଭାବନା ଆହୁରି କମ୍ ହୋଇଯାଏ। ଯଦି ମୁଁ ଏହା ଭବିଷ୍ୟତ୍‌ବାଣୀ କରେ ଯେ ତାହା କେଉଁ ସ୍ଥାନରେ ଘଟିବ, ତେବେ ମଧ୍ୟ ତାହା ଘଟିବାର ସମ୍ଭାବନା ଅତି କମ୍ ହିଁ ହେବ। ଯଦି ମୁଁ ଏହା ଭବିଷ୍ୟତ୍‌ବାଣୀ କରେ ଯେ…ତାହା କେଉଁ ବ୍ୟକ୍ତି ସହିତ ଘଟିବ, ତେବେ ମଧ୍ୟ ସେହି ଘଟଣା ଘଟିବାର ମୋ’ର ସମ୍ଭାବନା ଗୋଟିଏ ଲକ୍ଷରୁ ଏକ ଅଂଶ ମାତ୍ର ହିଁ ଅଟେ, ଯଦି ତାହା ସତ୍ୟ ନୁହେଁ।

305 ଆଉ ପ୍ରତ୍ୟେକ ବାକ୍ୟ, ହାଲ୍ଲେଲୁୟା, ଯାହାକି ସେହି ମଶୀହଙ୍କ ବିଷୟରେ ଲେଖାଯାଇଥିଲା, ତାହା ଅକ୍ଷର ଅକ୍ଷରରେ ସଫଳ ହୋଇଥିଲା । ଏପରିକି ଦିନେ, ପବିତ୍ର ଶାସ୍ତ୍ର ପାଠ କରୁ କରୁ, ସେ ସେହି ବାକ୍ୟର ମଝିରେ ଅଟକି ଗଲେ, ଓ କହିଲେ, "ପରମେଶ୍ୱରଙ୍କ ଆତ୍ମା ମୋ' ଉପରେ ସୁସମାଚାର ପ୍ରଚାର କରିବା ନିମନ୍ତେ ଓ ଉଦ୍ଧାର କରିବା ନିମନ୍ତେ… ଅଧିଷ୍ଠାନ କରିଅଛନ୍ତି ।" ଆଉ ଠିକ୍ ସେଠାରେ ବାକ୍ୟର ମଝିରେ ସେ ଅଟକି ଗଲେ, କାରଣ ଅବଶିଷ୍ଟାଂଶ ବାକ୍ୟ ତାହାଙ୍କର ଦ୍ୱିତୀୟ ଆଗମନ ସମୟର ଥିଲା । ଆମେନ୍! "ଆକାଶ ଓ ପୃଥିବୀ ଲୋପ ପାଇଯିବ; ମାତ୍ର ମୋ'ର ବାକ୍ୟ ଲୋପ ପାଇବ ନାହିଁ ।" ବୁଝିଲେ?

306 ସେହିଦିନ ସେ ସେହି ବାକ୍ୟ ଥିଲେ, ଯିଏକି ସେତେବେଳେ ସେମାନଙ୍କୁ ଭୋଜନ କରାଇଥିଲେ । ମୋଶା ସେମାନଙ୍କୁ ସତ୍ୟ କହିଥିଲେ; ମାତ୍ର, ଆପଣମାନେ ଦେଖନ୍ତୁ, ସେମାନେ ସର୍ବଦା ସେଥିରୁ ଏକ ନାମଧାରୀ ସଂସ୍ଥା ନିର୍ମାଣ କରିଥାନ୍ତି, ଯେପରିକି ସେହି ଶାଗୁଣାମାନେ…

307 ଉତ୍କ୍ରୋଶ ପକ୍ଷୀମାନେ ଭୋଜନ କରି ଘରକୁ ଫେରିଯିବା ପରେ ସେହି ଖାଦ୍ୟରୁ ଅଳ୍ପ କିଛି ବଳକା ରହିଯାଇଥାଏ । ତା'ପରେ ସେମାନେ ଆଉ କିଛି ବିଷୟ ଦେଖିବା ପାଇଁ ଅପେକ୍ଷା କରି ରହିଥାନ୍ତି । "ସେହି ବାକ୍ୟ," ସେମାନେ କହନ୍ତି, "ତାହା ଏଠାରେ ଆସିବାକୁ ଅଛି । ଆମ ପାଖରେ ଗତକାଲି କେରିବୋ ହରୀଣ ଥିଲା; ଆଉ ଆସନ୍ତା କାଲି ଆମ ପାଖରେ ମେଣ୍ଢା ରହିବ ।" ଦେଖନ୍ତୁ ମୋ'ର କହିବାର ଅର୍ଥ କ'ଣ? "ସେଠାରେ ସେହି କେରିବୋ ହରୀଣର ମଡ଼ା ପଡ଼ି ରହିଛି, ସେଥିରୁ ପରିତୃପ୍ତ ଭୋଜନ କରାହୋଇଛି, ମାତ୍ର ଆଜି ଆମ ପାଖକୁ ମେଣ୍ଢା ମାଂସ ଆସୁଅଛି । ତାହା କେଉଁଠାରେ ଅଟେ?" କ'ଣ ଆପଣମାନେ ମୋ'ର କହିବାର ଅର୍ଥ ବୁଝୁଛନ୍ତି? ସ୍ୱର୍ଗଦୂତ ମାନଙ୍କର ଭୋଜନ! ସେହି ଲୋକମାନେ ଯେଉଁମାନେକି ଦିନେ ମାନ୍ନା ଖାଉଥିଲେ, ଯଦି ସେମାନେ ତାହାକୁ ପରବର୍ତ୍ତୀ ଦିନ ପାଇଁ ରଖିବାକୁ ଚେଷ୍ଟା କରୁଥିଲେ, ତାହା ପୋକ ଲାଗି ଯାଉଥିଲା । କ'ଣ ଆପଣମାନେ ସେହି ନିଦର୍ଶନ ସବୁକୁ ଦେଖୁ ନାହାଁନ୍ତି କି, ତାହା କେତେ ସିଦ୍ଧ ଅଟେ? ବର୍ତ୍ତମାନ ଠିକ୍ ସେହି ସମାନ ପ୍ରକାରର ଅଟେ!

308 ଧ୍ୟାନ ଦିଅନ୍ତୁ ଯେ, ଯୀଶୁଙ୍କର ଦିନରେ ମଧ୍ୟ ଶାଗୁଣାମାନେ ମନ୍ଦାତ୍ମାଗୁଡ଼ିକୁ ବାହାର କରୁଥିଲେ; ସେହି ପୁରୁଣା ପଚା ଶଢ଼ା ମଡ଼ା ଭୋଜନ କରୁଥିବା ଅଭିଷିକ୍ତ ଲୋକମାନେ । କ'ଣ ଏହା ଠିକ୍ ଅଟେ? ସେମାନେ ଦୁଷ୍ଟାତ୍ମାଗୁଡ଼ିକୁ ବାହାର କରୁଥିଲେ । ଯୀଶୁ ତାହା କହିଥିଲେ ।

309 ଆଉ ମନେ ରଖିଥାଆନ୍ତୁ ଯେ, ସେମାନଙ୍କ ପାଖରେ ସେଦିନ ଭାବବାଦୀମାନେ ରହିଥିଲେ । କାଇଫା, ମହାଯାଜକ, ଭବିଷ୍ୟତ୍‌ବାଣୀ କରିଥିଲେ । କେତେ ଜଣ ତାହା ଜାଣନ୍ତି? କାଇଫା ଭବିଷ୍ୟତ୍‌ବାଣୀ କରିଥିଲେ । କ୍ଷେତ୍ରରେ ସେହି ବାଳୁଙ୍ଗାର ଅବସ୍ଥାକୁ ଧ୍ୟାନ କରନ୍ତୁ; ତାହା ମଧ୍ୟ ସେହି ସମାନ ଅଭିଷେକ ଦ୍ୱାରା ଜଳ ସିଞ୍ଚନ କରାଯାଇଥାଏ । ବାଇବଲ କାହିଁକି ଏହା କହେ ଯେ ସେ ଭବିଷ୍ୟତ୍‌ବାଣୀ କରିଥିଲେ? "କାରଣ ସେହି ବର୍ଷ ସେ ମହାଯାଜକ ଥିଲେ ।" ଗହମମାନଙ୍କ ମଧ୍ୟରେ, ତାହା ଏକ ପଚା ଶଢ଼ା ମାଂସ ଖାଉଥିବା ପଶୁ, ଗୋଟିଏ

ବାଳୁଙ୍ଗା ଓ ଗୋଟିଏ କଣ୍ଟକ ଲତା ସ୍ୱରୂପେ ରହିଥିଲା; ମାତ୍ର ତାହାଙ୍କ ଉପରେ ସେହି ଆତ୍ମା, ପରମେଶ୍ୱରଙ୍କ ବାସ୍ତବିକ ପବିତ୍ରଆତ୍ମା ରହିଥିଲା । ପରମେଶ୍ୱରଙ୍କ ପବିତ୍ରଆତ୍ମା ତାହାଙ୍କ ଉପରେ ଏଇଥି ପାଇଁ ଥିଲା, ଯେ ସେ ପ୍ରଚାର କରିବେ, ଭବିଷ୍ୟତ୍‌ବାଣୀ କରିବେ, ଓ ହେବାକୁ ଥିବା ଘଟଣାକୁ ସେ ଆଗରୁ କହିବେ; ମାତ୍ର ତଥାପି ସେହି ସମୟର ସୁପ୍ରମାଣିତ ବାକ୍ୟକୁ ସେ ଅଗ୍ରାହ୍ୟ କରି ଦେଇଥିଲେ ଓ କ୍ରୁଶ ଉପରେ ହତ କରି ଦେଇଥିଲେ ।

310 ଓଃ, ଭାଇ, ପ୍ରଭୁ ଦୟା କରନ୍ତୁ! ଆଉ କେତେ କାଳ ଧରି ଆମମାନଙ୍କୁ ଏହି ବିଷୟସବୁ କହିବାକୁ ପଡ଼ିବ, ଦେଖନ୍ତୁ, ଆଉ କେତେ ଅଧିକ ଶାସ୍ତ୍ରରୁ ଦେଖାଇବାକୁ ପଡ଼ିବ? ମୁଁ ଶୀଘ୍ର କରିବି । ମୋ' ପାଖରେ ଏଠାରେ, ପବିତ୍ର ଶାସ୍ତ୍ରର ଅଂଶର ପ୍ରାୟଃ ଦଶଟି ପୃଷ୍ଠା ଅଛି, ଯେ କିପରି ସେସବୁ ବିଷୟକୁ ପ୍ରମାଣ କରିବା । "ସେହି ସୂର୍ଯ୍ୟ ଧାର୍ମିକ ଓ ଅଧାର୍ମିକ ଉଭୟଙ୍କ ଉପରେ, ସମାନ ପ୍ରକାରେ ହିଁ ପ୍ରକାଶ ଦେଇଥାଏ ।"

311 ଏହାକୁ ପ୍ରମାଣ କରିବାକୁ ଯାଇ, ଯୀଶୁ କହିଲେ । "ଯଦି ମୁଁ ପରମେଶ୍ୱରଙ୍କ ଆଙ୍ଗୁଳୀ ଦ୍ୱାରା ଦୁଷ୍ଟାତ୍ମାଗୁଡ଼ିକୁ ବାହାର କରିଥାଏ, ତେବେ ତୁମର ସନ୍ତାନମାନେ ତାହାକୁ କାହିଁରେ ବାହାର କରିଥାନ୍ତି?" ତେବେ, ସେମାନେ ଦୁଷ୍ଟାତ୍ମାଗୁଡ଼ିକୁ ବାହାର କରୁଥିଲେ । ସେମାନେ ଭବିଷ୍ୟଦ୍‌ବାଣୀ କରୁଥିଲେ । କ'ଣ ଏହା ଠିକ୍ ଅଟେ? ମାତ୍ର ତାହାଙ୍କୁ ସେହି ସମୟର ବାକ୍ୟ ବୋଲି ଚିହ୍ନିଲେ ନାହିଁ, (କାହିଁକି?) କାରଣ ସେ ସେମାନଙ୍କ ସହିତରେ ସଙ୍ଗତିରେ ନ ଥିଲେ ।

312 ତେବେ ମାଥିଉ 24:24କୁ ନିଅନ୍ତୁ, "ଭଣ୍ଡ ଖ୍ରୀଷ୍ଟମାନେ," ଅଭିଷିକ୍ତଗଣ, "ଉଠିବେ, ଓ ସେଠାରେ ଭଣ୍ଡ ଭାବବାଦୀମାନେ ଏହାର ଭବିଷ୍ୟଦ୍‌ବାଣୀ କରିବେ," ଦେଖନ୍ତୁ, "ଆଉ ଯଦି ସମ୍ଭବ ହୁଏ ତେବେ ମନୋନୀତ ଲୋକଙ୍କୁ ଭ୍ରାନ୍ତ କରିବେ ।" କଅଣ ଆପଣମାନେ ବର୍ତ୍ତମାନ ତାହା ବୁଝିଲେ?

313 ତେବେ ସନ୍ତାନମାନଙ୍କୁ ଧ୍ୟାନ ଦିଅନ୍ତୁ । "ସନ୍ତାନମାନେ କାହିଁରେ...ଯଦି ମୁଁ ପରମେଶ୍ୱରଙ୍କ ବାକ୍ୟ ଦ୍ୱାରା ଦୁଷ୍ଟାତ୍ମାଗୁଡ଼ିକୁ ବାହାର କରିଥାଏ," ଯାହାକି, ସେ ପରମେଶ୍ୱରଙ୍କ ବାକ୍ୟ ଥିଲେ, "ତେବେ ତୁମର ନାମଧାରୀ ସଙ୍ଗଠନର ସନ୍ତାନମାନେ ତାହା କାହିଁରେ ବାହାର କରନ୍ତି?" ତେବେ, ଏକାକୀ ପରମେଶ୍ୱର ହିଁ ଗୋଟିଏ ଦୁଷ୍ଟାତ୍ମାକୁ ବାହାର କରିପାରନ୍ତି, ଆମେ ତାହା ଜାଣୁ, ଏକାକୀ ପରମେଶ୍ୱର ହିଁ । ଯେହେତୁ, ସେହି ବଳବାନ ବ୍ୟକ୍ତିଙ୍କୁ ତାହାଙ୍କ ଘର ଭିତରେ ଥିବା ବ୍ୟକ୍ତିଙ୍କଠାରୁ ଅଧିକ ଶକ୍ତିଶାଳୀ ହେବାକୁ ଅଛି । ତାହା କରିବା ପାଇଁ ସେମାନଙ୍କଠାରେ ସାମର୍ଥ୍ୟ ରହିଥିଲା ।

314 ଆପଣମାନେ ଜାଣନ୍ତି ଯେ, ଏଠାରେ ପ୍ରକାଶିତ ବାକ୍ୟ ପୁସ୍ତକରେ, ଏହା କହେ ଯେ ସେ...ସେହି ଖ୍ରୀଷ୍ଟାରୀ ଯିଏକି ଶେଷ ଦିନମାନଙ୍କରେ ଉଠିବ, "ଅନେକ ଚିହ୍ନମାନ ଓ ଆଶ୍ଚର୍ଯ୍ୟ କର୍ମମାନ ସାଧନ କରିବ, ଓ ଏପରିକି ପୃଥିବୀ ପୃଷ୍ଠରେ ରହୁଥିବା ଲୋକମାନଙ୍କୁ ସୁଦ୍ଧା ଭ୍ରାନ୍ତ କରିବ, ଆଉ ପ୍ରତ୍ୟେକ ସେସମସ୍ତଙ୍କୁ, ଖ୍ରୀଷ୍ଟିୟାନମାନଙ୍କୁ ଓ ସମସ୍ତଙ୍କୁ, ଯାହାଙ୍କରକି ନାମଗୁଡ଼ିକ ମେଷଶାବକଙ୍କର ଜୀବନ ପୁସ୍ତକରେ ଲେଖା ହୋଇନାହିଁ ଭ୍ରାନ୍ତ କରିବ," ଏହା

ହିଁ ମାଥିଉ 24:24 ର ଉତ୍ତର ଅଟେ, "ଯାହାଙ୍କରକି ନାମଗୁଡ଼ିକ ଜଗତ ପତ୍ତନାବଧିରୁ ମେଷଶାବକଙ୍କର ଜୀବନ ପୁସ୍ତକରେ ଲେଖା ହୋଇନାହିଁ।"

315 ସେହି ଜୀବନ ଯାହାକି ସେହି—ସେହି ବାସ୍ତବିକ କମଳ। ଲେମ୍ବୁ ଗଛର ମୂଳରେ ରହିଥିଲା, ଯାହା ସେହି ଅନ୍ୟାନ୍ୟ ସମସ୍ତ କଲମ କରାଯାଇଥିବା ଲେମ୍ବୁଗଛ ଓ ପ୍ରଭୃତି ଦେଇ ଉପରକୁ ଆସିଥିଲା, ଓ ଉପରକୁ ଯାଇ ଗଛର ଶୀର୍ଷରେ ଫଳ ଧାରଣ କରିଥିଲା, ତାହା ସମସ୍ତ କଲମ କରାଯାଇଥିବା ନାମଧାରୀ ସଙ୍ଗଠନମାନ ଓ ଡାଳ ପ୍ରଭୃତି ଉପରେ ରହିଥିଲା। କ'ଣ ଆପଣମାନେ ତାହା ବୁଝିଲେ? ମୁଁ ଶୀଘ୍ର କରିବି। ସେହି ବଳବାନ ବ୍ୟକ୍ତି...

ତେବେ ଦାଉଦଙ୍କୁ ମନେ ପକାନ୍ତୁ, ସେ ବିଶ୍ୱସ୍ତ ଥିଲେ, ନିଷ୍ଠାପର ଥିଲେ, ଓ ପରମେଶ୍ୱରଙ୍କ ନିମନ୍ତେ ଏକ ସେବା କରିବାକୁ ଚେଷ୍ଟା କରିଥିଲେ, ଆଉ ଯାହା କରିବା ପାଇଁ ସେ ମନୋନୀତ ନ ଥିଲେ।

316 "ସେମାନେ," ସେହି ଅଭିଷିକ୍ତଗଣ; ମାତ୍ର ଯୀଶୁ କହିଲେ, "ସେମାନେ (ପବିତ୍ରଶାସ୍ତ୍ର ସମ୍ବନ୍ଧରେ) ମନୁଷ୍ୟର ଅନୁବାଦକୁ ପରମେଶ୍ୱରଙ୍କ ଆଜ୍ଞା ବୋଲି ଶିକ୍ଷା ଦେଉଅଛନ୍ତି," ଦେଖନ୍ତୁ, ପରମେଶ୍ୱରଙ୍କ ବାକ୍ୟ ନୁହେଁ, ତାହାଙ୍କର ସିଦ୍ଧ ପ୍ରମାଣିତ ବାକ୍ୟ ନୁହେଁ; ଦେଖନ୍ତୁ, ସେମାନେ ତ ଏକ ଐତିହାସିକ ପରମେଶ୍ୱରଙ୍କ ବିଷୟରେ ଶିକ୍ଷା ଦେଉଅଛନ୍ତି, ଏପରି କିଛି ଯାହାକି ଥିଲା।

ଆଉ ବାଇବଲ କହେ, "ସେ ଅଟନ୍ତି।" "**ମୁଁ ଯିଏ ଅଟେ**," ମାତ୍ର ତାହା ନୁହେଁ ଯାହାକି "ମୁଁ ଥିଲି କିଅବା ମୁଁ ହେବି।" "**ମୁଁ ଯିଏ ଅଟେ**, ଠିକ୍ ବର୍ତ୍ତମାନ।" ସେ ହିଁ ସେହି ବାକ୍ୟ ଅଟନ୍ତି ଯିଏକି ଏଠାରେ ଜୀବିତ ଅଛନ୍ତି।

ଆଦ୍ୟରେ, ସେ ଥିଲେ, ସେ ଥଲେ—ସେ ସେଥିରେ—ସେହି ପତ୍ରରେ ଥିଲେ; ସେ ଝୁମ୍ପାରେ ଥିଲେ; ସେ ସେହି ଚଷୁରେ ଥିଲେ; ମାତ୍ର ବର୍ତ୍ତମାନ ସେ ସେହି ଶସ୍ୟର ବୀଜରେ ଅଛନ୍ତି।

317 ତେବେ, ଆପଣ ଫେରିଯାଆନ୍ତୁ ଓ ସେହି ପୁରାତନ ଜୀବନକୁ ପୁନର୍ବାର ନିର୍ବାହ କରିବାକୁ ଚେଷ୍ଟା କରନ୍ତୁ? କ'ଣ ହେବ ଯଦି ସେହି ଜୀବନଟା ଫେରିଯାଏ, କ'ଣ ଆପଣ ଭାବୁଛନ୍ତି ଯେ ସେହି (ବିଗତ) ଜୀବନଟା ପୁଣି ଥରେ କେବେ କଥା କହିବ, ସେହି ପୁରୁଣା ଚଷୁଟି ଶୁଖି ଯାଇଥିବା ପରେ ଫେରିବ, କ'ଣ ସେ କେବେ ପୁଣି ଥରେ ଫେରି ସେଥିରେ ପୁନର୍ବାର ଜୀବନକୁ ନିର୍ବାହ କରିବ? ଏହା କଦାପି କରିବ ନାହିଁ। "କାରଣ ଥରେ ଆଲୋକ ପ୍ରାପ୍ତ ହୋଇଥିବା ବ୍ୟକ୍ତି ପାଇଁ ଏହା ଅସମ୍ଭବ ଅଟେ," ଯେ ସେ ସେହି ବାକ୍ୟ ସହିତ ଚାଲି ନ ଥାଏ ଯେତେବେଳେକି ତାହା ପ୍ରକଟିତ ହୋଇଥାଏ, ତେବେ "ସେମାନେ ମୃତ ହୋଇ, ବିନଷ୍ଟ ହୋଇଯାଆନ୍ତି; ଆଉ ସେହି ଅଗରାଗଛ ଓ କଣ୍ଟକଲତା ହୋଇଯାଆନ୍ତି ଯାହାକି ଅଗ୍ରାହ୍ୟ ହୋଇ ଅବିଳମ୍ବେ ଶାପଗ୍ରସ୍ତ ହେବା ପାଇଁ ଅଟେ, ପୁଣି ତାହାର ଚରମ ଦଶା ଅଗ୍ନିଦାହ।" କ'ଣ ତାହା ଠିକ୍ ଅଟେ?

ତେବେ ମୁଁ ଯେତେ ଶୀଘ୍ର କରିପାରେ ସେତେ ଶୀଘ୍ର କରୁଅଛି ।

318 ବର୍ତ୍ତମାନ ପବିତ୍ରଶାସ୍ତ୍ରକୁ ଧ୍ୟାନ କରନ୍ତୁ । ଏକ ଐତିହାସିକ ପରମେଶ୍ୱରଙ୍କର ଶିକ୍ଷା ଦେଉଅଛନ୍ତି, ଦେଖନ୍ତୁ, ଠିକ୍ ଯେପରିକି ସେମାନେ ବିଗତ ଦିନରେ ଜୀବନ ଯାପନ କରିବାକୁ ଚେଷ୍ଟା କରୁଅଛନ୍ତି, ଯଥା, "ତେବେ, ୱେସଲୀ *ଅମୁକ-ଓ-ସମୁକ* କହିଥିଲେ ।" କିଅବା, "*ଅମୁକ-ଓ-ସମୁକ ଏପରି-ଓ-ସେପରି* କହିଥିଲେ ।" ଆପଣ ତ ଆଜିର ଦିନର ପ୍ରତିଜ୍ଞାତ ବାକ୍ୟକୁ ଅଗ୍ରାହ୍ୟ କରୁଅଛନ୍ତି, ଯାହାକି ଆଜିର ଦିନ ପାଇଁ ସ୍ପଷ୍ଟ ଭାବେ ପ୍ରମାଣିତ ମାନ୍ନା ଅଟେ । ସେମାନେ ତାଙ୍କର ପୁରୁଣା ଲୁଥରାନ୍, ବାପ୍ଟିଷ୍ଟ, ପେଣ୍ଟିକଷ୍ଟାଲ ଦ୍ରାକ୍ଷାରସଗୁଡ଼ିକୁ ଆମମାନଙ୍କର ନୂତନ କୂମ୍ପାରେ ରଖିବାକୁ ଚେଷ୍ଟା କରନ୍ତି । ତାହାର କୌଣସି ଲାଭ ହେବ ନାହିଁ । ଆଉ ଆମର ନୂତନ ଦ୍ରାକ୍ଷାରସକୁ, ସେମାଙ୍କର ପୁରୁଣା କୂମ୍ପାରେ ରଖିବାକୁ ଚେଷ୍ଟା କରନ୍ତି, ତାହାର କୌଣସି ଲାଭ ହେବ ନାହିଁ । ଯଦି ସେମାନେ ଏହି ନୂତନ ଦ୍ରାକ୍ଷାରସକୁ ନାମଧାରୀ ସଙ୍ଗଠନରେ ରଖିବାକୁ ଚେଷ୍ଟା କରିବେ, ସେମାନଙ୍କର ମୂଢ଼ପଣ ପ୍ରକାଶ ପାଇବ । ସେମାନେ ତାହା କରିପାରନ୍ତି ନାହିଁ । ଏହା ତ ତାହାକୁ ନଷ୍ଟ କରିଦେବ ।

"ତେବେ, ଭାଇ, ମୁଁ ପରମେଶ୍ୱରଙ୍କ ବାକ୍ୟକୁ ଦେଖିଲି, ସିଦ୍ଧ ରୂପେ ବାକ୍ୟ ଦ୍ୱାରା ଦେଖିଲି!"

319 "ତେବେ, ଡାକ୍ତର, ଏଠାରେ ଦେଖନ୍ତୁ, ଯଦି...ଆମେ—ଆମେ ତାହା କରିପାରିବା ନାହିଁ ।" ନେଡ୍, ମୁଁ ଭାବେ ଯେ ଅଳ୍ପ କେତେ ଦିନ ଆଗରୁ ଆପଣଙ୍କ ସହିତରେ ସେପରି କିଛି ହୋଇଥିଲା । "ତେବେ ଆମେମାନେ, ଆମେମାନେ ସେପରି କିଛି ଏଠାରେ କରିପାରିବା ନାହିଁ । ବରଂ ମୁଁ—ମୁଁ ତ ଏହା ଚାହିଁବି ଯେ ଆପଣ ଯାହା କରୁଅଛନ୍ତି ତାହା ଆପଣ କରୁଥାଆନ୍ତୁ ।" ଆପଣ ଜାଣନ୍ତି । ଦେଖନ୍ତୁ, ତାହାର କୌଣସି ଲାଭ ହେବ ନାହିଁ । ଏହା ତ ନଷ୍ଟ କରିଦେବ ।

320 "ଆପଣ ଖଣ୍ଡେ ନୂତନ ବସ୍ତ୍ରକୁ ନେଇ ଏକ ପୁରୁଣା ବସ୍ତ୍ରରେ ତାଳି ପକାନ୍ତି ନାହିଁ, କାରଣ ଏହା କରିବା ଦ୍ୱାରା ଆପଣ ଏହାକୁ ସମ୍ପୂର୍ଣ୍ଣ ଚିରି ପକାଇବେ ।" ବୁଝିଲେ? କ'ଣ ଯୀଶୁ ତାହା କହି ନ ଥିଲେ? ଆପଣ ନୂତନ ଦ୍ରାକ୍ଷାରସକୁ ପୁରୁଣା କୂମ୍ପାଗୁଡ଼ିକରେ ରଖିପାରନ୍ତି ନାହିଁ । ଏହା ତ ସେଗୁଡ଼ିକୁ ନଷ୍ଟ କରିଦେବ । ନୂତନ ଦ୍ରାକ୍ଷାରସରେ ତ ଜୀବନ ରହିଥାଏ । ଠିକ୍ ଅଛି ।

321 ତେବେ ଏଠାରେ କିଛି ଗୋଟାଏ ବିଷୟ, ଅତି ଚଞ୍ଚଳ ଭାବରେ ଦେଖିବା, ଯେତେବେଳେକି ଆମେ ଆମର ଆଲୋଚନାକୁ...ଶେଷ କରୁଅଛୁ । ପ୍ରକାଶିତ ବାକ୍ୟ 16:13 ରୁ 14 ଧ୍ୟାନ କରନ୍ତୁ, ଯଦି ଆପଣମାନେ ତାହାକୁ ଲେଖିବା ପାଇଁ ଚାହାଁନ୍ତି । ବୋଧହୁଏ ମୋତେ ତାହା ପାଖକୁ ଯିବା ପାଇଁ ସମୟ ହେବ ନାହିଁ । ମୁଁ ଚାହେଁ ଯେ ଆପଣମାନେ ଏଥିରେ ସୁନିଶ୍ଚିତ ହୋଇଯାଆନ୍ତୁ ଓ ତାହା ବୁଝନ୍ତୁ । ତେବେ ଧ୍ୟାନ ଦିଅନ୍ତୁ ଯେ, ଏହା ଷଷ୍ଠ ଓ ସପ୍ତମ ପାତ୍ର ଢ଼ଳାଯିବା ମଧ୍ୟରେ ଏକ ବାଣୀ ଅଟେ ।

ତେବେ ଆମେମାନେ...ଯଦି ଆପଣମାନେ ଆଉ ଅଳ୍ପ କେତୋଟି ମିନିଟ୍ ଧୈର୍ଯ୍ୟ ଧରି ରହିପାରିବେ, ଆମେମାନେ ଏହାକୁ ସମାପ୍ତ କରିଦେବା। ତେବେ ଏହାକୁ ଶେଷ କରିବାକୁ ଯାଉଅଛୁ।

322 ପ୍ରକାଶିତ ବାକ୍ୟ 16:13 ରୁ 14 ଧ୍ୟାନ କରନ୍ତୁ, ଷଷ୍ଠ ଓ ସପ୍ତମ ପ୍ରକୋପର ପାତ୍ର ଢଳାଯିବା ମଝିରେ, "ବେଙ୍ଗ ପରି ତିନୋଟି ଅଶୁଦ୍ଧ ଆତ୍ମାମାନ" (କଅଣ ଆପଣମାନେ ତାହା ଧ୍ୟାନ କଲେ?) "କାହାରି ମୁଖରୁ ବାହାରିଲେ।" ତେବେ, ଶୀଘ୍ର ଧ୍ୟାନ ଦିଅନ୍ତୁ। କ'ଣ ଆପଣମାନେ ପ୍ରସ୍ତୁତ ଅଛନ୍ତି? କୁହନ୍ତୁ, "ଆମେନ୍।" [ମଣ୍ଡଳୀ କହେ, "ଆମେନ୍।"—ଅନୁ] ଆତ୍ମାମାନଙ୍କର ଏକ ତ୍ରିଏକତା!

323 ତେବେ ନାମଧାରୀ ସଂସ୍ଥାର ଭାଇ, କେବଳ ଗୋଟିଏ ମିନିଟ୍ ସୁସ୍ଥିର ହୋଇ ବସି ରହିଥାଆନ୍ତୁ। ତେବେ ରେଡିଓ ପ୍ରସାରଣରେ, ଓ ଟେଲିଫୋନ୍ ସଂଯୋଗରେ-ରହିଥିବା ଭାଇମାନେ, ଆପଣମାନେ ଉଠି କକ୍ଷରୁ ବାହାରକୁ ଚାଲିଯାଆନ୍ତୁ ନାହିଁ। ଆପଣମାନଙ୍କର ଟେପ୍ ରେକର୍ଡର ଯନ୍ତ୍ର ବନ୍ଦ କରନ୍ତୁ ନାହିଁ। କେବଳ ଗୋଟିଏ ମିନିଟ୍ ସୁସ୍ଥିର ହୋଇ ବସି ରୁହନ୍ତୁ, ଓ ଶୁଣନ୍ତୁ। ଆପଣମାନେ ପରମେଶ୍ୱରଙ୍କଠାରୁ ଜନ୍ମ ନେଇଛନ୍ତି, ଆପଣ ତାହା କରିବେ।

324 ବେଙ୍ଗମାନଙ୍କର ଏକ ତ୍ରିଏକତା! ବେଙ୍ଗ ଗୋଟିଏ ଏପରି ପ୍ରାଣୀ ଅଟେ ଯିଏକି ସଦାବେଳେ ପଛକୁ ଅନାଉଥାଏ। ସେ କେବେହେଲେ ସେଆଡ଼େ ଦୃଷ୍ଟି କରେ ନାହିଁ ଯେଉଁଆଡ଼କୁ ସେ ଯାଉଥାଏ; ସେ ତ ସେଆଡ଼େ ହିଁ ଦୃଷ୍ଟି କରେ ଯେଉଁଆଡ଼ରୁ ସେ ଆସିଥାଏ। ବୁଝିଲେ? କ'ଣ ଆପଣମାନେ ଦେଖୁ ନାହାଁନ୍ତି? ତ୍ରିତ୍ତ୍ୱବାଦ କେଉଁଠାରେ ଜନ୍ମ ଗ୍ରହଣ କରିଥିଲା? ମନେ ରଖିଥାଆନ୍ତୁ, "ତିନୋଟି ଅଶୁଦ୍ଧ ଆତ୍ମାମାନ," ବ୍ୟକ୍ତିଗତ ପୃଥକ ଆତ୍ମାମାନ। କ'ଣ ଆପଣମାନେ ତାହା ବୁଝୁଅଛନ୍ତି? [ମଣ୍ଡଳୀ କହେ, "ଆମେନ୍।"—ଅନୁ]

325 ଧ୍ୟାନ ଦିଅନ୍ତୁ ଯେ, ସେମାନେ ପଛକୁ ନାଇସିଆ ସଭାକୁ ଦେଖନ୍ତି ଯେଉଁଠାରକି ତ୍ରିତ୍ତ୍ୱବାଦର ଶିକ୍ଷା ଜନ୍ମ ହୋଇଥିଲା, ବାଇବଲରେ ନୁହେଁ। ଏପରି କୌଣସି ବିଷୟ ବାଇବଲରେ ନାହିଁ। ସେମାନେ ପଛକୁ ରୋମ୍‌ର, ନାଇସିଆରେ ଅନୁଷ୍ଠିତ ହୋଇଥିବା ନାଇସିଆ ସଭାକୁ ଦେଖନ୍ତି, ଯେଉଁଠାରେକି ତ୍ରିତ୍ତ୍ୱବାଦର ଶିକ୍ଷା ଜନ୍ମ ହୋଇଥିଲା।

326 ଧ୍ୟାନ ଦିଅନ୍ତୁ ଯେ ସେମାନେ କେଉଁଠାରୁ ଆସିଥାଆନ୍ତି। ଧ୍ୟାନ ଦିଅନ୍ତୁ। ଆଉ ବେଙ୍ଗମାନଙ୍କର ତ୍ରିଏକତା ସେହି ପୁରାତନ ଏକ ତ୍ରିତ୍ତ୍ୱବାଦରୁ ଆସିଥିଲା, ଏହା ସେମାନଙ୍କର ମାତା ଥିଲା, ଯିଏକି ଏକ ନୂତନ ତ୍ରିଏକତାକୁ ଜନ୍ମ ଦେଲା। ଏହା କେଉଁ ବିଷୟଠାରୁ ବାହାରି ଆସିଥିଲା? ଗୋଟିଏ ତ୍ରିତ୍ତ୍ୱବାଦରୁ, "ସେହି ସର୍ପ," ଦେଖନ୍ତୁ, "ସେହି ପଶୁ," ଓ "ସେହି ଭଣ୍ଡ ଭାବବାଦୀ।" ଗୋଟିଏ ତ୍ରିଏକତା, ନୂତନ ଭାବରେ। ତେବେ ଏହି ତିନୋଟି ବେଙ୍ଗମାନେ କେବେ ବାହାରି ଆସିଥିଲେ? ତାହା କେବେ ହୋଇଥିଲା? ଧ୍ୟାନ ଦିଅନ୍ତୁ ଯେ, ସେମାନେ ତ ସବୁ ସମୟରେ ହିଁ ସେଠାରେ ଥିଲେ, ମାତ୍ର ସେହି ଷଷ୍ଠ ଓ ସପ୍ତମ ପ୍ରକୋପର ପାତ୍ର ନ

ଢଳାଯିବା ପର୍ଯ୍ୟନ୍ତ ତାହା ପ୍ରକଟିତ ହୋଇ ନ ଥିଲା, ଯାହାକି ଠିକ୍ ସେହି ସମୟର ପୂର୍ବରୁ ଅଟେ ଯେତେବେଳେକି ମୁଦ୍ରାଗୁଡ଼ିକ ତାହାକୁ ପ୍ରକାଶ କରିବା ପାଇଁ (ହୁଁ?) ଫିଟିଥିଲା ।

327 "କାରଣ ସପ୍ତମ ଦୂତର ବାର୍ତ୍ତାରେ ହିଁ, ପରମେଶ୍ୱରଙ୍କର ନିଗୂଢ଼ ସଂକଳ୍ପମାନ ପ୍ରକାଶିତ ହେବ," ଏହି ସମସ୍ତ ତ୍ରିଏକତାର ବିଷୟମାନ, ଓ ଭଣ୍ଡ ବାପ୍ତିସ୍ମମାନ, ଓ ସମସ୍ତ କିଛି ବିଷୟମାନକୁ ପ୍ରକଟିତ ହେବାକୁ ଥିଲା । ପରମେଶ୍ୱର ଆମମାନଙ୍କୁ ସତ୍ୟ କ'ଣ ଅଟେ ତାହା ଦେଖିବାରେ ସାହାଯ୍ୟ କରନ୍ତୁ! ଆଉ ମନରେ ଏହା ଭାବନ୍ତୁ ନାହିଁ ଯେ କେହି ଜଣେ କିଛି ଗୋଟାଏ ବିଷୟ କହିବା ପାଇଁ ଚେଷ୍ଟା କରୁଅଛନ୍ତି...

328 ମୁଁ ଅନୁଭବ କରୁଅଛି ଯେ ସେହି ଆତ୍ମା ଏହି କଥାରେ ବିରକ୍ତି ପ୍ରକାଶ କରୁଅଛନ୍ତି, ଆପଣମାନେ ଦେଖନ୍ତୁ । ଭାଇ, ମୁଁ ମୋ' ନିଜ ବିଷୟରେ କହୁନାହିଁ । ମୁଁ ତ ସଦା ପ୍ରଭୁଙ୍କର ସେହି ଦୂତ ବିଷୟରେ କହୁଅଛି ଯିଏକି ଏହି ଛାଉଣୀ ମଧ୍ୟରେ ଅଛନ୍ତି । ଏହା ଅବିକଳ ସତ୍ୟ ଅଟେ ।

329 ଧ୍ୟାନ ଦିଅନ୍ତୁ, ଏକ ତ୍ରିଏକତା! "ସେହି ସର୍ପ," କେତେ ଜଣ ଏହା ଜାଣନ୍ତି ଯେ ସେହି ସର୍ପ କ'ଣ ଥିଲା? ତାହା ରୋମ୍ ଥିଲା । "ଆଉ ସେହି ସର୍ପ ସେହି ସ୍ତ୍ରୀଲୋକ ସମ୍ମୁଖରେ ଛିଡ଼ା ହେଲା ଯେପରିକି ସେ ପ୍ରସବ କରିବା ମାତ୍ରକେ ତାହାଙ୍କର ସନ୍ତାନକୁ ଗ୍ରାସ କରିବ ।" କ'ଣ ତାହା ଠିକ୍ ଅଟେ? ବାଇବଲରେ "ପଶୁ" ର ଅର୍ଥ କ'ଣ ଅଟେ? ସାମର୍ଥ୍ୟ । ଠିକ୍ ଅଛି । "ଭଣ୍ଡ ଭାବବାଦୀ, ଜଣେ ଭଣ୍ଡ ଭବିଷ୍ୟଦ୍‌ବକ୍ତା," ଜଣେ ଭଣ୍ଡ, ଅଭିଷିକ୍ତଜନ । ବୁଝିଲେ?

330 ତାହା କେଉଁଠାରେ ଆରମ୍ଭ ହୋଇଥିଲା? ଏହା ତ "ଭଣ୍ଡ ଭାବବାଦୀ," ଏକବଚନ ଅଟେ । "ଭଣ୍ଡ ଭବିଷ୍ୟଦ୍‌ବକ୍ତା," ସେହି ପ୍ରଥମ ପୋପ୍; ଆଉ ସେଥିରୁ ବାହାରି ଆସିଥିଲା "ସେହି—ସେହି ବେଶ୍ୟା, ଆଉ ସେହି ବେଶ୍ୟାମାନଙ୍କର ମାତା," ସେହି ସମଗ୍ର ବିଷୟ ।

331 ଗୋଟିଏ ଭଣ୍ଡ ତ୍ରିଏକତାର ଶିକ୍ଷା ଆରମ୍ଭ ହେଉଥିଲା; ତାହା ଆରମ୍ଭର ଦିନଗୁଡ଼ିକରେ ନୁହେଁ, ଆରମ୍ଭର ଦିନମାନଙ୍କରେ ପ୍ରକଟିତ କରାଯିବ ନାହିଁ, ଏହା ତ ଠିକ୍ ସେହି ସମୟ ଦେଇ ଗତି କରିଗଲା । ମାତ୍ର ଯେତେବେଳେ ସପ୍ତ ମୁଦ୍ରାର ସମୟ ଆସେ, ଓ ସେହି ନିଗୂଢ଼ ସଂକଳ୍ପମାନ ଫିଟାଯାଏ ଓ ତାହା ପ୍ରକାଶିତ କରାଯାଏ, ଏହା ସେହି ସମୟରେ ହିଁ ଅଟେ ଯେତେବେଳେକି "ସେହି ବେଙ୍ଗମାନେ, ବେଙ୍ଗ ସଦୃଶ ତିନୋଟି ଅଶୁଦ୍ଧ ଆତ୍ମାମାନେ, ଆପଣାକୁ ପ୍ରକଟିତ କରିବା ପାଇଁ ବାହାରି ଆସନ୍ତି," ସେହି ସତ୍ୟ ବିରୁଦ୍ଧରେ ତାହାହିଁ ତ୍ରିଏକବାଦର ଏକ ଶିକ୍ଷା ଅଟେ । ବୁଝିଲେ? ହଁ!

ଦେଖନ୍ତୁ ଯେ ତାହା କେଉଁଠାରୁ ଆସିଥାଏ? ଦେଖନ୍ତୁ ଯେ ତାହା କେଉଁଠାକୁ ଫେରି ଯାଉଅଛି? ଇକ୍ୟୁମେନିକଲ ସଭାକୁ ବା ବିଶ୍ୱ ଗୀର୍ଜାର ସଂଘକୁ । ସେ ଯାହାହେଉ, ସେମାନେ ସମସ୍ତେ ଭାଇମାନେ ଅଟନ୍ତି; ସମାନ ଆତ୍ମାବିଶିଷ୍ଟ, ସମାନ ବିଷୟ ।

332 ଆଉ ଧ୍ୟାନ ଦିଅନ୍ତୁ । କେଡ଼େ ପ୍ରବଞ୍ଚକ, ଆଶ୍ଚର୍ଯ୍ୟ କର୍ମ ସାଧନକାରୀ! ଆଉ ଏମାନେ ଦୁଷ୍ଟାତ୍ମାମାନ ଅଟନ୍ତି ଯେଉଁମାନେକି ପୃଥିବୀର ସମସ୍ତ ଈଶ୍ୱରମାନଙ୍କ ପାଖକୁ ଯାଆନ୍ତି, ଓ ସେମାନଙ୍କୁ ଏହି ଶେଷ ଦିନରେ ପ୍ରତାରିତ କରିବା ପାଇଁ, ଆଶ୍ଚର୍ଯ୍ୟ କର୍ମମାନ ସାଧନ କରନ୍ତି, ଓ

ତାହା କରିବାରେ ସେଥିରେ ସଫଳ ମଧ୍ୟ ହେବେ । ସେହି ମନ୍ଦ ଆତ୍ମା ବିଷୟରେ ପରମେଶ୍ୱର କ'ଣ କହିଲେ?

ସେ କହିଲା, "ମୁଁ ଯିବି ଓ ସେହି ଭାବବାଦୀମାନଙ୍କ ମୂଖରେ ଅଧିଷ୍ଠାନ କରିବି ଓ ସେମାନଙ୍କୁ ଏକ ମିଥ୍ୟା ଭବିଷ୍ୟତ୍‌ବାଣୀ କହିବା ପାଇଁ ପ୍ରବର୍ତ୍ତାଇବି, ଯେପରିକି ଆହାବ ସେଠାରେ ଯୁଦ୍ଧକୁ ବାହାରି ଯାଏ ଓ ବିନଷ୍ଟ ହୁଏ ।"

333 ପରମେଶ୍ୱର କହିଲେ, "ଯାଅ । ତୁମେ ସଫଳ ହେବ । ତୁମେ ସେମାନଙ୍କୁ ତାହା ବିଶ୍ୱାସ କରାଇବାରେ ସଫଳ ହେବ । ସେମାନେ ତ ମୂଳରୁ ହିଁ, ସେହି ବାକ୍ୟ ଉପରେ ନାହାଁନ୍ତି ।" ବୁଝିଲେ? "ଯାଅ, କାରଣ ତୁମେ ତାହାକୁ ଫୁସୁଲାଇବ । ତୁମେ ହିଁ ସେହି ଜଣକ ଯିଏକି ତାହା କରିବ, ଯେତେବେଳେ ତୁମେ ସେହି ଭଣ୍ଡ ଭାବବାଦୀମାନଙ୍କ ମଧ୍ୟରେ ପ୍ରବେଶ କରିବ, କାରଣ ସେ ତ ଠିକ୍ ସେମାନଙ୍କ ଉପରେ ହିଁ ଭରସା କରୁଅଛି । ଆଉ ସେ ବାକ୍ୟ ବିଷୟରେ କିଛି ହେଲେ ଜାଣେ ନାହିଁ, କିଅବା ସେ ତାହା ଶିକ୍ଷା କରିବାକୁ ମଧ୍ୟ ଚେଷ୍ଟା କରିବ ନାହିଁ । ସେ ତାହା କରିପାରେ ନାହିଁ, କାରଣ ସେ ତ ଆରମ୍ଭରୁ ହିଁ, ଏକ କଣ୍ଟକଲତା ଅଟେ ।" ବୁଝିଲେ? ବୁଝିଲେ? "ତୁମେ ସଫଳ ହେବ ।"

ଏଠାରେ ଏହି ଭଣ୍ଡ ବେଙ୍ଗମାନଙ୍କୁ ଦେଖନ୍ତୁ, ଯେଉଁମାନେକି ପଛକୁ ଅନାଉଅଛନ୍ତି, "କାହିଁକି, କ'ଣ ତୁମେ ଜାଣ ଯେ ସେଠାରେ ବିଗତ ସମୟରେ ନାଇସିଆରେ ସେମାନେ କ'ଣ କହିଥିଲେ?"

334 ମୋ'ର ସେଥିରେ କିଛି ଯାଏ ଆସେ ନାହିଁ ଯେ ସେମାନେ ସେଠାରେ ନାଇସିଆରେ, କ'ଣ କହିଥିଲେ । ମୁଁ ତ ତାହା କହୁଅଛି ଯାହାକି ସେମାନେ ଏଠାରେ ପରମେଶ୍ୱରଙ୍କ ସିଂହାସନଠାରେ କହିଥିଲେ; ଯେ କ'ଣ ହେବ, ଏହା ନୁହେଁ ଯେ କ'ଣ ହୋଇଥିଲା; ବରଂ କ'ଣ ହେବ, ଯେହେତୁ ସେ "**ମୁଁ ଅଟେ**" ଅଟନ୍ତି । ବୁଝିଲେ?

"ଭଣ୍ଡ ।" ତାହାକୁ ଲକ୍ଷ୍ୟ କରନ୍ତୁ । ହଁ! ଧ୍ୟାନ ଦିଅନ୍ତୁ ଯେ ସେମାନେ କେଉଁଠାରୁ ଆସିଥିଲେ ।

335 ତେବେ (ଧ୍ୟାନ ଦେଇ ଶୁଣନ୍ତୁ ।) ସପ୍ତ ମୁଦ୍ରାଗୁଡ଼ିକୁ ଫିଟାଯାଇ ସାରିବା ପରେ, ଆମେ ଏହାକୁ ସ୍ୱଷ୍ଟ ଭାବରେ ଦେଖୁଅଛୁ । ତାହା ସେହି ନିଗୂଢ଼ ସଂକଳ୍ପକୁ ପ୍ରକାଶିତ କରିବା ପାଇଁ ଥିଲା: ସେହି ତ୍ରିତ୍ତ୍ୱବାଦ କ'ଣ ଅଟେ? ବୁଝିଲେ? ତ୍ରିତ୍ତ୍ୱବାଦ ବୋଲି ଏପରି ବିଷୟ କେବେ କେଉଁଠାରେ କୁହାଯାଇଥିଲା? ବୁଝିଲେ? ବାଇବଲରେ ଏପରି କେଉଁଠାରେ ତାହା ସେହି ତ୍ରିତ୍ତ୍ୱ ଶବ୍ଦକୁ ଉଚ୍ଚାରଣ ସୁଦ୍ଧା କରିଥିଲା? କେଉଁଠାରେ ତାହା ତିନି ଇଶ୍ୱର ବୋଲି ହୋଇ ପାରିଥାଆନ୍ତା, ଯେ ଆମେ ତିନୋଟି ଇଶ୍ୱରଙ୍କୁ ଉପାସନା କରି ପ୍ରତିମାପୂଜକ ହୋଇ ନ ଥାଆନ୍ତୁ?

336 ସେମାନେ କିପରି ବା ପୃଥକ୍ ହୋଇପାରନ୍ତି, ଯେତେବେଳେକି ସେ କହିଲେ, "ମୁଁ ଓ ମୋ' ପିତା ଏକ ଅଟୁ"? "ଯଦି ତୁମେ ଏହା ବିଶ୍ୱାସ ନ କର ଯେ ମୁଁ ହିଁ ସେ ଅଟେ, ତେବେ ତୁମେ ନିଜର

ପାପରେ ମରିବ, ଦେଖନ୍ତୁ, ତୁମର ଅବିଶ୍ୱାସରେ ମରିବ ।" ପାପ ହିଁ ଅବିଶ୍ୱାସ ଅଟେ । "ତୁମେ ତୁମର ଅବିଶ୍ୱାସରେ ମରିବ ।"

> ଓଃ, ମୁଁ କିଏ ବୋଲି ତୁମେ କ'ଣ କୁହ, ମୁଁ କେଉଁଠାରୁ ଆସିଅଛି ବୋଲି ତୁମେ କ'ଣ କୁହ,
> ଓଃ, କ'ଣ ତୁମେ ମୋ'ର ପିତାଙ୍କୁ ଜାଣ, କିଅବା କ'ଣ ତୁମେ ତାହାଙ୍କର ନାମ କହିପାର?
> **ମୁଁ ଅଟେ** ସେହି ଶାରୋଣର ଗୋଲାପ, ସେହି ଶୁଭ୍ର ଓ ପ୍ରଭାତୀ ତାରା ।

କ'ଣ ଆପଣ ମୋତେ କହିପାରିବେ ଯେ ସେ କିଏ ଅଟନ୍ତି?

> **ମୁଁ ଅଟେ** ଯିଏକି ଜ୍ୱଳନ୍ତା ବୁଦାରେ ମୋଶାଙ୍କ ସହିତ କଥା କହିଥିଲେ,
> **ମୁଁ ଅଟେ** ସେହି ଅବ୍ରହାମଙ୍କର ପରମେଶ୍ୱର, ସେହି ଶୁଭ୍ର ଓ ପ୍ରଭାତୀ ତାରା ।
> **ମୁଁ ଅଟେ** ସେହି ଶାରୋଣର ଗୋଲାପ, ଓଃ, ମୁଁ କେଉଁଠାରୁ ଆସିଅଛି ବୋଲି ତୁମେ କ'ଣ କୁହ;
> ଓଃ, କ'ଣ ତୁମେ ମୋ'ର ପିତାଙ୍କୁ ଜାଣ, କିଅବା କ'ଣ ତୁମେ ତାହାଙ୍କର ନାମ କହିପାର? (ଆମେନ୍!)

> **ମୁଁ ଅଟେ** ଆଲ୍‌ଫା, ଓମେଗା, ଆରମ୍ଭରୁ ନେଇ ଶେଷ;
> **ମୁଁ ଅଟେ** ସମସ୍ତ ରଚନା, ଓ ଯୀଶୁ ତାହାଙ୍କର ନାମ ।

ଏହା ଠିକ୍ ଅଟେ । କୌଣସି ତ୍ରିତ୍ୱବାଦ ନାହିଁ! ନା, ଆଜ୍ଞା । ତାହା ତ ଏକ ମିଥ୍ୟା ବିଷୟ ଅଟେ ।

337 ସପ୍ତ ମୁଦ୍ରାମାନ, ସେହି ନିଗୂଢ଼ ସଂକଳ୍ପଗୁଡ଼ିକୁ "ଯାହାକି ସଫଳ ହେବାକୁ ଥିଲା," ଉନ୍ମୁକ୍ତ କରାଇ ତାହାକୁ ପ୍ରକାଶ କରେ । ମୁଦ୍ରା ଫିଟାଗଲା; ତାହା ଯଥା ସ୍ଥାନରେ ସନ୍ନିବେଶ କଲା, ପ୍ରକାଶ କଲା, ସେହି ଗୁପ୍ତ ସତ୍ୟଗୁଡ଼ିକୁ ସ୍ପଷ୍ଟ ଭାବରେ ପ୍ରକଟ କଲା ଯାହାସବୁକି ଏହି ସମସ୍ତ ବର୍ଷ ଧରି, ଏହି ସମସ୍ତ ମଣ୍ଡଳୀମାନ ଦେଇ ଓ ନାମଧାରୀ ସଂସ୍ଥାମାନ ଦେଇ ମୁଦ୍ରାଗୁଡ଼ିକ ଲୁଚାଇ ରଖିଥିଲା ।

"ସେହି ମହା ବେଶ୍ୟା," ପ୍ରକାଶିତ ବାକ୍ୟର ସତର-...ସେ କିଏ ଥିଲା? ମାତ୍ର ସେ "**ବେଶ୍ୟାମାନଙ୍କର ମାତା,**" ମଧ୍ୟ ଅଟେ । ବୁଝିଲେ?

"ତେବେ, ଆପଣ ତ ସେମାନଙ୍କୁ 'ଶାଗୁଣା' ବୋଲି ଡାକିଲେ," ଆପଣ କହିବେ, "ଭାଇ ବ୍ରାନ୍‌ହାମ୍ ।" ତାହା ଠିକ୍ ଅଟେ ।

338 ମାତ୍ର, ମନେ ରଖିଥାଆନ୍ତୁ ଯେ, ଶାଗୁଣା ଏକ ପକ୍ଷୀ ଅଟେ । ସେ ମଧ୍ୟ, ଉଡ଼ିବା ପାଇଁ ଅଭିଷିକ୍ତ ଅଟେ । "ସେହି ଦୁଇଟି ଆତ୍ମାମାନ, ଏତେ ଏକ ଆରେକ ସମାନ ହେବେ ଯେ ତାହା ମନୋନୀତ ଲୋକଙ୍କୁ ଭ୍ରାନ୍ତ କରିବ..." ଗୋଟିଏ ଶାଗୁଣା ତ ଏକ—ଏକ ଉତ୍କ୍ରୋଶ ପକ୍ଷୀ ପରି ସେତିକି ବଡ଼ ଅଟେ । ସେ ସେହି ଉତ୍କ୍ରୋଶ ପକ୍ଷୀ ପରି ଉଡ଼ିପାରେ; ଆଉ ଉଡ଼ିବା ପାଇଁ ସେ ଅଭିଷିକ୍ତ ଅଟେ, ଅବା ପ୍ରଚାର କରିବା ପାଇଁ, କିଅବା ଭବିଷ୍ୟତ୍‌ବାଣୀ କହିବା ପାଇଁ, ଧ୍ୟାନ ଦିଅନ୍ତୁ, ଠିକ୍ ସେହି ଉତ୍କ୍ରୋଶ ପକ୍ଷୀ ସଦୃଶ ସେ ଅଭିଷିକ୍ତ ଅଟେ । ମାତ୍ର ସେ ଉଚ୍ଚତାରେ ଉତ୍କ୍ରୋଶ ପକ୍ଷୀକୁ ଅନୁସରଣ କରିପାରେ ନାହିଁ । ନା, ନା । ଯଦି ସେ ଉତ୍କ୍ରୋଶ ପକ୍ଷୀକୁ ଅନୁସରଣ କରିବାକୁ ଚେଷ୍ଟା କରେ, ତେବେ ତା'ର ମୂଢ଼ତା ପ୍ରକାଶ ପାଇବ । ହଁ, ଆଜ୍ଞା । ସେ ଉତ୍କ୍ରୋଶ ପକ୍ଷୀକୁ ଅନୁସରଣ କରିପାରେ ନାହିଁ ।

339 ଓଃ, ସେ ଏହା କହିପାରେ, "ମୁଁ ଯୀଶୁ ଖ୍ରୀଷ୍ଟଙ୍କୁ ପରମେଶ୍ୱରଙ୍କ ପୁତ୍ର ବୋଲି ବିଶ୍ୱାସ କରେ । ମୁଁ ସର୍ବଶକ୍ତିମାନ ପିତା, ପରମେଶ୍ୱରଙ୍କୁ, ଯିଏକି ସ୍ୱର୍ଗ ଓ ପୃଥିବୀର ସୃଷ୍ଟିକର୍ତ୍ତା ଅଟନ୍ତି; ଓ ତାହାଙ୍କର ପୁତ୍ର ଯୀଶୁ ଖ୍ରୀଷ୍ଟ ଅଟନ୍ତି ବୋଲି ବିଶ୍ୱାସ କରେ," ଓ ପ୍ରଭୃତି ସବୁ । ଓଃ, ନିଶ୍ଚିତରେ, ସେମାନେ ତାହା କରିପାରନ୍ତି । ମାତ୍ର ସେ ଯେ କାଲି, ଆଜି, ଓ ଚିରକାଳ ସମାନ ଅଟନ୍ତି ଏହା ବିଷୟରେ କ'ଣ ଅଟେ? ବୁଝିଲେ?

340 ଗୋଟିଏ ଉତ୍କ୍ରୋଶ ପକ୍ଷୀ ଏକ ବିଶେଷ ପ୍ରକାର-ନିର୍ମିତ ପକ୍ଷୀ ଅଟେ । ପୃଥିବୀରେ, ତାହା ପରି ଆଉ କେହି ନାହିଁ । ବୁଝିଲେ? ସେ—ସେ...ଯଦି ଏକ ବାଜ ପକ୍ଷୀ କିଅବା କୌଣସି ଗୋଟିଏ ପକ୍ଷୀ ତାହାକୁ ଅନୁସରଣ କରିବାକୁ ଚେଷ୍ଟା କରେ, ତେବେ ସେ ବିନଷ୍ଟ ହୋଇଯିବ । ସୁନିଶ୍ଚିତ ଭାବରେ, ତାହାର ମୂଢ଼ତା ପ୍ରକାଶ ପାଇବ । ଯେତେବେଳେ ସେ ନୂତନ ଦ୍ରାକ୍ଷାରସକୁ ଗୋଟିଏ ପୁରୁଣା କୂମ୍ପାରେ ରଖିବାକୁ ଚେଷ୍ଟା କରିବ, ସେ ଫାଟିଯିବ । ଦେଖନ୍ତୁ, ସେ ଫାଟି ବିନଷ୍ଟ ହୋଇଯିବ । ସେ ଖଣ୍ଡ ବିଖଣ୍ଡ ହୋଇଯିବ । ସେ ସେପ୍ରକାର ନିର୍ମିତ ନୁହେଁ, ସେ ନୁହେଁ... ତାହାର ଶରୀରକୁ ସେହିପରି ରୂପରେ ଗଠନ କରାଯାଇ ନାହିଁ ଯେ ସେ ନିଜକୁ ସେଠାରେ ଉପରେ ରଖିପାରେ । ଯେତେବେଳେ ସେ ସେହି ଉପର ପରିସର ମଧ୍ୟରେ ଅତି ଉଚ୍ଚତାକୁ ଚାଲିଯାଏ, ଆଉ ଯଦି ସେ ସେହିପରି ଗଠିତ ନୁହେଁ, ନିରୂପିତ ନୁହେଁ, ପୂର୍ବ ମନୋନୀତ ନୁହେଁ, ଜନ୍ମରୁ ଉତ୍କ୍ରୋଶ ପକ୍ଷୀ ନୁହେଁ, ତାହାହେଲେ ତ ସେ ସେଠାରେ ଫାଟି ଖଣ୍ଡ ଖଣ୍ଡ ହୋଇଯିବ । ବୁଝିଲେ? ତା'ର ଡେଣାରୁ ପରଗୁଡ଼ିକ ଝଡ଼ିଯିବ, ଆଉ ସେ ପୃଥିବୀ ପୃଷ୍ଠକୁ ପତିତ ହୋଇଯିବ । ସୁନିଶ୍ଚିତ । ଉଚ୍ଚତାରେ, ସେ ଉତ୍କ୍ରୋଶ ପକ୍ଷୀକୁ ଅନୁସରଣ କରିପାରେ ନାହିଁ । ଯଦି ସେ ତାହା କରିବାକୁ ଚେଷ୍ଟା କରେ, ତେବେ ତାହାର ମୂର୍ଖତା ପ୍ରକାଶ ପାଇବ । ତାହା ସତ ଅଟେ । ଆପଣ କରିପାରନ୍ତି ନାହିଁ ।

341 କାହିଁକି? ସେ ଉତ୍କ୍ରୋଶ ପକ୍ଷୀ ପରି ଦେଖିପାରେ ନାହିଁ । ଏଥିରେ କ'ଣ ଲାଭ ହେବ ଯଦି ଆପଣ ଅତି ଉଚ୍ଚକୁ ଡେଇଁବା ପାଇଁ ଚେଷ୍ଟା କରନ୍ତି, ଆଉ ଯେତେବେଳେ ଆପଣ ସେହି ଉଚ୍ଚତାରେ ଥାଆନ୍ତି ତେବେ ଆପଣ ଏହା ଦେଖିପାରନ୍ତି ନାହିଁ ଯେ ଆପଣ କେଉଁଠାରେ

ଅଛନ୍ତି? ଆଉ ଯଦି ସେ ଏହା ଚେଷ୍ଟା ମଧ୍ୟ କରିବ, ଏପରିକି ଏହି ଉତ୍କ୍ରୋଶ ପକ୍ଷୀକୁ ଉଚ୍ଚତାରେ, ଅନୁସରଣ କରିବା ପାଇଁ ଚେଷ୍ଟା ସୁଦ୍ଧା କରିବ, ସେ ଏତେ ଅନ୍ଧ ହୋଇଯିବ ଯେ ସେ ଏହା ଜାଣିବ ନାହିଁ ଯେ ତାହାକୁ କ'ଣ କରିବାକୁ ଅଛି। ଏହା ଠିକ୍ ଅଟେ। ସେ ଉଚ୍ଚ ପାଟିରେ ଚିତ୍କାର କରୁଥିବ ଓ ଉଚ୍ଚ ସ୍ୱରରେ ଶବ୍ଦ କରୁଥିବ, ଓ ସେହିପରି କରି ଚାଲୁଥିବ; ମାତ୍ର ଆପଣ ତାହାକୁ ପଦେ ବାକ୍ୟ କେବଳ କୁହନ୍ତୁ, ପିଲାଏ, ସେଠାରେ ତାହାର ମୂର୍ଖତା ପ୍ରକାଶ ପାଇବ।

342 ତାହାକୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିସ୍ମ ବିଷୟ କୁହନ୍ତୁ, କିଅବା, ସେ ଯେ କାଲି, ଆଜି, ଓ ଚିରକାଳ, ସମାନ ହେବା ବିଷୟ, ଓ ଏହିପରି ସବୁ—ସବୁ ବିଷୟ, ଆଉ ତାହାକୁ କୁହନ୍ତୁ। "କାହିଁକି, ଓଃ, ତେବେ କେବଳ ଗୋଟିଏ ମିନିଟ୍ ରୁହନ୍ତୁ!" ବୁଝିଲେ? ଓଃ, ହଁ, ତାହାର ପରଗୁଡ଼ିକ ସେଠାରେ ଝଡୁଥାଏ। ଦେଖନ୍ତୁ, ସେ ଡେଇଁ ପଡୁଥିବ, ଓ ଭବିଷ୍ୟଦ୍‌ବାଣୀ କରୁଥିବ, ଓ ଦୁଷ୍ଟାତ୍ମାଗୁଡ଼ିକୁ ବାହାର କରୁଥିବ, ଓ ପରଭାଷାରେ କଥା କହୁଥିବ, ଓ ଚିତ୍କାର କରୁଥିବ, ଓ ଏହିପରି ସବୁ କାର୍ଯ୍ୟକଳାପ କରୁଥିବ, ଭୂମିରେ ଉପର-ଓ-ତଳକୁ ଦୌଡ଼ି ଯାଉଥିବ। ମାତ୍ର ତାହାକୁ ସେଠାରେ ଉପରେ ଅନୁସରଣ କରିବାକୁ ଚେଷ୍ଟା କରିବେ ନାହିଁ; କାହିଁକି ନା, ନିଶ୍ଚିତରେ ତା'ର ମୂର୍ଖତା ପ୍ରକାଶ ପାଇବ।

343 ତଥାପି, ସେ ନିରୂପିତ ଅଟେ। ସେ ଅଭିଷିକ୍ତ ଅଟେ। ସେ ଉଡ଼ିପାରେ। ସେ ନିଜକୁ ସନ୍ତୁଳିତ କରି, ସେଠାରେ ଉପରକୁ ଯାଇପାରେ, ମାତ୍ର...ସେତିକି ଦୂର ନୁହେଁ। ଦେଖନ୍ତୁ, ସେ ଏକ ମଡ଼ା ଖାଇପାରେ, ମାତ୍ର ସେ ସିଂହାସନରୁ ଆସୁଥିବା ତାଜା ମାଂସ ଖାଇପାରେ ନାହିଁ।

344 ସେ ଅନ୍ଧ ଅଟେ। ସେ ଅତି ଉତ୍ସାହିତ ଅଟେ, ମାତ୍ର ସେ କ'ଣ ପାଇଁ ଏତେ ଉତ୍ତେଜିତ ଅଟେ ସେ ତାହା ଜାଣେ ନାହିଁ। ଦେଖନ୍ତୁ, ସେହି ସମାନ ଆତ୍ମା ଯାହାକି ତାହାର ଉପରେ, ବର୍ଷା ରୂପରେ ଆସିଲେ, ଯେ ତାହାକୁ ଏକ ଗହମ କରି ପ୍ରସ୍ତୁତ କରନ୍ତି; ମାତ୍ର ସେ ତ ଆରମ୍ଭରୁ ହିଁ ଗୋଟିଏ ଗହମ ନୁହେଁ। ସେ ଫାଟି ପଡ଼େ। "ଓଃ, ମୁଁ ଏପରି କୌଣସି ବିଷୟରେ ସମ୍ମତ... ହୋଇପାରେ ନାହିଁ। ଓଃ, ନା, ଆଜ୍ଞା! ମୁଁ ଜାଣେ ଯେ ଡାକ୍ତର ଜୋନ୍‌ସ କହିଥିଲେ..." ଠିକ୍ ଅଛି, ଆପଣ ବଢ଼ି ଚାଲନ୍ତୁ। ବୁଝିଲେ? ଯଦି ଆପଣ ଚାହାଁନ୍ତି, ଆପଣ ସେହିପରି ଭାବରେ ଅଗ୍ରସର ହୁଅନ୍ତୁ।

345 ସେ ନୁହେଁ, ଧ୍ୟାନ ଦିଅନ୍ତୁ ଯେ, ସେ ସେହି ପ୍ରକାରର ଏକ ପକ୍ଷୀ ହେବା ନିମନ୍ତେ ଜନ୍ମ ହୋଇନାହିଁ, କି ଗଠିତ ହୋଇନାହିଁ, କିଅବା ପୂର୍ବନିରୂପିତ ନୁହେଁ। ସେ ହୋଇପାରେ...ସେ ଏକ...ହୋଇପାରେ ଯେ ଗୋଟିଏ କମଳା ଗଛରେ ଏକ ଲେମ୍ବୁ ଫଳୁଥିବା ପରି ସେ ଅଟେ, ମାତ୍ର ସେ କେବେହେଲେ ମୂଳ ଚେରରୁ ଆସି ନାହିଁ। ସେ ତ ଏପରି କିଛି ଅଟେ ଯାହାକି ସଂଯୋଗ କରାଯାଇଅଛି। ଆଉ ଯେତେବେଳେ ସେମାନେ ସେମାନଙ୍କର ନାମଧାରୀ ସଙ୍ଗଠନମାନଙ୍କରେ ଏତେ ଅଧିକ ଉଚ୍ଚତାକୁ ଚାଲିଯାଆନ୍ତି ଯେ ସେମାନେ ପରମେଶ୍ୱରଙ୍କ ପୂର୍ବନିରୂପିତ ବାକ୍ୟକୁ ସୁପ୍ରମାଣିତ ହେଉଥିବାର ଦେଖିପାରନ୍ତି ନାହିଁ, ସେତେବେଳେ ସେମାନଙ୍କର ମୂର୍ଖତା ପ୍ରକାଶ ପାଇଥାଏ। "ଓଃ, ସେପ୍ରକାର ବିଷୟମାନ, ମସ୍ତକ ଉପରେ

ସେହି ଦିବ୍ୟ ପ୍ରକାଶପୁଞ୍ଜ, ଆଉ ସମସ୍ତ କିଛି, ଓଃ, ଏହା ବାଜେ କଥା ଅଟେ।” ବୁଝିଲେ? ମୂର୍ଖତା ପ୍ରକାଶ ପାଇଥାଏ।

346 ସେ ସେତିକି ଦୂର ଦେଖିବା ନିମନ୍ତେ ଗଠିତ ନୁହେଁ। ସେ ତ କେବଳ ସେତିକି ଦୂର ହିଁ ଦେଖିପାରେ ଯେତିକି ଦୂର ତା’ର ନାମଧାରୀ ଚଷମା ତା’କୁ ଦେଖିବାକୁ ଅନୁମତି ଦିଏ। ମାତ୍ର, ତା’ପରେ, ସେ ଏକ ବାଦୂଡ଼ି ପକ୍ଷୀ ପରି ଅନ୍ଧ ଅଟେ। ଏହିଠାରେ ହିଁ ତେବେ ତା’ର ମୂର୍ଖତା ପ୍ରକାଶ ପାଇଥାଏ। ବୁଝିଲେ? ସେହିଠାରେ ହିଁ ଅଟେ ଯେଉଁଠାରେକି ବାସ୍ତବିକ ଉତ୍କ୍ରୋଶ ପକ୍ଷୀମାନେ ଖାଇବା ପାଇଁ ବସି ଥାଆନ୍ତି। ହଁ, ଆଜ୍ଞା। ସେହିଠାରେ ହିଁ ଅଟେ ଯେଉଁଠାରେ କି ସେହି ବାସ୍ତବିକ, ମନୋନୀତ ଉତ୍କ୍ରୋଶ ପକ୍ଷୀମାନେ ଏହା ଦେଖିଥାଆନ୍ତି ଯେ ସେ କଅଣ ଅଟେ। ଯେତେବେଳେ ସେ ସେହି ବାକ୍ୟକୁ ଗ୍ରହଣ କରିପାରେ ନାହିଁ, ଠିକ୍ ସେତେବେଳେ ସେମାନେ ଏହା ଜାଣିଯାଆନ୍ତି ଯେ ସେ ଗୋଟିଏ ନାମଧାରୀ ଶାଗୁଣା ପକ୍ଷୀ ଅଟେ।

347 କାହିଁକି, ସେ କାହିଁକି ଉଡ଼ିପାରେ ନାହିଁ? କାରଣ, ଦେଖନ୍ତୁ ସେ କ’ଣ ଭୋଜନ ଖାଇ ଆସୁଅଛି? ସେ ତ ସେହି ନାମଧାରୀ ସଙ୍ଗଠନର ପଚା ଶଢ଼ା ମଢ଼ା ଖାଇ ଆସୁଅଛି। ଏହା ତାହାର—ଏହା ତାହାର ଶରୀରକୁ ଆତ୍ମିକତାରେ ପରିପୂର୍ଣ୍ଣ କରିବ ନାହିଁ, ଅନ୍ୟ ଶବ୍ଦରେ କହିବାକୁ ଗଲେ, ତାହାକୁ ଯଥେଷ୍ଟ ଆତ୍ମିକ ବଳ ଶକ୍ତି ପ୍ରଦାନ କରିବ ନାହିଁ, ଯେପରିକି ତା’କୁ ନାମଧାରୀ ମତ ମତାନ୍ତରଠାରୁ ଉପରକୁ ଉଡ଼ାଇ ନେଇଯାଏ। ବୁଝିଲେ? ଦେଖନ୍ତୁ, ସେ ତ କେବଳ ପଚା ଶଢ଼ା ଭୋଜନ ଉପରେ ପୋଷିତ ହୋଇଥାଏ; ତାହାର ଶରୀର ସେଥିରୁ ନିର୍ମିତ ହୋଇଥାଏ। ସେ ସେହି ଉଚ୍ଚ ସ୍ଥାନଗୁଡ଼ିକୁ ଉପରକୁ ଯାଇପାରେ ନାହିଁ ଯେଉଁଠାକୁକି ସେହି ତାଜା ମାଂସ ସେହି ଉତ୍କ୍ରୋଶ ପକ୍ଷୀକୁ ନେଇ ଯାଇଥାଏ। ସେ ତ ତାହା କରି ହିଁ ପାରେ ନାହିଁ। ବୁଝିଲେ?

348 ତାହା ମାଥିଉ 24:24କୁ ସଫଳ କରେ। ସେ ତ ଉଡୁଥାଏ, ଆକାଶରେ ଡ଼ିଆଁ ମାରୁଥାଏ, ନିଜର ଡେଣାଗୁଡ଼ିକୁ ସଂପ୍ରସାରିତ କରୁଥାଏ, ମାତ୍ର ସେ ତ ଯଥେଷ୍ଟ ଉପରକୁ ଯାଇପାରେ ନାହିଁ। ବୁଝିଲେ? ତାହା ଠିକ୍ ଅଟେ। ଦେଖନ୍ତୁ, ସେ ଯାଇପାରେ ନାହିଁ, ସେ ତ ସେହି ତାଜା ମାନ୍ନା ପାଇବା ପାଇଁ ଯଥେଷ୍ଟ ଉପରକୁ ଯାଇପାରେ ନାହିଁ। ସେ ତ ଏଠାରେ ତଳେ ସେହି ଭୂମିରେ ପଡ଼ି ରହିଥିବା ପୁରୁଣା ମାନ୍ନାକୁ ଖାଇପାରେ, ସେହି ପୁରୁଣା ମୃତ ଠେକୁଆମାନଙ୍କୁ ଖାଇପାରେ ଯାହାକି ସପ୍ତାହେ ହେଲାଣି ମରି ପଡ଼ିଛି, ଓ ମାସେ ହେଲାଣି ମରିଯାଇଛି, କିଅବା ଚାଳିଶ ବର୍ଷ ହେବ, ପଚି ଶଢ଼ି ଯାଇଛି। ସେ ତାହା ଖାଇପାରେ, ଓ ତା’ର ପେଟ ପରିତୃପ୍ତ କରିପାରେ, ଆଉ ଉଚ୍ଚ ପାଟି କରିପାରେ ଓ ଚିତ୍କାର କରିପାରେ, ଆଉ ବିଭିନ୍ନ କାର୍ଯ୍ୟ କଳାପଗୁଡ଼ିକୁ କରିପାରେ, ପୁଣି ଅନ୍ୟ ଏକ ଉତ୍କ୍ରୋଶ ପକ୍ଷୀ ପରି ଡିଆଁ ମାରି ଉଡ଼ିପାରେ। ସେ ତ ଅନ୍ୟ କୌଣସି ପକ୍ଷୀ ପରି, ଅଭିଷିକ୍ତ ଅଟେ।

349 ଆଉ ଗୋଟିଏ ବାଜ ପକ୍ଷୀ, ସେ ଗୋଟିଏ ଉତ୍କ୍ରୋଶ ପକ୍ଷୀର ଏକ ପ୍ରତିଚିତ୍ରଣ ଅଟେ। ଆମେ ତାହା ଜାଣୁ। ସେ ନିଶ୍ଚିତରେ ତାହା ଅଟେ, ମାତ୍ର ସେ ସେହି ବାସ୍ତବିକ ଉତ୍କ୍ରୋଶ ପକ୍ଷୀର

ସମତୂଲ୍ୟ ହୋଇପାରେ ନାହିଁ। ବୁଝିଲେ? ସେ ତାହା କରି ହିଁ ପାରେ ନାହିଁ। ନା, ଆଜ୍ଞା। ତା'ର ଶରୀର ସେହିପରି ଗଠିତ ନୁହେଁ; ଦେଖନ୍ତୁ, ସେ ତ ଏକ ଭିନ୍ନ ପଚା ଶଢ଼ା ମଢ଼ା ଭୋଜନ କରୁଅଛି, ଆଉ ତାହା ହେବ ନାହିଁ...ତାହା ହେବ ନାହିଁ—ତାହା ସେହି ତାଜା ମାଂସ, ସେହି ତାଜା ମାନ୍ନା ହେବ ନାହିଁ। ତାହା ତ ଏପରି କିଛି ବିଷୟ ହେବ ଯାହାକି ଲୁଥର କହିଥିଲେ, ୱେସଲୀ କହିଥିଲେ, କିଅବା *ଅମୁକ-ଓ-ସମୁକ* ଡାକ୍ତର କହିଥିଲେ। ଏହା ତ ତାହା ଉପରେ ହେବ ନାହିଁ ଯାହାକି ଯୀଶୁ ଏହି ସମୟ ପାଇଁ କହିଥିଲେ।

350 ତେବେ ଆସନ୍ତୁ, ଆମେ ଶେଷ କରିବାକୁ ଯିବା। ଅଭିଷିକ୍ତଗଣ, "ଖ୍ରୀଷ୍ଟମାନେ," ଏହି ଶେଷ ଦିନମାନଙ୍କରେ ହେବେ, ମାତ୍ର "ଭଣ୍ଡ ଶିକ୍ଷକ ଓ ଭଣ୍ଡ ଭାବବାଦୀ" ରୂପରେ। ଦେଖନ୍ତୁ ତାହା କେତେ ଧ୍ୟାନଯୋଗ୍ୟ ବିଷୟ ଅଟେ! ତେବେ, ମୁଁ ଚାହେଁ ଯେ ଆପଣ ଏହାର ତୁଳନା କରନ୍ତୁ; ଆମ ପାଖରେ ତାହା ପଢ଼ିବାକୁ ସମୟ ନାହିଁ, ମାଥିଉ 24:24 ସହ ଦ୍ୱିତୀୟ ତିମଥି 3:8।

351 ଦେଖନ୍ତୁ, ମାଥିଉ 24:24 କହେ, ଏହି ଶେଷ ଦିନମାନଙ୍କରେ, "ଭଣ୍ଡ ଖ୍ରୀଷ୍ଟମାନେ," ଭଣ୍ଡ, ଅଭିଷିକ୍ତଗଣ, "ଭଣ୍ଡ ଭାବବାଦୀମାନେ ଆସିବେ, ଓ ଚିହ୍ନମାନ ଏବଂ ଆଶ୍ଚର୍ଯ୍ୟ କର୍ମମାନ ଦେଖାଇବେ," ଠିକ୍ ଯେପରିକି ବାସ୍ତବିକ, ବାସ୍ତବିକ ଲୋକମାନେ ଦେଖାଇଥାନ୍ତି, "ଓ ସମ୍ଭବତଃ—ଓ ସମ୍ଭବତଃ ଠିକ୍ ସେହି ମନୋନୀତ ଲୋକଙ୍କୁ ପ୍ରାୟଃ ଭ୍ରାନ୍ତ କରି ପକାଇବେ।" ତେବେ ଧ୍ୟାନ ଦିଅନ୍ତୁ ଯେ, ତାହା ଯୀଶୁ କହୁଥିଲେ।

352 ଠିକ୍ ତାହାଙ୍କ ପରେ, ପାଉଲ ଏଠାରେ ଆସିଲେ, ଓ କହିଲେ, "ତେବେ, ଏହି ଶେଷ ଦିନମାନଙ୍କରେ, ଭକ୍ତିର ଏକ ଭେଖ ଧରି, ଦେଖନ୍ତୁ, ଧାର୍ମିକ ଲୋକମାନେ ଆସିବେ। ଏବଂ ଜଗତର ବିଭିନ୍ନ କୁଅଭିଳାଷରେ ଚାଳିତ, ନିର୍ବୋଧ ସ୍ତ୍ରୀମାନଙ୍କୁ ଆପଣା ବଶବର୍ତ୍ତୀ କରିବେ।"

ତେବେ ସେମାନେ ଆଶ୍ଚର୍ଯ୍ୟ କରନ୍ତି, ଓ କହନ୍ତି, "ଆପଣ ସେହି ସ୍ତ୍ରୀଲୋକମାନଙ୍କୁ ହିଁ କାହିଁକି ଭଲମନ୍ଦ କହିଥା'ନ୍ତି?" ଓଃ, ଦୟା ହେଉ...ଏପରିକି ସେମାନେ ତାହା ଦେଖନ୍ତି ସୁଦ୍ଧା ନାହିଁ।

"ବିଭିନ୍ନ କୁଅଭିଳାଷରେ ଚାଳିତ, ନିର୍ବୋଧ ସ୍ତ୍ରୀଲୋକମାନଙ୍କୁ ଆପଣାର ବଶବର୍ତ୍ତୀ କରନ୍ତି," ଯଥା ଏପରି...ବିଷୟମାନଙ୍କଠାରୁ ଦୂର...ଦେଖନ୍ତୁ, "ଯେପରି ଯନ୍ନୀସ୍ ଓ ଯମ୍ବ୍ରୀସ୍..."

ମାଥିଉ 24:24, "ଭଣ୍ଡ ଖ୍ରୀଷ୍ଟମାନେ," ଭଣ୍ଡ, ଅଭିଷିକ୍ତ, ବିଭିନ୍ନ ଚିହ୍ନମାନ ଓ ଆଶ୍ଚର୍ଯ୍ୟ କର୍ମମାନ ସାଧନ କରିଥାନ୍ତି ଯେପରିକି ମନୋନୀତ ଲୋକଙ୍କୁ ଭ୍ରାନ୍ତ କରନ୍ତି।

"ତେବେ ଯେପରି ଯନ୍ନୀସ ଓ ଯମ୍ବ୍ରୀସ୍ ମୋଶାଙ୍କର ପ୍ରତିରୋଧ କରିଥିଲେ, ସେହିପରି ଏହି ପ୍ରମାଣସିଦ୍ଧ ନ ଥିବା ପୁରୁଷମାନେ ପ୍ରତିରୋଧ କରିବେ; ଯେଉଁମାନେକି ସେହି ବିଶ୍ୱାସ ସମ୍ବନ୍ଧରେ ପ୍ରମାଣସିଦ୍ଧ ନୁହଁନ୍ତି।" ତାହା କୌଣସି "ଏକ" ବିଶ୍ୱାସ ନୁହେଁ। ବରଂ "ସେହି ବିଶ୍ୱାସ!"

353 "ଏକ ବିଶ୍ୱାସ, ଏକ ପ୍ରଭୁ, ଏକ ବାପ୍ତି-..." ଆପଣ "ଏକ ପ୍ରଭୁ" ଙ୍କଠାରେ ବିଶ୍ୱାସ ନ କରି "ଏକ ବିଶ୍ୱାସ" ପାଇପାରନ୍ତି ନାହିଁ । ଆପଣଙ୍କଠାରେ ଦୁଇଟି ବାପ୍ତିସ୍ମ ରହିପାରେ ନାହିଁ; ଗୋଟିଏ ପିତାଙ୍କ ପାଇଁ, ଓ ଅନ୍ୟଟି ପୁତ୍ର, ପବିତ୍ରଆତ୍ମାଙ୍କ ପାଇଁ ନୁହେଁ । "ଏକ ବାପ୍ତିସ୍ମ," ଯୀଶୁ ଖ୍ରୀଷ୍ଟଙ୍କ ନାମରେ । ଏହା ଠିକ୍ ଅଟେ । ଦେଖନ୍ତୁ, ଭଣ୍ଡ ବାପ୍ତିସ୍ମ!

354 ତେବେ ଧ୍ୟାନ ଦିଅନ୍ତୁ, ଯେତେବେଳେ ଆପଣ ଘରକୁ ଯାଆନ୍ତି ସେମାନଙ୍କୁ ଏକାଠି ତୁଳନା କରି ଦେଖନ୍ତୁ । ମାଥିଉ 24:24କୁ ଧ୍ୟାନ କରନ୍ତୁ, ଯୀଶୁ ତାହା କହୁଛନ୍ତି; ପାଉଲ, ଦ୍ୱିତୀୟ ତୀମଥି ୩:୫ରେ କହୁଛନ୍ତି; ଓ ଅନ୍ୟାନ୍ୟ ଅନେକେ ମଧ୍ୟ କହିଛନ୍ତି । ଆଉ ବର୍ତ୍ତମାନ ସେଗୁଡ଼ିକୁ ତୁଳନା କରି ଦେଖନ୍ତୁ ।

ଆଉ ତା'ପରେ ତାହା ସହିତ ଅନ୍ୟ ଶାସ୍ତ୍ରାଂଶ ଯୋଗ କରନ୍ତୁ, ଲୂକ 17:୩୦, ମଲାଖି 4 ।

"ଯେପରି ଯାନ୍ନୀସ୍ ଓ ଯାମ୍ବ୍ରୀସ୍ ମୋଶାଙ୍କର ପ୍ରତିରୋଧ କରିଥିଲେ," ଯିଏକି ସେହି ସମୟର ଅଭିଷିକ୍ତ ବାକ୍ୟ ଥିଲେ, "ସେହିପରି ଏହି ପୁରୁଷମାନେ," ଜଣେ ପୁରୁଷ ନୁହେଁ, "ପୁରୁଷମାନେ," ଅଭିଷିକ୍ତଗଣ, "ସତ୍ୟର ପ୍ରତିରୋଧ କରିବେ ।"

355 "ଠିକ୍ ସେହି ଦିନରେ ଯେତେବେଳେକି ମନୁଷ୍ୟପୁତ୍ର ପ୍ରକଟିତ ହେବେ ।" ପ୍ରକାଶିତ ବାକ୍ୟ 10:1 ରୁ 7, ଆପଣ ଯେତେବେଳେ ଘରକୁ ଯିବେ ତାହା ପାଠ କରିବେ, "ସପ୍ତମ ଦୂତର ବାର୍ତ୍ତା, ମୁଦ୍ରା ଗୁଡ଼ିକର ଫିଟିବା ।" ତାହା କ'ଣ ଅଟେ? ସେହି ଦୂତ ମନୁଷ୍ୟପୁତ୍ର ନୁହଁନ୍ତି; ମାତ୍ର ସେହି ବାର୍ତ୍ତାବହ ଦୂତ ମନୁଷ୍ୟପୁତ୍ରଙ୍କୁ ପ୍ରକଟିତ କରୁଅଛନ୍ତି । କଅଣ ଆପଣ ତେବେ ତାହାକୁ ପୃଥକ କରି ବୁଝି ପାରିଲେ? ଆପଣ ଦେଖନ୍ତୁ ଯେ, ତାହା ଏହିଠାରେ ହିଁ ଥିଲା ଯେଉଁଠାରେକି ତାହା ଆପଣଙ୍କୁ ବୁଝିବାରେ ଅତି କଷ୍ଟକର ଲାଗୁଥିଲା । ମନୁଷ୍ୟପୁତ୍ର, ନିଜେ ନୁହଁନ୍ତି; ବରଂ ସେହି ସପ୍ତମ ଦୂତ, ସପ୍ତମ ବାର୍ତ୍ତାବହ ଦୂତ, ସେହି ମନୁଷ୍ୟପୁତ୍ରଙ୍କୁ ଲୋକମାନଙ୍କ ସମ୍ମୁଖରେ ପ୍ରକଟିତ କରୁଅଛନ୍ତି, କାରଣ ଏହା ସେହି ଚଷୁକୁ ପରିତ୍ୟାଗ କରିସାରିଛି । ସେ ତାହାକୁ ସଂସ୍ଥାଗତ କରିପାରନ୍ତି ନାହିଁ । ଏହା ତ ପୁନର୍ବାର, ସେହି ଶସ୍ୟ, ସ୍ୱୟଂ ନିଜେ ଅଟେ ।

356 "ଆଉ ସେହି ଦିନରେ, ଯାନ୍ନୀସ୍ ଓ ଯାମ୍ବ୍ରୀସ୍ ପ୍ରତିରୋଧ କରିବେ," ସେହି ଅଭିଷିକ୍ତଗଣ (କୃତ୍ରିମ-ବିଶ୍ୱାସୀମାନେ ଓ ଅବିଶ୍ୱାସୀମାନେ, ନାମମାତ୍ର ମଣ୍ଡଳୀ ଓ ପେଣ୍ଟିକଷ୍ଟାଲମାନେ) ସେହି ବାସ୍ତବିକ ଶସ୍ୟର ବିରୁଦ୍ଧରେ ଛିଡ଼ା ହେବେ, "ମାତ୍ର ସେମାନଙ୍କୁ ଏକାକୀ ଛାଡ଼ି ଦିଅନ୍ତୁ; ସେମାନଙ୍କର ମୂଢ଼ତା ପ୍ରକାଶ ପାଇବ, ଯେପରିକି ସେମାନଙ୍କର ହୋଇଥିଲା ।" ବୁଝିଲେ? କଅଣ ଆପଣମାନେ ବର୍ତ୍ତମାନ ତାହା ବୁଝିଲେ? [ମଣ୍ଡଳୀ କହନ୍ତି, "ଆମେନ୍ ।"—ଅନୁ]

357 ପ୍ରକାଶିତ ବାକ୍ୟ 10, ତାହା କହେ, "ସପ୍ତମ ଦୂତର ତୂରୀ ଘୋଷଣା କରିବା ସମୟରେ ।" ତେବେ ମନେ ରଖିଥାଆନ୍ତୁ, ସପ୍ତମ, ଲାଅଦିକୀଅ ମଣ୍ଡଳୀ ଯୁଗ । "ସେହି ଦୂତର ତୂରୀ ଘୋଷଣା କରିବାରେ," ଯେତେବେଳେକି ସେହି ମଣ୍ଡଳୀ ଯୁଗଟି ନାମଧାରୀ ସଂସ୍ଥାରେ ସଙ୍ଗଠିତ ହୋଇଯାଇଥାଏ ଓ ଏକ ମଣ୍ଡଳୀ ଯୁଗ ହୋଇଯାଇଥାଏ, ଯେତେବେଳେକି ତାହା

ତା'ର ପେଣ୍ଟିକଷ୍ଟାଲ ସଙ୍ଗଠନରେ ସଙ୍ଗଠିତ ହୋଇଯାଏ; ଯେତେବେଳେକି ତାହା ପ୍ରତି ସେହି ବାର୍ତ୍ତାବହ ଦୂତ...

358 ପ୍ରତ୍ୟେକେ ବାର୍ତ୍ତାବହ ଦୂତ କ'ଣ ଥିଲେ? ମାର୍ଟିନ ଲୁଥର୍ କ'ଣ ଥିଲେ? କ୍ୟାଥୋଲିକ ମଣ୍ଡଳୀ ପ୍ରତି ଏକ ଭର୍ତ୍ସନା । ୱେସଲୀ କ'ଣ ଥିଲେ? ସେହି ଲୁଥରାନ୍‌ମାନଙ୍କ ପ୍ରତି ଏକ ଭର୍ତ୍ସନା । ପେଣ୍ଟିକଷ୍ଟ କ'ଣ ଥିଲା? ସେହି ଅନ୍ୟମାନଙ୍କ ପ୍ରତି ଏକ ଭର୍ତ୍ସନା । ତେବେ ସେହି ଜୀବନଟା ବର୍ତ୍ତମାନ କେଉଁଠାକୁ ଚାଲି ଯାଇଅଛି? ଏକ ସଙ୍ଗଠନଠାରୁ ଦୂରକୁ । ଏହା ଆଉ ଅଧିକ ଚଷୁ ନୁହେଁ; ତାହା ତ ଶସ୍ୟର ଦାନା ଅଟେ । ଏହା କ'ଣ ଅଟେ? ଦେଖନ୍ତୁ, ତାହା ତ ଏହି ସମୟର ଶାସ୍ତ୍ରାଂଶକୁ ସଫଳ କରିବା ପାଇଁ, ପେଣ୍ଟିକଷ୍ଟ ପ୍ରତି ଏକ ଭର୍ତ୍ସନା ଅଟେ । ବୁଝିଲେ?

359 ଧ୍ୟାନ ଦିଅନ୍ତୁ, ସେହି ଦିନ ଯେତେବେଳେକି ଏହି ବାର୍ତ୍ତାବହ ଦୂତ...ସେତେବେଳେ ନୁହେଁ ଯେତେବେଳେକି ସେ ଆରମ୍ଭ କରନ୍ତି, ମାତ୍ର ଯେତେବେଳେ ସେ ତାହାଙ୍କର ବାର୍ତ୍ତା ଘୋଷଣା କରିବାର ଆରମ୍ଭ କରନ୍ତି । ବୁଝିଲେ? ପ୍ରଥମ ଆକର୍ଷଣ, ରୋଗ ସୁସ୍ଥୀକରଣ; ଦ୍ୱିତିୟ ଆକର୍ଷଣ, ଭବିଷ୍ୟତ୍‌ବାଣୀ କହିବା; ତୃତୀୟ ଆକର୍ଷଣ, ବାକ୍ୟର ଉନ୍ମୋଚନ ଅଟେ, ନିଗୂଢ଼ ବିଷୟମାନଙ୍କର ପ୍ରକଟିତ ହେବା ଅଟେ । ତେବେ ବାକ୍ୟକୁ ପ୍ରକାଶ କରିବା ନିମନ୍ତେ ଭବିଷ୍ୟଦ୍‌ବକ୍ତାମାନଙ୍କ ଠାରୁ, ଅଧିକ ମହାନ ଅଧିକାର ଆଉ କିଛି ହେଲେ, କିଛି ହେଲେ ନାହିଁ । ଆଉ ଭବିଷ୍ୟଦ୍‌ବକ୍ତାମାନେ କେବଳ ଗୋଟିଏ ହିଁ ଉପାୟ ଦ୍ୱାରା ପ୍ରମାଣିତ କରାଯାଇ ପାରନ୍ତି ତାହା ହେଲା ବାକ୍ୟ । ଆଉ, ମନେ ରଖନ୍ତୁ ଯେ, ତୃତୀୟ ଆକର୍ଷଣଟି ସେହି ସପ୍ତ ମୁଦ୍ରାଗୁଡ଼ିକର ଫିଟାଯିବାର ଥିଲା, ଯେପରିକି ବାକ୍ୟରେ ମୁଦ୍ରାଙ୍କିତ ହୋଇ ରହିଥିବା ଗୁପ୍ତ ସତ୍ୟ ବିଷୟକୁ ପ୍ରକାଶ କରାଯାଏ । କଅଣ ଆପଣମାନେ ତାହା ବୁଝୁଛନ୍ତି? [ମଣ୍ଡଳୀ କହେ, "ଆମେନ୍ ।"—ଅନୁ]

360 ତେବେ ଏହା ସେହି ଦିନରେ ଅଟେ, ଯେଉଁ ଦିନକି ଏହି ବିଷୟକୁ ଘଟିବାର ଅଛି, ଯେ ଯାନ୍ନୀସ୍ ଓ ଯାମ୍ବ୍ରୀସ୍, ସେହି ଛଳନାକାରୀମାନେ, ପୁଣି ଥରେ ପ୍ରକଟିତ ହେବେ । ଠିକ୍ ଯେପରିକି ସେମାନେ ସେହି ଦିନରେ କରିଥିଲେ, ଯେତେବେଳେକି ମୋଶା ମୂଳ ବାକ୍ୟକୁ କହିବା ପାଇଁ ସେହି ବାକ୍ୟ ସହିତରେ ଉଭା ହେଲେ, ସେମାନେ ସେହି ବାକ୍ୟର ନକଲ କରିବାକୁ ଛିଡ଼ା ହୋଇଥିଲେ । ଏହା ସମ୍ପୂର୍ଣ୍ଣ ସତ୍ୟ ଅଟେ । ତେବେ କ'ଣ ଆପଣମାନେ ଦେଖୁଛନ୍ତି ଯେ ମାଥିଉ 24:24 ଅଟେ? ଦେଖନ୍ତୁ, ଅଭିଷିକ୍ତଗଣ!

361 ତେବେ ଏହା ପୂର୍ବରୁକି ଆମେମାନେ ସମାପ୍ତ କରୁ ତିନୋଟି ବିଷୟ ଅଛି ଯାହାକି ଆମେ କହିବାକୁ ଯାଉଅଛୁ । ତାହା ଏହା ଅଟେ । ମୁଁ ଚାହେଁ ଯେ ଆପଣମାନେ ବର୍ତ୍ତମାନ ଏହାକୁ ଅତି ଧ୍ୟାନ ସହକାରେ ଶୁଣନ୍ତୁ ଯେତେବେଳେକି ଆମେ ଏହାକୁ ଶେଷ କରୁ । ତିନୋଟି ବିଷୟ, ମନେ ରଖନ୍ତୁ ଯେ, ତିନୋଟି ବିଷୟ ସଫଳ ହୋଇ ଯାଇସାରିଛି । ବର୍ତ୍ତମାନ ଠିକ୍ ଆପଣଙ୍କ ସମ୍ମୁଖରେ ତିନୋଟି ବିଷୟ ଉପସ୍ଥାପିତ ଅଟେ ।

362 ପ୍ରଥମ ବିଷୟ । ଜଗତର ଦଶା ସଦୋମର ଅବସ୍ଥା ପରି ରହିଅଛି । ଯୀଶୁ କହିଥିଲେ ଯେ ତାହା ସେହିପରି ହେବ । ସେହି ଭ୍ରଷ୍ଟତାକୁ ଦେଖନ୍ତୁ; ଆମର ସ୍ତ୍ରୀଲୋକମାନେ ପୁରୁଷମାନଙ୍କ ପରି ଆଚରଣ କରିବାକୁ ଚେଷ୍ଟା କରୁଅଛନ୍ତି; ଆମର ପୁରୁଷମାନେ ସ୍ତ୍ରୀଲୋକମାନଙ୍କ ପରି ଆଚରଣ କରିବାକୁ ଚେଷ୍ଟା କରୁଅଛନ୍ତି, ମାଇଚିଆ ସଦୃଶ; ବିକୃତ, ପତିତ, ଦୁ-ଶ୍ଚରିତ୍ର, ମନ୍ଦାତ୍ମା-ବିଶିଷ୍ଟ ଅଟନ୍ତି, ଆଉ ସେମାନେ ତାହା ଜାଣନ୍ତି ନାହିଁ । ବାଇବଲ କହେ ଯେ ତାହା ସେହିପରି ହେବ, ଆଉ ଠିକ୍ ସେହିପରି ଅବସ୍ଥାରେ ହିଁ ତାହା ଅଛି ।

ଦ୍ୱିତୀୟରେ । ଏହା ଠିକ୍ ସେହି ସମୟରେ ଅଟେ ଯେତେବେଳେକି, ପବିତ୍ରଶାସ୍ତ୍ର ଅନୁସାରେ ଏଠାରେ, ଯନ୍ନୀସ୍ ଓ ଯମ୍ବ୍ରୀସ୍ ପ୍ରକଟିତ ହେବେ । ଦ୍ୱିତୀୟ ବିଷୟ ।

ତୃତୀୟରେ । ଏହା ଠିକ୍ ସେହି ସମାନ ସମୟରେ ଅଟେ ଯେତେବେଳେକି ମନୁଷ୍ୟପୁତ୍ରଙ୍କୁ ପ୍ରକଟିତ ହେବାର ଅଛି ।

363 ଏଠାରେ ଆପଣଙ୍କର ବିଶ୍ୱାସୀ, ଆପଣଙ୍କର କୃତ୍ରିମ- ବିଶ୍ୱାସୀ, ଓ ଆପଣଙ୍କର ଅବିଶ୍ୱାସୀ ରହିଛନ୍ତି । ଗୋଟିଏ ପଟରେ ବାସ୍ତବିକ ବାକ୍ୟ ସୁପ୍ରମାଣିତ ହୋଇ, ଛିଡ଼ା ରହିଛି; ତା'ପରେ ସେଠାରେ ତା'କୁ ନକଲ କରୁଥିବା କୃତ୍ରିମ-ବିଶ୍ୱାସୀ ଛିଡ଼ା ହୋଇରହିଛି; ଆଉ ଶେଷରେ ଏହି ସମସ୍ତ ବିଷୟକୁ ଅସ୍ୱୀକାର କରୁଥିବା ସେହି ଅବିଶ୍ୱାସୀ ଛିଡ଼ା ହୋଇରହିଛି ।

ମାତ୍ର ସନ୍ଧ୍ୟା ସମୟରେ ଏହା ପ୍ରକାଶ ହେବ,
ମହିମାର ମାର୍ଗ ତୁମେ ନିଶ୍ଚିତ ପ୍ରାପ୍ତ ହେବ; (କ'ଣ ତାହା ଠିକ୍ ଅଟେ?)

ରାଷ୍ଟ୍ରଗୁଡ଼ିକ ବିଖଣ୍ଡିତ ହେଉଅଛି, ଇସ୍ରାଏଲ ଜାଗ୍ରତ ହେଉଅଛି,
ବାଇବଲରେ ପୂର୍ବରୁ ଘୋଷିତ ଚିହ୍ନମାନ ପ୍ରକଟିତ ହେଉଅଛି;
ଆଉ ବିଜାତୀୟମାନଙ୍କର ଦିନ ସଂଖ୍ୟା ଗଣନା କରାଯାଇଅଛି (ସଦୋମ), ପୁଣି ସେମାନେ ଭୟଗ୍ରସ୍ତ ଅଟନ୍ତି;
"ହେ ଏଣେ ତେଣେ ବିଚ୍ଛିନ୍ନ ଥିବା, ଲୋକମାନେ, ଆପଣା ସ୍ଥାନକୁ ଫେରି ଆସ ।"

ମୁକ୍ତିର ଦିବସ ସନ୍ନିକଟ ଅଟେ,
ମନୁଷ୍ୟର ହୃଦୟଗୁଡ଼ିକ, ଏହି ଭୟରେ କମ୍ପିତ ଅଟେ;
ପରମେଶ୍ୱରଙ୍କ ଆତ୍ମାରେ ପରିପୂର୍ଣ୍ଣ ହୋଇଯାଅ, ନିଜ ନିଜର ପ୍ରଦୀପଗୁଡ଼ିକୁ ସଜାଡ଼ ଓ ପରିଷ୍କାର କର, (ଯେପରିକି ଆପଣ ଏହି ସମୟର ବାକ୍ୟକୁ ଦେଖିପାରନ୍ତି ।)
ଉର୍ଦ୍ଧ୍ୱ ଦୃଷ୍ଟି କର! କାରଣ ତୁମର ମୁକ୍ତି ସନ୍ନିକଟ ଅଟେ ।

ଭଣ୍ଡ ଭାବବାଦୀମାନେ ମିଥ୍ୟା କହୁଅଛନ୍ତି, (ସେମାନେ
କହିଥିଲେ ଯେ ସେମାନେ ଏଠାରେ ରହିବେ; ଅଭିଷିକ୍ତଗଣ ।),
ପରମେଶ୍ୱରଙ୍କ ସତ୍ୟତାକୁ ସେମାନେ ଅଗ୍ରାହ୍ୟ କରୁଅଛନ୍ତି,
ଯେ ଯୀଶୁ ଖ୍ରୀଷ୍ଟ ଆମର ପରମେଶ୍ୱର;

ଏହା ଯେ, ସେମାନେ ତାହା ବିଶ୍ୱାସ କରନ୍ତି ନାହିଁ । ବାଇବଲ କହେ ଯେ ସେହି ବିଷୟଟି ଏଠାରେ ରହିବ । ତାହା ଏଠାରେ ଅଟେ!

ମାତ୍ର ଆମେମାନେ ତ ସେଠାରେ ଚାଲିବୁ ଯେଉଁଠାରେକି
ପ୍ରେରିତମାନେ ଅଗ୍ରସର ହୋଇଅଛନ୍ତି ।

ସେହି ସମାନ ପ୍ରକାଶ! "ଆଉ ପିତୃପୁରୁଷମାନଙ୍କର ବିଶ୍ୱାସକୁ ସନ୍ତାନମାନଙ୍କଠାରେ ପୁନଃସ୍ଥାପିତ କରିବୁ ।"

ମୁକ୍ତି ଦିବସ ନିକଟ, (ଅତି ସନ୍ନିକଟ ଅଟେ ।)
ମନୁଷ୍ୟର ହୃଦୟଗୁଡ଼ିକ ଭୟରେ କମ୍ପିତ ଅଟେ; (ପୃଥିବୀର ପତନ
ହେଉଅଛି ।)
ଓଃ, ପରମେଶ୍ୱରଙ୍କ ଆତ୍ମାରେ ପରିପୂର୍ଣ୍ଣ ହୋଇଯାଅ, ନିଜ ନିଜର
ପ୍ରଦୀପଗୁଡ଼ିକୁ ସଜାଡ଼ ଓ ପରିଷ୍କାର କର ।
ଊର୍ଦ୍ଧ୍ୱ ଦୃଷ୍ଟି କର! ତୁମର ମୁକ୍ତି ସନ୍ନିକଟ ଅଟେ ।

କଅଣ ଆପଣ ତାହା ବିଶ୍ୱାସ କରନ୍ତି? [ମଣ୍ଡଳୀ କହେ, "ଆମେନ୍ ।"—ଅନୁ] ତେବେ ଆସନ୍ତୁ ଆମେମାନେ ଆମର ମସ୍ତକ ନତ କରୁ ।

364 ଦେଶର ବିଭିନ୍ନ ପ୍ରାନ୍ତକୁ ଯେଉଁଠାକୁକି ଏହି ବାର୍ତ୍ତା ଯାଉଅଛି, ପୂର୍ବ ଉପକୂଳରୁ ନେଇ ପଶ୍ଚିମ ଉପକୂଳକୁ, କାଲିଫର୍ଣ୍ଣିଆରୁ ନେଇ ନ୍ୟୁ ୟର୍କକୁ, ତଳେ ଦକ୍ଷିଣକୁ, ପୁଣି ଉପରିସ୍ଥ ଉତ୍ତରକୁ, ମିଶନ କ୍ଷେତ୍ରମାନଙ୍କୁ, ଆଉ ଯେଉଁଠାକୁ ବି ଏହି ବାର୍ତ୍ତା ଯାଉଅଛି, ଆଉ ଏହି ଆରାଧାନାଳୟରେ । ଆମେମାନେ ନିର୍ଧନ ଅଟୁ । ଆମ ପାଖରେ ଏହି ବଡ଼ ବଡ଼, ବିରାଟ, ସୁନ୍ଦର ମନୋହର ବିଷୟମାନ, ଓ ଦୂରଦର୍ଶନ ପ୍ରସାରଣମାନ ନାହିଁ । ଆମେମାନେ ତ ଯେତିକି ସର୍ବୋତ୍କୃଷ୍ଟ କରିପାରୁ ସେତିକି ଉତ୍ତମ ଭାବେ କରିବା ପାଇଁ ଚେଷ୍ଟା କରୁଅଛୁ । "ମାତ୍ର ଯେସମସ୍ତଙ୍କୁ ପିତା ମୋତେ ପ୍ରଦାନ କରିଅଛନ୍ତି ସେସମସ୍ତେ ଆସିବେ ।"

365 ତେବେ, ମୁଁ ଚାହେଁ ଯେ ଆପଣମାନେ ଏହି ବିଷୟ ଜାଣିବାରେ ସୁନିଶ୍ଚିତ ହୋଇଯାଆନ୍ତୁ, ଓ ଆପଣମାନେ ମଧ୍ୟ ଯେଉଁମାନେକି ଏହାକୁ ଟେପ୍‌ରେ ଶୁଣୁଅଛନ୍ତି । ଆପଣମାନେ ବୋଧହୁଏ ଆଜି ଏହା ଭାବିଥିବେ ଯେ ମୁଁ ତାହା ନିଜ ବିଷୟରେ କହିବାକୁ ଚେଷ୍ଟା କରୁଥିଲି, ଯେହେତୁ ମୁଁ ଏହି ସନ୍ଦେଶକୁ ନେଇ ଆପଣମାନଙ୍କଠାରେ ପରିବେଷଣ କରୁଥିଲି । ମୋ'ର ତ ତାହା ସହିତ କିଛି ହେଲେ କରିବାର ସମ୍ପର୍କ ନାହିଁ, କେବଳ ମାତ୍ର ମୁଁ ଏକ ରବ ଅଟେ । ଆଉ, ମୋ'ର ରବ, ଏପରିକି ମୋ'ର ସର୍ବୋତ୍କୃଷ୍ଟ ବୁଦ୍ଧି ବିଚାର ବିରୁଦ୍ଧରେ; ମୁଁ ତ ଏକ ଶିକାରୀ

ହେବାକୁ ଚାହୁଁଥିଲି । ମାତ୍ର ଏହା ତ ମୋ'ର ପିତାଙ୍କର ଇଚ୍ଛା ଅଟେ ଯେ ମୁଁ ତାହା କରିବାକୁ ଘୋଷଣା କରେ, ଓ ତାହା କରିବା ନିମନ୍ତେ ଦୃଢ଼ ସଂକଳ୍ପ ରୁହେ ।

366 ମୁଁ ସେହି ଜଣକା ନ ଥିଲି ଯିଏକି ସେଠାରେ ନଦୀରେ ପ୍ରକଟ ହୋଇଥିଲେ; ମୁଁ ତ କେବଳ ସେଠାରେ ଛିଡ଼ା ହୋଇଥିଲି ଯେତେବେଳେ ସେ ପ୍ରକଟ ହୋଇଥିଲେ । ମୁଁ ସେହି ଜଣକା ନୁହେଁ ଯିଏକି ଏହିସବୁ ବିଷୟମାନ କରେ ଓ ଏହିସବୁ ବିଷୟର ଭବିଷ୍ୟତ୍‌ବାଣୀ କରେ ଯାହାକି ସେତିକି ସିଦ୍ଧ ଭାବରେ ଘଟିତ ହୁଏ ଯେତିକି ତାହା ହୋଇପାରେ; ମୁଁ ତ ମାତ୍ର ସେହି ଜଣକା ଅଟେ ଯିଏକି କେବଳ ତାହାଙ୍କ ପାଖରେ ଥାଏ ଯେତେବେଳେ ସେ ସେହିସବୁ କାର୍ଯ୍ୟ ସାଧନ କରୁଥାନ୍ତି । ମୁଁ ତ କେବଳ ମାତ୍ର ଏକ ରବ ଅଟେ, ଯାହାକୁ ସେ କହିବା ପାଇଁ ବ୍ୟବହାର କରିଥିଲେ । ଏହା ତାହା ନ ଥିଲା ଯେ ମୁଁ କ'ଣ ଜାଣିଅଛି; ଏହା ତ ମୁଁ ନିଜକୁ କେବଳ ତାହାଙ୍କର ଅଧିନରେ ସମର୍ପିତ କରି ଦିଏ, ଯାହା ଦେଇ ସେ କଥା କହିଥା'ନ୍ତି । ଏହା ମୁଁ ନୁହେଁ, ଏହା ସେହି ସପ୍ତମ ଦୂତ ନ ଥିଲେ, ଓଃ, ନୁହେଁ; ଏହା ତ ସେହି ମନୁଷ୍ୟପୁତ୍ରର ପ୍ରକଟୀକରଣ ଥିଲା । ଏହା ତ ସେହି ଦୂତ ନୁହଁନ୍ତି, ତାହାଙ୍କର ବାର୍ତ୍ତା ନୁହେଁ; ଏହା ତ ପରମେଶ୍ୱରଙ୍କ ନିଗୂଢ଼ ସଂକଳ୍ପ ଥିଲା ଯାହାକି ଉନ୍ମୋଚିତ ହୋଇଥିଲା । ଏହା ଜଣେ ମନୁଷ୍ୟ ନୁହେଁ; ଏହା ତ ପରମେଶ୍ୱର ଅଟନ୍ତି । ସେହି ଦୂତଜଣକ ମନୁଷ୍ୟପୁତ୍ର ନ ଥିଲେ; ସେ ତ ମନୁଷ୍ୟପୁତ୍ରଙ୍କଠାରୁ ଆଗତ ବାର୍ତ୍ତାବହ ଦୂତ ଥିଲେ । ମନୁଷ୍ୟପୁତ୍ର ତ ଖ୍ରୀଷ୍ଟ ଅଟନ୍ତି; ସେ ହିଁ ସେହି ଜଣକା ଅଟନ୍ତି ଯାହାଙ୍କ ଉପରେ ଆପଣ ପରିପୋଷିତ ହେଉଛନ୍ତି । ଆପଣ ଜଣେ ମନୁଷ୍ୟ ଉପରେ ପରିପୋଷିତ ହେଉ ନାହାଁନ୍ତି; ଜଣେ ମନୁଷ୍ୟ, ତା'ର କଥା ତ ବିଫଳ ହୋଇଯିବ । ମାତ୍ର ଆପଣ ତ କେବେ ନ ବିଫଳ ହେଉଥିବା ଏପରି ଏକ ମନୁଷ୍ୟପୁତ୍ରଙ୍କ ବାକ୍ୟ-ଶରୀର ଉପରେ ପରିପୋଷିତ ହେଉଛନ୍ତି ।

367 ଯଦି ଆପଣ ପରମେଶ୍ୱରଙ୍କର ପ୍ରତ୍ୟେକଟି ବାକ୍ୟ ଉପରେ ସମ୍ପୂର୍ଣ୍ଣ ଭାବରେ ପରିପୋଷିତ ହୋଇନାହାଁନ୍ତି, ଯାହାକି ଆପଣଙ୍କୁ ଏହି ସମସ୍ତ ନାମଧାରୀ ସଂସ୍ଥାମାନଙ୍କ ଉପରେ ଓ ଜଗତର ସମସ୍ତ ବିଷୟବସ୍ତୁ ଉପରେ ଉଡ଼ିବା ପାଇଁ ବଳ ଶକ୍ତି ପ୍ରଦାନ କରିଥାଏ, ତାହାହେଲେ କ'ଣ ଆପଣମାନେ ବର୍ତ୍ତମାନ ଏହି ସମୟରେ ତାହା କରିବେ କି, ଯେତେବେଳେକି ଆମେମାନେ ପ୍ରାର୍ଥନା କରୁ?

368 ପ୍ରିୟ ପିତଃ, ଏହା ଏକ କଠିଣ ବିଷୟ ଅଟେ । ଜଣେ ମରଣଶୀଳ ବ୍ୟକ୍ତିଙ୍କ ପାଇଁ ତାହା କରିବାଟା ସହଜ ନୁହେଁ । ତୁମେ ତ ସମସ୍ତ ବିଷୟ ଜାଣ । ପ୍ରିୟ ପରମେଶ୍ୱର, ମୁଁ ତୁମଠାରେ ଏହା ପ୍ରାର୍ଥନା କରେ ଯେ, ଏହି ବାର୍ତ୍ତାକୁ ଯେମିତି ଭୁଲ୍ ନ ବୁଝାଯାଏ । ମାତ୍ର, ଏହିପରି ହେଉ ଯେ, ତୁମର ବାକ୍ୟର ପ୍ରକାଶରେ ଲୋକମାନେ ଚାଲନ୍ତୁ ।

369 ଆଉ, ପିତା ପରମେଶ୍ୱର, ମୁଁ ଜାଣେ ନାହିଁ ଯେ କିଏ ମନୋନୀତ ଅଟେ; ତୁମେ ହିଁ ତାହା ଜାଣିଛ । ମୁଁ ଜାଣେ ନାହିଁ ଯେ ତୁମର ଆଗମନ କେବେ ଅଛି । ମାତ୍ର ମୁଁ ତ କେବଳ ଏତିକି ଜାଣେ ଯେ ତୁମେ ଏହା କହିଅଛ ଯେ ଯେତେବେଳେ ଏହା ଘଟିବ, ଏହି ଭଣ୍ଡ, ଅଭିଷିକ୍ତଗଣ ରହିଥିବେ; ସେମାନେ ଆରମ୍ଭରୁ ହିଁ ଠିକ୍ ନ ଥିବେ ।

370 ମୋଶା ସେମାନଙ୍କୁ ସେହିପରି ଏକାକୀ ଛାଡ଼ି ଦେଲେ, କାରଣ ସେ ତାହା ସମ୍ବନ୍ଧରେ ଆଉ ଅଧିକ କିଛି କରିପାରି ନ ଥିଲେ । ସେ ତ କେବଳ ତାହାହିଁ କହି ପାରିଥିଲେ ଯାହାକି ତୁମେ କହୁଥିଲ । ତୁମେ ମୋଶାଙ୍କୁ ଉକୁଣିଆ ପୋକ ଡ଼ାକିବା ପାଇଁ କହିଥିଲ; ତା'ପରେ ସେମାନେ ଉକୁଣିଆ ପୋକ ଡାକିଥିଲେ । ତୁମେ ମୋଶାଙ୍କୁ ପାଣିକୁ ରକ୍ତରେ ପରିଣତ କରିବା ପାଇଁ କହିଥିଲ; ତା'ପରେ ସେମାନେ ତାହା କରିଥିଲେ । ମୋଶା ତ କେବଳ, ଯାହା ତୁମେ ତାହାଙ୍କୁ କହିଥିଲ, ସେ ଅକ୍ଷର ଅକ୍ଷରରେ ତାହା ପାଳନ କରିଥିଲେ, ମାତ୍ର ଏହାପରେ ତ ତୁମେ ହିଁ ସେହି ଜଣକ ଥିଲ ଯିଏକି ମୂଢ଼ତା ବିଷୟକୁ ପ୍ରକାଶିତ କରିଥିଲ ।

371 ତେବେ, ହେ ପିତଃ, ତଥାପି, ତୁମେ ପରମେଶ୍ୱର ଅଟ । ସେହି ସମାନ ବାକ୍ୟ ହିଁ ଏହା କହିଥିଲା ଯେ ଏହି ସମସ୍ତ ବିଷୟ ଶେଷ ଦିନମାନଙ୍କରେ ଘଟିବ । ଅନେକ ନିଷ୍ଠାବାନ ଲୋକମାନେ, ଯେପରିକି ଆମେମାନେ ଗତ ରବିବାର ଦିନ ବାର୍ତ୍ତାରେ କହୁଥିଲୁ, ସେମାନେ ଏକ ନୂତନ ଶଗଡ଼ ଗାଡ଼ିରେ ଆସୁଥିବା, ସେହି ନିୟମର ସିନ୍ଦୂକକୁ ଲେବୀୟର କାନ୍ଧରେ ନ ଉଠାଇ, ବରଂ ସେମାନଙ୍କର ହାତରେ ତାହା ଧରିବାକୁ ଯାଇ, ନିଜର ପ୍ରାଣକୁ ହରାଇଅଛନ୍ତି, "ପାପ ଓ ଅପରାଧରେ ମୃତ ହୋଇଅଛନ୍ତି," ଓ ନିଜର ବିବେକର ବିରୁଦ୍ଧରେ ତର୍କ ବିତର୍କ କରିଅଛନ୍ତି ।

372 ଅନେକ ସେବକଗଣ ସେମାନଙ୍କର ଅଧ୍ୟୟନ କ୍ଷେତ୍ରରେ ବସି, ସେହି ବାକ୍ୟକୁ ପାଠ କରନ୍ତି, ଓ ପୃଷ୍ଠାକୁ ଶୀଘ୍ର ଓଲଟାଇ ଦିଅନ୍ତି; ଯେପରିକି ସେମାନଙ୍କୁ ସେହି ବାକ୍ୟ ଅନୁସାରେ ବଡ଼ କଠୋର ଭାବରେ ପ୍ରଚାର କରିବାକୁ ନ ପଡ଼େ, ଯେହେତୁ ସେ ଏହା ଜାଣନ୍ତି ଯେ ତାହା କରିବା ଦ୍ୱାରା ସେ ଲୋକମାନଙ୍କ ସହିତରେ, ତାହାଙ୍କର ମଣ୍ଡଳୀ ସହିତରେ ଓ ତାହାଙ୍କର ନାମଧାରୀ ସଂସ୍ଥାର ସହିତରେ ନିଜର ସାମାଜିକ ମାନ ସମ୍ମାନକୁ ହରାଇ ଦେବେ । ପରମେଶ୍ୱର ଆମମାନଙ୍କୁ ତାହା କେବେହେଲେ ସେପରି ନ କରିବାକୁ ସାହାଯ୍ୟ କରନ୍ତୁ!

373 ହେ ପ୍ରଭୁ, ଆମର ହୃଦୟକୁ, ଜଗତର ସମସ୍ତ ମନ୍ଦତାରୁ ପରିଷ୍କୃତ କର । ପ୍ରଭୁ, ମୁଁ ପରିଷ୍କୃତ ହେବା ନିମନ୍ତେ ପ୍ରସ୍ତୁତ ହୋଇ ଛିଡ଼ା ଅଛି । ମୁଁ ଏହି ମଣ୍ଡଳୀ ସହିତରେ ଓ ସମସ୍ତ ଶୁଣୁଥିବା ଲୋକମାନଙ୍କ ସହିତରେ, ଓ ଯେସମସ୍ତେ ଏହି ଟେପ୍‌କୁ ଶୁଣିବେ, ସେମାନଙ୍କ ସହିତରେ ପ୍ରସ୍ତୁତ ହୋଇ ଛିଡ଼ା ଅଛି । ପ୍ରଭୁ, ମୁଁ ଛିଡ଼ା ଅଛି, ଓ ପରିଷ୍କୃତ ହେବା ନିମନ୍ତେ ପ୍ରାର୍ଥନା କରୁଅଛି । ପ୍ରଭୁ, ମୋତେ ସେହି କୁମ୍ଭାର ଗୃହକୁ ନେଇଯାଅ ଓ ମୋତେ ଭାଙ୍ଗି ପକାଇ, ଯେପରି ତୁମେ ଇଚ୍ଛା କର ମୋତେ ସେହିପରି ଏକ ଦାସ କରି ଗଢ଼ି ତୋଳ ।

374 କାରଣ, ହେ ପ୍ରଭୁ ଯୀଶୁ, "ମୁଁ ତ ଅଶୁଚି ଓଷ୍ଠାଧର ମନୁଷ୍ୟ ଅଟେ," ଯେପରିକି ଯିଶାଇୟ କାନ୍ଦି କାନ୍ଦି କହିଥିଲେ, "ଅଶୁଚି ଓଷ୍ଠାଧର ଲୋକମାନଙ୍କ ଗହଣରେ ବାସ କରେ; ଆଉ ମୋ' ଉପରେ ହାୟଃ, କାରଣ ମୁଁ ପରମେଶ୍ୱରଙ୍କ ପ୍ରକାଶନକୁ ପ୍ରକଟିତ ହେଉଥିବାର ଦେଖେ," ଯେପରିକି ଯିଶାଇୟ ମନ୍ଦିରରେ ସ୍ୱର୍ଗଦୂତମାନଙ୍କୁ ଦେଖିଥିଲେ । ପ୍ରଭୁ, ମୁଁ ଶେଷ ସମୟକୁ ଦେଖେ, ଆଉ ମୋ' ଉପରେ ଓ ମୋ'ର ପରିବାର ଉପରେ ହାୟଃ; ମୋ'ର ଓ ମୋ'ର

ଲୋକମାନଙ୍କ ଉପରେ ହାୟଃ। ହେ ଅନନ୍ତଜୀବୀ ପରମେଶ୍ୱର, ଆମମାନଙ୍କ ଉପରେ ଦୟା କର। ମୁଁ ମୋ' ନିଜ ପାଇଁ ଓ ଲୋକମାନଙ୍କ ପାଇଁ କ୍ଷମା ଯାଚନା କରେ। ହେବାକୁ ଦିଅ ଯେ ଆମେ ଯେପରି ଅବିଶ୍ୱାସୀମାନଙ୍କ ସହିତରେ ନଷ୍ଟ ନ ହୋଇଯାଉ, ବରଂ ଆମେ ବିଶ୍ୱାସୀମାନଙ୍କ ସହିତରେ ରହିପାରୁ।

375 ପ୍ରଭୁ, ପ୍ରତ୍ୟେକ ନାମଧାରୀ ସଂସ୍ଥା, ପ୍ରତ୍ୟେକ ପୁରୁଷ କିମ୍ବା ସ୍ତ୍ରୀ...ମୁଁ ତୁମକୁ ଏକ ନାମଧାରୀ ସଂସ୍ଥାକୁ ଆଶୀର୍ବାଦ କରିବା ପାଇଁ ପ୍ରାର୍ଥନା କରିପାରେ ନାହିଁ, ଯେତେବେଳେକି ମୁଁ ଏହା ଜାଣେ ଯେ ତୁମେ ତାହାର ବିରୁଦ୍ଧରେ ଅଟ। ମାତ୍ର ମୁଁ କେବଳ ଏତିକି କହିପାରେ ଯେ, ହେ ପ୍ରଭୁ, ଯଦି ସେମାନଙ୍କ ମଧ୍ୟରେ ତୁମର କୌଣସି ମେଷ ଥାଏ, ଏହା ହେଉ ଯେ ସେମାନେ ଏହି ଟେପ୍‌କୁ ଶୁଣନ୍ତୁ। ପ୍ରଭୁ, ଏହିପରି ହେଉ ଯେ ସେମାନେ ଏହାକୁ ଶୁଣନ୍ତୁ, ଓ ଯେଉଁ ବୁଦ୍ଧିମତ୍ତା ତୁମେ ସେମାନଙ୍କୁ ଦେବ ସେମାନେ ସେଥିରେ ଏହାକୁ ବୁଝନ୍ତୁ, ଆଉ ହେଉ ଯେ ସେମାନେ ସେଥିରୁ ବାହାରି ଆସନ୍ତୁ ଓ ତୁମକୁ ଗ୍ରହଣ କରନ୍ତୁ। ଏହିପରି ହେଉ ଯେ ସେମାନେ ଏହି ଦିନର ଅନ୍ଧତା ଦ୍ୱାରା ଓ ପରମ୍ପରା ଦ୍ୱାରା ପ୍ରତାରିତ ନ ହେଉନ୍ତୁ। ଏହା ହେଉ ଯେ ସେମାନେ ଏପରି କୌଣସି ବିଷୟ ଖାଇବାକୁ ଚେଷ୍ଟା ନ କରନ୍ତୁ ଯାହାକି ଅନ୍ୟ କୌଣସି ଦିନର ମଡ଼ା ଥିଲା। ହେଉ ଯେ ସେମାନେ ବାକ୍ୟ ହିଁ ଗ୍ରହଣ କରନ୍ତୁ।

376 ଠିକ୍ ସେହି ପ୍ରକାରେ ହିଁ ତ ଫାରୂଶୀମାନେ ତୁମକୁ କ୍ରୁଶାର୍ପିତ କରିଥିଲେ, ପ୍ରଭୁ। ସେମାନେ ମୋଶାଙ୍କର ଦିନର ମଡ଼ା ଗ୍ରହଣ କରୁଥିଲେ, ଓ ସେଥିରେ ତୃପ୍ତ ହେବା ପାଇଁ ଚେଷ୍ଟା କରୁଥିଲେ; ଯେତେବେଳେକି ତୁମେ ପ୍ରାନ୍ତରରେ, ଏକ ନିଦର୍ଶନ ସ୍ୱରୂପ ତାହା ଦେଇ ସାରିଥିଲ ଯେ, ପ୍ରତ୍ୟେକ ରାତ୍ରିରେ ଏକ ତାଜା ମାନ୍ନା ପ୍ରାପ୍ତ ହେବେ, ଯାହାକି ପ୍ରତ୍ୟେକ ପୀଢ଼ିକୁ ଦର୍ଶାଇଥିଲା। ସେହିଠାରେ ହିଁ ତ ସେମାନେ ବିଫଳ ହେଲେ। ଏହା ସେମାନଙ୍କୁ ବିଷାକ୍ତ କରିଦେଲା। ସେହି ଦୂଷିତ ଭୋଜନକୁ ଖାଇବା ଦ୍ୱାରା, ସେମାନେ ମୃତ ହୋଇଗଲେ।

ଆଉ, ଆତ୍ମିକ ଭାବେ, ତାହା ଆଜି ଠିକ୍ ସେହି ସମାନ ବିଷୟକୁ କରିଥାଏ; ସେମାନଙ୍କୁ ଏକ ନାମଧାରୀ ସଂସ୍ଥା କରିବା ଦ୍ୱାରା, ଆତ୍ମିକ ଭାବେ, ମୃତ୍ୟୁକୁ ଆଣିଦିଏ।

ପ୍ରିୟ ପରମେଶ୍ୱର, ଆମକୁ ସାହଯ୍ୟ କର। ବର୍ତ୍ତମାନ ଏହା ସବୁକିଛି ତୁମ ହସ୍ତରେ ଅଟେ। ଯୀଶୁ ଖ୍ରୀଷ୍ଟଙ୍କ ନାମରେ।

ଆମେମାନେ ମସ୍ତକ ନତ କରିଥିବା ବେଳେ, ଆମେମାନେ ଗୀତଟିଏ ଗାଇବାକୁ ଯାଉଅଛୁ ଯେତେବେଳେକି ଆପଣମାନେ ନିଜ ନିଜର ନିର୍ଣ୍ଣୟ ନେଉଥିବେ। କଅଣ ଆପଣ ସମଗ୍ର ବାଟ ଯିବେ?

> ମୁଁ ମୋ'ର ଉଦ୍ଧାର-...(ଆଉ ସେ ବାକ୍ୟ ଅଟନ୍ତି।)...-କର୍ତ୍ତାଙ୍କୁ ଡାକ
> ଦେଉଥିବାର ଶୁଣିପାରେ,
> ମୁଁ ତାହାଙ୍କୁ ଶୁଣିପାରେ...

"ଓଃ, ଅନେକ ଦିନ ଧରି ମୁଁ ଏଣେ ତେଣେ ଭ୍ରମଣ କରିଅଛି, ମାତ୍ର, ବାସ୍ତବରେ, ବର୍ତ୍ତମାନ ମୁଁ ତାହାଙ୍କୁ ଶୁଣିପାରୁଛି, 'ହେ ସମସ୍ତ ଦରାଣ୍ଡି ହେଉଥିବାର ଲୋକମାନେ, ମୋ ନିକଟକୁ ଆସ ।'"

...ଏହା ଶୁଣ...

377 "'ଆପଣା କ୍ରୁଶ ଘେନି, ପ୍ରତ୍ୟେକ ଦିନ ମୋତେ ଅନୁସରଣ କର ।' 'ହଁ, ଯଦିଓ ମୁଁ ମୃତ୍ୟୁ ଛାୟାରୂପ ଉପତ୍ୟକା ଦେଇ ଗମନ କଲେ ହେଁ, ମୁଁ କୌଣସି ମନ୍ଦ ବିଷୟକୁ ଭୟ କରିବି ନାହିଁ; ଶୀତଳ ତୃଣମୟ ଚରାସ୍ଥାନ ଦେଇ, ଓ ସ୍ଥିର ଜଳ ପାଖ ଦେଇ ତୁମେ ମୋତେ କଢ଼ାଇ ନେଇଥାଅ ।'"

ଆଉ ସେ ମୋତେ ଯେଉଁ ସ୍ଥାନକୁ ବି କଢ଼ାଇ ନେବେ ମୁଁ...

378 "ପ୍ରଭୁ, ମୁଁ ସେହି ତ୍ରିତ୍ତ୍ୱବାଦୀମାନଙ୍କର ମୂଢ଼ତା ବିଷୟକୁ ଦେଖେ । ମୁଁ ସମଗ୍ର ଜଗତକୁ ତହିଁରେ ବୁଣା ହୋଇଥିବାର ଦେଖେ; ସର୍ବତ୍ର ବାଲୁଙ୍ଗାଗୁଡ଼ିକୁ ବଢୁଥିବାର ଦେଖେ । ମାତ୍ର ହେ ପ୍ରଭୁ, ତୁମେ ମୋତେ ଯେଉଁ ସ୍ଥାନକୁ ବି କଢ଼ାଇ ନେବ, ମୁଁ ପ୍ରେରିତ କ୍ରିୟା ୧୨ରେ ଥିବା ସେହି ଲୋକମାନଙ୍କ ପରି ହେବି । 'ଯେତେବେଳେ ସେମାନେ ଏହାକୁ ଶୁଣିଲେ, ସେମାନେ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ପୁନଃବାପ୍ତିଜିତ ହେଲେ ।'"

...ଅନୁସରଣ କରିବି,

"ପ୍ରଭୁ, ମୁଁ ତୁମକୁ ଗ୍ରହଣ କରିବା ପାଇଁ, ଅନେକ ବାଟ ଆଗେଇ ଆସିଛି ।"

ବର୍ତ୍ତମାନ ମୁଁ ତାହାଙ୍କ ସହିତ ସମଗ୍ର ବାଟ ଯିବି ।

379 ପ୍ରିୟ ପରମେଶ୍ୱର, ମୁଁ ବିଶ୍ୱାସ କରେ ଯେ ତାହା ମୋ'ର ହୃଦୟରୁ ଆସିଅଛି । ମୁଁ ବିଶ୍ୱାସ କରେ ଯେ ତାହା ସେହି ପ୍ରତ୍ୟେକ ଲୋକମାନଙ୍କର ହୃଦୟରୁ ଆସୁ ଯେଉଁମାନେକି ଏହି ସମୟରେ ସେହି ଗୀତକୁ ଗାଉଅଛନ୍ତି, ହୋଇପାରେ ଯେ ଏପରି ଅନେକେ ଥିବେ ଯେଉଁମାନେକି ଏହି ଟେପ୍‌କୁ ଶୁଣିବେ, ଯେଉଁମାନେକି ବର୍ତ୍ତମାନ ଉପସ୍ଥିତ ନାହାଁନ୍ତି କିଅବା ଏହାକୁ ଶୁଣୁ ନାହାଁନ୍ତି । ହେ ପ୍ରଭୁ, ଏହା ହେଉ ଯେ ଆମେମାନେ ଇଚ୍ଛୁକ ହେଉ, ତାହା ଯେତେ ମୂଲ୍ୟର ହୋଇଥାଉ ନା କାହିଁକି । ଯେପରିକି କୁହାଯାଏ, "ଜଣେ ବ୍ୟକ୍ତି ଯେତେବେଳେ ଅନ୍ୟ ଏକ ସୈନ୍ୟଦଳ, ଏକ ସୈନିକ, ଏକ ରାଜା ସହିତ ଯୁଦ୍ଧ କରିବାକୁ ଯାଏ; ପ୍ରଥମେ ସେ ବସି ତା'ର ଅଟକଳ କରେ ଯେ, କ'ଣ ସେ ତାହା କରିପାରିବ, କ'ଣ ସେ ଜଗତର ବିଷୟବସ୍ତୁକୁ ପରିତ୍ୟାଗ କରିପାରିବ? କ'ଣ ଆପଣମାନେ ପରିତ୍ୟାଗ କରିପାରିବେ, ପରମେଶ୍ୱରଙ୍କର ଲିଖିତ ବାକ୍ୟର ସୈନ୍ୟ ଦଳରେ କ'ଣ ଯୋଗ ଦେଇ, ତାହାଙ୍କର ସୈନିକମାନଙ୍କ ସଙ୍ଗରେ ପାଦ ଦେଇ ଚାଲି ପାରିବେ, ତାହାଙ୍କର ଉତ୍କ୍ରୋଶ ପକ୍ଷୀମାନଙ୍କ ସହିତରେ କ'ଣ ଉଡ଼ି ପାରିବେ?" ହେ ପ୍ରଭୁ, ଏହାକୁ ଯୀଶୁଙ୍କ ନାମରେ, ପ୍ରଦାନ କର ।

380 କ'ଣ ଆପଣମାନେ ବିଶ୍ୱାସ କରିବେ? କ'ଣ ଆପଣମାନେ ତାହାଙ୍କୁ ଗ୍ରହଣ କରିବେ? ଠିକ୍ ଅଛି । ପ୍ରଭୁଙ୍କର ଇଚ୍ଛା ହେଲେ, ଆମେମାନେ ପୁଣିଥରେ ଆଜି ରାତ୍ରି, ଆପଣମାନଙ୍କୁ ଏଠାରେ ସାକ୍ଷାତ କରିବା । କ'ଣ ଆପଣମାନେ ତାହା ସତ୍ୟ ବୋଲି ବିଶ୍ୱାସ କରନ୍ତି? [ମଣ୍ଡଳୀ କହେ, "ଆମେନ୍ ।"—ଅନୁ] କଅଣ ତାହା ଅତି ସ୍ପଷ୍ଟ ଅଟେ? ["ଆମେନ୍ ।"]

ତେବେ ଯୀଶୁଙ୍କର ନାମକୁ ନିଜ ସହିତରେ ଘେନି ନିଅନ୍ତୁ,
ହେ ଦୁଃଖ ଓ ସନ୍ତାପର ସନ୍ତାନ;
ଏହା ତୁମକୁ ଆନନ୍ଦ ଓ ସାନ୍ତ୍ୱନା ପ୍ରଦାନ କରିବ,
ଘେନି ନିଅନ୍ତୁ ଏହାର ପ୍ରତ୍ୟେକ-...

ତେବେ, ବର୍ତ୍ତମାନ ଆପଣମାନେ ନିଜ ପାଖରେ ଥିବା କାହାରି ସହିତ ହାତ ମିଶାନ୍ତୁ ।

ବହୁମୂଲ୍ୟ ନାମ, ଓଃ କେତେ ସୁମଧୁର!
ପୃଥିବୀର ଆଶା, ପୃଥିବୀର ସେହି ଆଶା, ଓ ସ୍ୱର୍ଗର ଆନନ୍ଦ;
ବହୁମୂଲ୍ୟ ନାମ, ଓଃ କେତେ ସୁମଧୁର!
ପୃଥିବୀର ଆଶା, ଓ ସ୍ୱର୍ଗର ଆନନ୍ଦ ।

ଯୀଶୁଙ୍କର ନାମରେ ନତ ମସ୍ତକ ହେଉଅଛୁ,
ତାହାଙ୍କର ପାଦ ତଳେ ସାଷ୍ଟାଙ୍ଗ ଭକ୍ତିର ପ୍ରଣତି ଢ଼ାଳି ଦେଉଅଛୁ,
ସ୍ୱର୍ଗରେ ଆମେ ତାହାଙ୍କୁ ରାଜାମାନଙ୍କର ରାଜା କରି ମୁକୁଟାଭିଷେକ
 କରିବା...(ସେତେବେଳେ, ସେ ପରମେଶ୍ୱର ହୋଇବେ)
ଯେତେବେଳେ ଆମର ଯାତ୍ରା ଶେଷ ହେବ ।

ବହୁମୂଲ୍ୟ ନାମ, ବହୁମୂଲ୍ୟ ନାମ, ଓଃ କେତେ ସୁମଧୁର! ଓଃ, କେତେ
 ସୁମଧୁର!
ପୃଥିବୀର ଆଶା ଓ ସ୍ୱର୍ଗର ଆନନ୍ଦ;
ବହୁମୂଲ୍ୟ ନାମ, ଓଃ କେତେ ସୁମଧୁର!
ପୃଥିବୀର ଆଶା, ଓ ସ୍ୱର୍ଗର ଆନନ୍ଦ;

ମୁଁ ଭାବୁଛି ଯେ ଆଜି ସକାଳରେ ସମସ୍ତ ସେବକମାନଙ୍କୁ ପରିଚୟ କରାଯାଇଅଛି, ସମସ୍ତଙ୍କୁ ସମ୍ମାନିତ କରାଯାଇଅଛି ।

381 ଯେତେବେଳେ ଜଣେ ବ୍ୟକ୍ତି ସମସ୍ତ ସପ୍ତାହ ସାରା ପ୍ରାର୍ଥନା କରିଥାଏ, ପୁଣି ଏହି ବିଷୟ ଦେଖି ଆଶ୍ଚର୍ଯ୍ୟ କରିଥାଏ ଯେ, ପବିତ୍ରଶାସ୍ତ୍ରର ଏହି ବିଷୟସବୁ, ତାହାର ସମ୍ମୁଖରେ ଏପରି ସ୍ପଷ୍ଟ ଭାବରେ ଉନ୍ମୁକ୍ତ ଅଟେ । "ଆଉ ମୋ' ଉପରେ ହାୟଃ," ପାଉଲ କହିଲେ, "ଯଦି ମୁଁ ସୁସମାଚାର ପ୍ରଚାର ନ କରେ ।" ତାହାଙ୍କର ଜୀବନ କାଳର ଶେଷରେ, ସେ କହିଲେ, "ମୁଁ ପରମେଶ୍ୱରଙ୍କର ସମସ୍ତ ସଂକଳ୍ପ ଯେପରି ତାହା ମୋତେ ପ୍ରଦତ୍ତ ହୋଇଥିଲା ତୁମ୍ଭମାନଙ୍କୁ ଜଣାଇବାକୁ ସଙ୍କୁଚିତ ହୋଇ ନ ଥିଲି ।"

ବେଳେ ବେଳେ ମୁଁ ଅନେକ ବିଷୟ ଭୁଲି ଯାଇଥାଏ, ଅନେକଙ୍କୁ ପରିଚୟ କରାଇବାର, ପରିବେଷଣ କରିବାର, ଶିଶୁମାନଙ୍କୁ ଉତ୍ସର୍ଗ କରିବାର ବିଷୟସବୁ ଭୁଲି ଯାଇଥାଏ।

ବିଲୀ ମୋତେ କହୁଥିଲା, ଯେ ଅନ୍ୟ କୌଣସି ଦିନ, ଜଣେ ବ୍ୟକ୍ତି, ଆସି କହିଲେ, "ଦୁଇ ବର୍ଷ ହେଲାଣି, ମୁଁ ଏଠାକୁ ମୋ'ର ଶିଶୁକୁ ଉତ୍ସର୍ଗ କରାଇବା ନିମନ୍ତେ ଆସୁଅଛି।"

382 ବିଲୀ ଉତ୍ତର ଦେଲା, "ଆପଣ ସେଥିରେ ଦୁଃଖ କରନ୍ତୁ ନାହିଁ। ମୋ'ର ମଧ୍ୟ, ଏକ ବର୍ଷର ଶିଶୁଟିଏ ଅଛି; ତା'ର ମଧ୍ୟ ଏଯାଏଁ, ଏଯାଏଁ ଉତ୍ସର୍ଗୀକରଣ ହୋଇନାହିଁ। ଏଣୁ ମୁଁ ଅନୁମାନ କରେ ଯେ, ମୁଁ ସେଦିନ ଯାଏଁ ଅପେକ୍ଷା କରିବାକୁ ଯାଉଅଛି ଯେଉଁଦିନକି ସେ ନିଜେ ଚାଲି କରି ସେଠାକୁ ଆସିବା ନିମନ୍ତେ ବଡ଼ ନ ହୋଇଯାଏ।"

ଏଣୁ ଭାଇ, ଭଉଣୀ, ଆମେମାନେ ପାଉ ଯେ, ଏହା ନୁହେଁ—ଏହା ନୁହେଁ, ଦେଖନ୍ତୁ, ମୁଁ... ଗୋଟିଏ ବିଷୟ ଯେ, ଆମେମାନେ ଆମର ଶିଶୁମାନଙ୍କୁ ଉତ୍ସର୍ଗ କରିବା ଉଚିତ୍।

383 ଆମେମାନେ ସମସ୍ତଙ୍କୁ ବାପ୍ତିସ୍ମ ଦେବା ଉଚିତ୍। ଏଠାରେ ଏକ ଜଳ କୁଣ୍ଡ ଅଛି; ଏଠାରେ ଜଳ ଅଛି। ଯଦି ଆପଣଙ୍କର ବାପ୍ତିସ୍ମ ହୋଇନାହିଁ, ତାହାହେଲେ କେଉଁ ବିଷୟ ଆପଣଙ୍କୁ ବାଧା ଦେଉଅଛି? ଏଠାରେ ଜଳ ଅଛି। ବର୍ତ୍ତମାନ ହିଁ ଏଠାକୁ ଆସିଯାଆନ୍ତୁ। ଆଜି ରାତ୍ରି ଯାଏଁ ଅପେକ୍ଷା କରନ୍ତୁ ନାହିଁ; ବର୍ତ୍ତମାନ ହିଁ ଆସିଯାଆନ୍ତୁ। ଏଠାରେ ଜଣେ ବ୍ୟକ୍ତି ଛିଡ଼ା ହୋଇଅଛନ୍ତି ଯିଏକି ସେସମସ୍ତଙ୍କୁ କାହାରିକୁ ବି ବାପ୍ତିସ୍ମ ଦେବେ ଯେକେହି ମନଫେରଣ କରିଅଛି ଓ ନିଜର ଅଙ୍ଗୀକାର କରିଅଛି। ଯଦି ଆପଣଙ୍କର ଡଜନ ଥର ବି ବାପ୍ତିସ୍ମ ହୋଇଥାଏ, ତଥାପି ସେମାନେ ଆପଣଙ୍କୁ ପାପ ମୋଚନ ନିମନ୍ତେ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିସ୍ମ ଦେବେ। ବୁଝିଲେ? ଆମେମାନେ ତାହା ଅଟୁ।

384 ମାତ୍ର, ଦେଖନ୍ତୁ, ମୋ'ର ହୃଦୟରେ ବାର୍ତ୍ତା ଅଛି। ମୋତେ ତାହା ଅବଶ୍ୟ ହିଁ ପ୍ରଚାର କରିବାକୁ ଅଛି। ତାହାହିଁ ମୋ'ର ମୂଳ ଉଦ୍ଦେଶ୍ୟ ଅଟେ, ଏଥିରେ ଯାଏ ଆସେ ନାହିଁ ଯେ ମୋ'ର ସ୍ତ୍ରୀ କ'ଣ କହେ, ମୋ'ର ପିଲାମାନେ କ'ଣ କହନ୍ତି, ମୋ'ର ପାଷ୍ଟର କ'ଣ କହନ୍ତି, କିଅବା ମୋ'ର ଯେକେହି ଯାହାକିଛି କହନ୍ତି। ଏହା ତ ମୋ'ର ପ୍ରଭୁ ଅଟନ୍ତି। ମୋତେ ତ ତାହା ଅବଶ୍ୟ ହିଁ ପ୍ରଚାର କରିବାକୁ ଅଛି। ତାହାହିଁ ମୋ'ର ମୂଖ୍ୟ ଉଦ୍ଦେଶ୍ୟ ଅଟେ।

385 ଆଉ ତେବେ, ଅନେକ ଥର, ମୁଁ ସେବକମାନଙ୍କୁ ପରିଚୟ କରାଇବାକୁ ଭୁଲି ଯାଇଥାଏ। ମୁଁ ଅନୁମାନ କରୁଛି ଯେ ହୋଇପାରେ...ଆମର ଭାଇ, ଭାଇ ନେଭିଲ, ଜଣେ ବହୁମୂଲ୍ୟ ବ୍ୟକ୍ତି। ଏଠାରେ ଉପସ୍ଥିତ ଥିବା ଅନ୍ୟାନ୍ୟ ଭାଇମାନେ, ଆମେମାନେ ଆପଣମାନଙ୍କୁ ପାଇ ଆନନ୍ଦିତ ଅଟୁ।

386 ଭାଇ, ଏପରି ନୁହେଁ ଯେ ଆମେମାନେ ଭିନ୍ନ ହେବା ପାଇଁ, ଆପଣଙ୍କ ସହିତ ଅସହମତ ଅଟୁ। ଏଠାରେ ଥିବା ଆପଣମାନଙ୍କ ମଧ୍ୟରୁ ଅନେକେ ତ୍ରିତ୍ତ୍ୱବାଦୀ ପ୍ରଚାରକ ହୋଇ ଥାଇପାରନ୍ତି। ଆମେମାନେ ଆପଣଙ୍କ ଉପରେ କ୍ରୋଧିତ ହେବାକୁ ଚାହୁଁ ନାହୁଁ। ଆମେମାନେ ଆପଣଙ୍କୁ ପ୍ରେମ କରୁ। ଯଦି ଆମେମାନେ ତାହା ସେପରି କରୁ ନାହୁଁ, ଯଦି ମୁଁ ତାହା ସେପରି

ବିଶ୍ୱାସ କରେ ନାହିଁ, ତେବେ ମୁଁ ସେପର୍ଯ୍ୟନ୍ତ ଏହି ମଣ୍ଡଳୀକୁ ଛାଡ଼ି କଦାପି ଯିବି ନାହିଁ ଯେପର୍ଯ୍ୟନ୍ତକି ମୁଁ ଏଠାରେ ଆଣ୍ଠୁପାତ କରି ଏହା କହେ ନାହିଁ ଯେ, "ହେ ପରମେଶ୍ୱର, ମୋତେ ଠିକ୍ କର ।"

387 ମୁଁ ଚାହେଁ ନାହିଁ ଯେ ମୋ'ର ଆତ୍ମା ସହିତ ସେହି ଗର୍ବୀ, ଅହଙ୍କାରୀ ଆତ୍ମା ମିଶି ହୋଇ ରହିଥାଉ । ମୁଁ ତ ମୋ'ର ଆତ୍ମାକୁ ବିଶୁଦ୍ଧ ଓ ନିର୍ମଳ, ଭ୍ରାତୃ ପ୍ରେମରେ ପରିପୂର୍ଣ୍ଣ, ପବିତ୍ରଆତ୍ମା ସହିତ ପବିତ୍ର ହୋଇ ରହିଥିବାର ଚାହେଁ । ତେବେ, ଯଦି କେହି ମୋ' ସହିତ କିଛି ଭୁଲ ବ୍ୟବହାର କରେ, ତାହା ଠିକ୍ ଅଛି । ଆଉ ଯଦ୍ଧପି ମୋ' ପାଖରେ ସେମାନଙ୍କ ସହିତ ଠିକ୍ ସେହିପରି ଭାବରେ ବ୍ୟବହାର କରିବାର ଅଧିକାର ଥାଇପାରେ, ମାତ୍ର ମୁଁ ମୋ'ର ଜୀବନରେ ତାହା କରିବାକୁ ଚାହେଁ ନାହିଁ । ନା, ମୁଁ—ମୁଁ ତ ପ୍ରେମ ରଖିବାକୁ ଚାହେଁ । ମୁଁ ତ ପ୍ରେମ ଦ୍ୱାରା ସୁଧାର ହେବା ନିମନ୍ତେ ପ୍ରସ୍ତୁତ ରହିବାକୁ ଚାହେଁ, ଏପରି ପ୍ରେମ ଯାହାକି ସର୍ବଦା ତାହା ପାଇଁ ଡ଼ାକ ଦେଉଥାଏ ।

388 ମୁଁ ଭିନ୍ନ ହେବା ଉଦ୍ଦେଶ୍ୟରେ ତାହା କହୁ ନାହିଁ । ମେଥୋଡିଷ୍ଟ, ବାପ୍‌ଟିଷ୍ଟ, କ୍ୟାଥୋଲିକ୍, ପ୍ରିସ୍‌ବିଟେରିୟନ୍, ଆପଣ ଯେକେହି ବି ହୁଅନ୍ତୁ, ମୁଁ ଏହି ସମସ୍ତ ବିଷୟ ଆପଣଙ୍କ ସହିତରେ ଭିନ୍ନ ହେବା ପାଇଁ, ନିଷ୍ଠୁର ହେବା ପାଇଁ କହୁ ନାହିଁ । ଯଦି ମୁଁ ତାହା କରେ, ତେବେ ମୁଁ ଜଣେ କପଟୀ ଅଟେ ଓ ମୋତେ ତ ଏଠାରେ ଏହି ବେଦୀର ତଳେ, ପରମେଶ୍ୱରଙ୍କଠାରେ ପ୍ରାର୍ଥନା କରିବା ଉଚିତ୍ ଅଟେ ।

389 ମାତ୍ର ମୁଁ ଏହା କହେ, ଏହାକୁ ପ୍ରେମ ସକାଶେ କହେ, ପୁଣି ମୁଁ ଏହା ଦେଖେ ଯେ ଆପଣମାନେ କେଉଁ ଆଡ଼କୁ ଯାଉଅଛନ୍ତି । ତେବେ, ଏହା ମୁଁ ମୋ' ନିଜ ଆଡୁ କହୁ ନାହିଁ, ଆଉ ଏହା କହୁ ନାହିଁ ଯେ ମୁଁ ଅନୁମାନ କରୁଅଛି । ମୁଁ ତ ଆପଣମାନଙ୍କୁ **ସଦାପ୍ରଭୁ ଏହି କଥା କହନ୍ତି** ବାକ୍ୟ ପ୍ରଦାନ କରୁଅଛି । ତାହା ସତ୍ୟ ଅଟେ । ଆଉ ମୁଁ ସେହି ସମସ୍ତ ବିଷୟ ପାଇଁ ଆପଣମାନଙ୍କୁ ପ୍ରେମ କରେ । ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ ।

390 ତେବେ ଆସନ୍ତୁ, ଆମେମାନେ ଏଠାରୁ ଯିବା ପୂର୍ବରୁ, ଆମେମାନେ ଏହି ଗୀତର ଆଉ ଏକ ପଦଟିଏ ଗାଇବା । ଆମେମାନେ ଚାହୁଁ ଯେ ଆପଣମାନେ ଆଜି ରାତ୍ରି ଏଠାକୁ ଆସନ୍ତୁ, ଯଦି ଆପଣମାନେ ଆସିପାରିବେ । ଯଦି ଆପଣମାନେ ନ ଆସିପାରନ୍ତି, ତେବେ ପରମେଶ୍ୱର ଆପଣମାନଙ୍କର ସହବର୍ତ୍ତୀ ହୁଅନ୍ତୁ ଯେପର୍ଯ୍ୟନ୍ତକି ଆମେମାନେ ପୁଣି ଥରେ ସାକ୍ଷାତ ନ କରୁ । ଆମେମାନେ କେବଳ ପ୍ରାର୍ଥନା କରୁଅଛୁ ଯେ ପରମେଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରିବେ—କରିବେ ଓ ଦେଖନ୍ତୁ, ସେ ଆପଣମାନଙ୍କୁ ତାହାଙ୍କର ଦେଶର ସର୍ବୋତ୍କୃଷ୍ଟ ସ୍ଥାନ ପ୍ରଦାନ କରିବେ ।

ତାହାଙ୍କର ନାମକୁ ଘେନିଯାଅ...

# ***ଶେଷ ସମୟର ଅଭିଷିକ୍ତଗଣ*** ORI65-0725M

(The Anointed Ones At The End Time)

ଏହି ସନ୍ଦେଶଟି ଯାହାକି ଭାଇ ୱିଲିୟମ୍ ମେରିୟନ୍ ବ୍ରାନ୍‌ହାମ୍‌ଙ୍କ ଦ୍ୱାରା, ମୂଳତଃ ଇଂରାଜୀ ଭାଷାରେ ଜୁଲାଇ 25, 1965, ରବିବାର ସକାଳରେ ଯୁକ୍ତରାଷ୍ଟ୍ର ଆମେରିକାର, ଇଣ୍ଡିୟାନା ପ୍ରଦେଶର, ଜେଫର୍ସନ୍‌ୱିଲ୍ ସହରର ବ୍ରାନ୍‌ହାମ୍ ଟେବର୍ନେକଲ୍‌ଠାରେ ପ୍ରଚାର କରାଯାଇଥିଲା, ମ୍ୟାଗ୍‌ନେଟିକ୍ ଟେପ୍ ରେକର୍ଡିଙ୍ଗରୁ ନିଆଯାଇଅଛି ଓ ଏହାକୁ କୌଣସି କାଟ ଛାଣ୍ଟ ନ କରି ଇଂରାଜୀ ଭାଷାରେ ଛପାଯାଇଅଛି । ଏହି ଓଡ଼ିଆ ଅନୁବାଦଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ ଦ୍ୱାରା ଛପାଯାଇଥିଲା ଓ ବଣ୍ଟନ କରାଯାଇଥିଲା ।

ORIYA

©2021 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE
19 (NEW NO: 28) SHENOY ROAD, NUNGAMBAKKAM
CHENNAI 600 034, INDIA
044 28274560 • 044 28251791
india@vgroffice.org

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org

## Copyright notice

All rights reserved. This book may be printed on a home printer for personal use or to be given out, free of charge, as a tool to spread the Gospel of Jesus Christ. This book cannot be sold, reproduced on a large scale, posted on a website, stored in a retrieval system, translated into other languages, or used for soliciting funds without the express written permission of Voice Of God Recordings®.

For more information or for other available material, please contact:

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org